

# କଳିଯୁଗ ସଂସାରରେ ଶ୍ରୀମତୀ



( ଉପନ୍ୟାସ )

ଭାରତ ଉତ୍କଳ ସଂଘ , ସା
ପାଠାଗାର
ନଂ ..................
ତା ........./.......

ଶ୍ରୀ ଉଦୟନାଥ ମିଶ୍ର, ବି. ଏ.

ପ୍ରକାଶିକା
ଶ୍ରୀମତୀ ହାରାମଣି ମିଶ୍ର
ମଧୁପାଟଣା, କଟକ-୩

ଚିତ୍ରଶିଳ୍ପୀ
ଶ୍ରୀ ବିଭୂତିଭୂଷଣ କାନୁନ୍‌ଗୋ
ଡଗରପଡ଼ା, କଟକ

ଦ୍ୱିତୀୟ ପ୍ରକାଶନ—୧,୦୦୦
୧୯୭୩

ମୂଲ୍ୟ
ଦୁଇ ଟଙ୍କା ପଚିଶ ନୂଆ ପଇସା ମାତ୍ର

ମୁଦ୍ରାକର
ଶ୍ରୀ ଅନସୂୟାପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ
କଟକ-୧

ପ୍ରଗତି ଉତ୍କଳ ସଂଘ, [illegible]
ପାଠାଗାର
[illegible]
ତା [illegible]

# ଅଶ୍ରୁତର୍ପଣ

ବୋଉ,

ତୁ ଆଜି ସ୍ୱର୍ଗରେ । ଉପନ୍ୟାସ ଲେଖିବାକୁ ଯାଇ ନିଜ ପିଲାଦିନର କେତେ କଥା ଲେଖିଗଲି । ସାଙ୍ଗେ ସାଙ୍ଗେ ତୋ ସସ୍ନେହ ମୂର୍ତ୍ତିଟି ଆଖି ଆଗରେ ଭାସିଉଠିଲା—କାନ୍ଦ ମାଡ଼ିଲା । ଚିରଦିନ ତୋ କଥା ମନେ ପକାଇ କାନ୍ଦିବାକୁ ଏ ବହିଟି ତୋର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କଲି ।

ଉଦ

ପ୍ରଗତି ଉତ୍କଳ ସଂଘ, ସର୍
ପାଠାଗାର
ନଂ [illegible]
ତା 18.2.26



# ରବିବାରିଆ ରୋମାନ୍ସ

ରବିବାରଟାର ଦାମ୍ ସରକାରୀ ଚାକିରିଆ ଜୀବନରେ କିଛି କମ୍ ନୁହେଁ । ଏଇ ଦିନ ପ୍ୟାଣ୍ଟରୁ ବୋତାମ ଛିଣ୍ଡି ଯାଇଥିଲେ ସିଲେଇ ହୁଏ, ଲୁଗା ଫାଟି ଯାଇଥିଲେ ରଫୁ ହୁଏ, ସୋମବାର ସକାଳେ ସଭ୍ୟତାର ଖୋଳ ଠିକ୍ କରିବା ପାଇଁ ଧୋବାଘରକୁ ଥରକୁ ଥର ତୀର୍ଥଯାତ୍ରା କରିବାକୁ ପଡ଼େ, ଟିକେ ଡେରିରେ ବିଛଣାରୁ ଉଠିଲେ ଚଳେ, ଗାଧୋଇବା ସମୟରେ କିଛି ବେଶୀ ପାଣି ବ୍ୟବହାର କରିବା ସମ୍ଭବପର ହୁଏ ।

ଯେଉଁମାନେ ଅବିବାହିତ, ସେମାନେ ତାଙ୍କ ରୋମାନ୍ସକୁ ଏଇ ଦିନ ରୂପରେଖ ଦିଅନ୍ତି । ସାଲୁନ୍‌ରେ ଏକାଧିକ ଘଣ୍ଟା ଅପେକ୍ଷା କରି କେଶବିନ୍ୟାସ କରନ୍ତି, ପିକ୍‌ନିକ୍ ଓ ସଞ୍ଜବୁଲା ବ୍ୟବସ୍ଥାରେ ମାତିଉଠନ୍ତି, ସିନେମା ଥିଏଟରରେ 'ମାଟିନୀ ସୋ'ର କାରଣ ହୁଅନ୍ତି, ବିନା ନିମନ୍ତ୍ରଣରେ କୌଣସି କୌଣସି ପରିବାରରେ ଅତିଥି ହେବାର ଚେଷ୍ଟା କରନ୍ତି, ତାହା ଯଦି ନିତାନ୍ତ ସମ୍ଭବ ନ ହୁଏ, ତେବେ ମେସ୍‌ରେ ଏ ସୁସମ୍ଭାବନାଟା

* ଦୁଇ *

ବାରମ୍ବାର ଘୋଷଣା କରି ମିନ୍ ବନ୍ଦ କରନ୍ତି ଏବଂ ଶେଷରେ କୌଣସି ହୋଟେଲରେ ସେଦିନର ଭୋଜନ କାମଟା ଚଳେଇ-ନିଅନ୍ତି ।

ଯେଉଁମାନେ ବିବାହିତ ଏବଂ ନିଜର 'ଇଭ୍'ସହ ସହରରେ ବାସ କରନ୍ତି, ସେମାନେ ଏଇ ଦିନ ବିଭିନ୍ନ ଗଳିକନ୍ଧି ଦେଖିବାର ସୁବିଧା ପାଆନ୍ତି; କାରଣ ଏ ରବିବାରରେ ସେମାନଙ୍କୁ ଜୀବନର ଯାବତୀୟ ଜରୁରୀ ଜିନିଷ ଅର୍ଥାତ୍ ଚିନି, କିରାସିନି ଆଦି ଯୋଗାଡ଼ କରିବାକୁ ପଡ଼େ, ସ୍ତ୍ରୀଙ୍କ ଚୁହିଁବା ସାମଗ୍ରୀର ଲମ୍ବା ଲିଷ୍ଟ୍-ମଧ୍ୟରୁ ଯତ୍‌ସାମାନ୍ୟ ଆୟୋଜନ କରି ମାନଭଞ୍ଜନ କରିବାର ସୁବିଧା ମିଳେ, ପିଲାମାନଙ୍କୁ କାୟମନୋବାକ୍ୟରେ ସନ୍ତୁଷ୍ଟ କରି ପିତୃତ୍ୱ ବଜାୟ ରଖାଯାଇପାରେ ।

ଆଉ ଯେଉଁମାନେ ପ୍ରେୟସୀକୁ ମଫସଲ ଅଳକାପୁରୀରେ ଛାଡ଼ି ନିର୍ବାସିତ ଯକ୍ଷପରି ନାଳନର୍ଦ୍ଦମାବହୁଳ କୌଣସି ଗଳିକନ୍ଧିର ମେସ୍ ଘମଘରରେ ବାସ କରନ୍ତି, ସେମାନେ 'ସପ୍ତାହପରେ ହେବ ଶାପମୋଚନ, ସପ୍ତାହପରେ ପ୍ରିୟାସାଥେ ମିଳନ' ଏଇ ମନ୍ତ୍ରକୁ ସୋମବାରଠାରୁ ଶୁକ୍ରବାରଯେ ଜପି, ଏଥିମଧ୍ୟରେ ନିତାନ୍ତ ଶସ୍ତାରେ ମିଳୁଥିବା ବିଶୁଦ୍ଧ ଝୋଟରେ ତିଆରି ଅଥଚ ସିଲ୍‌କ ନାମରେ ପରିବେଷିତ ଖଣ୍ଡିଏ ବ୍ଲାଉଜ କୌଣସିମତେ ଯୋଗାଡ଼ କରି ଶନିବାର ଦିନ ପେଟବ୍ୟଥା, ମୁଣ୍ଡବିନ୍ଧା ବାହାନା ଦେଇ ବହୁ କଷ୍ଟରେ କେତେ ଘଣ୍ଟା ଛୁଟିର ବ୍ୟବସ୍ଥା କରି, ରେଲ ମଟର ସାଇକେଲ ଯାହା ମିଳିଲା କିମ୍ବା ନିତାନ୍ତ କିଛି ସମ୍ଭବ ନ ହେଲେ ଖୋଦ୍ ପଦବ୍ରଜରେ ଗାଁ ଅଭିମୁଖରେ ଯାତ୍ରା ଆରମ୍ଭ କରିଦିଅନ୍ତି । ଆଉ ଯେଉଁମାନେ କୌଣସି କାରଣରୁ ଏ ସୁବିଧା ପାଇପାରନ୍ତି ନି-

* ଶନ *

ସେମାନେ ରବିବାର ସକାଳୁ ଗାଧୋଇପାଧୋଇ ବସାରୁ ବାହାରି-ପଡ଼ନ୍ତି ଏବଂ ଉପରବେଳାମଧ୍ୟରେ ସ୍ତ୍ରୀ, ପିଲା, ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ ଯାହାକୁ ଯେ ବିଧି, ପ୍ରେମ, ସ୍ନେହ, ଭକ୍ତି ଓ ଶ୍ରଦ୍ଧାର ନମୁନା ଦେଖାଇ ସୋମବାର ଦିନ ଖୁବ୍ ଭୋର୍‌ରୁ କର୍ମକ୍ଷେତ୍ରକୁ ଓ୍ୱାପସ୍ ଆସନ୍ତି; ରବିବାର ଆଉ ପାଞ୍ଚ ଦିନ ମାତ୍ର ରହିଲା ବୋଲି ବାଟରେ ହିସାବ କରି ପରମ ତୃପ୍ତି ଲାଭ କରନ୍ତି ।

ମାତ୍ର ଗାଁ ବିଶେଷ ଦୂର ହୋଇଥିବାରୁ ଯେଉଁମାନେ ସପ୍ତାହରେ ଥରେ ପାରିବାରିକ ସୁଖଲାଭ କରିପାରନ୍ତି ନି, ସେମାନେ 'ମନେ ମନେ ତୁମ ସାଥେ ଗୋ ମିଳନ, ମନେ ମନେ ତୁମ କପୋଳେ ଚୁମ୍ବନ' ଏତକ ନୀରବଭାବରେ କହୁ ବାର ଆବୃତ୍ତି କରି, ଗୁଡ଼ିଏ ଦୀର୍ଘନିଶ୍ୱାସ ପକାଇ ଅନ୍ତର-ମହଲା ପ୍ୟାଡ୍‌ରେ ଶ୍ରୀମତୀଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖି ଅତୀବ ଆପ୍ୟାୟିତ ହୁଅନ୍ତି ।

ଏଇପରି ଏକ ପବିତ୍ର ରବିବାରରେ ଆମ ନାମରେ-ଶ୍ୟାମ-ରୂପରେ-ଘନଶ୍ୟାମ ବାବୁଟି ଆଠଟା ବେଳକୁ ଦାନ୍ତଘଷା କାମ ସାରି ନିତ୍ୟକର୍ମ ଅର୍ଥାତ୍ ଜଳଖିଆ ସ୍ଥଳରେ ଦୁଇଖଣ୍ଡ ମାତ୍ର କାବୁଲି ପରଟା, ଥାଳିଏ ଆଳୁ-ପୋଟଳ ଭଜା ଓ ଗିଲାସେ ଚା ଉଦରସ୍ଥ କଲେ ।

ଆଜିର ଶ୍ୟାମବାବୁ ଆଉ ଆଗକାର ଶ୍ୟାମବାବୁଙ୍କ ଭିତରେ ଘୋର ପ୍ରଭେଦ । ଆଜି ସେ ଲମ୍ବା ଦାଢ଼ି ନାହିଁ କି ସେ ଗେରୁଆ ଲୁଗା ନାହିଁ, ହବିଷ ପରିବର୍ତ୍ତରେ ଚପ୍ କଟ୍‌ଲେଟ୍ ପ୍ରତି ବିଶେଷ ମମତା ଫୁଟିଉଠିଛି, ଅନେକ ଦିନରୁ ଅଭ୍ୟାସ ଥିବା ଗୁଁଠା ମଦିରେ ସେ ଏକଦମ୍ ଛାଡ଼ିଦେଇଥିଲେ; କିନ୍ତୁ ଏବେ ସେ ରୋଗଟା ତାଙ୍କୁ ଖୁବ୍ ଜୋର୍‌ରେ ଜାବୁଡ଼ି କରି ଧରିଛି । ଆଗେ ପୁଝାରୀ ଭିକାରଙ୍କ

ସାନ୍ତୁ ଖୋଷାମଣ୍ଡରେ ବି ଜନଶିଆ ତି ଖୁରର କଥା, ସବୁ ଦିନ ଖାଉ ଖାଇବା ମଧ୍ୟ ସମ୍ଭବ ହେଉ ନ ଥିଲା; ଏବେ କିନ୍ତୁ ଭୋଜନ-ବ୍ୟବସ୍ଥାଟା ଗୃହଲକ୍ଷ୍ମୀଙ୍କ ବିବିଧ ଭଜା ତରକାରୀର ଆୟୋଜନରେ ଏବଂ 'ଆଉ ଗଣ୍ଡେ ଦିଏଁ, ଆଉ ଗଣ୍ଡେ ଦିଏଁ' ଇତ୍ୟାଦି ସସ୍ନେହ ସମ୍ଭାଷଣରେ ଟିକିଏ ମଧୁର ହୋଇଉଠିଛି ଏବଂ ତାହାର ସୁଫଳ ଏଇ ନିତାନ୍ତ ଅଳ୍ପ ସମୟମଧ୍ୟରେ ବି ତାଙ୍କ ଦେହରେ ସ୍ପଷ୍ଟ ସୂଚିତ ହୋଇପାରିଛି । ଆଗେ ଯେମିତି ଗୋଠଖଣ୍ଡିଆପରି ଯା-ଆସ କରୁଥିଲେ, ସେ ଖୋଇ ଗୁଡ଼ି ଏବେ ଫୁର୍ତ୍ତି ଆଡ୍ଡା ମଉଜ-ମଜଲିସ ଖୁବ୍ ଜୋର୍‌ରେ ଜମେଇ ଦେଇଚନ୍ତି, ଜୀବନଟା ତାଙ୍କର ନୂଆ ରଙ୍ଗରସରେ ପୂରିଯାଇଚି; କିନ୍ତୁ—

କିନ୍ତୁ ଶ୍ୟାମବାବୁଙ୍କର ଗୋଟିଏ ଚିନ୍ତା,—ସ୍ନେହାସ୍ପଦ ସ୍ନେହସ୍ମୃତିପ୍ରତି ଅବମାନନା କରାଗଲା ନି ତ ? ମାଙ୍କ ସ୍ନେହ ଯେତେବେଳେ ଆପେ ଆପେ ଆସି ଏ ଶୁଭ ପରିଣୟ ଉପରେ ତାର ପରମ ଆଶିଷ ଢାଳିଦେଲା, ଅନ୍ତରର ଶୁଭ-କାମନା ଜଣେଇ ଦେଇଗଲା, ସେତେବେଳେ ସେ ବିଷୟରେ ଆଉ ଭାବିବାର କଣ ଅଛି ?

ତୁମେ ଯଦି ଭାବିଥାଅ ଯେ ଲମ୍ବା ଦାଢ଼ି ବଢ଼େଇ, ମୁଣ୍ଡ ନ କୁଣ୍ଡେଇ, ସବୁବେଳେ ହାହାକାର କରି ମୋପ୍ରତି ସ୍ନେହମମତାର ସୂଚନା ଦେବ—ସେଇଟା ତାହାହେଲେ ତୁମର ମସ୍ତ ବଡ଼ ଭୁଲ୍ । ମନୁଷ୍ୟମାନେ ମରିବେ—ମୋର ପାଳି ଦୁଏଟା ଆଗେ ପଡ଼ିଲା, ମୁଁ ଚାଲିଆସିଲି; ତୁମକୁ ମଧ୍ୟ ସେଇପରି ଦିନେ ସଂସାର ଛାଡ଼ି ଚାଲିଆସିବାକୁ ପଡ଼ିବ; ଯେଉଁ କଥାଟା ସୁନିଶ୍ଚିତ ଏବଂ ଦିନେ

* ଘାଷ *

ଅବଶ୍ୟ ଘଟିବ, ତା ସମସ୍ତର ଠିକେ ଆଗପଛ ନେଇ ଏତେ ଦୂର ବିବ୍ରତ ହେବା, ଏପରି ଭାଙ୍ଗି ପଡ଼ିବା ଆଦୌ ଉଚିତ ନୁହେଁ ।

ଗତ କେତେ ବର୍ଷ ହେଲା ତୁମ ବିଶେଷ କାର୍ଯ୍ୟକଳାପ ଦେଖି ନମିତା-କବିତାଙ୍କ ଭବିଷ୍ୟତ୍ ସମ୍ବନ୍ଧରେ ମୁଁ ବଡ଼ ଉଦ୍‌ବିଗ୍ନ ହୋଇ ପଡ଼ିଥିଲି—ଏଇ ମାତୃହରା ସନ୍ତାନଦୁଇଟିଙ୍କ ଜୀବନପଥ ସଙ୍କୁଚିତ ହୋଇଯିବାର ସନ୍ଦେହ କରିଥିଲି; ମାତ୍ର ବର୍ତ୍ତମାନ ମୋର ସେ ଭୟ ଆଉ ନାହିଁ । ମୁଁ ଆଜି ବିଶେଷ ଖୁସି, କାରଣ ମୁଁ ଜାଣିପାରିଛି ତୁମେ ତୁମ 'ଦ୍ୱିତୀୟ ସଂସ୍କରଣ ଶ୍ରୀମତୀ'ଙ୍କ ଭିତରେ ଦେଖୁଛ ମୋର ନିଖୁଣ ନିରଳସ ଛବି । ଯେଉଁ ସ୍ନେହର ଶେଷ ଚିହ୍ନଟିକକ ଦିନେ ପୁରୀ ସମୁଦ୍ରକୂଳ ଚିତାଗ୍ନିରେ ପୋଡ଼ି ଭସ୍ମ ହୋଇଯାଇଥିଲା, ସେ ଆଜି ପାଇଛି ନୂଆ ରୂପ, ନୂଆ ଉନ୍ମାଦନା, ନୂଆ ଅନୁଭୂତି । ହେଲେ, ପ୍ରଭେଦଭିତରେ ଏତିକି ଯେ ମୁଁ ତୁମକୁ ପୂରା ଚାକିରିରେ ରଖିଥିଲି; କିନ୍ତୁ ମୋ ଜାଗା ଯେ ଦଖଲ କରିଛି, ତା ହାତରେ ସେ କଥା ଅସମ୍ଭବ; ଯେଣୁ ସେ ବଡ଼ ଶାନ୍ତ, ବଡ଼ ଧୀର—ବାଡ଼ଦାଣ୍ଡର ଫୁଟାଫୁଲ ପରି ସେ ସମସ୍ତଙ୍କ ତାଡ଼ନା ସହିପାରେ, କିନ୍ତୁ କାହା ମନରେ କଷ୍ଟ ଦେଇପାରେ ନା । ତା ବେଶ୍, ଏତେ ଦିନର ମୋ କଡ଼ା ଶାସନପରେ ତାର ମଧୁର ବ୍ୟବହାର ତୁମକୁ ଭାରି ଭଲ ଲାଗିବ, ତାର ହାବ-ଭାବ ଢଙ୍ଗ-ରଙ୍ଗ ତୁମ ମନରେ ଆଣିବ ନବ ଯୌବନର ପରଶ, ଅଜଣା ରୂପରାଇଜର ବିଳାସ ।

ହଉ, ବିଦାୟ ! ଏତିକିରେ ଏତେ ବଡ଼ ସମ୍ବନ୍ଧଟାର ଆଜି ସମାପ୍ତି । କେତେ ସ୍ନେହମମତା, କେତେ ରାଗରୁଷା, କେତେ ହାସପରିହାସ ଆଜି ଅତୀତରେ ଲୀନ ହୋଇଯାଇଛି, ରହିଛି କେବଳ ଗୋଟେ ପ୍ରାଣଥରା ସ୍ମୃତି, ଗୋଟେ ହାହାକାର, ଗୋଟେ

ଘୀର୍ଘନିଶ୍ୱାସ । ଆମର ସେଇ ପୂର୍ବପ୍ରେମର ପୋଡ଼ା ପାଉଁଶ ଉପରେ ତୁମର ଏ ନୂଆ ସଂସାର ହସିଉଠୁ, ଏଇ ମୋର ଅନ୍ତରର କାମନା । ତୁମକୁ ମୋ ରାଣ, ବୃଥାରେ ମୋ କଥା ମନରେ ଘାଣ୍ଟି ଆଉ ନିଜକୁ କଦାପି କଷ୍ଟ ଦେବ ନି । କେବଳ ଯେତେବେଳେ ତୁମର ଶ୍ରୀମନ୍ତ କାର୍ଯ୍ୟବ୍ୟସ୍ତ ଥିବେ ଏବଂ ତୁମେ ଏକାକୀ ଥିବ, ସେତେବେଳେ ଆମ ଅତୀତ ଜୀବନ-କଥା ମନେ ପକେଇ ଦୁଇଟି ଅଶ୍ରୁବିନ୍ଦୁ ଦାନ କରିପାରିଲେ ସେଇ ହେବ ମୋର ସ୍ମୃତିର ତାଜମହଲ ।

ସ୍ନେହ ଏତେ କଥା କହିଗଲା, ଶ୍ୟାମବାବୁ ପଥରପରି ପଡ଼ିରହି ସବୁ ଶୁଣିଲେ । ଆଖିରୁ ଲୁହ ଝରଝର ବୋହିଯାଉଥାଏ, ଗୁଣ୍ଡଭିତରେ ଭୀଷଣ ଯନ୍ତ୍ରଣା । ଉଃ, କି କଷ୍ଟ ! ସାଙ୍ଗେ ସାଙ୍ଗେ ନିଦ ଭାଙ୍ଗିଗଲା । କିନ୍ତୁ କାହିଁ କେହି ତ ନାହିଁ ! ଏଇଠି ବସି ତାର କଅଁଳ ପାପୁଲିରେ ମୋ ପିଠି ଆଉଁସି କଥା କହୁଥିଲା, ଇଲେ ତାର ସୁଗୋଲ ମୁହଁଟି ମୁଁ ସ୍ପଷ୍ଟ ଦେଖିପାରୁଥିଲି; କିନ୍ତୁ ହଠାତ୍ କୁଆଡ଼େ ଉଭେଇଗଲା !

**ଉଃ, ସ୍ୱପ୍ନ !**

ସ୍ୱପ୍ନଟା ତ ଆଉ ସତ ନୁହେଁ; କିନ୍ତୁ ସତ ଯଦି ନୁହେଁ, ତେବେ ସ୍ୱପ୍ନପରି ଗୋଟେ ଜିନିଷ ବା ହେଲା କାହିଁକି ? ହୋଇପାରେ ସେ ଆଗରୁ ଏ ବିଷୟରେ ଚିନ୍ତା କରୁଥିଲେ; ତେଣୁ ସ୍ୱପ୍ନରେ ତାଙ୍କ ମସ୍ତିଷ୍କ ଏଗୁଡ଼ିକର ପୁନରାବୃତ୍ତି କଲା; ହେଲେ, ଏ ଭାଷା ତ ତାଙ୍କର ନୁହେଁ, ଏ ତ ପରିଷ୍କାର ସ୍ନେହର କଥା !

ସେ ଯାହା ହେଉ, ଶ୍ୟାମବାବୁ ତାଙ୍କ ମୁନ୍‌ସଫ୍ ବୁଦ୍ଧିରେ ଏଇପରି ଅନେକ ଚିନ୍ତା କରି ମନେ ମନେ ଉଭୟ ସଙ୍କଟର

* ସାତ *

ଜବାବ-ସୁଆଲ ଉତ୍ତମରୂପେ ପର୍ଯ୍ୟାଲୋଚନା କରି ଶେଷରେ ଏଇ ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ତାଙ୍କ ଜୀବନ-ରଙ୍ଗମଞ୍ଚର ସେଇ ଦ୍ୱିତୀୟ ଅଭିନୟ ପଛରେ ସ୍ନେହର ଆଶୀର୍ବାଦ ଓ ସମ୍ମତି ପୁରାପୁରି ରହିଛି ।

ସାଙ୍ଗେ ସାଙ୍ଗେ ତାଙ୍କ ଗୁରୁତା ହାଲୁକା ହୋଇଉଠିଲା, ପ୍ରାଣ ହେଲା ସରସ, ମନ ହେଲା ପ୍ରଫୁଲ୍ଲ । ସ୍ନେହର ଯେତେବେଳେ ଏ ମତ, ଆଉ ଦୁଃଖ କଣ ?

ଶ୍ୟାମବାବୁ ରବିବାର ସକାଳେ ଜଳପାନ ସେବା ସାରି ସତେଜ ହେଲାପରେ ଟିକେ ରସିକତା କରିବାପାଇଁ ଶୋଇବା-ଘରଭିତରେ ପଶି ଦେଖନ୍ତି—ତାଙ୍କ ଅଭିନବ-ଦ୍ୱିତୀୟ-ସଂସ୍କରଣ ଶ୍ରୀମତୀ ପୂଜାକାମରେ ବ୍ୟସ୍ତ । ଆଖି ବନ୍ଦ, ପାଟିରେ ଚୁପ୍‌ଚାପ୍ କଣ କହୁଛନ୍ତି, ହାତରେ ମାଳ ଗଡ଼୍‌ଗଡ଼୍ ଗଡ଼ିଚାଲିଛି । ନିଷ୍କଳ ଗୋରା ମୁହଁଟିରୁ ଗୋଟେ ଅପୂର୍ବ ଜ୍ୟୋତି ଝଲସିଉଠୁଛି ।

ଶ୍ରୀମତୀଙ୍କର ଆବରଣମଧ୍ୟରେ ଖଣ୍ଡିଏ ଧଳା ଶାନ୍ତିପୁରୀ ଶାଢ଼ୀ, ଗୋଟିଏ ସିଲ୍‌କ ବ୍ଲାଉଜ; ଅଳଂକାରଭିତରେ କାନରେ ଦୁଇଟି ଦୁଲ୍, ହାତରେ ଚାରି ଚାରି ପଟ ସୁନାକାଚ, ମୁଣ୍ଡରେ ସିନ୍ଦୂର-ଟୋପାଟି ଅତି ଛୋଟ ଅଥଚ ଖୁବ୍ ସ୍ପଷ୍ଟ; ସୁନ୍ଥାଟି ଖୁବ୍ ସିଧା ଏବଂ ମୁଣ୍ଡ ମଝିରେ, ଖୋଲା ବାଳଗୁଡ଼ିକ ଅଯତ୍ନଭାବରେ ପିଠିପଟୁ ଖସିପଡ଼ି ଡାହାଣ ହାତଟାକୁ ପୁରାପୁରି ଘୋଡ଼େଇ ରଖିଛି । ଘରଟି ଅକଥନୀୟ ରୂପଲାବଣ୍ୟର ଅପୂର୍ବ ସମାବେଶରେ ହସହସ ହୋଇଉଠିଛି । ଗୋଟେ କି ଉନ୍ମାଦନା, ଗୋଟେ କି ଭାଷାତୀତ ଭାବଧାରା ଚାରିଆଡ଼କୁ ଆଲୋଡ଼ିତ କରିପକାଉଛି । ବାଃ, ବଡ଼ ଚମତ୍କାର ତ !

## * ଆଠ *

ପୂଜାରତା ଏ ଆଧୁନିକା ମୀରାବାଈଙ୍କୁ ଦେଖି ଭକ୍ତି-ରସରେ କି ଅନ୍ୟ କେଉଁ ରସରେ ଶ୍ୟାମବାବୁଙ୍କ ମନପ୍ରାଣ ପାଗଳ ହୋଇଉଠିଲା, ତା କହିବା ହବ ନି; ମାତ୍ର ସେ ସୌନ୍ଦର୍ଯ୍ୟରେ କି ମାଦକତା ଥିଲା, ସେ ନିରାଡ଼ମ୍ବର ପ୍ରସାଧନରେ କି କୁହୁକ ଥିଲା କେଜାଣି, ତା ଉପରେ ଆଖି ପଡ଼ିଲାକ୍ଷଣି ଶ୍ୟାମବାବୁ ମନ୍ତ୍ରମୁଗ୍ଧ ସର୍ପପରି ପଲଙ୍କ ଉପରେ ଲଥ୍‌କିନା ବସିପଡ଼ି ଏକଦୃଷ୍ଟିରେ ଶ୍ରୀମତୀଙ୍କ ଆଡ଼କୁ ଚାହିଁ ରହିଲେ । ଆହା, କି ସୁନ୍ଦର !

ଶ୍ରୀମତୀଟି ଅବଶ୍ୟ ପ୍ରାର୍ଥନା ସରିବା ସାଙ୍ଗେ ସାଙ୍ଗେ ଶ୍ୟାମସୁନ୍ଦରଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇବେ ଏ ଆଶା କରି ନ ଥିଲେ; କିନ୍ତୁ ହଠାତ୍ ଆଖି ଖୋଲିବାକ୍ଷଣି ଶ୍ୟାମବାବୁଙ୍କୁ ଏତେ ନିକଟରେ ଦେଖି ଟିକେ ଅପ୍ରତିଭ ହୋଇପଡ଼ିଲେ, ଓଢ଼ଣାଟାକୁ ସାମାନ୍ୟ ଟାଣିଦେଇ ପୂଜାମୁଣିଟି ଯଥାସ୍ଥାନରେ ରଖି କୁଆଡ଼େ ଚାଲି-ଯାଉଥିଲେ, ଶ୍ୟାମବାବୁ ହଠାତ୍ ଆରମ୍ଭ କଲେ :

—ଏତେ ତରତରରେ ଚାଲିଗଲ ଯେ ?

—କାହିଁ କିଛି କରିବାର ଅଛି ନା କଣ ?

—ନା, ସେମିତି କିଛି ନାହିଁ, ତେବେ ମୁଁ କହୁଥିଲି ଏ ବୟସରେ ପୂଜାଉଜାଗୁଡ଼ାକ ସାଜେ ନି । ସେସବୁ ବୁଢ଼ୀଦିନକୁ ସ୍ୱଚ୍ଛନ୍ଦରେ ସ୍ଥଗିତ ରଖାଯାଇପାରେ । ଏ କାମଗୁଡ଼ାକ ଆଜଠୁଁ ସାରିଦେଲେ ପରେ ଆଉ କିଛି କରିବାକୁ ନ ଥିବ ଯେ !

ଶ୍ରୀମତୀ ତାଙ୍କ ଢଳଢଳ ମୁହଁରେ କ୍ଷୀଣ ହସଟିଏ ଟାଣି ଆଣି କହିଲେ :

* ଦୁଇ *

—ତେବେ ବର୍ତ୍ତମାନ ଭୁ କାମନା କରିବା ଅଧିକାର, ଜାଣିପାରେ କି ?

—ଓ, ସେ କଥା ବି ମତେ ବତେଇବାକୁ ପଡ଼ିବ ନା କଣ ? ଶୁଣ ନା !

ଆବେଗଭରା ଆଖିଭଙ୍ଗୀରେ ଶ୍ୟାମବାବୁ ଶ୍ରୀମତୀଙ୍କୁ ପାଖରେ ବସିବାପାଇଁ ଇଙ୍ଗିତ ଦେଲେ; କିନ୍ତୁ ହାୟ, ଏ ହେଲା କଣ ! ଶ୍ରୀମତୀ ଓଢ଼ଣୀଟା ଆଉ ଟିକେ ଜୋର୍‌ରେ ଟାଣିଦେଇ ମୁହଁରେ ଗୋଟେ ଲାଜର ପରଦା ଢାଙ୍କି ଯାଇ ବସିଲେ ପଲଙ୍କର ଅନ୍ୟ ପଟେ ।

ଶ୍ୟାମବାବୁ ଏକେବାରେ ବ୍ୟଥାରେ ଅସ୍ଥିର—କେତେ ମାନ-ଅଭିମାନର ଛଳନା କଲେ, କେତେ ସାକୁଲେଇ-କଅଁଳେଇ କଥା କହିଲେ, ସଂସାର ଗୁଡ଼ ବାଆଜ ହେଇଯିବେ ବୋଲି ଧମକ ଦେଲେ, ମାତ୍ର ଶ୍ରୀମତୀ ପୂରା ଅଟଳ । ଗୋଟେ ଗାନ୍ଧିମତ ଅହିଂସ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ

—ସେ ଘରେ ପିଲେ ଅଛନ୍ତି ପରା !

କଥାର ଅର୍ଥ ଏଇ ଯେ, ସେଦିନ ସକାଳେ ଶ୍ୟାମବାବୁଙ୍କ ଦ୍ୱିତୀୟ-ସଂସ୍କରଣ ଶ୍ରୀମତୀ ଯେତେବେଳେ ନମିତା-କବିତାଙ୍କୁ ପଢ଼ିବାକୁ କହିଲେ, ସେମାନେ ଖୁବ୍ ଜୋର୍ ସହକାରେ ଯୁକ୍ତି ଦେଖାଇଲେ—ରବିବାର ଖେଳିବାପାଇଁ ହେଇଚି, ପଢ଼ିବା-ପାଇଁ ନୁହେଁ । ରବିର ଓକିଲାତିରେ ଏତେଦୂର ଦକ୍ଷତା ଆସି

ନ ଥାଏ, ସେ କେବଳ ତାର ଦୁଇ ନାମାଙ୍କ ପାଖରେ ଆଇନ୍-କାନୁନ୍ ଶିଖିବାକୁ ଆରମ୍ଭ କରିଥାଏ । ତେଣୁ ସେ ସୁଯୋଗ୍ୟ ଅନୁଜ ହିସାବରେ ନାମାମାନଙ୍କ ଯୁକ୍ତିକୁ ଖାଲି ମୁଣ୍ଡ ହଁ କରି ପୂରା ସମର୍ଥନ କଲା । ଶ୍ୟାମବାବୁଙ୍କ ସ୍ତ୍ରୀ ପ୍ରଥମେ କଣ ଭାବୁଥିଲେ; ତାପରେ 'ହଉ ଯାଅ, ରବିକୁ ସାଙ୍ଗରେ ରଖି ଖେଳ' ବୋଲି କହି ତାଙ୍କ କାମରେ ଗଲେ ।

ଯେତେବେଳେ ଶ୍ୟାମବାବୁ ଶୋଇବାଘରେ 'ଦେହି ପଦପଲ୍ଲବମୁଦାରଂ' କହି ରବିବାରିଆ ପ୍ରେମାନ୍‌ସ ଆରମ୍ଭ କରିଥାନ୍ତି, ସେତେବେଳେ ଦାଣ୍ଡଘରେ ଚାଲିଥାଏ ଭୀଷଣ ଗୋଳମାଳ— ଭୁଷଭାଷ୍, ଦୁମ୍‌ଦାମ୍, ବକ୍ତୃତା, କଳି, ଗୀତ, ବାପ୍‌ରେ ବାପ୍ କି ପାର୍ଟି ! ନମିତା ହୋଇଚି ବାପ, କବିତା ହୋଇଚି ମା ଏବଂ ବିଚରା ରବିକୁ ପୁଅ କରି ଖେଳଟା ଖୁବ୍ ଜୋର୍‌ସୋର୍ ଜମେଇ ଦେଇଛନ୍ତି । ହାଟ, ବାଟ, ଅଫିସ୍, ଅଦାଲତ, କଚେରୀ, କଲିକତା ନାଁରେ ଏଘରୁ ସେଘରକୁ ବହୁତ ଯା-ଆସ ଚାଲିଚି । ଶ୍ରୀମତୀଙ୍କର ଭୟ ଯେ, ସେ ଯଦି ଶ୍ୟାମବାବୁଙ୍କ ପାଖରେ ବସି ହସପରିହାସରେ ବ୍ୟସ୍ତ ରହନ୍ତି, ତେବେ ଦାଣ୍ଡଘରର ବାପ କି ମା କି ପୁଅ ମଧ୍ୟରୁ କେହି ଦୈବାତ୍ ଶୋଇବାଘରକୁ ଆସିଲେ ସେ ତାଙ୍କ ବାପା ମାଙ୍କର ଏପ୍ରକାର ଅବସ୍ଥା ଦେଖି କଣ ଭାବିବେ ? ଏଇ ଆଶଙ୍କାରେ ଶ୍ରୀମତୀ ଶ୍ୟାମବାବୁଙ୍କ ପ୍ରସ୍ତାବରେ ଆଦୌ ଏକମତ ହୋଇପାରିଲେ ନି ।

ଯାଃ, ସବୁ ଖରାପ ହୋଇଗଲା ! ପୁଣି ଉପାୟ ? ଶ୍ୟାମବାବୁ ଭାବୁଥାନ୍ତି ।

## ✻ ଏଗାର ✻

ଉପାସ୍ନ ବଳେ ବଳେ ଆସିଲା, ହଠାତ୍ ଦାଣ୍ଡଘରୁ ବଜ୍ରଗମ୍ଭୀର ସ୍ୱରରେ ଯାହା ଶୁଣାଗଲା ତାର ମୋଟାମୋଟି କଥା ହେଲା—ତୁମେ ଯେତେବେଳେ ହାତ ଧରି ବନ୍ଧୁ ହେଇଚ, ମତେ ନେଇ ତୁମର ଘର କରିବା ଦରକାର, ଲାଜ କରିବା ଆଦୌ ଉଚିତ ନୁହେଁ । ନମିତା ସ୍ୱାମୀ ହିସାବରେ ଏ ହିତୋପଦେଶ କବିତାକୁ ଦେଉଥିଲା । ସାଙ୍ଗେ ସାଙ୍ଗେ ଶ୍ରୀମତି ଖେଁ କରି ହସି-ଉଠିଲେ, ତାପରେ ଧୀରେ ଆସି ଶ୍ୟାମବାବୁଙ୍କ ପାଖରେ ବସିଲେ ।

ଶ୍ୟାମବାବୁ ପିଲାମାନଙ୍କୁ କଡ଼ା ତାକିଦ୍ କରିଥାନ୍ତି ଯେ ଭଉଣୀ ଭଉଣୀ-ସାଙ୍ଗରେ ଖେଳିଲାବେଳେ ଭଉଣୀଭାବରେ ଖେଳିବା ଉଚିତ, ସ୍ୱାମୀ-ସ୍ତ୍ରୀ ରୂପେ ନୁହେଁ । ଅନ୍ୟ ସମୟ ହୋଇଥିଲେ ସେ ନମିତା-କବିତାଙ୍କୁ ଏ ଅବାଧ୍ୟତାପାଇଁ ଗାଳି ଦେଇଥାନ୍ତେ; କିନ୍ତୁ ଆଜି ତାଙ୍କ ଏ ଆଇନ-ଅମାନ୍ୟ ଆନ୍ଦୋଳନର ସୁଫଳ ଶ୍ରୀମତିଙ୍କ ଉପରେ ଦେଖି ସେ ପିଲାମାନଙ୍କୁ ମନେ ମନେ ଧନ୍ୟ ଧନ୍ୟ କରିବାକୁ ଲାଗିଲେ ।

ପ୍ରେମାନ୍ସଟା ଠିକଏ ସରଗରମ ହେଇଉଠିଲା—ଭାଷା ହେଲା କମ୍, ଭାବ ପ୍ରକାଶ ପକାଇଲା ବେଶୀ । ବଙ୍କା ଚଙ୍କା କେତେ କଣ କହି ଶ୍ୟାମବାବୁ ପୂରା ପ୍ରେମିକ-ଠାଣିରେ ଶ୍ରୀମତିଙ୍କ ସଲଜ୍ଜ ହସହସ ମୁହଁଟାକୁ କୋଳକୁ ଟାଣିଆଣୁଥିଲେ, ବାହାରୁ ପୂଝାରୀ ଧୀରେ ଖବର ଦେଲା—ଆଜ୍ଞା, କଏ ବାବୁ ତିନି ଜଣ ଡାକୁଚନ୍ତି ।

କୋଲାହଳରୁ ଜଣାପଡ଼ିଲା, ଏ କେତେକ ବାବୁଙ୍କ ଆଗମନ ନୁହେଁ, କେତେକ ବନ୍ଧୁଙ୍କ ଆକ୍ରମଣ—ନନ୍ଦବାବୁ, ମାଳବାବୁ,

ମଧୁବାବୁ । ପ୍ରଥମ ଜଣକ ମୁନ୍‌ସଫ୍, ଅନ୍ୟ ଦୁଇ ଜଣ ଡେପୋଟି— ସମସ୍ତେ ଶ୍ୟାମବାବୁଙ୍କ ସାଙ୍ଗ । ଯାଃ, ଆଜି ସକାଳଟା ନଷ୍ଟ ହୋଇଗଲା—ଏତକ ବଡ଼ ଅସ୍ପଷ୍ଟଭାବରେ କହି ଶ୍ୟାମବାବୁ ଦୀର୍ଘନିଶ୍ୱାସଟିଏ ଛାଡ଼ିଲେ ଏବଂ ଶ୍ରୀମତୀଙ୍କ ଓଠରେ ଗୋଟିଏ ସନ୍ନେହ ହସ୍ତ-ଚୁମ୍ବନ ଦେଇ ବଡ଼ କୁଣ୍ଠ୍‌କୁଣ୍ଠ୍ ମନରେ ଡାଣ୍ଡିଘରକୁ ବାହାରିପଡ଼ିଲେ ।

ବନ୍ଧୁମାନଙ୍କମଧ୍ୟରେ କେତେ ଗପସପ, କେତେ ଅଫିସ୍ କଚେରୀ ହାଲ, କେତେ ବଜାର-ଦରଦାମ୍ ବିଚାର ପଡ଼ିଲା । ଶେଷରେ କଥା ଘୂରିଘୂରି ଚାଲିଆସିଲା ଶ୍ୟାମବାବୁଙ୍କ ନୂଆ ବିଭାଘର ବିଷୟକୁ । କିଏ କହିଲା, ତୁମେ ସେ ଦାଢ଼ି କଣ କାଠଯୋଡ଼ରେ ବିସର୍ଜନ କଲ ନା ମହାନଦୀରେ ? କିଏ କହିଲା, ତୁମର ଏ ଅଭିନବ-ସଂସ୍କରଣ ଶ୍ରୀମତୀଙ୍କ ସହିତ ପ୍ରଥମ ପରିଚୟ ହେଲା କେଉଁଠି ? ପୁଣି କିଏ କହିଲା, ତୁମେ କଣ ଆମିଷ ଖାଇଲଣି ନା ବର୍ତ୍ତମାନ ସୁଦ୍ଧା ହବିଷରେ ଅଛ ? ଏଇପରି ଗଣ୍ଡା ଗଣ୍ଡା ପ୍ରଶ୍ନ ଏକ ସମୟରେ ଆରମ୍ଭ କରିଦେଲେ ।

ମଧ୍ୟବିତ୍ତ ପରିବାର, ବିଶେଷରେ ଚାକିରିଆମାନଙ୍କ ଭାଗ୍ୟରେ ବୋଧିବୋଧି ଏପରି ଘଟିଥାଏ । ଏମାନଙ୍କ ଜୀବନରେ ଉତ୍ତେଜନା, ଯାହାକୁ ଇଂରେଜୀରେ କହନ୍ତି ଏକ୍‌ସାଇଟ୍‌ମେଣ୍ଟ୍, ପ୍ରାୟ କ୍ୱଚିତ୍ ମିଳେ । ସବୁବେଳେ ଏମାନେ ଫାଇଲ୍, ମକଦ୍ଦମା, ଟିଉସନ୍, ଦୋକାନଦାରି ନଚେତ୍ ଜୀବିକା-ଅର୍ଜନପାଇଁ ଅନ୍ୟ କୌଣସି ନିତାନ୍ତ ନୀରସ କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ଯଦି କୌଣସି ଜାଗାରୁ ଦୈବାତ୍ ଚୋରି ଡକାୟତି ବା ପ୍ରେମକାହାଣୀର ସୁରାକ୍ ପାଆନ୍ତି, ତେବେ ତାକୁ ବାରମ୍ବାର ଆଲୋଚନା କରି ନିଜ ଉର୍ବର ମସ୍ତିଷ୍କ

## * ତେର *

ସାହାଯ୍ୟରେ ପ୍ରକୃତ ଘଟଣାରେ କିଛି କିଛି ନୂଆ କଥା ମିଶେଇ ଆପେ ଉପଭୋଗ କରନ୍ତି ଏବଂ ଅନ୍ୟମାନଙ୍କୁ ପରିବେଷଣ କରିବାରେ ଲାଗିପଡ଼ନ୍ତି । ତେଣୁ ଶ୍ୟାମବାବୁଙ୍କ ବନ୍ଧୁମାନେ ଅନ୍ୟର ବିଭାଘର ବିଷୟ ନେଇ ଏତେ ଉଦ୍‌ଗ୍ରୀବ ଓ ଉଦ୍‌ବେଳିତ ହୋଇପଡ଼ିଥିଲେ ।

ଶ୍ରୀମତୀଙ୍କ ଅନୁଗ୍ରହରୁ ଚା ଜଳଖିଆ ମିଳିଲା । ସେତକ ସେବା କରି ସମସ୍ତେ ଆନନ୍ଦରେ ଗଦ୍‌ଗଦ ହୋଇଉଠିଲେ । ଗୋଟେ କିଛି ଛନଛନିଆ କଥା ଶୁଣିବାକୁ ସମସ୍ତଙ୍କ ମନ କନକନ ହୋଇପଡ଼ିଲା ।

ମାଲବାବୁ ଆରମ୍ଭ କଲେ :

—କଣ ବନ୍ଧୁ, ତୁମ ପ୍ରେମକାହାଣୀଟା ଆମକୁ ଟିକେ ଶୁଣେଇବ ନି ?

ଅନ୍ୟମାନେ ଏ ଅନୁରୋଧରେ ସାଙ୍ଗେ ସାଙ୍ଗେ ଯୋଗ ଦେଲେ ।

—ଯାଃ, ଗୋଟେ ଆଚ୍ଛା ଝଣ୍ଡମି ଆରମ୍ଭ କଲ !

—କହ ନା ସାଙ୍ଗ !

ଅନେକ କୁହାବୋଲା, ଅନେକ ଅନୁନୟ-ବିନୟପରେ ଶ୍ୟାମବାବୁ ନାଟକୀୟ ଠାଣିରେ ଆରମ୍ଭ କଲେ—ମନେ ପଡ଼େ···

ପାଠାଗାର
ତା 18-7-78




ଝିକୁଝିଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ । ନାଁଟି ପୁରୁଷୋତ୍ତମପୁର, ଗାଁଟି କିନ୍ତୁ ବଡ଼ କଦର୍ଯ୍ୟ । ଏପରି ବୋଧେ ମଇଳା ଅପରିଷ୍କାର ଜାଗା ତୁମେମାନେ କ୍ୱଚିତ୍ ଦେଖିଥିବ । ପନ୍ଦର ସତରଟି ମାତ୍ର ଘର; କିନ୍ତୁ ସେଥିରେ ଅନେକ ବାଡ଼—କଣ୍ଟାବାଡ଼ କି ବାଉଁଶବାଡ଼ ନୁହେଁ, ମଣିଷବାଡ଼ ଅର୍ଥାତ୍ ବାଦବିବାଦ, ଦଳାଦଳି । କିଏ କାହାକୁ ଠେକୁଆ ମିଶ୍ର ଡାକେ ତ କିଏ କାହାକୁ ଚକୁଳି ଦାଶ କହେ, କାହା ଡାକନାଁ କାଞ୍ଜି ମାହାପାତ୍ର ତ କିଏ ବାଁକୋଳି ଶତପଥୀରୂପେ ପରିଚିତ । ଟିକେ ଟିକେ କଥାରେ ଯୁଦ୍ଧଂ ଦେହି ଭାବ—କଳିଗୋଳ, ମାଲିମକଦ୍ଦମା । ସାରା ଗାଁଟାଯାକ ମିଳି ଗୋଟିଏ କିଛି କାମ କରିବା କି କୌଣସି କଥାରେ ପରସ୍ପର ସହିତ ସହଯୋଗ କରିବା ଏମାନଙ୍କ ଜାତକରେ ନାହିଁ ।

ତେବେ ଗୋଟିଏ ବିଷୟ, ଯେଉଁଥିରେ କି ପୂରା ପୁରୁଷୋତ୍ତମପୁରଟା ଏକମତ, ସେ ଏଇ ଯେ, ଏମାନେ ବଡ଼ ଶ୍ରୋତ୍ରୀୟ ବ୍ରାହ୍ମଣ, କାରଣ ଏମାନଙ୍କ ପୂର୍ବପୁରୁଷ ପୁରୀଜିଲ୍ଲା ରାହାଙ୍ଗ

ଶାସନରୁ ଆସିଚନ୍ତି । ଏହାର ଅକାଟ୍ୟ ପ୍ରମାଣ ହେଉଚି, ଏମାନେ ବାପାଙ୍କୁ ନନା, ଭାଇଙ୍କୁ ଭାଇନା କହନ୍ତି, ଯେଉଁ ପ୍ରଥାଟା କି ବ୍ରାହ୍ମଣଙ୍କରେ ପ୍ରଚଳିତ ।

ଏ ଗାଁର ପ୍ରତ୍ୟେକେ ଜଣେ ଜଣେ ଭୂଷ୍‌ପଣ୍ଡିତ । ଅକ୍ଷର ପରିଚୟ ହେବା ସାଙ୍ଗେ ସାଙ୍ଗେ ଅମରକୋଷରୁ କେତେ ବର୍ଗ ଓ ଚାଣକ୍ୟ ଶ୍ଳୋକରୁ କିଛି ମୁଖସ୍ଥ କରିପକାନ୍ତି । ସେଥିପାଇଁ କୌଣସି ଶିକ୍ଷକ ବା ସାହାଯ୍ୟକାରୀ ଲୋଡ଼ା ହୁଏ ନି, କାରଣ ପ୍ରତ୍ୟେକଙ୍କ ଘରେ ତାଳପତ୍ର ପୋଥିରେ ଏସବୁ ଉପାଦେୟ ଶାସ୍ତ୍ର ବହୁ ଯତ୍ନରେ ଅତ୍ୟଧିକ ଅନୁସ୍ୱାର ବିସର୍ଗ ସହ ଲେଖା ହୋଇ ରଖାଯାଇଚି ।

ଯେଉଁମାନେ କର୍ମକର୍ମାଣିଦ୍ୱାରା ପେଟ ପୋଷନ୍ତି, ସେମାନଙ୍କ ପାଣ୍ଡିତ୍ୟ ମାତ୍ରାଟା ଅବଶ୍ୟ ଟିକେ ଅଧିକ, କାରଣ ସେମାନଙ୍କୁ କର୍ମ-କାଣ୍ଡ ପ୍ରଭୃତି ଅନେକ କଠିନ ଶାସ୍ତ୍ର ଯେତେ ଭୁଲ୍‌ଭାବରେ ହେଉନା କାହିଁକି କଣ୍ଠସ୍ଥ କରିବାକୁ ପଡ଼େ ଏବଂ ଦୈନନ୍ଦିନ ବ୍ୟବହାରପାଇଁ ଜଳବତ୍‌ତରଳଂ ଗଡ଼ଗଡ଼ କରି ଗାଇବାକୁ ହୁଏ । ବିଏ, ଏମେ ପାସ୍‌କୁ ଏମାନେ ଆଦୌ ପସନ୍ଦ କରନ୍ତି ନି । କି କଥା ଏ, ସେଗୁଡ଼ାକ ବିଦେଶୀ ପାଠ, ମ୍ଳେଚ୍ଛ ବିଦ୍ୟା, ବେଦପୁରାଣର ପବିତ୍ରତା ତ ସେଥିରେ ନାହିଁ ! !

ଗାଁଟି ଉପରେ ସରସ୍ୱତୀଙ୍କର ଯେପରି ଶୁଭଦୃଷ୍ଟି, ଲକ୍ଷ୍ମୀଙ୍କର ତତୋଽଧିକ । ଲୋକଗୁଡ଼ିକ ଏକପ୍ରକାର ନିରନ୍ନ କାଙ୍ଗାଳ କହିଲେ ଚଳେ । ଯାହା କେତେ ଏକର ଲୋଖେଁ ନିଷ୍କର ବାହେଲି ଜମି ଥିଲା, ତହିଁରୁ ଅଧିକାଂଶ କାଳକ୍ରମେ ଭାଙ୍ଗ-ଅଫିମ ଆସୁସରେ ସାରିଚନ୍ତି । ବାକିତକରେ କାହାର ତିନି ମାସ, କାହାର ଚାରି ମାସ

ଚଳେ—ଡେଣିକ ଧାରଉଧାର, ମଗାଯଜ୍ଞ । ଯେଉଁମାନେ ଅବଶ୍ୟ ନିକଟସ୍ଥ ଚଷାପଡ଼ା ବା ମାହାନ୍ତିସାହିରେ ପୁରୋହିତ କରନ୍ତି, ସେମାନେ ବଳନିତମାମ୍ ନିକମା ହୋଇ ଖୋରାକ ବାବତକୁ ପାଏ ବୋଲଲଗା ଚୁଡ଼ା ଏବଂ ଦକ୍ଷିଣାପାଇଁ ବାକସୂତରେ ଅନ୍ତତଃ ଦୁଇ ପଇସା ଉପାୟ କରନ୍ତି । ଏଥିଭିତରେ କେତେ ଜଣ କଲିକତା ଯାଇ ଓଣା-ଅଧିକେ ଚଳିଲେଣି, କିନ୍ତୁ ମୋଟାମୋଟି କହିବାକୁ ଗଲେ 'ଅଜଗରକୁ ଦାତାରାମ' ଏଇ ମନ୍ତ୍ରରେହିଁ ଏମାନଙ୍କ ଦିନ କଟେ ।

ଚେହେରାରେ ଏମାନେ ଗୋଟିଏ ଗୋଟିଏ କଳିଯୁଗର କନ୍ଦର୍ପ ପୁରୁଷ । ସେ ରୁକ୍ଷ କଦାକାର ଚେହେରା, ସେ ସଂକ୍ଷିପ୍ତ ବେଶ-ଭୂଷା ଦେଖିଲେ ମନେ ହେବ, ସତେ ଅବା ଅଣ୍ଡାମାନରୁ ଏମାନେ ଏବେ ଆମଦାନି ହୋଇ ଆସିଚନ୍ତି । ମଣିଷଗୁଡ଼ିଙ୍କର ଅବସ୍ଥା ଯେତେବେଳେ ଏପରି, ଗୋରୁଗାଈଙ୍କ କଥା ନ କହିବା ଭଲ । ତେବେ ଏତିକି ଉଲ୍ଲେଖ କଲେ ଯଥେଷ୍ଟ ହେବ ଯେ, ଏ ଗାଁର ଗୋରୁଙ୍କ ଗୋଠବାହୁଡ଼ା ଦେଖିଲେ କଂଟକ କଂସେଇଖାନାକୁ ଆସୁଥିବା ପଶୁପଲଙ୍କ କଥା ମୋର ମନେ ପଡ଼େ ।

ଏଇ ପ୍ରସିଦ୍ଧ ପୁରୁଷୋତ୍ତମପୁର ଶାସନ ଚକୁଳି ଦାଶଙ୍କ ଘରେ ମୋର ଜନ୍ମ । ଗାଁ ସମ୍ବନ୍ଧରେ ଏତେ ଲମ୍ବା ଅବତାରଣା କରିବାର ଉଦ୍ଦେଶ୍ୟ ତୁମେମାନେ ବେଶ୍ ବୁଝିପାରିବ—ଏଇ ଖତଗଦାରୁ ମୋପରି ଗୋଲାପର ଉତ୍ପତ୍ତି, ଏଇ ପଙ୍କତଳରୁ ମୋପରି ପଦ୍ମର ଉଦ୍ଭବ !

ଆମେ ତିନି ଭାଇ, ମୁଁ ସବୁଠୁ ସାନ । ନନାଙ୍କର ଗୋଟେ ବଡ଼ ଇଚ୍ଛା ଥିଲା, ତାଙ୍କ ପୁଅମାନଙ୍କୁ ପାଠ ପଢ଼େଇ ହାକିମ୍

କରିବେ, ସରକାରୀ ଗ୍ରାଣ୍ଟର ସାହାଯ୍ୟରେ ବଡ଼ଲୋକ ବନେଇବେ; କିନ୍ତୁ ଦୁଃଖର କଥା, ଏତେ ବଡ଼ ବଡ଼ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବାପାଇଁ ଗାଁରେ ଗୋଟିଏ ଚାଟଶାଳୀଟିଏ ବି ନ ଥିଲା । ତେଣୁ ଗୋଟିଏ ଲୋଅର ପ୍ରାଇମେରୀ ସ୍କୁଲ୍ ବସେଇବା ଉଦ୍ଦେଶ୍ୟରେ କାଞ୍ଜି ମହାପାତ୍ର, ଠେକୁଆ ମିଶ୍ର ପ୍ରଭୃତିଙ୍କ ଦୀର୍ଘସ୍ଥାନବ୍ୟାପୀ ବିରାଟ ଆକାର କରଣୀମିଶା ଦସ୍ତଖତ୍ ଏବଂ ଆଖପାଖ ଗାଁର କେତେକ ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ଟିପଚିହ୍ନ ନେଇ ନନା ଶିକ୍ଷା-ବିଭାଗ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କଲେ, ଏବଂ ସାଙ୍ଗେ ସଙ୍ଗେ ଏଇ ପ୍ରସ୍ତାବିତ ସ୍କୁଲଟି ଆମ ଦାଣ୍ଡଘରେ ଆରମ୍ଭ ହୋଇଗଲା ।

ଭାଗ୍ୟବଶତଃ ଏଥିରେ ପ୍ରଧାନଶିକ୍ଷକରୂପେ କାର୍ଯ୍ୟ କରିବାକୁ ଜଣେ ଉପଯୁକ୍ତ ଲୋକ ବଡ଼ ସହଜରେ ମିଳିଗଲେ । ବାଲିପଡ଼ାର ମଧୁ ମାଷ୍ଟ୍ରେ ମାଇନର ପରୀକ୍ଷାରେ ଦୁଇ ଥର ଫେଲ୍ ହେବା-ପରେ ଅନେକ ପ୍ରାଇମେରୀ ସ୍କୁଲରେ କେବଳ ଖୋରାକି ପାଇ ଚତୁର୍ଥ ଶିକ୍ଷକ କାମ ବଡ଼ ସୁରୁଚିରୂପେ ଚଳାଇବାର ସୁଖ୍ୟାତି ଅର୍ଜନ କରିଥାନ୍ତି । ତାଙ୍କୁ ଯେତେବେଳେ ଏଇ ପ୍ରସ୍ତାବିତ ଲୋଅର ପ୍ରାଇମେରୀ ସ୍କୁଲର ଗୁରୁଭାର ନେବାକୁ ଅନୁରୋଧ କରାଗଲା, ସେ ବହୁତ ଅନିଚ୍ଛା ସତ୍ତ୍ୱେ ଶେଷରେ ସ୍ୱୀକାର କଲେ; କିନ୍ତୁ ସେଥିରେ ଏଇ ସର୍ତ୍ତ ରହିଲା ଯେ ପ୍ରତିଦିନ ସ୍କୁଲକୁ ସେ ୧୨ଟା ବେଳକୁ ଆସିବେ, ସଞ୍ଜବେଳକୁ ପାନିପତ୍ର ନେଇ ଗାଁକୁ ଫେରିଯିବେ; କାରଣ ଗାଁରେ ତାଙ୍କର ଯେଉଁ ବିଶାଳ ଚଳନ୍ତି ଅଚଳନ୍ତି ସମ୍ପତ୍ତିବାଡ଼ି ଥିଲା, ତାକୁ ରକ୍ଷଣାବେକ୍ଷଣ କରିବାକୁ ଘରେ ଅନ୍ୟ କେହି ପୁରୁଷ, ସ୍ତ୍ରୀ କି ବାଳକ ମେମ୍ବର ନ ଥିଲେ ।

କିଛି ଦିନପରେ ଆମର ଏଇ ସୁଯୋଗ୍ୟ ଶିକ୍ଷକଟି ତାଙ୍କର ଟେଙ୍ଗଲ ଓ ଗାଈ ସହ କାମରେ ଯୋଗ ଦେଲେ । ସେ ଆମକୁ

ପଢ଼େଇବାରେ ଲାଗିଥାନ୍ତି, ଆମେମାନେ ପାଳି କରି ତାଙ୍କ ଗାଈ ଛେଳିର ତଦ୍ୱି ନେଉଥାଉଁ । ଗୃହୁଁ ଗୃହୁଁ ଆମର ଏଇ ପ୍ରସ୍ତାବିତ ଲୋଅର୍ ପ୍ରାଇମେରୀ ସ୍କୁଲଟି ଗୋଟିଏ ଗୁରୁକୁଳ ଆଶ୍ରମ ବିଦ୍ୟାଳୟରେ ପରିଣତ ହେଲା । ମାଷ୍ଟରଙ୍କ ଚଳନ୍ତି ସମ୍ପତ୍ତିର ଯତ୍ନ ନେବାପାଇଁ ଜାଳେଣି କାଠ ଯୋଗାଡ଼ କରିବା, ଲୁଣ ତେଲ ପ୍ରଭୃତି ସଉଦା ଆଣିବା, ଗୁଣ୍ଡିପତ୍ର ପାଗ ପକେଇବା, ପାଳ ସଂଗ୍ରହ ସକାଶେ ପିଆଦା ସାଜିବା ଇତ୍ୟାଦି କାମ ଆମ ପଢ଼ାର ବିଶେଷ ଅଂଶ ହେଲା । ବେଶ୍, କ୍ଷତି କଣ ? ପାଠପଢ଼ା ଯେତେ କମ୍ ହୁଏ ଆମର ତ ସେତେ ମଉଜ !

ଗାଁର ଅନ୍ୟ ପିଲାମାନଙ୍କ ସହ ଆମେ ତିନି ଭାଇ ଏଇ ବିଦ୍ୟାପୀଠରେ ଶୁଭ ଲଗ୍ନରେ ପଢ଼ା ଆରମ୍ଭ କରିଦେଲୁଁ । ହେଲେ, ଅନେକ ଅସୁବିଧା ହେତୁ ଅନ୍ୟ କେହି ପାଠରେ ସେତେ ଆଗେଇ-ପାରିଲେ ନି; କିନ୍ତୁ ମୁଁ ଯେତେବେଳେ ସାତ ବର୍ଷରେ ସତରଫଳା ସାରିଦେଲି, ସାରା ଗାଁରେ ଗୋଟେ ଚହଳ ପଡ଼ିଗଲା । କାଞ୍ଚି ମହାପାତ୍ରଙ୍କଠୁ ଆରମ୍ଭ କରି ଠେକୁଆ ମିଶ୍ରଙ୍କ ପର୍ଯ୍ୟନ୍ତ ସମସ୍ତେ ଧନ୍ୟ ଧନ୍ୟ କରିବାକୁ ଲାଗିଲେ, ମଧୁମାଷ୍ଟ୍ରେ ନନାଙ୍କୁ ସ୍ପଷ୍ଟ କହିଦେଲେ, ମୁଁ ଭବିଷ୍ୟତରେ ବୃତ୍ତି ପରୀକ୍ଷାକୁ ଯିବା ସୁନିଶ୍ଚିତ ।

ଆଗରୁ କହିଛି ଆମ ଗାଁରେ ଚାଣକ୍ୟ-ଶ୍ଳୋକର ଆଦର ଖୁବ୍ ବେଶୀ । ନନା କିନ୍ତୁ ଏ ଆଦରର ମାତ୍ରା ଆଉ ଟିକେ ବଢ଼େଇଦେଇ ପୁଅମାନଙ୍କୁ ଉଚ୍ଚଶିକ୍ଷିତ ଓ ବଡ଼ଲୋକ କରିବା ସକାଶେ ସେଇ ମହାତ୍ମା ଚାଣକ୍ୟଙ୍କ ଉପଦେଶଗୁଡ଼ିକ କାର୍ଯ୍ୟରେ ପରିଣତ କରିବାରେ ଲାଗିପଡ଼ିଲେ । ଅନ୍ତତଃ 'ଲାଳନେ ବହବଃ

ଦୋଷାଃ, ତାଡ଼ନେ ବହବଃ ଗୁଣାଃ' ଏଇ ବାକ୍ୟଟିର ଖୁବ୍ ବ୍ୟବହାର ହେବାକୁ ଲାଗିଲା । 'କ' ଆସିଲେ ମାଡ଼, 'କ' ନ ଆସିଲେ ମାଡ଼, ଅର୍ଥାତ୍ ପାଠପଢ଼ା ଯାହା ହଉ ବା ନ ହଉ, ମାଡ଼ମାହାତା ଖୁବ୍ ଜୋର୍‌ରେ ବଢ଼ିଚାଲିଲା; ବଢ଼ନ୍ତା ନି, ସରସ୍ୱତୀଙ୍କ କରୁଣା ଭିକ୍ଷା କରୁଥିବା ଯେକୌଣସି ଛାତ୍ର ତାଙ୍କ ଆଶୀର୍ବାଦର ପ୍ରତ୍ୟକ୍ଷ ନିଦର୍ଶନ ବେତ ଓ ତାର ସହକାରୀ ବାଧା-ଚୁପୁଡ଼ା ସହିତ ଅନବରତ ସଂସ୍ପର୍ଶରେ ଆସିବା ତ ଉଚିତ !

ମୋ ମତରେ ସଙ୍ଗୀତ, ଚିତ୍ର ଇତ୍ୟାଦି ଅନ୍ୟାନ୍ୟ କଳାପରି ମାଡ଼ ଖାଇବା ମଧ୍ୟ ଗୋଟିଏ କଳା । ମାଡ଼ ଖାଇବାକୁ ହେଲେ ତାକୁ ଗ୍ରହଣ କରିବାକୁ ଯଥାଯୋଗ୍ୟ ଚଉଡ଼ା ପିଠି ଥିବା ଦରକାର, ତାକୁ ସହ୍ୟ କରିବାଭଳି ଶକ୍ତି ମଧ୍ୟ ଥିବା ଆବଶ୍ୟକ ।

ଭଗବାନଙ୍କ କୃପାରୁ ଆମ ତିନି ଭାଇଙ୍କମଧ୍ୟରେ ଏ ଯୋଗ୍ୟତାଟି ମୋର ସବୁଠୁଁ ଥିଲା ବେଶୀ । ଭାଇନା ଦୁହେଁ ଦେଖିବାକୁ ଖଡ଼କା-ପରି ସରୁ; ମାଡ଼ ଖାଇବା ତ ଦୂରର କଥା, ତା ନାଁ କାନରେ ପଡ଼ିଲେ ତାଙ୍କୁ ସାଙ୍ଗେ ସାଙ୍ଗେ ଜର ଚାଲିଆସୁଥିଲା; କିନ୍ତୁ ମାଡ଼-ପରେ ମାଡ଼ ପୁଣି ମାଡ଼ ତଥିପରେ, ଏତେ ମାଡ଼ ସତ୍ତ୍ୱେ ମୁଁ ଫନେ ଫୁଟବଲପରି ଫୁଲିବାକୁ ଲାଗିଲି । ତେଣୁ ଏକେତ ବୁଦ୍ଧିମାନ ଛାତ୍ର ହିସାବରେ, ଦୁଇରେ ଭବିଷ୍ୟତରେ ବୃତ୍ତି ପରୀକ୍ଷାକୁ ଯିବାର ସ୍ଥିର ହୋଇଥିବାରୁ ଏବଂ ତିନିରେ ମାଡ଼ ଖାଇବାକୁ ଖୁବ୍ କ୍ଷମତା ଓ ଚଉଡ଼ା ପିଠି ଥିବାରୁ ଏଇ ପ୍ରହାରର ମାତ୍ରା ମୋ ଭାଗରେ ବେଶୀ ପଡ଼ିଲା ।

ପାଠପଢ଼ାକୁ ଛାଡ଼ିଦେଲେ ଅନ୍ୟ କାର୍ଯ୍ୟରେ ବି ମୋ ବୁଦ୍ଧିର ବିଚକ୍ଷଣତା କିଛି କମ୍ ପ୍ରକାଶ ପାଇଲା ନି । ଉଦାହରଣସ୍ୱରୂ

## ✱ ତ୍ରାଉଏ ✱

ଗୋଟିଏ ଟ୍ରେଟିଆ କଥା କହୁଚି । ମାଇକିନିଆ ଝିଅଙ୍କ ସାଙ୍ଗେ ଖେଳିବାକୁ ନନାଙ୍କର ମନା ଥିଲେ ସୁଦ୍ଧା ମୁଁ ଦିନେ ସକାଳେ ଠେଲୁଆ ମିଶ୍ରଙ୍କ ଝିଅ ଶୋବା ସାଙ୍ଗରେ ଖେଳୁ ଖେଳୁ ତା କଣ୍ଠି-ମାଳକୁ ଖଣ୍ଡେ ବତାରେ କାଟି ବାଲିରେ ପୋତିପକେଇଲି । ତାପରେ ଶୋବାବୋଉ ପାଖକୁ ଯାଇ ଖୁବ୍ ଚତୁରତା ସହିତ ଆରମ୍ଭ କଲି—ଦେଖ, ତୁମ ଝିଅ ଦାଣ୍ଡରେ ଖେଳୁଚି, ତା ବେକରୁ କଣ୍ଠିମାଳ କିଏ ନେଇଯାଇପାରେ; ହେଲେ ହସିଆର, ମତେ ସେଥିପାଇଁ ଯେପରି ଦାୟୀ ନ କରାଯାଏ ।

ମୋର ଏ କଥା ଶୁଣି ଶୋବାବୋଉ ଖେଁ କରି ହସିଉଠିଲେ । ଭାବିଲି, ଯୁକ୍ତିଟା ପସନ୍ଦ ହେଲା ବୋଧ ହୁଏ । କିନ୍ତୁ ନନା କୁଆଡ଼େ ଯାଇଥିଲେ, ଫେରିଲାକ୍ଷଣି ଠେଲୁଆ ମିଶ୍ରଙ୍କ ଘରକୁ ଗଲେ । ସେଠୁ ଯିମିତି ଆସିଚନ୍ତି, ଆଲୋ ବୋଉ ଲୋ ମରିଗଲି ଲୋ, ଆଲୋ ବୋଉ ଲୋ ମରିଗଲି ଲୋ—ଦୁମ୍‌ଦାମ୍, ଭୁଷ୍‌ଭାଷ୍ ଖଲିଲା ବେଦମ୍ ମୋ ପିଠିରେ ।

ଆଉ ଗୋଟେ କଥା । ଆମ ଘର ପାଖରେ ଗୋଟିଏ ବିଧବା ବୁଢ଼ୀ, ପିଲାଝିଲା ତାର କିଛି ନ ଥାଏ । ବିଗୃହ ଭୁଆବେଗଢ଼ିଟିଏ ବଡ଼ ଯତ୍ନରେ ପାଳିଥାଏ । ବିରାଡ଼ିର ରୂପ ଯେମିତି କଦର୍ଯ୍ୟ, ଦେହ ସିମିତି ବିଶାଳ; କିନ୍ତୁ ବୁଢ଼ୀ କରିଥାଏ ତାକୁ ଭାରି ଗେଲବସର । ବେକରେ ମାଳେ ଘୁଙ୍ଗୁର ବାନ୍ଧିଦେଇଥାଏ, ଗୋଡ଼ରେ ଗଣ୍ଡାକେତେ ଡାକକଣ୍ଠି ପିନ୍ଧେଇ ଦେଇଥାଏ, ରାତିରେ ପାଖରେ ଧେନି ଶୁଏ; ବିଧବା ହେଲେ ମଧ୍ୟ ଏ ସ୍ନେହ-ଧନଟିର ସୁଖମଙ୍ଗୋଳ୍ପ-ପାଇଁ ଶୁଖୁଆ ଖାଉମାଡ କରେ ।

## * ଏକୋଇଶ *

ଏଇ ଭୂଆ ଉପରେ ମୋର ଖାର ରାଗ । କିନ୍ତୁ କାହିଁକି ? ଲୋକେ କହନ୍ତି ସମାନ ସମାନ ଜନ୍ତୁ ପରସ୍ପର ବିରୋଧ କରନ୍ତି । ହୋଇପାରେ—ତାର ଧୂସର ଦେହରଙ୍ଗ ମୋର ଧୂମା ରଙ୍ଗ, ତାର ଗୁଣଗ୍ରାମ ମୋର କାର୍ଯ୍ୟକଳାପମଧ୍ୟରେ ଅପୂର୍ବ ସାମଞ୍ଜସ୍ୟହିଁ ଏ ଶତ୍ରୁତାର କାରଣ । ତାପରେ, କେତେଥର ଖାଇବାବେଳେ ମୋ ହାତରୁ ସେ ମାଛ ଛଡ଼େଇନେଇଛି, କେବେ କେମିତି ମୋପାଇଁ ଥିବା ଦୁଧ ଟିକକ ଚତୁରତା ସହିତ ଚଟ୍ଟ କରିଦେଇଛି । ସେ ଯାହା ହେଉ, ତାକୁ ଦେଖିଲେ ମୋ ଭିତରଟା ଖାଲି ଟିଂ ଟିଂ କରିଉଠେ । ବଦମାସ୍ ପୁଣି ଚିହ୍ନି ନ କି ?

ଶୀତଦିନ ରାତି । ମୁଁ ଚୁଲି ପାଖରେ ବସି ନିଆଁ ପୋଉଁଥାଏ, ପଖାଦାଡ଼ରେ ଶୋଇଥାଏ ବୁଢ଼ୀଘର ଭୂଆ । ତାକୁ ସେଠି ଦେଖି ମୋ ଦେହ ରାଗରେ କଡ଼ମଡ଼ ହେଲା । ହେଁ, ଏଡ଼େ ସଉକ, ଚୁଲିମୁଣ୍ଡରେ ଶୁଆ ନ ହେଲେ ପୁଣି ଚଳୁ ନି !

ଆଗରେ ଚୁଲିଏ ଘଷିନିଆଁ ଦପ୍‌ଦପ୍ କରୁଥାଏ । ମୁଣ୍ଡରେ ମୋର ଗୋଟେ ଭୟଂକର ବୁଦ୍ଧି ଖେଳିଗଲା । ବୋଉ ସେ ଘରୁ ଯେମିତି ଗୋଡ଼ କାଢ଼ିଛି, ସାଙ୍ଗେ ସାଙ୍ଗେ ମାଡ଼ିବସି ସେ ଭୂଆକୁ ନିଆଁରେ ପକେଇଦେଲି । ଜନ୍ତୁଟା କିଛି କମ୍ ବଡ଼ ନୁହେଁ, ତେଣୁ ତାକୁ ଚୁଲିରେ ପୂରେଇବାରେ ଟିକେ ଅବଶ୍ୟ ଅସୁବିଧା ହେଲା, କିନ୍ତୁ କ୍ଷଣକେ ସବୁ ଶେଷ—ଏତେ ବଡ଼ ଜୀବଟା ବି ତିନିଟା ମ୍ୟାଉଁରେ ଏକଦମ୍ ଖତମ୍ !

ବୋଉ କିଛି ସମୟପରେ ଫେରି ପଚାରିଲା—ବାପା, କଣ ମହୁଆ ମହୁଆ ଗନ୍ଧାଉଛି ?

କହିଲି—କେଜାଣି ?

## ✳ ବାଇଶ ✳

ତହିଁ ଆରଦିନ ଗାଧୋଇ ଆସି ବୋଉ ପାଉଁଶ କାଢ଼ିଲା-ବେଳକୁ ଦେଖେ ତ ଭୀଷଣ କାଣ୍ଡ, ଏତେ ବଡ଼ ଭୂଆଁଟା ଏକଦମ୍ ଭସ୍ମ ହୋଇଯାଇଛି । ରାତିଯାକ ବିରାଡ଼ିକୁ ନ ଦେଖି ବୁଢ଼ୀ ଆଗରୁ ମହା କଳରବ ଆରମ୍ଭ କରିଦେଇଥାଏ । କିନ୍ତୁ ଏ ଭୂଆଁଦାହ ଖବର ଯିମିତି ଜଣାପଡ଼ିଛି ଦେଖ ତ ଗୋଳମାଳ ! ଗାଁ ଖାଲି ପଡ଼ିଲା ଛୁଟିଲା । ଏ ବିରାଡ଼ିବଧ ନେଇ ଗୋଟେ ଖାସମତ ମହାନାଟକର ସୃଷ୍ଟି ହେଲା । ଗୁରିଆଡ଼େ ହଇଚଇ ପଡ଼ିଗଲା । ସମସ୍ତେ କହିଲେ—ଏଇଟା ଏକଦମ୍ ଗୁଣ୍ଡାଟେ !

ଦିନେ ହଠାତ୍ ସାନମଝିଆଁ ମାମୁ ଆସି ପହଞ୍ଚିଲେ ବୋଉକୁ ନବାକୁ । ସେ ବିଶେଷ ଜିଦ୍ କଲେ, ଆମ ପିଲାଙ୍କ ଭିତରୁ ଅନ୍ତତଃ ଜଣେ କେହି ବୋଉ ସାଙ୍ଗରେ ଯିବା ନିତାନ୍ତ ଦରକାର; କାରଣ ଆଈ ଭାରି ବ୍ୟସ୍ତ—ତାର ସବୁ ଝିଅଙ୍କ ପିଲେ ମଝିରେ ମଝିରେ ଆସି କିଛିଦିନ ତା ପାଖରେ ରହି ବୁଢ଼ୀର ସ୍ୱର୍ଗକୁ ଯିବା ବାଟ ସୁଗମ କରିଦେଇଯାଉଛନ୍ତି, ଅଥଚ ଆମେମାନେ କାହିଁକି ତାକୁ ଏ ସୁଖରୁ ବଞ୍ଚିତ କରୁଚୁ ? ଝିଅର ପୁଅ ନାତି, ମାରିବ ଝିଙ୍କର କାତି ।

କିଏ ମାମୁଘରକୁ ଯିବ ଏଇ ବିଷୟ ନେଇ ଅନେକ ଯୁକ୍ତି-ତର୍କ ଲାଗିଲା, ବହୁତ କଳ୍ପନାଜଳ୍ପନା ଗ୍ଲିଲା । କିନ୍ତୁ କିଏ ଯିବ ? ଭାଇନା ଦୁହିଙ୍କ ଭିତରୁ ତ କିଏ ଯାଇ ନ ପାରନ୍ତି; କାରଣ ସେମାନେ ପାଠରେ ବହୁତ ପଛେଇଚନ୍ତି । ତାପରେ ମୋର ସେତେବେଳେ ଲୋଅର ପ୍ରାଇମେରୀ ବୃତ୍ତି ପରୀକ୍ଷା ଆଉ ପାଞ୍ଚ ବର୍ଷ ମାସ ଥାଏ, ମତେ ବା ପଠାଉଥନ୍ତି କେମିତି ? ହେଲେ, ଏ ମନ

* ତେଇଶ *

ଯାଉଥାଏ ଯାହା, କାଳେ ପ୍ରାପତ ହୁଏ ତାହା—ଶେଷରେ ନେନା କଳସ ଢାଳିଲେ ମୋର ଉପରେ ।

ଦିନେ ସକାଳୁ ଖୋଦ୍ ମାମୁଙ୍କ କାନ୍ଧରେ ସବାର ହୋଇ ପୁରୁଷୋତ୍ତମପୁରର ଗୁଣ୍ଡା ମାମୁଘର ଗଲିଲେ । ବାଟରେ ନଈନାଳ ବଗିଚ୍-ବିଲର ଦୃଶ୍ୟ ମତେ ଭାରି ଭଲ ଲାଗୁଥାଏ; ମାମୁଙ୍କ କିନ୍ତୁ ଦମେବଜାର ! ଗମ୍ଭୀର ବାଟ, ବନ୍ଧ-ବାଡ଼, ଖାଲ-ଖମଣା, କାନ୍ଧରେ ପୁଣି ବୋଝ; ସେ ଧଇଁସଇଁ ହୋଇଯାଉଥାନ୍ତି, ପାଟିରୁ ଫେଣ ବାହାରିପଡ଼ୁଥାଏ । ହେଲେ କଣ ହବ, ଭଣଜା କୁଳନନ୍ଦନ······

ଆମ ଘର କଟକ ଜିଲ୍ଲା ଦେବୀନଈର ଉତ୍ତରପଟେ; କିନ୍ତୁ ମାମୁଘର ନଈ ଆରପାରି ପୁରୀ ଜିଲ୍ଲା କୋଉଣା ଶାସନ । ମାମୁଘରେ ଅଜା ଆଈଙ୍କ ଛଡ଼ା ସାତ ମାମୁ ଓ ସାତ ମାଇଁ, ସେମାନଙ୍କର ଅସଂଖ୍ୟ ପିଲାଝିଲା । ସବୁବେଳେ ମାଛହାଟପରି ଗୋଳମାଳ, ଘୁ-ଘୁ ସୁ-ସୁ ଲାଗିଥାଏ । ମୋଟରେ କହିବାକୁ ଗଲେ, ଭାରତର ଜନସଂଖ୍ୟା ବହୁଳତା ମଫସଲର ଏଇ ପରିବାରଟିରୁ ବେଶ୍ ଜଣା ପଡ଼ୁଥିଲା । ପିଲାମାନଙ୍କୁ କାଳେ ଭଲ ନାଁ ଦେଲେ ଷଷ୍ଠୀଦେବୀ କୋପ କରିବେ, ସେମାନଙ୍କର ପରମାୟୁ କ୍ଷୟ ହୋଇଯିବ, ଏଥିଲାଗି ଅଜା ସେମାନଙ୍କୁ ଗେଲବସରରେ ଗଧିଆ, ଭୁଆ, ଗୋଧି, ଶୁଆ, ବେଙ୍ଗୁଲି, ବଗୁଲି ବୋଲି ଡାକୁଥିଲେ । କିନ୍ତୁ ପ୍ରାଣୀ ପଶୁ ଓ ପକ୍ଷୀ ଜଗତ ଏଥିପାଇଁ ଯଥେଷ୍ଟ ନ ହେବାରୁ ପରେ ବଡ଼-ବେଙ୍ଗୁଲି, ସାନ-ବେଙ୍ଗୁଲି, ବଡ଼-ଗଧିଆ, ସାନ-ଗଧିଆ ଇତ୍ୟାଦି ଦ୍ୱାରା ଏ ନାମକରଣ-ସମସ୍ୟାର ସମାଧାନ ହୋଇଥିଲା ।

ଅଜା ଭାରି କର୍ମଠ ଓ ଚତୁର ଲୋକ । ଏତେ ବଡ଼ ମନୁଷ୍ୟ-ସମୁଦ୍ରଟାକୁ ସେ ବିଶେଷ ସାବଧାନତା ସହ ଚଳେଇଥାନ୍ତି ।

ପ୍ରତ୍ୟେକଙ୍କଠୁ ଯଥାସମ୍ଭବ କାମ ଆଦାୟ କରିବା, ଘରର ଆୟ-ବ୍ୟୟ ବୁଝିବା, କାହା ଦେହ ଖରାପ ହେଲେ ନିଜେ ଚେରମୂଳି ଯୋଗାଡ଼ କରି ପାଚନାଦି ବିଶୁଦ୍ଧ କବିରାଜି ଔଷଧ ବନେଇବା ଥିଲା ତାଙ୍କର କାମ । ତାପରେ ସକାଳେ ଉଠିବାଠାରୁ ରାତିରେ ଶୋଇବାପର୍ଯ୍ୟନ୍ତ କିଏ କାହାକୁ ଚିମୁଟିଦେଲା, କିଏ କାହା ଆଡ଼କୁ ବଙ୍କେଇ ଚାହିଁଲା, କିଏ କାହାକୁ ଖତେଇ ହେଲା, ଏପରି ଅନେକ ପ୍ରକାର ଜଟିଳ ମକଦ୍ଦମା ଅସଂଖ୍ୟ ନାତିନାତୁଣୀଙ୍କଠୁ ତାଙ୍କ କୋର୍ଟକୁ ଆସେ । ହେଲେ, ଏସବୁ ସେ ବଡ଼ ଦକ୍ଷତା ସହି ଫଇସଲା କରିଦିଅନ୍ତି ।

ଅଜାଙ୍କ ଅସାମାନ୍ୟ ଚତୁରତାର ପରିଚୟ ସାମାନ୍ୟ ଗୋଟିଏ କଥାରୁ ଜଣା ପଡ଼ିବ । ମୁଁ ଯିବାର କିଛି ଦିନପରେ ବଡ଼-ବେଙ୍ଗୁଲିର ଦେହ ହଠାତ୍ ଖରାପ ହେଲା ଏବଂ ଯେତେ ଔଷଧ ଯେତେ କାଠପାଣି ବିବାଦ କଲେ ମଧ୍ୟ, ଠାକୁରାଣୀଙ୍କୁ ବହୁ ଥର ଗାଧୋଇ, ତାଙ୍କୁ ଅନେକ ବାର ପୂଜା ଦେଇ ସୁଦ୍ଧା କୌଣସି ଲାଭ ହେଲା ନି । ଶେଷରେ ଦିନେ ଆମମାନଙ୍କୁ ଶୋକସାଗରରେ ଭସେଇଦେଇ ବଡ଼-ବେଙ୍ଗୁଲି ଇହଧାମ ଛାଡ଼ିଲା ।

ତାକୁ ମଲାବେଳକୁ ମୋଟେ ତିନି ବର୍ଷ ହୋଇଥାଏ । ତେଣୁ ଗାଁର ବିଶେଷଜ୍ଞମାନେ ତିନି ଦିନପରେ ହାଣ୍ଡି କଲେ ଚଳେ ବୋଲି ମତ ଦେଲେ; କିନ୍ତୁ ଅଜା ଏଥିରେ ପ୍ରବଳ ଅମଙ୍ଗ—ସାନ-ଗଧିଆର ଦେହ ମଧ୍ୟ ଭଲ ନାହିଁ, ତେଣୁ ଦିନାକେତେ ଅପେକ୍ଷା କରି ଈଶ୍ୱରଙ୍କ ଇଚ୍ଛା ଜାଣି ବୁଝି ହାଣ୍ଡି କରାଯାଇପାରେ । ତାହାହିଁ ହେଲା । ଆଶ୍ଚର୍ଯ୍ୟ କଥା, ତିନି ଦିନ ନ ପୂରୁଣୁ ସାନ-ଗଧିଆ ବଡ଼-ବେଙ୍ଗୁଲିର ବାଟ ଧରିଲା ଏବଂ ଏକ ସମୟରେ ଦୁଇଟି ହାଣ୍ଡି

ସୁରୁଖୁରୁରେ କରାଯାଇପାରିଲା । ସେତେବେଳେ ଅବଶ୍ୟ ଜିନିଷ-ପତ୍ର ଶସ୍ତା ଥାଏ; କିନ୍ତୁ ଏତେ ବଡ଼ ପରିବାରରେ ଗୋଟିଏ ହାଣ୍ଡି କରିବାରେ ଅନ୍ତତଃ ପଇସା ଚଉଦ ପନ୍ଦର ଅଣାରୁ କମ୍ ଖର୍ଚ୍ଚ ହଉ ନ ଥିଲା । ଅଜା ତାଙ୍କ ଦୂରଦୃଷ୍ଟି ଫଳରେ କେବଳ ଗୋଟିଏ କାମରେ ଏତେଗୁଡ଼େ ପଇସା ବଞ୍ଚେଇ ପାରିଲେ । ବାସ୍ତବିକ କି ବୁଦ୍ଧି !

ବୋଉ ମାମୁଘରେ କିଛି ଦିନ ରହି ଗାଁକୁ ଫେରିଆସିଲା । ତାପରେ ମତେ ଲଗାମ୍ ପୂରା ଛୁଡ଼ । ଏକରେ ଆଈର ସ୍ନେହ ଯତ୍ନ, ଦୁଇରେ ନନାଙ୍କ ତାଡ଼ନାର ଅଭାବ, ମୋ କାର୍ଯ୍ୟକଳାପରେ ଆଉ କୌଣସି ବାଧା ରହିଲା ନା । ଯାକୁ ମାର, ତାକୁ ଧର, ଯା ବାଡ଼ିରୁ ଗୁଆଳିଆ ପେଚି ତ ତା ବାଡ଼ିରୁ କମଳା ଛିଣ୍ଡା ଘଣ୍ଟମଣ୍ଟ ଚାଲିଲା । ମାମୁଘର ପିଲାଙ୍କମଧ୍ୟରୁ କାହାକୁ ସକାଳେ ଜର ତ କାହାକୁ ଉପରବେଳା କାଶ, କାହାକୁ ବା ଦିନରାତି ସବୁବେଳେ ହଗା ହଉଥିଲା । ତେଣୁ ସେମାନଙ୍କ ପକ୍ଷରେ ମୋ ସହିତ ସମ୍ମୁଖ ଯୁଦ୍ଧରେ ଠିଆହେବା ନିତାନ୍ତ ଅସମ୍ଭବ । ଯଦି ବା କେହି ଦୁଃସାହସ କରି ମୋ ଉପରେ କୌଣସି ଧମକ୍ ଚଳେଇବାର ଉଦ୍ୟମ କରୁଥିଲା, ତେବେ ମୁଁ କାନ୍ଦି କାନ୍ଦି ଯାଇ ଅଜାଙ୍କ ଆଗରେ ମକଦ୍ଦମା ଦାଏର୍ କରିଦେଉଥିଲି ଏବଂ ବିନା ସାକ୍ଷ୍ୟ-ଶୁଣାଣିରେ ଡିଗ୍ରି ହାସଲ କରି ଅପର ପକ୍ଷକୁ ଚପେଇ ଦଉଥିଲି । ପିଲାଙ୍କ କଥା କଏ ପଚାରେ, ମାମୁମାଇଁମାନେ ମଧ୍ୟ ମତେ ଏକପ୍ରକାର ଡରି ଚଳୁଥିଲେ । ଫଳରେ ଗୋପପୁରରେ ଗୋପୀବଲ୍ଲଭ ବଡ଼ିଲାପରି କୋରଣା ଶାସନରେ ମୋର ଗୁଣ୍ଡାମି ଅବାଧରେ ଆଗେଇଚାଲିଲା ।

* ଛବିଶ *

ମାମୁଘର ଗାଁଟି ଖୁବ୍ ବଡ଼ । ବ୍ରାହ୍ମଣ, ମାହାନ୍ତ, ଚଷା, ଶୂଦ୍ର ହେଇ ଅନ୍ତତଃ ଦୁଇଶ ଘର । ଗାଁର ଗୋଟେ ମୁଣ୍ଡରେ ମାମୁଘର, ଅନ୍ୟପଟେ ତିଆଡ଼ୀ ସାହି । ଦିନେ ଆଈ ଉପରବେଳା ମତେ ସାଙ୍ଗରେ ନେଇ ଏଇ ତିଆଡ଼ୀ ସାହିକି ଯାଇଥିଲି । ମୁଁ ସେଠି ପହଞ୍ଚି ଦେଖେ ତ ଦାଣ୍ଡପିଣ୍ଡାରେ ଗୋଟେ ମନୁଷ୍ୟ-ପର୍ବତ—ଲୋକଟିର ହାତଦୁଇଟା ଯିମିତି ମୋଟା, ଗୋଡ଼ଯୋଡ଼ାକ ତଦ୍ରୂପ, ସବୁତକ ଗଛପରି ଉପରକୁ ସରୁ, ତଳକୁ ମୋଟା, ମନେ ହବ ସତେ ଅବା ମାଧ୍ୟାକର୍ଷଣଶକ୍ତି ଏଇ ଲୋକଟିର ରକ୍ତମାଂସକୁ ଅନବରତ ପୃଥିବୀର କେନ୍ଦ୍ରକୁ ଟାଣୁଚି, ଅର୍ଥାତ୍ ଲୋକଟିର ହାତଗୋଡ଼ସବୁ ଗୋଦର । ଏ ହରିଚନ୍ଦ୍ର ବିଖ୍ୟାତ ସାଧୁ ତିଆଡ଼ୀ—ଗାଁର ବଡ଼ ମାମଲତକାର ଏବଂ ଅଜାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ।

ଆମେ ପହଞ୍ଚିଲାବେଳକୁ ତିଆଡ଼ୀବୁଢ଼ାଙ୍କ ଉପରବେଳିଆ ଶୋଇବା କାମ ସରିଯାଇଥିଲା । ସେ ଗୁଡ଼ିଏ ପିଲାଙ୍କୁ ପାଖରେ ବସେଇ ତାଙ୍କୁ କଥା କହିବା ନାଁରେ ଏଣୁତେଣୁ ବହେ ଗପି କାହା ହାତରେ ଗୋଡ଼ମୋଡ଼େଇବା, କାହା ହାତରେ ପାଦୁ କୁଣ୍ଡେଇବା କାମ ଚଲେଇ ନେଉଥାନ୍ତି । ମତେ ଆଈ ସାଥିରେ ଦେଖି ସେ ଆରମ୍ଭ କଲେ—ଏ ପିଲାଟି କିଏ କଲୋ ପଧା ?

—ସେ ପରା ମୋ ବଡ଼ଝିଅର ସାନପୁଅ ।

—ସତେ ! ତେବେ ଭଲକଥା, ମୁଁ ତ ପାତ୍ରଟିଏ ଖୋଜୁଥିଲି, ତୋ ନାତିକି ମୋ ନାତୁଣୀ ସାଙ୍ଗରେ ବିଭା କରନା !

—ହଁ, ତାର ତ ବୟସ ବଳେଇଗଲାଣି, ଶୀଘ୍ର ବୁଝ୍ ···ଏତିକି କହି ଆଈ ତିଆଡ଼ୀଙ୍କ ଘରକୁ ପଶିଗଲା । କିନ୍ତୁ ମୁଁ ତା ଉପରେ

## * ସତେଇଶ *

ଘର ଗିଗିଉଠିଲ । କାହିଁକି ସେ ଥାଉଁ ଥାଉଁ ମୋ ବିଭାଘର ଏତେ ଡେରି ହେଲା ? ମତେ ସେତେବେଳକୁ ଆଠ ବର୍ଷ ଚାଲିଥାଏ । ଲୋକେ ସାତ ବର୍ଷବେଳକୁ ବିଭା ହୁଅନ୍ତି ନା ତ ଆଉ କଣ ବୁଢ଼ାଦିନକୁ ? ବୋଉ ପାଖରେ ଥିଲେ ସେଦିନ ତାର ମୋର ମା-ପୁଅ ସମ୍ବନ୍ଧ ତୁଟିଯାଇଥାନ୍ତା । କିନ୍ତୁ ସେ ତ ଯାଇ ଗାଁରେ । ମୁଁ ଜାଣେ ନନା ମତେ ଭଲ ପାଆନ୍ତି ନି; କିନ୍ତୁ ଅ।ଈ କଲା କଣ !

ଆଈ ଖଣ୍ଡେ ପିଢ଼ାରେ ବସିପଡ଼ି ଗୋଟିଏ ଟ୍ରେଣ୍ଡ ଝିଅ ସାଙ୍ଗେ ଆସନ୍ତା କାର୍ତ୍ତିକପୂଜା କିମିତି ହେବ, ସେ ବିଷୟରେ କଥାବାର୍ତ୍ତା ଆରମ୍ଭ କରିଦେଲା; କିନ୍ତୁ ମୁଁ ଏଣେ ତା ପିଠିରେ ଲଗେଇଥାଏଁ ଦୁମ୍‌ଦାମ୍ ମୋ ପାରୁପର୍ଯ୍ୟନ୍ତ । ଆଈ ମୋର ଏପରି ବ୍ୟବହାର ଦେଖି କଥାବାର୍ତ୍ତା ଶୀଘ୍ର ସାରି ଘରକୁ ବାହାରିଲା । ମନେ ମନେ ବୋଧେ ଭାବିଲା, ଭୋକ ତା ନାତିପେଟକୁ କାମୁଡ଼ିଲାଣି । କିନ୍ତୁ ପ୍ରେମପୋକ ଯେ ମୋ ପ୍ରାଣକୁ କାଟୁଥିଲା, ଏକଥା ସେ ଜାଣିବ କୁଆଡ଼ୁ ?

ବାଟରେ ଲାଗିଲା ତାର ମୋର ଟଣାଟଣି—ଗୁଡ଼ମତ ଟଗ୍ ଅଫ୍ ଓ୍ୱାର୍ । ସେ ମତେ ତାଙ୍କ ଘରକୁ ଯେତେ ଟାଣୁଥାଏ, ମୁଁ ତାକୁ ଭଉଆଡ଼ୀଘରକୁ ସେତିକି ଝିଙ୍କୁଥାଏ । ଯାହା ହେଉ, କାଖେଇକୁଣ୍ଢେଇ ବାପଲୋ-ଧନଲୋ କରି କୌଣସି ପ୍ରକାରେ ଘରଯେ ମତେ ନେଲା; କିନ୍ତୁ ତାପରେ ପୂରା ଅଚଳ ଅବସ୍ଥା— ମୁଁ ତ ଖାଇବି ନା, ତୁ ଚାଲ ଭଉଆଡ଼ୀଘରକୁ···ଏକଦମ୍ ପଞ୍ଚମସ୍ୱରରେ ପାଟି ଆରମ୍ଭ କରିଦେଲି ।

ସନ୍ଧ୍ୟା ହେଇଆସିଥାଏ । ଅସ୍ତପ୍ରାପ୍ତ ରବିଙ୍କ ରଙ୍ଗିନ୍ ରଶ୍ମିର ଶେଷ ଚାହାଣିକିକ ଗଛପତ୍ରରୁ ଲିଭିଯିବା ଉପରେ । ବନ୍ଧୁ

* ଅନ୍ବେଷଣ *

ଗୋଳମାଳ ସୃଷ୍ଟି କରି ଗାଈଗୋରୁ ଗୋଠରୁ ଫେରୁଥାନ୍ତି । ପ୍ରତ୍ୟେକଙ୍କ ଘର ଚୁଲିଉପରୁ ଧୂଆଁର ଶିଖା ଉଠି ଆକାଶରେ ମିଳେଇ ଯାଉଥାଏ ଗୋଟେ ଯିମିତି କିଛି ଇନ୍ଦ୍ରଜାଲ କି ଅପୂର୍ବ ପରିବେଶର ସୂଚନା ଦେଇ । ପୂର୍ବପଟୁ ଅନ୍ଧାର ମାଡ଼ିଆସୁଥାଏ ଖୁବ୍ ଜୋର୍‌ରେ । ଆଈ ତରତରରେ ସନ୍ଧ୍ୟା ଦେଇ ଚଉଁରିକାମ ସାରିବାକୁ ଆକୁଳ; କିନ୍ତୁ ମୁଁ ଗୁଡ଼ୁଚି କେତେବେଳେ—ଆଗ ତୁ ଡିଆଡ଼ୀଘରକୁ ଚାଲି କିନ୍ତୁ ଶିଶୁମାନଙ୍କର ଶେଷାସ୍ତ୍ର କାନ୍ଦଟା ଖୁବ୍ ଜୋର୍‌ରେ ଜମେଇଦେଲି । ସେ ବିଷୟର ଆଉ ଉପାୟ କଣ ? ବାଧ ହୋଇ ତାର ଚଉଁରିକାମ ବନ୍ଦ କରି ପ୍ରତ୍ୟକ୍ଷ ସ୍ୱର୍ଗର ପ୍ରଶ୍ନକ ଏଇ ନାତିର ନିର୍ଦ୍ଦେଶମତେ ଡିଆଡ଼ୀଘରକୁ ଫେରିଲା । ବାଟରେ ଗେଲବସର କରି ପଚାରିଲା :

—କିରେ ବାପ, ସେ ଡିଆଡ଼ୀଘରକୁ କାଇଁକି ଯିବୁ ?

କର୍କଶ କଣ୍ଠରେ ଉତ୍ତର ଦେଲି :

—ସେ ଡିଆଡ଼ୀବୁଢ଼ା କଣ କହୁ ନ ଥିଲା !

—କଣ କହୁଥିଲା କହୁନୁ ?

ମନେ ମନେ ଆଈଉପରେ ଭାରି ବିରକ୍ତ ହେଲି । କଥାଟା ସେ ଏତେ ଶୀଘ୍ର ଭୁଲିଗଲା, ଅଥଚ ପିଲାଟେ ହେଲେ ମଧ୍ୟ ମୁଁ ସବୁ ମନେ ରଖିଚି !

—ତୋର ତ କିଛି ମନେ ରହେ ନା । ସେ କଣ କହୁ ନ ଥିଲା ଖୋଜୁଚି ବୋଲି !

—କଣ ଖୋଜୁଚି ବୋଲି କହିଲା କି ?

—ଏଖାବୁଝ ବୋଲି କହିଲନ ! ପୁଣି କହିଲ, ମୋ ସାଙ୍ଗରେ କରିଦବାକୁ ।

—କୁ କଥା ବା ?

—ତା ନାତୁଣୀ କଥା ବା !

—କୁ ନାତୁଣୀ ?

ପାଠାଗାର
ନଂ ....................
ତା ....................

ଧେତ୍‌ତେରିକ ! ମୁଁ ଦେଖିଲି, ଏତେ ସୂଚନା ସତ୍ତ୍ୱେ ଆଜ୍ଞେ କଥାଟା ବୁଝିବାକୁ ନିତାନ୍ତ ଅକ୍ଷମ, ଶେଷରେ ରାଗିଯାଇ ବଡ଼ ପାଟିରେ ଆରମ୍ଭ କଲି :

—କହୁ ନ ଥିଲ ତା ନାତୁଣୀକି ମୋ ସାଙ୍ଗରେ ବାହା କରିଦବାକୁ ?

—ବଜାଗ୍ନି ଟୋକା ! ଏଇଥିପାଇଁ ମତେ ସଞ୍ଜବେଳଟାରେ ଏତେ ହଇରାଣ କଲୁଣି !

ମୁ ଝିଅଟି ସାଙ୍ଗେ ଆଗରୁ କାର୍ତ୍ତିକପୂଜା ବିଷୟରେ କଥାବାର୍ତ୍ତା କରିଥିଲି, ତିଆଡ଼ୀଘରେ ପଶି ଆଜ୍ଞେ ତାକୁ କହିଲି— ଆଲୋ ଭାଉଜ ! ତୋ ନାତୁଣୀ କାହିଁ କହୁଚି ? ମୋ ନାତି ଆସିଚି ତାକୁ ବାହା ହବ ବୋଲି ।

—ସତେ ନା ! ଦୁହେଁ ହସି ହସି ଏକଦମ୍ ନସ୍ୟାନ୍ତ । ଏଁ, କଣ ଇଥିରେ କଥାଟା ରହିଲା ଯେ ହସ-ସମୁଦ୍ର ଏକେବାରେକେ ଉଛୁଳିପଡ଼ୁଚି ! ପ୍ରଥମେ ଭାବିଥିଲି ଏଇ ଝିଅଟି ବୋଧ ହୁଏ ହେବେ ମୋର ପ୍ରସ୍ତାବିତ ପ୍ରେୟସୀ; କିନ୍ତୁ ପରେ ଜାଣିପାରିଲି, ତା ନୁହେଁ । ଏ ହେଉଚନ୍ତି ସେଇ ପୃଥୁଳକାୟ ଲମ୍ବୋଦର ମନୁଷ୍ୟ-ପ୍ରବର ତିଆଡ଼ୀଙ୍କ ସହଧର୍ମିଣୀ । ଏତେ ବଡ଼ ଲୋକଟାର ଏଡ଼େ ଶ୍ରେଷ୍ଠ ସ୍ତ୍ରୀ !

ଷୀ, ଛୋଟ ହଉ, ବଡ଼ ହଉ, ତିଆଡ଼ୀବୁଢ଼ାର ତ ସ୍ତ୍ରୀଟିଏ ଅଛି, ମୋର ଯେ କିଛି ନାହିଁ—ମନେ ମନେ ଭାବୁଥାଏଁ ।

ହସର ଦମ୍‌ଟା ବନ୍ଦ ହବାପରେ ତିଆଡ଼ିଆଣୀ ମତେ କୁଣ୍ଢେଇପକେଇ କହିଲେ—ବାପା, ଅପି ଆଜି ମୋର ଶୋଇ-ପଡ଼ିଚି, କାଲି ସକାଳେ ଆସିବୁ ଯେ ଅପି ସାଙ୍ଗେ ବିଭା କରିଦେବି, ଭୁଜା ଖାଇବାକୁ ଦେବି ।

—ଏଁ, ସତେ ନା କଣ ? କାଲି ବିଭାଘର, ପୁଣି ତା ସାଙ୍ଗେ ଭୁଜା ଯୌତୁକ ! ଭାଗ୍ୟରେ ଥିଲେ ସିନା ଯ୍ସା ମିଳେ ।

ମନ ମୋର ଆନନ୍ଦରେ ଭରପୂର ହୋଇଉଠିଲା ।

ହେଲେ, ନାଁଟା ଅପି ଶୁଣି ମତେ କିମିତି-କିମିତି ଲାଗିଲା । ବିଭାଘର ହବ ସତ; କିନ୍ତୁ ଝିଅ ନାଁଟା ଟିକେ ସୁନ୍ଦରିଆ ନ ହେଲେ ତ ନ ଚଳେ ।

ସେଦିନ ରାତିରେ ଆଈକୁ ଅନେକ ଜେରା କରି ବୁଝିଲି—ସେ ଝିଅଟି-ନାଁ ପ୍ରକୃତରେ ଅପସରା; କିନ୍ତୁ ସମସ୍ତେ ତାକୁ ସ୍ନେହରେ ଅପି-ଅପି ବୋଲି ଡାକନ୍ତି । ତିଆଡ଼ୀଙ୍କର ଆଗରୁ ତିନିଟି ସ୍ତ୍ରୀ ମରିଥିଲେ । ଏଇ କାର୍ତ୍ତିକପୂଜାବ୍ୟସ୍ତ ଯୁବତୀଟି ହଉଚନ୍ତି ତାଙ୍କ ଚତୁର୍ଥପକ୍ଷ, ଏ ଜନ୍ମରେ ବିଶେଷ କିଛି ସୁଖ ନ ଥିବାରୁ ମାସକେ ପନ୍ଦର ଉପାସ, କୋଡ଼ିଏ ବ୍ରତ କରି ପରଜନ୍ମପାଇଁ ପୁଣ୍ୟର ବ୍ୟବସ୍ଥା କରୁଥିଲେ । ଲୋକେ ଚାରିଚାରିଟା ବିଭା ହୋଇସାରିଲେଣି; କିନ୍ତୁ ମୋର ଆଜି ଯେ ଗୋଟେ ବି ନାହିଁ, ମଣିଷ ଚଳେ କେମିତି ?

# ଏକତିରିଶ

ତା ପରଦିନ କୁଆ କା କରିବା ପୂର୍ବରୁ ମୁଁ ଯାଇ ଡିଆଡ଼ୀ-
ଘରେ ହାଜର । ଡିଆଡ଼ିଆଣୀ ମତେ ଦେଖିଲାକ୍ଷଣି ଅପ୍‌ସରାକୁ
ଡାକିଆଣି ମୋ ପାଖରେ ବସେଇଦେଲେ, ଦୁହିଁଙ୍କୁ ଏକ ସାଙ୍ଗରେ
ପିଠା ଖାଇବାକୁ ଦେଲେ । ଭାବିଥିଲି ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି
ଆମ ବାହାଘରର ବନ୍ଦୋବସ୍ତ କରିବେ; କିନ୍ତୁ କାହିଁ କିଛି ତ
କଲେ ନ ! ବଡ଼ ମଣିଷଗୁଡ଼ାକ ଏତେ ଶୀଘ୍ର ସେମାନଙ୍କ କଥା
ଭୁଲିଯାନ୍ତି !

ପ୍ରତିଦିନ ଖାଇବା ଶୋଇବା ବେଳତକ ଛାଡ଼ିଦେଲେ ମୁଁ
ବୁବେଳେ ଡିଆଡ଼ୀଘରେ ଆଡ୍‌ଡ଼ା ଜମେଇଦେଲି, ଅପ୍‌ସରା ସାଙ୍ଗେ
ଆପିଆ ଖେଳାବୁଲା ଦସ୍ତୁରମତ ଚାଲିଲା ।

ଦିନେ ଅପ୍‌ସରାକୁ ଘେନି ଗାଁମୁଣ୍ଡେ ବୁଲୁଥାଏଁ, ହଠାତ୍ ପାଖ
ଛ ଡାଳରେ ଗୋଟେ ମହୁମାଛିଫେଣା ଦେଖି ସ୍ୱଭାବସୁଲଭ
ଣରେ ତାକୁ ଢେଳା ପକେଇଲି । ଅପ୍‌ସରା କହିଲା :

—ଥାଉ, କାମିବେ ।

—କାମିବେ ?

—ହଁ, କୋକ କାମିବେ ।

—ହେଇତ୍, କାମୁଡ଼ିବେ ମହୁମାଛିଗୁଡ଼ାକ !

—ନାହିଁ, ମତେ ଭଲ ମାଲୁଚି ।

...କିନ୍ତୁ ଅପ୍‌ସରା ପଳେଇବ ବୋଲି ବସିଥିଲା । ତା ହାତକୁ
ପକେଇ କହିଲି—ହେ, ନ କିନ୍ତୁ ପଳେଇଯାଉଚୁ, ଠାପୁ-ଠାପୁ
ଚଟ୍‌କଣି ଦେବି ଟି !

—ନାଇଁ ଯିବ ନି, ଖେଳିବ ।

—ଆଚ୍ଛା ଅପ୍‌ସରା, ତୁ ମତେ ବାହା ହବୁ ?

—ବାହା ? ମୁଁ ମାକୁ ପଚାରି କହିବ ।

—ହେ, ମା ଫା ଛାଡ଼୍ । ମୁଁ ଯା କହୁଚି ସେଇଆ କର, ନଇଲେ ବାଜିବ ଥାପଡ଼ !

ତାପରେ ଅପ୍‌ସରାକୁ ସାଙ୍ଗରେ ନେଇ ଗଲି ଗାଁମୁଣ୍ଡିରେ ଥିବା କନିଅରଗଛ ପାଖକୁ । ମନଇଚ୍ଛା ଗୁଡ଼େ ଫୁଲ ଅପ୍‌ସରା ମୁଣ୍ଡରେ ହାତରେ ଗୋଡ଼ରେ ଖଞ୍ଜି ଦେଲି; ନିଜେ ମଧ୍ୟ ସେଥିରୁ ଅନେକ ମଣ୍ଡି ହେଇପଡ଼ିଲି; ବରପିତା, କନ୍ୟାପିତା ଓ ବରକାମ ଚଳେଇ ମନେ ମନେ ଅପ୍‌ସରାକୁ ବାହା ହେଇପଡ଼ିଲି । ତାପରେ ଦୁହେଁ ବାହାରିଗଲୁ ଆଈ ପାଖକୁ । ଏ, ତୁମେ ନ କଲେ କଣ କାମ ଅଟକିଯିବ ? ଦେଖ୍, ଆମେ କେମିତି ବାହା ହେଇପଡ଼ିଲୁ !

ଆଈ ଏ ନବବିବାହିତ ଉଲଗ୍ନ ଦମ୍ପତିଙ୍କୁ ଦେଖି ସାମାନ୍ୟ ହସି କଣ କହିବ ବୋଲି ଯାଉଥିଲା, ଏଇ ସମୟରେ ଅଜାଘର-ଚାକର ଆସି ଖବର ଦେଲା—ମାଉସୀ, ବଡ଼କୋଇଁ ଆସିଚନ୍ତି ।

—ଆରେ ଶାମା, ନନା ଆସିଚନ୍ତି !

ଆଈ ଖୁବ୍ ଦ୍ରୁତପଦରେ ଚାଲିଗଲା । ସାଙ୍ଗେ ସାଙ୍ଗେ ମୋ ଦେହରେ ଗୋଟେ ବୁଡ଼ାଖାଲ, ଶୀତଦିନ ସକାଳେ ଗଛପତ୍ରରୁ କାକର ବର୍ଷିଲାପରି ମୋ ଆଖିରୁ ଟପ୍ ଟପ୍ ଲୁହ ବୋହିଗଲା । ବିବାହ-ଭୂଷଣ କନିଅର ଫୁଲଗୁଡ଼ାକ ବି ଧଡ଼୍‌ଧାଡ଼୍ ଖସିପଡ଼ିଲା


## * ତେତିଶ *

ନମନେ ନନାଙ୍କ ଉପରେ ଭାରି ରାଗିଲି—ଏପରି ସମୟରେ ିବା କଣ ତାଙ୍କର ଠିକ୍ ହେଲା !

ଭୁ ଘରକୁ ଯା—

ଅତି ଦୁଡ଼ୁଗୁଡ଼ୁ ମନରେ ଅପ୍ସରାକୁ ବିଦାୟ ଦେଇ ଆଞ୍ଛ ଛ ପଛେ ଗୁଲିଲି । ନନା ଆସିଚନ୍ତି ଯେ, ନ ଗଲେ ଆଉ ରକ୍ଷା !

କିଛି ଦୂର ଯାଇ ଦେଖିଲି ମୋର ପ୍ରାଣର ପ୍ରେୟସୀ ଅପ୍ସରା କାନ୍ଦି ଘରକୁ ଫେରୁଚି—କି ଦୁଃଖ, କି ଯନ୍ତ୍ରଣା ! କେତେ ମଉଜଟା ଏତେ ଶୀଘ୍ର ଖରାପ ହୋଇଗଲା ! ବାପ, ମା, ମାଷ୍ଟ୍ର, ବକଙ୍କର ଏ କି ଅତ୍ୟାଚାର !



# ବୃତ୍ତିପରୀକ୍ଷାର ବ୍ୟଥା

ଗୋଟିଏ ବର୍ଷ ମାମୁଘରେ ରହିବା ଯୋଗେ ସରସ୍ୱତୀଙ୍କର ଦ
କରୁଣା ଊଣା ପଡ଼ିଥିଲା ଗାଁକୁ ଫେରିବା ସାଙ୍ଗେ ସାଙ୍ଗେ ଦ
ସୁଧ ସହକାରେ ଭରଣା ହେଲା । ମାଡ଼ମାତ୍ରାଟା ବେଶୀ ହବା
କାରଣ—ଆଗରୁ ବୃତ୍ତିପରୀକ୍ଷାପାଇଁ ପାଠ ଆକାରରେ ଯେତେ
ଆୟୋଜନ କରାଯାଇଥିଲା, ମାମୁଘରେ ସେସବୁର ପୂର୍ଣ୍ଣ ବିସର୍
ଘଟିଥିଲା । ନନା ଖୁବ୍ ବିରକ୍ତ ହେଲେ । ଆଉ ପାଠ ପଢ଼େଇବ
ଗାଈ ଜଗେଇବ, ଘାସ କଟେଇବ—ଏଇ ଧମକ ଦେଲେ । ଟିକେ
ଆଶ୍ୱସ୍ତ ହେଲି—ଯା, ତେବେ ବୃତ୍ତିପରୀକ୍ଷା-ବ୍ୟଥାରୁ ର
ମିଳିଲା ! କିନ୍ତୁ ହାୟ୍ ରେ କପାଳ ! ଘାସ କାଟିବାର କୌଣ
ଆଶା ଦେଖାଗଲା ନି, ବରଂ ବୃତ୍ତିପରୀକ୍ଷାର ଅଭିଯାନଟା ଦ୍ୱିଗୁ
ଜୋର୍‌ରେ ଚାଲିଲା । ସ୍କୁଲରେ ମାଷ୍ଟ୍ରେ, ଘରେ ନନା ସେମାନ
ଚେଷ୍ଟାରେ ଲାଗିପଡ଼ିଲେ ଏବଂ ତାର ଫଳ ମୋ ପିଠିରେ ଶୀ
ଦେଖାଦେଲା—ଠିକ୍ ବୋଗଣା ବଳଦଙ୍କ ଦେହରେ ଚଢ଼ୁବାଣି ପଡ଼

* ପଞ୍ଚଦଶ *

ମୋର ଦୁଃଖ ଯେତିକ ଜୋର୍‌ରେ ବଢ଼ିଚାଲିଲା, ଦାମମାଷ୍ଟରଙ୍କ ପ୍ରଶଂସା ସେତିକ ବେଗରେ ବ୍ୟାପିବାକୁ ଲାଗିଲା । ପ୍ରତିଦିନ ଖାଲି ଚେଁ-ଚୁଁ, ଉଁ-ଆଁରେ ଗାଁ କମ୍ପି ଉଠିଲା । ସମସ୍ତେ ଧନ୍ୟ ଧନ୍ୟ କହିଲେ । ଠେକୁଆ ମିଶ୍ରଙ୍କ ପରି ପରନିନ୍ଦୁକଙ୍କ ମୁହଁରୁ ହଠାତ୍ ବାହାରିପଡ଼ିଲା—କିଏ କହୁଚି ମାଡ଼ିବଂଶ ଅବଧାନକୁଳ ଏ ଦେଶରୁ ବୁଡ଼ିଗଲାଣି ବୋଲି ? ସେମାନଙ୍କ ନୂତନ ଅବତାର ଦାମମାଷ୍ଟରଙ୍କ ରୂପରେ ଏଠି-ସେଠି ବୋଇବୋଇ ଅଛନ୍ତି । ସର୍କାର ଚେଷ୍ଟା କରି ଯଦି ସବୁ ସ୍କୁଲରେ ଏମାନଙ୍କୁ ଭର୍ତ୍ତି କରିଦିଅନ୍ତେ, ତେବେ ଆମ ସେ ପୂର୍ବପାଠର ରାମରାଜ୍ୟ ଓଡ଼ାଙ୍କ, ଫେଡ଼ାଙ୍କ, ପଦିତିଆ ଗୁଣଣ ଓ କାଣୀନଳର ଯୁଗ ଚଟ୍‌ଦିନେ ଫେରିଆସନ୍ତା ।

ଏଥିମଧ୍ୟରେ ଗାଁ ସ୍କୁଲଟି ମଞ୍ଜୁର କରାଇବାପାଇଁ ଭାରି ଧାଁ-ଧପଡ଼ ଚାଲିଲା । ଟଙ୍କା ଅଭାବରୁ ଯଦିଚ ଗ୍ରାଣ୍ଟ ଶୀଘ୍ର ମିଳି-ପାରିଲା ନ, ତଥାପି ବିଭାଗୀୟ କର୍ତ୍ତୃପକ୍ଷଙ୍କଠୁ ଏଇ ମୂଲ୍ୟବାନ୍ ପ୍ରତିଶ୍ରୁତି ଆସିଲା ଯେ, ଅନ୍ୟ କୌଣସି ସ୍କୁଲର ଗ୍ରାଣ୍ଟ ବନ୍ଦ ହେଲେ ସେଇଟା ସେ ଆମ ଗାଁକୁ ନିଶ୍ଚୟ ଦେବେ । ଏଭଳି ଉଦାର ଆଦେଶର କାରଣ ହଉଚି, ଏଥିମଧ୍ୟରେ ସବ୍‌ଇନସ୍‌ପେକ୍ଟର ମହୋଦୟ ସ୍କୁଲ ପରିଦର୍ଶନ କରି ବିଶେଷ ପ୍ରୀତ ହୋଇଯାଇଥିଲେ ।

ହାଜରାରେ ଛାତ୍ରସଂଖ୍ୟା ଥିଲା ପଚିଶ । କିନ୍ତୁ କିଏ ମାଷ୍ଟରଙ୍କ ପଢ଼ାରେ ଅସନ୍ତୁଷ୍ଟ ହୋଇ, କିଏ ଘରେ ଆଉ କେହି ପିଲା ଧରିବାକୁ ନ ଥିବାରୁ, କିଏ ବା ପାଳର ବାରମ୍ବାର ଡାକରା ହେତୁ କେତେ ଦିନ ମାତ୍ର ସ୍କୁଲଘର ମଣ୍ଡିତ କରି ଚାଲିଯାଇଥିଲେ, କିଏ ବା ସ୍କୁଲଘର ଆଦୌ ମାଡ଼ି ନ ଥିଲା,

✱ ଛବିଶ ✱

ଜିଏ ବା ନା ଲେଖାଇବା ପରେ ପରେ ଅକାଳ ଆମାଶୟ ଝାଡ଼ାରେ ବା ଅତ୍ୟଧିକ ମେଲେରିଆ ପ୍ରକୋପରୁ ଇହଧାମ ଛାଡ଼ିଥିଲା । କିନ୍ତୁ ସମସ୍ତଙ୍କ ନାଁ ହାଜିରା ବହିରେ ଖଞ୍ଜିମଞ୍ଜି ଗଢ଼ୁଥିଲା ଏବଂ ମଝିରେ ମଝିରେ ଅନୁପସ୍ଥିତି ଦେଖେଇ ପ୍ରେଜେଣ୍ଟଟା ପକାଯାଉଥିଲା । ଉଚିତ, ସ୍କୁଲ ହାଜିରା ତ ଆଉ ଜନ୍ମ-ମରଣ ଖାତା ନୁହେଁ କି ଜନଗଣନା କାଗଜପତ୍ର ନୁହେଁ ଯେ ସେଥିରେ ଜନ୍ମମୃତ୍ୟୁ ବା ଯା-ଆସର ତନ୍ନ ତନ୍ନ ହିସାବ ରଖାଯିବ !

ଏଥିରୁ ଏତିକି ସୁବିଧା ମିଳିଲା ଯେ ସ୍କୁଲ ପରିଦର୍ଶନନିମିତ୍ତ ଆଖପାଖ ଗାଁଗୁଡ଼ିକରୁ ଯେତିକି ପିଲା ଯୋଗାଡ଼ କରାଯାଇପାରିଲା, ସେମାନଙ୍କୁ ସ୍କୁଲଛାତ୍ରରୂପେ ଗ୍ରହଣ କରିବା ସମ୍ଭବ ହେଲା । କେବଳ ଦରକାର ପଡ଼ିଲା ସେମାନଙ୍କୁ ନୂତନ ନାଁରେ ଭୂଷିତ କରିବା, ଅର୍ଥାତ୍ ହାଜିରାକୁ ଦେଖି ପୁରୁଷୋତ୍ତମପୁର ଗନ୍ଧିଆ ନାଁ ଡାକିଲେ ଭଲିଶାସନର ଧଡ଼ିଆ ଜବାବ ଦବ, ମାହାନ୍ତ ସାହିର ମଲ୍ଲୀ ନାଁ ଡାକିଲେ ଜଙ୍ଗଲବୋରିର ସୁଲୀ ଉତ୍ତର ଦବ । ଏଥିରେ କୌଣସି ଅସୁବିଧା ପଡ଼ିଲା ନି, କାରଣ କେତେ ଦିନ ଆଗରୁ ହାମମାଷ୍ଟ୍ରେ ଏସବୁ ଉତ୍ତମରୂପେ ଅଭ୍ୟାସ କରାଇନେଇଥିଲେ ।

ସବ୍‌ଇନ୍‌ସପେକ୍ଟର ମହୋଦୟ ସ୍କୁଲର ଛାତ୍ରସଂଖ୍ୟା ଦେଖି ବିଶେଷ ଆପ୍ୟାୟିତ ହେଲେ । ତାପରେ, ନିକଟରେ ଗୋଟିଏ ଛାତ୍ର ବୃତ୍ତିପରୀକ୍ଷାକୁ ଯିବ ଏବଂ ବୃତ୍ତି ପାଇବା ମଧ୍ୟ ସୁନିଶ୍ଚିତ, ଏ ଖବରଟା ବାରମ୍ବାର ତାଙ୍କ କାନରେ ପଡ଼ିବାକୁ ଲାଗିଲା । ଏସମସ୍ତ ଦେଖି ଓ ଶୁଣି, ଯଥୋଚିତ ଖାଦ୍ୟ-ପେୟର ବନ୍ଦୋବସ୍ତପରେ ସେ ଏ ଗାଁଟି ପଙ୍କମଧ୍ୟରେ ପଦ୍ମ ଅଟେ—ଏଇ ମହତ୍ ମନ୍ତବ୍ୟଟି

ଭିଜିଟ୍ ବହିର ପ୍ରଥମ ପୃଷ୍ଠାରେ ଅନ୍ୟାନ୍ୟ ବିବରଣୀସହ ସ୍ୱହସ୍ତରେ ଲେଖିଦେଇ ସ୍କୁଲଗ୍ରାଣ୍ଟ ସମ୍ବନ୍ଧରେ ପୂର୍ବୋକ୍ତ ମହତ୍ ଆଦେଶଟି ଯଥାସମୟରେ ତାଙ୍କ ଅଫିସରୁ ପଠେଇଦେଲେ ।

ସ୍କୁଲ ମଞ୍ଜୁର ହବାପାଇଁ ଦୁଇଟି ସର୍ତ୍ତ ଦିଆଯାଇଥିଲା—ପ୍ରଥମରେ ଅତି ଶୀଘ୍ର ସ୍କୁଲଘର ତୋଳିବାକୁ ହବ ଏବଂ ଦ୍ୱିତୀୟରେ ଗ୍ରାଣ୍ଟ ମିଳିଲେ ଅନ୍ୟ ଜଣେ ଉପଯୁକ୍ତ ଶିକ୍ଷକଙ୍କୁ ହେଡ୍‌ପଣ୍ଡିତ କରିବାକୁ ପଡ଼ିବ । ପ୍ରଥମ ସର୍ତ୍ତପାଇଁ ସେତେ ଅସୁବିଧା ପଡ଼ିଲା ନି, କାରଣ ପିଲାଙ୍କ ସଂଖ୍ୟା ଅନୁସାରେ ପ୍ରତ୍ୟେକଙ୍କ ଘରୁ ମଣିଷ ଗୁହାରି କରାଯାଇ ମୂଲ୍‌ଦୁଆଡ଼ା କରିଦିଆଗଲା ଏବଂ ସାଙ୍ଗେ ସାଙ୍ଗେ ଅନ୍ୟାନ୍ୟ ଜିନିଷର ଆୟୋଜନ ହେଲା । କିନ୍ତୁ ଦାମମାଷ୍ଟ୍ରେ ଚାଲିଗଲେ ସ୍କୁଲ୍ ଚଳିବ କେମିତି ? ଏପରି ଯୋଗ୍ୟଲୋକ ତ ସହଜରେ ମିଳିବା ସମ୍ଭବ ନୁହେଁ । ପାଳି ନିୟମିତରୂପେ ନ ପାଇଲେ ମଧ୍ୟ ସେ ଘରେ ଖାଇ ଏତେ ଦିନ ସ୍କୁଲ୍ କାମ ସୁରୁଖୁରୁରେ ଚଳେଇ ଆସିଚନ୍ତି, ଆଉ କିଏ ଆସିଲେ ଏଥିରେ ଯେ ରାଜି ହବ ତା କୁ ଠିକ୍ ଅଛି ?

ହେଇପାରେ ଦାମମାଷ୍ଟ୍ରଙ୍କର ସେପରି ବିଶେଷ କିଛି ଯୋଗ୍ୟତା ନାହିଁ; କିନ୍ତୁ ଯେ ମାଇନର ଦୁଇଥର ଫେଲ୍ ହେଇଚି, ସେ ଯେ ଲୋଅର ପ୍ରାଇମେରୀ ପିଲାଙ୍କୁ ପଢ଼େଇପାରିବ ନ ଏହାର କୌଣସି କାରଣ ନାହିଁ ଇତ୍ୟାଦି କଳ୍ପନା-ଜଳ୍ପନା ଖୁବ୍ ଜୋର୍‌ରେ ଚାଲିଲା । ଏ ସମ୍ବନ୍ଧରେ ଗ୍ରାମବାସୀଙ୍କ ଆପତ୍ତି ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣେଇଦିଆଗଲା । ଦାମମାଷ୍ଟ୍ରେ ବି କମ୍ ଲତୁଆ ଲୋକ ନୁହନ୍ତି । ଏକାଧିକ ସ୍କୁଲରେ ପ୍ରସ୍ତାବିତ ଏବଂ

ପରିଶେଷରେ ମଞ୍ଜୁରୀ-ଅପ୍ରାପ୍ତ ଚତୁର୍ଥ ଶିକ୍ଷକ କାର୍ଯ୍ୟ କରି କାଗଜ କଲମରେ କିପରି ଲଢ଼ିବାକୁ ହୁଏ, ଏ ବିଷୟରେ ସେ ବିଶେଷ ଦକ୍ଷତା ଲାଭ କରିଥିଲେ । ତେଣୁ ସେ ଯେ ହେଡ଼୍‌ପଣ୍ଡିତ ହେବାକୁ ପୂରା ଯୋଗ୍ୟ ଏଇ ସଫେଇ ଦେଇ ସ: ଇ: ମହୋଦୟଙ୍କ ନିକଟକୁ ବାରମ୍ବାର ଦରଖାସ୍ତ କରିବାକୁ ଲାଗିଲେ ।

ଏଇ ଜଟିଳ କଥାଟିର ବଡ଼ ସୁନ୍ଦରଭାବରେ ସମାଧାନ ହେଲା । ଗ୍ରାଣ୍ଟ ମଞ୍ଜୁରି ହେବାପର୍ଯ୍ୟନ୍ତ ଦାମମାଷ୍ଟ୍ରେ ହେଡ଼୍‌ପଣ୍ଡିତ ରହିବେ ଏବଂ ଗ୍ରାଣ୍ଟ ମିଳିଲେ ସେ ଅବୈତନିକ ଭାବରେ ସେକେଣ୍ଡ୍ ପଣ୍ଡିତ ହେବେ । ଗ୍ରାମବାସୀଙ୍କର ଏଥିରେ ଦୁଃଖ କରିବାର କୌଣସି କାରଣ ନ ଥିଲା । ଦାମମାଷ୍ଟ୍ରେ ମଧ୍ୟ ପୂର୍ବ ଅଭ୍ୟାସବଳରୁ ବିଶେଷ ଚିନ୍ତିତ ନ ହୋଇ ଦ୍ୱିଗୁଣ ଉତ୍ସାହରେ କିପରି ମତେ ବୃତ୍ତିକୁ ପଠେଇବେ, ସେଥିରେ ଲାଗିପଡ଼ିଲେ ।

ବୃତ୍ତିପରୀକ୍ଷାପାଇଁ ଅନେକ ଆୟୋଜନ, ଅନେକ ଆହରଣ ଗୁଳନ୍ତ—ପାଞ୍ଜି ଦେଖା, ଜାତକସଧା ବି ହେଲା । ଦିନେ ରାତି ଦୁଇଘଡ଼ି ଥାଉ ଅମୃତବେଳାରେ ଦାମମାଷ୍ଟ୍ରେ ଓ ମୁଁ ଯାବତୀୟ ବହିପତ୍ର ଓ ପୁରୁଣା ଖାତା, ଚାହିଦାମାଫିକ୍ ଡାଲି ଚାଉଳ ଏବଂ କାହାକୁ ଯଦି କିଛି ଦବାକୁ ପଡ଼ିବ ସେ ବାବଦକୁ ଦୁଇଶ ମହତା ପାନ ଧରି ଘରୁ ବାହାରିପଡ଼ିଲୁଁ । ରାତିର ଅବଶିଷ୍ଟ ଅଂଶ ମହାଦେବଙ୍କ ମଣ୍ଡପରେ କଟେଇ ସକାଳୁ ଯାତ୍ରା ଆରମ୍ଭ କରିଦେଲୁଁ । ବାଟରେ ଦାମମାଷ୍ଟ୍ରେ ତାଙ୍କ କାମ ଚଳେଇଥାନ୍ତି । ପରୀକ୍ଷା ଖାତା କିପରି ଭାଙ୍ଗି ମାର୍ଜିନ୍ ଛାଡ଼ିବାକୁ ହେବ, କୁ ପଟେ କାଳିଘଡ଼ି ରଖିବାକୁ ପଡ଼ିବ, କୁ ପଟେ କଲମ ଥୋଇବ, କମିତି

ବେଞ୍ଚରେ ବସି ଡେଷ୍କଉପରେ ଲେଖିବ, ଏସବୁ ଅତି ମୂଲ୍ୟବାନ୍ ଉପଦେଶ ମୂଲ୍ୟହୀନ କରି ଘଣ୍ଟାଏ ବିଦ୍ୟୁତ୍‌ବେଗରେ ବିଚରଣ କରିବାରେ ଲାଗିଥାନ୍ତି—ଶୁଣି ଶୁଣି ମତେ ନିଦ ମାଡ଼ି ଆସୁଥାଏ ।

ବୃତ୍ତିପରୀକ୍ଷା କେନ୍ଦ୍ରରେ ପହଞ୍ଚୁ ପହଞ୍ଚୁ ପ୍ରାୟ ଦିନ ଦଶଟା; କିନ୍ତୁ ସେଠି ଯା ଶୁଣିବାକୁ ମିଳିଲା ସେଥିରେ ଦାମମାଷ୍ଟ୍ରଙ୍କ ମୁହଁ ଏକଦମ୍ ଫିକା ପଡ଼ିଗଲା । ଆମେ କେନ୍ଦ୍ରରେ ପହଞ୍ଚିଲୁ ଚଉଦ ତାରିଖ ଦିନ; କିନ୍ତୁ ବୃତ୍ତିପରୀକ୍ଷା ବାର ତାରିଖରୁ ସରିଥାଏ । ଏପରି ଭୁଲ୍ କମିତି ହେଲା ବୁଝି ବୁଝି ଜଣାପଡ଼ିଲା, ଦାମମାଷ୍ଟ୍ରେ ଯେଉଁ ଆଦର୍ଶ ନିଃ ପ୍ରାଃ ସ୍କୁଲରୁ ବୃତ୍ତିପରୀକ୍ଷା ତାରିଖ ଟିପି ଆଣିଥିଲେ, ସେଠାର ହେଡ୍‌ପଣ୍ଡିତ ଜାଣିଶୁଣି ଭୁଲ୍ ତାରିଖ ଦେଇଥିଲେ । ଆଦର୍ଶ ସ୍କୁଲର ହେଡ୍‌ପଣ୍ଡିତ ହେଇ କିଣ ତାଙ୍କର ବୁଦ୍ଧିର ଅଭାବ ! ଯଦି ଗୋଟେ ପ୍ରସ୍ତାବିତ ସ୍କୁଲର ପୁଅ ବୃତ୍ତି ପାଏ, ତେବେ ତାଙ୍କ ଆଦର୍ଶ ଅନୁଷ୍ଠାନର ମର୍ଯ୍ୟାଦା ରହିବ କମିତି ?

ଗାଁରେ ଯେତେବେଳେ ଏ ଖବରଟା ବ୍ୟାପିଗଲା, ସମସ୍ତେ ମୁହଁରେ ଦୁଃଖ କଲେ ସତ; କିନ୍ତୁ ମନେ ମନେ ଭାରି ଖୁସି ହେଲେ । କାରଣ ଏତେ ପିଲା ଥାଉଁ ଥାଉଁ ଚକୁଳି ଦାଶଙ୍କ ସାନପୁଅ ଗୁଣ୍ଡା କାଇଁକି ବୃତ୍ତି ପାଇବ ସେ କଥା ସେମାନେ ବୁଝିପାରୁ ନ ଥିଲେ, ଏପରି କି ଏ କଦର୍ଯ୍ୟ କାର୍ଯ୍ୟରେ ଦାମମାଷ୍ଟ୍ରଙ୍କର ଯଥେଷ୍ଟ ପକ୍ଷପାତ ବିଷୟ ଅଛି ବୁଝିପାରି ଅନେକେ ତାଙ୍କୁ ତଡ଼ିବାପାଇଁ ଭିତରେ ଭିତରେ ମସୁଧା କରୁଥିଲେ; କିନ୍ତୁ ସେମାନଙ୍କୁ ଆଉ ବିଶେଷ କଷ୍ଟ ସହିବାକୁ ପଡ଼ିଲା ନି । କାରଣ ଏତେ ଉଦ୍ୟମ

ଏବେ ଅନୁକୂଳସତ୍ତ୍ୱେ ମୋର ବୃତ୍ତି ପାଇବା ଅସମ୍ଭବ ହେଲା । ସମସ୍ତଙ୍କ ଅସନ୍ତୋଷର ତ ଗୋଟେ ଫଳ ଅଛି !

ହାମମାଷ୍ଟ୍ରେ ବୃତ୍ତିପରୀକ୍ଷା ଆୟୋଜନ ନିମିତ୍ତ ଯତ୍‌ସାମାନ୍ୟ ପାରିଶ୍ରମିକ ନେଇ ନନାଙ୍କୁ ଗୋଟେ ଆଶାର ବାଣୀ ଶୁଣେଇ-ଦେଲେ—ଯଦିଓ ମୁଁ ଦୁର୍ଭାଗ୍ୟବଶତଃ ଲୋଅର ପ୍ରାଇମେରୀ ବୃତ୍ତି ପାଇପାରିଲି ନି, ତଥାପି ମୋର ଅପର ପ୍ରାଇମେରୀ ବୃତ୍ତି ପାଇବା ଧ୍ରୁବସତ୍ୟ । ଏ ଭରସା ପାଇ ଆମ ଘରଠୁଁ ଦୁଇ ମାଇଲ ଦୂରରେ ଥିବା ଚଷାପଡ଼ା ଉ: ପ୍ରା: ସ୍କୁଲରେ ମତେ ପଢ଼େଇବାପାଇଁ ନନା ମନସ୍ଥ କଲେ । କିନ୍ତୁ ସେଠି କିଏ ହେଡ୍‌ପଣ୍ଡିତ ହେବ ସେ ବିଷୟ ନେଇ ଦୁଇ ଜଣ ଶିକ୍ଷକଙ୍କ ଭିତରେ ତୁମୁଳ ଗୋଳମାଳ ଲାଗି ଚାରି ମାସ ଆଗରୁ ସ୍କୁଲ ବନ୍ଦ ଥାଏ । ପିଲାଙ୍କର ହେଉଥାଏ ଛୁଟି । ଏଇ ଛୁଟିର ମଜା ମଧ୍ୟ ବଢ଼ାଇବାକୁ ଚତୁର ପିଲାମାନେ ଗାଈଗୋରୁଙ୍କ ସାହାଯ୍ୟରେ ସ୍କୁଲଘର ଚାଳ ଖିଆମତ ବରବାଦ କରିବାରେ ଲାଗିଥାନ୍ତି । ଫଳରେ ମୋର ସେ ସ୍କୁଲରେ ସାଙ୍ଗେ ସାଙ୍ଗେ ନାଁ ଲେଖାଇବା ସମ୍ଭବ ହେଲା ନି ।

କିଛି ଦିନପରେ ଆସିଲା ଶୀତଳଷଷ୍ଠୀ । ଏ ପର୍ବଟା ମାମୁ-ଗାଁରେ ଖୁବ୍ ଜାକଜମକରେ ପାଳିତ ହୁଏ ଏବଂ ପ୍ରତିବର୍ଷ ବୋଉ ଏଇ ସମୟକୁ ମାମୁଘରକୁ ଯାଏ । କୋଡ଼ପୋଛା ପୁଅ ହିସାବରେ ମୁଁ ମଧ୍ୟ ବୋଉବୋଉ ବୋଉ ସାଙ୍ଗରେ ଯାଇ ଏଇ ବିଖ୍ୟାତ ପର୍ବଟାରେ ଭାଗ ନେଉଥିଲି । କିନ୍ତୁ ଗତ କେତେ ବର୍ଷ ହେଲା ବୃତ୍ତିପରୀକ୍ଷା ବ୍ୟାଧି ହେତୁ ତା ସମ୍ଭବ ହେଉ ନ ଥିଲା । ମାତ୍ର ଯେତେବେଳେ ଗୋଟେ ବୃତ୍ତିପରୀକ୍ଷା କୌଣସିମତେ ମୋର

ବିନା ସହଯୋଗରେ ସରିଯାଇଥିଲା ଏବଂ ନିକଟ ଭବିଷ୍ୟତରେ ଅନ୍ୟ ବୃତ୍ତିପରୀକ୍ଷାର ଆଶଙ୍କା ନ ଥିଲା, ସେତେବେଳେ ମୋର ମାମୁଘରକୁ ଯିବାରେ କୌଣସି ତରଫରୁ କିଛି ଆପତ୍ତି ଉଠିଲା ନାହିଁ।

ପ୍ରତିବର୍ଷ ଦୁଇ ଘଣ୍ଟା ଯାତ୍ରାବାଲା ଆସନ୍ତି; କିନ୍ତୁ ସେ ବର୍ଷ ତୃତୀୟ ଘଣ୍ଟା ଆସିବାର ବନ୍ଦୋବସ୍ତ ହେଉଥିବାରୁ କୋରଣା ଗାଁଟାଯାକ ଘୋର ଉତ୍ତେଜନାରେ ଧୁ-ଧୁ ହଉଥାଏ। ଶୀତଳଷଷ୍ଠୀ ପୂର୍ବଦିନ ମତ୍ତଗଜପୁର ଘଣ୍ଟାଟା ଆସି ପହଞ୍ଚିଗଲେ। ଓଃ, କି ଆନନ୍ଦ ! ଗାଁଟା ଖାଲି ଥେଇ-ଥେଇ ହେଇଉଠିଲା। ସାଙ୍ଗେ ସାଙ୍ଗେ କିଏ ରଜା ହୁଏ, କିଏ ରାଣୀ ହୁଏ, କିଏ ଦୁଆରୀ ହୁଏ, ଏ ଖବର ଚାରିଆଡ଼େ ବ୍ୟାପିଗଲା। ଯାତ୍ରାବାଲାଙ୍କ ବସାଘର ଆଗରେ ଦେଖାଗଲା ବିପୁଳ ଜନସମାଗମ, ଠିକ୍ ନୂଆକଳେବରକୁ ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ସିଂହଦ୍ୱାରରେ ଯିମିତି ଭିଡ଼ ହୁଏ। ବଡ଼ଠାରୁ ସାନଯେ ସମସ୍ତେ କିପରି ଏ ଯାତ୍ରାବାଲାଙ୍କ ଦର୍ଶନ ପାଇବେ ସେଥିପାଇଁ ବ୍ୟାକୁଳ ହେଇପଡ଼ିଲେ। ବିଶେଷତଃ ଯେଉଁ ଟୋକାଟି ରାଣୀ ହୁଏ, ସେ ସମସ୍ତଙ୍କର ଅତି ଆଦରର ବସ୍ତୁ ହେଇଉଠିଲା। ସେ ଯୁଆଡ଼େ ଗଲା ତା ପଛେ ପଛେ ଗୁଣ୍ଡେ ବଡ଼ ଅନେକ ଲୋକ ଗୋଡ଼େଇଥାନ୍ତି। ଏପରି ପ୍ରସେସନ୍ ନିଜ ଭାଗ୍ୟରେ ମିଳିପାରିଲେ ଯେକୌଣସି ରାଜନୈତିକ ନେତା ମଧ୍ୟ ନିଜକୁ ଧନ୍ୟ ମଣିବା ସ୍ୱାଭାବିକ।

କାହା ଘରେ ରଜା ଖାଇବ ତ କାହା ଘରେ ରାଣୀ ଖାଇବ, କାହା ଘରେ ଦୁଆରୀ ଖାଇବ ତ କାହା ଘରେ ମନ୍ତ୍ରୀ ଖାଇବ—ଏଇ କଥା ନେଇ ଗାଁ ଗୋଟାକଯାକର ଲୋକେ ବିଶେଷ ବିବ୍ରତ

ହୋଇପଡ଼ୁଥାନ୍ତି । ବିଶେଷତଃ ମୋ ବୟସର ପିଲାଙ୍କ କଥା କହିଲେ ନ ସରେ । ସେମାନେ ଯେ କେତେବେଳେ ଖାଉଥିଲେ, କେତେବେଳେ ଶୋଉଥିଲେ, ତା ବୁଝିବା ବଡ଼ କଷ୍ଟ; କିନ୍ତୁ ମୋ ମନରେ ଗୋଟିଏ ଚିନ୍ତା—ଅପ୍‌ସରୀକୁ କିମିତି ଦେଖିବି । ମାମୁଘରକୁ ଆସିବାର ଗୃହରିଦିନ ହୋଇଗଲା; କିନ୍ତୁ କାହିଁ ତା ସାଙ୍ଗେ ତ ମୁହାଁମୁହିଁ ହେଲି ନ ? ଅନେକ ସମୟରେ ମନୁଷ୍ୟ-ପ୍ରବଂଚ ଉଆଡ଼ୀ ବୁଡ଼ା ସହିତ ବାଟରେ ଘାଟରେ ଦେଖାହୁଏ; କିନ୍ତୁ ସେ ତାଙ୍କ ପ୍ରସ୍ତାବିତ ଏବଂ ମୋହାରି କନିଅର ଫୁଲରେ କାର୍ଯ୍ୟରେ ପରିଣତ ସେଇ ବିଭାଘରର କଥା କଦାପି ଉଠାନ୍ତି ନି କି ତାଙ୍କ ନାତୁଣୀକୋଇଁ ପ୍ରତି ଯଥୋଚିତ ସମ୍ମାନ ଦେଖାନ୍ତି ନି । ଏଁ, ଏତେ ହତାଦର !

ଶୀତଳଷଷ୍ଠୀ ଦିନ ବାଜାଯାତ୍ରାଟା ଖୁବ ଜୋର୍‌ରେ ଜମି-ଉଠିଲା । ଅନ୍ୟ ପିଲାମାନଙ୍କ ସହ ମୁଁ ଅବଶ୍ୟ ଯାତ ଦେଖିବାକୁ ଗଲି; କିନ୍ତୁ ସେମାନେ ଯିମିତି ଏ ଉତ୍ସବରେ କ୍ଷୀରନୀରପରି ମିଶି-ଯାଇଥିଲେ, ମୁଁ ତା କରିପାରିଲି ନ । ଯୋଉଠି ଝିଅ ଦେଖିଲି, ସେଠି କାଳେ ଅପ୍‌ସରୀ ଥିବ ଏଇ ଆଶାରେ ଚଞ୍ଚଳତା ସହିତ ଉଣ୍ଡି ବୁଲିଲି । କିନ୍ତୁ କାହିଁ ? ଯାହାକୁ ଏତେ ମନ ଦେଇ ଖୋଜୁଥିଲି, ତାର ତ କୌଣସି ସୁରାକ୍ ନାହିଁ !

ସାତଦିନ ପରର କଥା । ଯାତ୍ରାବାଲାମାନେ ସେମାନଙ୍କ ରଜା, ରାଣୀ, ଦୁଆରୀଙ୍କୁ ନେଇ ସାରା ଗାଁଟାକୁ ଶୋକସାଗରରେ ଭସେଇଦେଇ ଚାଲିଯାଇଥାନ୍ତି; କିନ୍ତୁ ସେମାନଙ୍କ ମଧୁର ସ୍ମୃତି ଲୋକମାନଙ୍କ ମନରୁ ପୂରା ଲିଭି ନ ଥାଏ । ରାଣୀ ଗୀତ ବୋଇଲାବେଳେ କିମିତି ଆଖି ମାରୁଥିଲି, ରଜାର କିମିତି ଅଦ୍ଭୁତ ମୁକୁଟ, କିଏ ମନ୍ତ୍ରୀ ସହିତ ସଙ୍ଗାତ ହୋଇଥିଲା ତ କିଏ ଦୁଆରୀକ

## * ଚତ୍ୱାରିଂଶ *

ମିତ ବୋଲି ଡାକୁଥିଲି—ଏଇ ବିଷୟରେ ବେଶ୍ ଉଷ୍ମ ଆଲୋଚନା ଚାଲିଥାଏ । ଏ ଆଲୋଚନାର ମଧ୍ୟ ନିକଟରେ ବିରାମ ହବାର କୌଣସି ଆଶା ନ ଥିଲା । ଏ ଚାଲିବ ଇଲେ ପର ବର୍ଷ ଶୀତଳ-ଷଷ୍ଠୀ ପର୍ଯ୍ୟନ୍ତ—ପୁଣି ନୂଆ ରଜା, ନୂଆ ରାଣୀ, ନୂଆ ଦୁଆରୀ ଆସିବାଯାଏ । ମୋର କିନ୍ତୁ ଏସବୁରେ ଆଦୌ ମନ ନ ଥାଏ । ଏତେ ବଡ଼ ପର୍ବଟା ଗଲା, ଆଉ କିଛି ଦିନ ଗଲେ ଗାଁକୁ ଫେରିବି; କିନ୍ତୁ ଅପ୍‌ସରର ଟିକେ ଦେଖା ହେଲା ନ ।

ମାମୁ-ଗାଁକୁ ଲାଗି ଗୋଟେ ନଈଟିଏ—ନାଁ କାଦୁଆ । ନଈ-କୂଳରେ ଗୋଟେ ବିରାଟ ଆମ୍ବତୋଟା, ତୋଟାଭିତରେ ମହାଦେବଙ୍କ ମନ୍ଦିର । ପ୍ରକୃତିର ସେଇ ଶାନ୍ତ ମନୋହର ଭୂମିଖଣ୍ଡକରେ ଗୋଟେ ଦେଉଳଟି ବେଶ୍ ସୁନ୍ଦର ଦିଶେ । କେତେ ବଡ଼ ବଡ଼ ପଥର, କେତେ ସାନ ସାନ ଅମୁହାଁ ଦେଉଳ—ମତେ ସେ ଜାଗାଟି ଖୁବ ଭଲ ଲାଗେ । ଦିନେ ସକାଳେ ମୁଁ ନଈକୂଳେ ବୁଲୁଚି, ବାଳରବିଙ୍କ ଝକମକ ଗୋଲାପୀ କିରଣ ଦେଉଳ-ଚୂଡ଼ାକୁ ଅପୂର୍ବ ଆଲୋକରେ ମଣ୍ଡି ଦେଇଥାଏ । ଆଖପାଖ ଗଛଲଟାରେ ବାଜି ଉଠିଥାଏ ପକ୍ଷି-କଣ୍ଠର ମହା କୋଳାହଳ । ଝିରଝିର ଥଣ୍ଡା ପବନ ପ୍ରାଣରେ ସୃଷ୍ଟି କରୁଥାଏ ଆଶା ଓ ଆବେଗ । ହଠାତ୍ ଦେଖିଲି, ଦୁଇଟି ଝିଅ ଓଦାଲୁଗା ପିନ୍ଧି ଦେଉଳଭିତରୁ ବାହାରିଲେ । ସେମାନଙ୍କ ବୟସର ତାରତମ୍ୟ ଯାହା, ସେଥିରେ ସେଦୁହିଁଙ୍କୁ ମା ଝିଅ ମନେ କରିବାର କୌଣସି କାରଣ ନ ଥିଲା । ଭାବିଲି, ବୋଧ ହୁଏ ଦୁଇ ଭଉଣୀ ହେବେ ।

ଦୁହିଁଙ୍କ ମୁଣ୍ଡରେ ପୂରା ଓଢ଼ଣା, ସାନଟିର ଅବଶ୍ୟ ଟିକେ ବେଶୀ । ବଡ଼ ଝିଅଟିର ଦେହରେ ସେପରି କିଛି ଅଳଙ୍କାର

ନ ଥିଲା; କିନ୍ତୁ ସାନ ଝିଅଟି ମୁଣ୍ଡରୁ ଗହଣାରେ ପୂର୍ଣ୍ଣ, ଗୋଡ଼ରେ ହାତରେ ଆଦୌ ଟିକିଏ ଜାଗା ନ ଥାଏ—ମୋଟ, ସରୁ, କଣ୍ଟାଯୁକ୍ତ, କଣ୍ଟାବିହୀନ, ଗୋଲ, ଚେପ୍ଟା ଅନେକ ଧରଣ ଅଳଂକାରର ଗୁରୁଭାରର ବନ୍ଧନ କରି ସେ ଧୀରେ ଧୀରେ ଚାଲିଥାଏ । ଏତେ ଛୋଟ ଦେହଟାରେ ଏତେ ବେଶୀ ଅଳଂକାର ! ଏ ଗୋଟେ ଚଳନ୍ତା ଗହଣା-ଦୋକାନ ନା କଣ !

—ଆଲୋ ଅପି, ଶାମା ଲୋ !

—ଏଁ, ଛଆଡ଼ଆଣୀ ! ଏ ତେବେ ଅପ୍ସରା ନା କଣ !

ସାଙ୍ଗେ ସାଙ୍ଗେ ଓଢ଼ଣା ଟେକି ଅପ୍ସରା ଟିକେ ହସିଦେଲା ।

ତାର ସୁଢ଼ଳ ସୁଗୋଲ ଗୋରା ମୁହଁଟିରେ ସଫା ଦାନ୍ତଗୁଡ଼ିକ ସଜଫୁଟା ମଲ୍ଲୀଫୁଲପେନ୍ଥାପରି କ୍ଷଣକପାଇଁ ଝଲସିଉଠିଲା । ଆହା-ହା, କି ସୁନ୍ଦର !

ମୁଁ ଯେତେବେଳେ ଲୋଅର ପ୍ରାଇମେରୀ ବୃତ୍ତିପରୀକ୍ଷାକୁ ଯାଇଥିଲି, ସାହିତ୍ୟରେ ଗୋଟେ ମୁଁ ଊଣା-ଅଧିକେ ରଥୀ, ତେଣୁ ଅପ୍ସରା ଶବ୍ଦଟିର ଅର୍ଥ ବୁଝିବାରେ ମୋର ବାକି ନ ଥିଲା । ମନେ ମନେ ଭାବିଲି, ଛଆଡ଼ୀବୁଢ଼ୀର ଆଉ ଯାହା ଦୋଷ ଥାଉ ନା କାହିଁକି, ଅପ୍ସରା ନାଁଟି ଦେଇ ସେ ଯେ ଅଦ୍ଭୁତ ବୁଦ୍ଧିମତ୍ତାର ପରିଚୟ ଦେଇଚନ୍ତି, ସେଥିପାଇଁ ତାଙ୍କୁ ଜଣେ ସାହିତ୍ୟ-ବେତ୍ତା କି ସାହିତ୍ୟ-ଟୋକେଇ ଉପାଧି ଦବା ଉଚିତ ।

ଯୋଉ ଅପ୍ସରାକୁ ଦେଖିବାପାଇଁ ଏତେ ବିକଳ ହଉଥିଲି, ତାକୁ ନିକଟରେ ପାଇ ମନର ଭାବ ଲୁଚେଇବା ମୋ ପକ୍ଷରେ

ଅବଶ୍ୟ କଠିନ ହେଲା; କିନ୍ତୁ ବାହାରେ ପୂରା ଗାମ୍ଭୀର୍ଯ୍ୟ ପ୍ରକାଶ କରି ଗୁମ୍ ହୋଇ ରହିଲି । ବଡ଼ ହୋଇ ଯଦି ତାର ଦରଦ ନାହିଁ, ମୋର କାହିଁ ଏତେ ଗରଜ ପଡ଼ିଛି ଯେ ?

ତିଆଡ଼ିଆଣୀ ପଚାରିଲେ—ବାପା, ବୋଉ ଆସିଛି ? ଅତି କଷ୍ଟରେ ଶୁଖିଲା ଗଳାର କୁହାଣପରି କହିଲି—ହୁଁ-ଉଁ ।

. ଆଜିକି କହିବୁ ବୋଉକୁ ଦିନେ ଆମ ଘରଆଡ଼େ ବୁଲି-ଆସିବ—କହି ତିଆଡ଼ିଆଣୀ ଅପ୍‌ସରିକୁ ସାଙ୍ଗରେ ନେଇ ଚାଲିଗଲେ ।

—ଏଁ, ଏତେ ବେଖାତିର ! ପଦେ କଥା ବି ଭଲ କରି କହିଲେ ନି ! କୁଆଡ଼ିପାଇଁ ଏତେ ଅବହେଳା, କୁଆଡ଼ିପାଇଁ ଏତେ ଅପମାନ !

ବହୁ ଚେଷ୍ଟା କରି ଅନେକ ତଥ୍ୟ ସଂଗ୍ରହ କଲି । ତିଆଡ଼ିଙ୍କର ବିଭିନ୍ନ ସ୍ତ୍ରୀ-ଔରସରୁ ତିନୋଟି ପୁଅ । ବଡ଼ପୁଅ ବଡ଼ବୋହୂ କେତେ ବର୍ଷ ପୂର୍ବେ ଅପ୍‌ସରିକୁ ନିତାନ୍ତ ଶିଶୁ ଅବସ୍ଥାରେ ଛାଡ଼ିଦେଇ ଜଣକପରେ ଜଣେ ବସନ୍ତ ରୋଗରେ ଇହଲୀଳା ସାଙ୍ଗ କରିଥିଲେ । ସେହି ଦିନଠାରୁ ଅପ୍‌ସରୀ ହୋଇଛି ମା-ବାପ-ଛେଉଣ୍ଡ; କିନ୍ତୁ ତିଆଡ଼ିଙ୍କର ଗଳାର ହାର, ଅତି ସ୍ନେହ ଅତି ଆଦରର ଧନ । ତାକୁ ସାଙ୍ଗରେ ନ ଖୁଆଇଲେ ସେ ଖାଆନ୍ତି ନି, ପାଖରେ ନ ଶୁଆଇଲେ ଶୁଅନ୍ତି ନି ।

ବଡ଼ପୁଅ ବଡ଼ବୋହୂ ମରିବାପରେ ତିଆଡ଼ିଙ୍କର ବିଶେଷ ଅସୁବିଧା ଘଟିଲା । ଅନ୍ୟ କେହି ତାଙ୍କର ନିୟମିତ ପାନାହାର ଓ ଯଥାସମୟରେ ବି ଅଫିମ ଖାଇବାର ବନ୍ଦୋବସ୍ତ କଲେ ନି ।

ତେଣୁ ସେ ବାଧ୍ୟ ହୋଇ ନାତିନାତୁଣୀ ଦେଖିବାପରେ ମଧ୍ୟ ଚତୁର୍ଥ ଥରପାଇଁ ବେଦୀରେ ବସିଲେ । ଏଥିରେ ଅବଶ୍ୟ ତାଙ୍କ ନିଜ ଅସୁବିଧା ଦୂର ହେଲା; କିନ୍ତୁ ଅପ୍‌ସରା ! ଶେଷନିଃଶ୍ୱାସ ମାରିବା ପୂର୍ବରୁ ତାର ଗୋଟେ କିଛି ବ୍ୟବସ୍ଥା ତ କରିବା ଦରକାର, ନଚେତ୍ ସେ ବିଚାରୀ କାହାର ହେବ ? ବହୁ ଚେଷ୍ଟାପରେ ବାଛି ବାଛି ଛଆଡ଼ିବୁଢ଼ା ପାତ୍ରଟିଏ ଠିକ୍ କଲେ । ବରଘର ଚଳନ୍ତି ଭଲ । ଶାଶୁ, ଶଶୁର, ଦେଢ଼ଶୁର, ବଡ଼ ଯା, ପୁତୁରା, ଝିଆରୀ କୌଣସିଥିରେ ଅଭାବ ନାହିଁ । ଜ୍ୱାଇଁଟିର ଘରସଂସାର ମଧ୍ୟ ଏ ପ୍ରଥମ ନୁହେଁ । ଥରେ ସେ ବିଭା ହୋଇଥିଲେ; କିନ୍ତୁ ଅକାଳରେ ତାଙ୍କର ପତ୍ନୀବିୟୋଗ ଘଟିବାରୁ ସେ ଛଆଡ଼ିଙ୍କୁ ଅପ୍‌ସରା-ଚନ୍ଦ୍ରାରୁ ରକ୍ଷା କରିବାକୁ କ୍ଷମ ହେଲେ । ଅସୁବିଧା ଏତିକ ଯେ ଝିଅଟି ଭାରି ଶ୍ରେଷ୍ଠ; କିନ୍ତୁ ବରପକ୍ଷର ବଡ଼କନ୍ୟାପାଇଁ କିଛି ତୋଡ଼ଯୋଡ଼ ନ ଥିଲା । ଛଆଡ଼ି ନିଜେ ଯେତେବେଳେ ଚତୁର୍ଥପକ୍ଷରେ ଯାଇଚନ୍ତି, ନାତୁଣୀପାଇଁ ଦ୍ୱିତୀୟପକ୍ଷରେ ତାଙ୍କର କିଛି ଆପତ୍ତି ରହିଲା ନାହିଁ । ବୁଝିପାରିଲି ସେଦିନ ଅପ୍‌ସରାର ଯୁ ଗହଣା ଓଢ଼ଣୀ ସେ କେବଳ ଏଇ ବିଚିତ୍ର ବିବାହର ଫଳ ।

ବିବାହ, ପ୍ରେମ, ବିଚ୍ଛେଦ ଏ ବଡ଼ ବଡ଼ କଥାର ପ୍ରକୃତ ମର୍ମ ବୁଝିବାର ବୟସ ମୋର ହୋଇ ନ ଥିଲା । ଅପ୍‌ସରାପ୍ରତି ମୋର ଯେ ମମତା ସେ କେବଳ ପିଲାଖେଳ, ଗୋଟେ ନିରର୍ଥକ ଖିଆଲ ଛଡ଼ା ଆଉ କଣ ହୋଇପାରେ ? ତଥାପି ଅପ୍‌ସରା ଅନ୍ୟ ଜାଗାରେ ବିଭା ହୋଇଛି, ତାର ମୋର ସ୍ୱାମୀ-ସ୍ତ୍ରୀ ହେବା ଜୀବନରେ ସମ୍ପୂର୍ଣ୍ଣ ଅସମ୍ଭବ, ଏ କଥା ଜାଣିଲାକ୍ଷଣି ମୋ ପ୍ରାଣରେ ମହାଆଘାତ ଲାଗିଲା, ଆଖି ଛଳଛଳ ହୋଇଆସିଲା । ଯୋଉ ମାମୁ-ଗାଁପାଇଁ

* ସତଗ୍ଳଶ *

ଢନେ ମନ ଏତେ ବ୍ୟାକୁଳ ହଉଥିଲା, ଯୁଠିକି ଆସିବାକୁ ମୁଁ ନାନା ବାହାନା ଖୋଜୁଥିଲି, ସେ ଆଜି ଅତି ବାସି, ଅତି ତୁଚ୍ଛ ମନେ ହେଲା । ଆଉ ସେଠି କ୍ଷଣେ ରହିବାକୁ ମୋର ଇଚ୍ଛା ହେଲା ନି । ବ୍ୟଥାଭରା କଣ୍ଠରେ ବୋଉକୁ କହିଲି :


—ବୋଉ, ଚାଲ୍ ଗାଁକୁ ଫେରଯିବା ।

—କାହିଁ ଇମିତି ତରତର, କଣ ହେଲା କି ବାପା ? କିଏ କିଛି କହିଲା ?

—ନାହିଁ ମୋ ସ୍କୁଲ ଖୋଲିବଣି, ନନା ରାଗୁଥିବେ ।

—ଏଁ, ସତ କହୁଚୁ ଗୁଣ୍ଡା ? ପାଠପ୍ରତି ତୋର ଏତେ ମମତା !

ପ୍ରଗତି ଉତ୍କଳ ସଂଘ, ରାଉରକେ
ପାଠାଗାର
ନଂ ..........................
ତା ..........................



# ଜୀବନ୍ତ ପ୍ରେତ

ବାସ୍ତବିକ ଗାଁକୁ ଫେରିବାପରେ ପାଠପ୍ରତି ମୋର ବିଶେଷ ମମତ ପ୍ରକାଶ ପାଇଲା—ଆଉ ସେ ଖେଳାବୁଲା ନାହିଁ, ଦୁଷ୍ଟାମି-ଚଗଲାମି ନାହିଁ । ଯାହାର ଉତ୍ପାତରେ ସାରା ଗାଁ ଜନେ ତ୍ରାହି-ତ୍ରାହି ଡାକୁଥିଲା, ସେ ମାଛିକି ମଧ୍ୟ ମୁଁ କହୁ ନ—ସେ କି ଧୀର, କି ଶାନ୍ତ ! ସମସ୍ତେ କହିଲେ—ଏଇ ଗୁଣ୍ଡା ସେ ! ପୁରୁଷୋତ୍ତମପୁର ଚଣ୍ଡାଶୋକ ହଠାତ୍ ଧର୍ମାଶୋକ ପାଲଟିଗଲେ; କିନ୍ତୁ କେଉଁ କଳିଙ୍ଗଯୁଦ୍ଧରୁ ଏପରି ପରିଣତି ଘଟିଲା, ତାହା କେହି ଜାଣି-ପାରିଲେ ନି ।

ଆମ ଘରର ଆର୍ଥିକ ଅବସ୍ଥା ଯାହା, ସେଥିରେ ଚଷାସାହି ସ୍କୁଲ ଟପିବା ମୋ ପକ୍ଷରେ ସମ୍ଭବପର ହୋଇ ନ ଥାନ୍ତା । କିନ୍ତୁ ଦୈବଯୋଗରୁ ବୃତ୍ତିଟିଏ ଲେଖେଁ ମିଳିଯିବାରୁ ଉଚ୍ଚଶିକ୍ଷାର ମଧୁର ସ୍ୱପ୍ନ ଭାଗ୍ୟରେ ଜୁଟିଲା ।

## ✳ ଅଣଋଣ ✳

ମାଇନରପର୍ଯ୍ୟନ୍ତ କୌଣସିମତେ ବୃତ୍ତିଟଙ୍କାରେ ଚଳିଗଲା କିନ୍ତୁ ଯେତେବେଳେ ମାତ୍ର ପାଞ୍ଚଟଙ୍କା ସାତଅଣା ସମ୍ବଳ କରି କଟକ କଲେଜିଏଟ୍ ସ୍କୁଲରେ ନାଁ ଲେଖାଇଦେଲି, ଅବସ୍ଥା ବଡ଼ ସାଂଘାତିକ ହୋଇଉଠିଲା । ବାରମ୍ବାର ଡାକଦା ଫଳରେ ନନା ପ୍ରଥମେ ପ୍ରଥମେ ଦୁଇମାସ ତିନିମାସରେ ପାଞ୍ଚଟଙ୍କା ଦଶଟଙ୍କା କଲେଖେଁ ପଠେଇଦେଇ ପୁଅର ମେଟ୍ରିକ୍ ପଢ଼ାରେ ସର୍ବସ୍ୱାନ୍ତ ହେଲେଣି ବୋଲି ଗ୍ରାମଆଡ଼େ ପ୍ରଚାର ଚଳେଇଦେଲେ; କିନ୍ତୁ କିଛି ଦିନପରେ ସେତିକ ବି ବନ୍ଦ । ମତେ ଆଉ ସାହାଯ୍ୟ ଦେଇପାରିବେ ନି, ଏଇ ସଂକ୍ଷିପ୍ତ ସମ୍ବାଦଟା ସଂକ୍ରାନ୍ତି କାର୍ଡ ଖଣ୍ଡିକରେ ଲେଖିଦେଇ ସେ ପୁଅର ଭବିଷ୍ୟତ୍ ଶିକ୍ଷା ସମ୍ବନ୍ଧରେ ନିଶ୍ଚିନ୍ତ ରହିଲେ ।

ବଡ଼ ଅସୁବିଧାରେ ପଡ଼ିଲି । କାହା ପାଖକୁ ଯିବି, କାହାର ସାହାଯ୍ୟ ନେବି, କି ହଠାତ୍ ପୋଥିରେ ଡୋର ବାନ୍ଧି ଗାଁକୁ ଫେରିବି—କିଛି ଠିକ୍ କରିପାରିଲି ନି ।

ଦୈବାତ୍ ଗୋଟିଏ ସୁବିଧା ଜୁଟିଲା । ସ୍କୁଲର କାଳିମାଷ୍ଟ୍ରେ ମୋ ପଢ଼ାପଢ଼ି ଆଚରବ୍ୟବହାର ଦେଖି ମୋପ୍ରତି ବିଶେଷ ଆକୃଷ୍ଟ ହୋଇପଡ଼ିଥାନ୍ତି । କ୍ରମେ ଦେହପା'ର ଭଲମନ୍ଦ ଖବର, ଖାଇବା-ପିଇବାର ସୁବିଧା-ଅସୁବିଧା କଥା ବୁଝିବୁଝି ମୋର ଆର୍ଥିକ ଦୁରବସ୍ଥା ବିଷୟ ଜାଣିପାରି ପୂରା ସାହାଯ୍ୟ ଦେବାକୁ ଲାଗିଲେ । ପ୍ରଥମେ ପ୍ରଥମେ ନା ନା କରୁଥିଲି, ପରେ ମାସକୁ ମାସ ଗଣିମତ ଟଙ୍କା ନେଲି । ଯା ହେଉ, ଭଲ ହଉ, ମନ୍ଦ ହଉ, କୌଣସିମତେ ଟଙ୍କା ମିଳିଲା, ଦୁଶ୍ଚିନ୍ତାରୁ ରକ୍ଷା ପାଇଲି !

ମାଷ୍ଟ୍ରେ ବିଚରାଟି ବଡ଼ ସାଧାସିଧା ଲୋକ । ଚେହେରା ନିତାନ୍ତ ଶୁଷ୍କ ଓ ଶୀର୍ଣ୍ଣ, ଲୁଗା ଅତି ମଇଳା, ମୁହଁଟି ଦୁଃଖ ଦୈନ୍ୟରେ

ଉଗ୍ର । ଦିନଯାକ ସ୍କୁଲରେ ପଢ଼ାନ୍ତି, ସଞ୍ଜ ହେଲେ ସହରର ଘରଆଡ଼େ ବୁଲି ଟିଉସନ କରନ୍ତି । ସେ ଉଦାସଭାବ, ସେ ଭାବାକ୍ରାନ୍ତ ଭାଷାରୁ ମନେ ହୁଏ, ସତେ ଅବା କୌଣସି ବିଷମ ବ୍ୟାଧି ବା କୌଣସି ଦୁରୂହ ଚିନ୍ତା ତାଙ୍କ ମନପ୍ରାଣକୁ ସଦା ସର୍ବଦା ଗ୍ରାସ କରି ରହିଛି ।

ଏଇ କାଳିମାଷ୍ଟ୍ରଙ୍କୁ ନେଇ ସ୍କୁଲରେ ସୃଷ୍ଟି ହୋଇଥାଏ ଅନେକ ରଙ୍ଗରସ । ତାଙ୍କୁ ନାନାପ୍ରକାରେ ହଇରାଣ କରିବା, ଯିବାଆସିବାବେଳେ ଚିଡ଼େଇବା, ମିଛସତ କହି ତାଙ୍କ ନାଁରେ କାହାଣୀ ସୃଷ୍ଟି କରିବା ହୋଇଥାଏ ପିଲାଙ୍କର ପ୍ରଧାନ କାମ । ଏମାନଙ୍କ ଉତ୍ପାତରେ କ୍ଲାସରେ ପଢ଼େଇବା ତ ଦୂରର କଥା, ରାସ୍ତାରେ ଚାଲିବା ମଧ୍ୟ ମାଷ୍ଟ୍ରଙ୍କ ପକ୍ଷରେ ଅତି ଅସମ୍ଭବ ହୋଇଉଠିଥାଏ; କିନ୍ତୁ ମାଷ୍ଟ୍ରେ ପୂର୍ବସମୁଦ୍ରପରି ସବୁବେଳେ ନୀରବ ଓ ନିଶ୍ଚଳ, କୌଣସି କଥାର ପ୍ରତିବାଦ କରନ୍ତି ନି କି କାହାଉପରେ ବିରକ୍ତ ହୁଅନ୍ତି ନି; ବରଂ ସୁବିଧା ପାଇଲେ ପିଲାମାନଙ୍କୁ ଅନେକ କଥା ବୁଝେଇବସନ୍ତି, ଅନେକ ହିତୋପଦେଶ ଦିଅନ୍ତି । କିନ୍ତୁ ନୀତିବାକ୍ୟ ଶୁଣିବାର ମାନସିକ ଅବସ୍ଥା କଣ ପିଲାଙ୍କର ଥାଏ ? ସବୁ କଥା ନେଇ ତାଙ୍କ ଭିତରେ ଏତେ ଉତ୍ତେଜନା, ଏତେ ଉଦ୍ଦୀପନା, ସେମାନେ ତାଙ୍କୁ ସହଜରେ ଛାଡ଼ନ୍ତି କେମିତିକେ ?

ବେଳେବେଳେ ପିଲାଙ୍କର ଅତ୍ୟାଚାର ଏତେ ଜୋରରେ ଚାଲିଉଠେ, ଏତେ ବୀଭତ୍ସତା ସୃଷ୍ଟି କରେ ଯେ ମାଷ୍ଟ୍ରଙ୍କ କଣ୍ଠ ଥରିଉଠେ, ଆଖି ଛଳଛଳ ହୋଇଆସେ । ମନେ ହୁଏ ଭିତର ଦୁଃଖ ଲୁହରେ, ଅହ୍ନା-ହ୍ନା, ଛୁଟିସ୍ପତି କାନ୍ଦପକେଇବ ନା କଣ ? କିନ୍ତୁ ମାଷ୍ଟ୍ରେ ଶେଷରେ ହସିଦିଅନ୍ତି । ସେ ହସରେ କି ଦୁଃଖ, କି

ନିର୍ଯାତନା, କି ବ୍ୟଥା ! ସତେ ଅବା ଲୁହର ଉଚ୍ଛ୍ୱାସ ବନ୍ଦ କରିବାକୁ ଯାଇ ସେ ଦାନ୍ତ ନିକୁଟିଦେଉଥିଲେ !

ମାଷ୍ଟ୍ରଙ୍କର ସେ ଢଙ୍ଗରଙ୍ଗ, ସେ ଦୁଃଖନୈରାଶ୍ୟ, ସେ ମାରସା ଖାଉ ଚେହେରା ଦେଖିଲେ ମତେ ବଡ଼ ବାଧେ । ମନେ ମନେ ଭାବେ, ଏପରି ଲୋକର କଷ୍ଟଅର୍ଜିତ ଧନରୁ କାଣୀ-କଉଡ଼ିଟିଏ ବି ଧାରିବା ପାପ; ମାତ୍ର, ଦାରିଦ୍ର୍ୟରେ ସବୁ ପାପ ସମ୍ଭବ । ଯେତେ ଅନିଚ୍ଛା ଥିଲେ ସୁଦ୍ଧା, ଯେତେ କଷ୍ଟ ହେଲେ ମଧ୍ୟ ମାଷ୍ଟ୍ରଙ୍କ ଝାଳବୁହା ଲୁହମିଶା ଅର୍ଥର ବୋରବୋର ସଦ୍‌ବ୍ୟବହାର କରିବାକୁ ଲାଗିଲି । ମାଟ୍ରିକ୍ ଗଲା, କଲେଜ ହେଲା, ହେଲେ ସେଇ ମାଷ୍ଟ୍ରଙ୍କ ଠଙ୍କାରେ ।

ଅନେକ ବର୍ଷ ପରର କଥା କହୁଛି । ଥାର୍ଡ୍ ଇୟରରେ ନାଁ ଲେଖେଇ ନୂଆ କରି ନେଇଥିବା ଏକନମିକ୍ସ ଅନର୍ସର ବଡ଼ ବଡ଼ କେତେ ଖଣ୍ଡ ବହି ଧରି ଦୋଳଛୁଟିରେ ଗାଁକୁ ଯାଇ-ଥାଏଁ । ଲୋକେ ମୋ ଚେହେରା ଦେଖି ଏକଦମ୍ ଅବାକ୍ । ସେ ଲମ୍ବା ପ୍ୟାଣ୍ଟ୍, ସେ ସିଲ୍କ ସାର୍ଟ, ସେ ସୁନ୍ଦର ଟେରି, ସେ ଫ୍ଲେକ୍ସ ଜୋତାରେ ଆଖି ପଡ଼ିବାକ୍ଷଣି ସମସ୍ତେ ମତେ ଆଁ କରି ଗିଳି-ରହିଲେ—କି ବେଶ, କି ପୋଷାକ; ଗୁଣ୍ଡା ପୁଣି ଯୁବା ହେଲା ! ଲୋକେ ହାଇ-ହାଇ କଲେ । କହିଲେ, ସବୁ ଭାଗ୍ୟର ଫଳ ! କିନ୍ତୁ ପ୍ରକୃତରେ କହିବାକୁ ଗଲେ ସବୁ ମାଷ୍ଟ୍ରଙ୍କ ଦୟା ।

ମୋ ପଢ଼ାପଢ଼ିର ସମସ୍ତ ଭୁକ୍ତାନ୍ତ, ବୃତ୍ତି ପାଇବାର ବହୁତ [illegible] ଆଗରୁ ପ୍ରସ୍ତୁତ କରିଦେଇଥାନ୍ତି, ଆଜି ତା ସାଙ୍ଗେ ସାଙ୍ଗେ ମଧ୍ୟ କହିଦେଇଥାନ୍ତି ଯେ ମୋର ବି.ଏ. ପାସ୍ କରିବାକୁ ଆଉ ମାତ୍ର ଦୁଇ ବର୍ଷ ରହିଲା । ତେଣୁ ମୁଁ ଗାଁରେ ପହଞ୍ଚିବାକ୍ଷଣି

## * ବାଉନ *

ଦେଖ ଭଉ ! ସେଠି ବହୁ ଅସଂଖ୍ୟ ଲୋକ ଆମ ଘରେ ଆସି ଜମା ହୋଇଗଲେ, ସତେ ଯେପରି ମୁଁ ଚିଡ଼ିଆଖାନାର ଗୋଟେ ବିକୃତ ଜାନୁଆର । କିଏ ପଚାରିଲା, ମୁଁ ବି. ଏ. ପାସ୍ କଲେ ଜଜ୍ ହେବି ନା କଲେକ୍ଟର ହେବି, କିଏ କହିଲା ଏତେ ପାଠ ପଢ଼ି ମୁଁ ମୋ ସେଠି ମୁଣ୍ଡଟାରେ ରଖୁଥିଲି କେମିତି ? କାଞ୍ଚି ମାହାପାତ୍ରେ ଅତି ଆପଣାର ହୋଇ କହିବସିଲେ, ଆରେ ଆମ ଗୁଣ୍ଡା ପୁଣି ଯୁହବ ବୋଲି କିଏ ଜାଣିଥିଲା, ଏଡ଼ିକି ଏଡ଼ିକି ବହିଟାମାନ ସେ ପଢୁଚି ! ଲୋହିକାଠିଏ ପଢ଼ିଲେ ଗଣେଶ୍ୱର, କିନ୍ତୁ ଗୁଣ୍ଡା ତ ଆମର ଛାଙ୍କୁ ଡିପିଗଲା !

ଏଥିମଧ୍ୟରେ ଦି ଖାଇନାଯାକ ବର୍ଷ ହୋଇସାରିଥାନ୍ତି । ତେଣୁ ହାତକୁ ଦି'ହାତ ହବାପାଇଁ ମୋ ଲାଇନ୍ ପୂର୍ବ କ୍ଲିୟର । ଯେତେ ଦିନ ଘରେ ରହିଲି, ଅନେକ ଆଡ଼ୁ ଅନେକ ବିବାହ-ପ୍ରସ୍ତାବ ଆସି ପହଞ୍ଚିଲା, ଖୁବ୍ ମୂଲ୍ୟବାନ୍ ପ୍ରସ୍ତାବ ମଧ୍ୟ—କିଏ କହିଲା, ଯେତେ ଖର୍ଚ୍ଚ ପଡ଼ିଲେ ମଧ୍ୟ ଦୁଇ ଅଣା ସୁନାର ମୁଦିଟେ ସେ ନିଶ୍ଚେ ଦବ, କିଏ ମାସକୁ ପଢ଼ାଖର୍ଚ୍ଚ ବାବଦରେ ତିନିଟଙ୍କା ଲେଖେଁ ସାହାଯ୍ୟ କରିବ, କିଏ ବା ଏକକାଳୀନ ଶାଢ଼ୀ ପାଞ୍ଚ ଛଡ଼ା ରାସ୍ତାଖର୍ଚ୍ଚ ବାବଦକୁ ପଚିଶ ଟଙ୍କା ନଗଦ ଦବ ।

ଦିନେ କାଞ୍ଚି ମାହାପାତ୍ର ବୁଢ଼ା ଆମ ଘରକୁ ଆସି ବିଶ୍ୱାସରେ ନନାଙ୍କୁ କହିବସିଲେ :

—ବାପ, ଏ ଗାଁ କଳଗୋଳରେ ମୁଁ କେତେବେଳେ ତୁମ ସପକ୍ଷରେ ପଦେଅଧେ କହିଦେଇଁ ବୋଲି ତୁ କଣ ମୋ ଉପରେ ଖପା କରିଚୁ କିରେ ? ଆରେ ମୋ ମନରେ ଛନ୍ଦକପଟ ନ ଥାଏ ବା, ଖାଲି ଏଇଠୁ—

## ✻ ତେପନ ✻

ଏତକ କହି ମାହାପାତ୍ରେ ତଣ୍ଟିଟା ଦେଖେଇଦେଲେ । ତାପରେ ସେଇ ତଣ୍ଟିପାଖରୁ ଗୋଟେ ଝଙ୍କାଳିଆ ଖଙ୍କାର ଖାଇ ଜୋର୍‌ରେ ଟାଣିଆଣି ପୁଣି ଆରମ୍ଭ କଲେ :

—ଆରେ, ଅନେକ ଦିନୁଁ ଗୋଟେ କଥା ତତେ କହିବି ବୋଲି ଭାବୁଚି; ହଉ ବାପ, ଗୁଣ୍ଡିପନ ନାଇଁ ଟିକେ ଆଣିଲୁ, ସକାଳୁ କିଛି ନାଇଁ ଯେ ପାଟିଟା ଖାଲି ପିତା ହଉଚି ।

ଗୁଣ୍ଡିପନ ଆସିଲା । ତାକୁ ଖାଇ ତା ଗରମରେ କଥାଟାକୁ ପୁଣି ଟିକେ ତେଜେଇ ମାହାପାତ୍ରେ କହିଲେ :

—ଶୁଣିଲୁ, ସାନପୁଅର ବିଭାଘର କରୁଚୁ । କାଇଁ ନ କରିବୁ, ଭାଗ୍ୟବାନ୍ ଲୋକ । ହେଲେ, ପଇସା ଲୋଭରେ ତୁ ଆଉ ଅକୁଳରେ ବସିବୁ କି ? ବେଳକୁ ଯେମିତି ପାଣିପାନୀଏ ପାଇବୁ, ତାର ବନ୍ଦୋବସ୍ତ କର ।

ଟିକିଏ ନୀରବ ରହି ପୁଣି ଖିଅ ଧଇଲେ—ଏ ମୁଁ କଣ କହୁଥିଲି କି ଆମ ସେ ଝିଅଟୁଆ, ଟୋକାଟାକୁ ତ ଗଲା ଭେଦୁଅରୁ ଆଠ ଗଳିଲା; କିନ୍ତୁ ପେଟଭିତରେ ଗୋଟେ କି ନାଡ଼ା ଉଠିଚି ଯେ ଦିନକୁ ଦିନ ସେ ଉପରକୁ ବଢ଼ିବ କଣ ତଳକୁ ତଳ ଖସିଯାଉଚି । ହେଲେ, ମାଇକିନିଆ ଝିଅ, ଖତଗଦା ସାଙ୍ଗେ ସମାନ, କାଲି ବଡ଼ ହେଇଯିବ । କିନ୍ତୁ ସେ ଯାହା ହଉ ବାପ, ସତ କହୁଚି, ମୁଁ କିଛି ଦେଇପାରିବି ନି । ଆମ ସମୟରେ ଅବଶ୍ୟ ଟଙ୍କା ଦେଇ କନ୍ୟା କିଣୁଥିଲେ, ସେସବୁ କିଏ ତତେ ମାଗୁନି, ଖାଲି ଝିଅଟିଏ ଆଉ ଗୁଆଟିଏ ମୁଁ ଟେକିଦେବି ।

* ଚନ୍ଦନ *

ନନା ସବୁ କଥାରେ ହୁଁ-ହାଁ କରି ଶେଷରେ କହିଲେ—ଖାମା ଭଲେ ବଡ଼ ହବ ନି, ପଢ଼ିଲା ପିଲା, ଏସବୁରେ ମନ ପଶିଲେ ଚଗଲା ଧରିଯିବ ।

ଏତେ ବଡ଼ ପରିଶ୍ରମଟା ହଠାତ୍ ନଷ୍ଟ ହବାର ଦେଖି ମାହାପାତ୍ରେ ବଡ଼ ବିବ୍ରତ ହୋଇପଡ଼ିଲେ । କିଛି ସମୟ ନିର୍ବାକ୍ ରହି ପୁଣି ନରମ କଣ୍ଠରେ କହିଲେ :

—ହଉ ବାପ, ତୋ ଇଚ୍ଛା, ତେବେ ଯା, ପାନଫାଳେ ଥିଲେ ଆଣ ।

ପାନ ଆସିଲା

—ତୁମ ଘରେ ଗୁଆ ନାହିଁ ବାପ ?

ପାନରୁ ଗୁଆ, ଗୁଆରୁ ଗୁଣ୍ଡି, ଗୁଣ୍ଡିରୁ ଖଇର ଯୋଗାଡ଼ କରି ପାନ ଖଣ୍ଡିଏ ସଜାଡ଼ି, ତାକୁ ଦୁଇ ଭାଗ କରି ଭାଗେ ଅଣ୍ଟାସ୍ଥ, ଭାଗେ ମୁଖସ୍ଥ କରି ପୁଣି ଗୋଟିଏ ମଧୁର ଖଙ୍କାର ଖାଇଦେଇ ମାହାପାତ୍ରେ ରାସ୍ତା ଧଇଲେ । ମୁଁ ଖେଁ କରି ହସିଉଠିଲି । ଗୁଣ୍ଡାକୁ ଝାଟୁଆ; ଏତେବଡ଼ ପବିତ୍ର ପ୍ରଜାପତି-ସମ୍ବନ୍ଧଟା ଅକାରଣ ନଷ୍ଟ ହୋଇଗଲା !

ଦୋଳଯାତ ଯୋଗେ ଗାଁରେ ବହୁତ ଗୋଳମାଳ, ବହୁତ ଦୁର୍ଘଟଣା ସୃଷ୍ଟି ହୋଇଥାଏ । ଦଅଁ ରାତିରେ ଘୋଷଣୀରେ ଆସି ସମସ୍ତଙ୍କ ଦାଣ୍ଡରେ ଭୋଗ ପାଉଥାନ୍ତି । ଭୋଗର ମାତ୍ରା କିଛି କମ୍ ନୁହେଁ, ବୋତା ବୋତା ଗୁଡ଼ବନ୍ଧାନ ଶୁକ୍ଳାମ୍ବର ବେଙ୍ଗଲଗା ଲିଆ । ଏଇ ଲିଆଟାର ପ୍ରଚଳନ ମଫସଲରେ ଟିକେ ବେଶୀ; କାରଣ

## * ଯାଆଳନ *

ଅଳ୍ପ ଖର୍ଚ୍ଚରେ ଖୁବ୍ ବେଶୀ ଦେଖାଯାଏ, ଖୁବ୍ କମ୍ ଚେଷ୍ଟାରେ ଜଳଖିଆ ପ୍ରସ୍ତୁତ ହୋଇପାରେ, ଯାଆଁଙ୍କୁ ଦେଲେ ଯାଆଁ ସନ୍ତୁଷ୍ଟ, ବନ୍ଧୁବାନ୍ଧବ ସାଇଭାଇ ଯାହାଙ୍କୁ ବାଣ୍ଟିଲେ କେହି ଆଖିବୁଜିଆ; ପ୍ରକୃତରେ ଜନଷରେ ଜନଷଟେ ଏକା ଏ ଲିଆ !

ଗାଁରେ ଚାଲିଥାଏ ବିଶେଷ ଧୁମ୍‌ଧାମ୍, ବହୁତ ଧାଁ-ଧପଡ଼; ଛୋଟଠୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଯେଉଁଠାର ବହୁ ଛିଦ୍ରବିଶିଷ୍ଟ ଅଥଚ ଖୁବ୍ ଯତ୍ନରେ ସୁରକ୍ଷିତ କୁଞ୍ଚକରା ପେଡ଼ିଲୁଗାଠା । ସଞ୍ଜବେଳକୁ ପିନ୍ଧିପକେଇ ଯାଆଁଙ୍କ ଅପେକ୍ଷାରେ ରହନ୍ତି । ଏପରି କି ବୁଢ଼ା ଠେକୁଆ ମିଶ୍ରେ ମଧ୍ୟ ନଅଙ୍କ ପୂର୍ବରୁ ତାଙ୍କ ନନା କିଣିଥିବା ଓ ତାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ସୂତାକାଣ୍ଟି ଆଠା । ଯାହାକୁ ଜଣ ତାର ଯଥାବିଧି ସଦ୍‌ବ୍ୟବହାର କରୁଥାନ୍ତି । କି କଥା ଏ, କରନ୍ତେ ନି, ସମସ୍ତଙ୍କର ପୁଣି ତ ଗୋଟେ ସକ୍ ଅଛି !

କାଞ୍ଚି ମାହାପାତ୍ରଙ୍କ ବଡ଼ପୁଅ ଗାଲୁଆ ନିକଟରେ ବିଦେଶରୁ ଫେରିଥାଏ । ସେ କଣ ସାଙ୍ଗରେ ଆଣିଛି ନ ଆଣିଛି, ଏଇ କଥା ନେଇ ସୃଷ୍ଟି ହୋଇଥାଏ ବହୁ ଜନରବ, ବହୁ କୁହାକୁହି । କିଏ କହେ ଆଣିଛି ହଁ, ହେଲେ ଯତ୍‌କିଞ୍ଚିତ୍ । କିଏ କହେ ଆରେ ସବୁ କଣ ବାହାରେ ଅଛି ଯେ ତୁମେ ଠଉରେଇବ ? କାଞ୍ଚି ମାହାପାତ୍ର ସାର ସାର ଜନଷ ଦେଖି ପୋଷ୍ଟ ପକେଇଲାଣି ନା । ତେବେ ଏତକ ସମସ୍ତଙ୍କୁ ଜଣା ଯେ ଗାଲୁଆ ସାଙ୍ଗରେ ଆଉ ଯାହା ଆଣୁ ନ ଆଣୁ ପାଞ୍ଚଖଣ୍ଡ ନୂଆ ପୁରୁଣା ଲୁଗା, ଅଧ ଡଜନେ ସନ୍‌ଲାଇଟ୍ ସାବୁନ, ପିଟ୍ସେ ସୋରିଷ ତେଲ ଓ ମୁଣିଏ ଗୁଆମସଲା ଆଣିଥିଲା । ଏ ଗୁଣା ଭରତ ହେଲାଣି ନା କଣ ?

* ରୁଷନ *

ସମସ୍ତେ କହିଲେ, ଆହା-ହା ଯୋଗ୍ୟ ପୁଅ । ଏତେ ଦିନେ ବୁଢ଼ା ମାହାପାତ୍ରର ଦୁଃଖ ଗଲା । କିନ୍ତୁ ତ ଯାହା ଆଣିଚି ଆଣିଚି, କି ପୋଷାକ ! ବାସ୍ତବିକ ଗାଲୁ ମାହାପାତ୍ରଙ୍କ କଲିକତା ବେଶଟା ବଡ଼ ଚାଉଫ୍, ଦେଖିଲେ ଆଖି ଝୋଷି ହୋଇଯିବ । ଯେତେବେଳେ ସେ ସୂର୍ଯ୍ୟାସ୍ତ ହେବା ସାଙ୍ଗେ ସାଙ୍ଗେ ସନ୍‌ଲାଇଟ୍ ସାବୁନରେ ଗାଧୋଇବା କାମଟା ସାରି, ପୁରୁଣା ଓ୍ୱାଟରପ୍ରୁଫ୍‌ଟାକୁ ଗରମ କୋଟରୂପେ ପିନ୍ଧି, ତାଉପରେ କଳା ଓ୍ୱେଷ୍ଟକୋଟ୍ ଖଣ୍ଡେ ଚଢ଼େଇ, ମଫଲରଟାକୁ ବେକରେ ଗୁଡ଼େଇ, ମଙ୍କି କ୍ୟାପ୍‌ଟାକୁ ମୁଣ୍ଡରେ ଦେଇ, ଗାମୁଛାଟାକୁ କାନ୍ଧରେ ପକେଇ ଅର୍ଥାତ୍ ତାଙ୍କର ଯାବତୀୟ ଲୁଗାପଟା ସ୍ୱଦେହରେ ଧାରଣ କରି, ଅତିରକ୍ତଳରେ ଅତ୍ୟଧିକ ଧଳା କିରାସିନ-ମିଶା କୋକନାଟ ତେଲରୁ ଟିକେ ବାଳରେ ମାରି, ଖଡ଼ମ୍ ହଳଟା ଖଟ୍ ଖଟ୍ କରି ଦଣ୍ଡାମସ୍ତ ଶବ୍ଦଟାକୁ ବଙ୍ଗାଳୀଠାଣିରେ ଦାମାଇ, ଦାମାଇ କହି ଦାଣ୍ଡକୁ ବାହାରିପଡ଼ନ୍ତି, ସାରା ଗାଁଟାଯାକ ସ୍ନେହ, ପ୍ରେମ, ଭକ୍ତି ଓ ଭୟରେ ତାଙ୍କୁ ଏକ-ଦୃଷ୍ଟିରେ ଚାହିଁରହେ, ଠିକ୍ ଯିଦନେ ଯେପରି ଅଯୋଧ୍ୟାବାସୀ ଶିବଧନୁ ଭାଙ୍ଗି ସୀତାଙ୍କୁ ବିଭା ହୋଇ ଫେରୁଥିବା ରାମଚନ୍ଦ୍ରଙ୍କୁ ଚାହିଁ-ରହିଥିଲେ ।

ଦାଣ୍ଡରେ ମଦନମୋହନ ବିଜେ କରିବା ପୂର୍ବରୁ ଗାଲୁ ମାହାପାତ୍ରେ ବିଜେ ହେଇପଡ଼ୁଥିଲେ । କଲିକତାରେ କିପରି ସର୍ବସାଧାରଣ ରାସ୍ତାରେ ଟ୍ରାମ ଗାଡ଼ି ଯାଉଚି, ହାବଡ଼ାଇ ଷ୍ଟେସନରେ ତାଙ୍କପରି ଟ୍ରେନ୍ ଲୋକ ନ ହେଲେ ସମସ୍ତଙ୍କର ବାଟ ଭୁଲିଯିବାର କେଉଁଲ ସମ୍ଭାବନା ଅଛି, ପଇସାତକ ଗାଞ୍ଜିଆରେ ପୂରେଇ ଅଣ୍ଟାରେ ନ ବାନ୍ଧିଲେ କିପରି ଚୋର

ହୋଇଯାଏ, ଏସମସ୍ତ ଚମତ୍କାର କଥା ମାହାପାତ୍ରେ ଚତୁରତା ସହିତ ବର୍ଣ୍ଣନା କରୁଥାନ୍ତି; ଉପସ୍ଥିତ ଜନତା ମଗ୍ନ ହୋଇ ଶୁଣୁଥାନ୍ତି ।

ମୋର କିନ୍ତୁ ସେଥିପ୍ରତି ଆସକ୍ତି ନ ଥାଏ । କଲେଜ ଛୁଟି ଆସିଲାବେଳେ ମନରେ ଥିଲା ଅପୂର୍ବ ଆନନ୍ଦ, ଅଶେଷ ଉନ୍ମାଦନା; କିନ୍ତୁ ଗାଁରେ ପହଞ୍ଚି ଦେଖେ ତ ଘରଆଡ଼ ଖାଁ-ଖାଁ କରଉଠୁଚି । ସବୁଟା ଯେମିତି ନୀରବ, ସମସ୍ତଟା ଯେମିତି ଖାପଛଡ଼ା । ଗୋଟେ ଅଜଣା ବେଦନା ଛାତିଭିତରେ ବାରମ୍ବାର ଆଘାତ କଲାପରି ଲାଗିଲା । ଆଖି ଓ ମୁହଁରେ ଦୁଃଖ ଦାଉଦାଉ ହୋଇଉଠିଲା । କାହିଁକି, କହିଲ କଣ ?

୬, ଅପ୍‌ସରା

ଯୁ ଅପ୍‌ସରାକୁ ଧୂଳିଖେଳ ଖିଆଲରେ ଅତି ଆପଣାର, ଅତି ସ୍ନେହର କରିବସିଥିଲି, ଶିଶୁସୁଲଭ ଚପଳତାରେ ଯା ପ୍ରେମର ପ୍ରାର୍ଥୀ ହୋଇଥିଲି, ତାର ପ୍ରତି ମମତା ଆଜି କଣ ଯୌବନର ନବୀନ ନିଶାରେ ରୂପାୟିତ ହୋଇ ପ୍ରତି ରକ୍ତବିନ୍ଦୁ, ପ୍ରତି ଶିରାପ୍ରଶିରାରେ ଆନ୍ଦୋଳନ ସୃଷ୍ଟି କଲା ? କାଇଁ ନାଇଁ ତ, ଅପ୍‌ସରା-କଥା ମୁଁ ତ ଏଥିମଧ୍ୟରେ ପୂରାପୂରି ପାସୋରିଦେଇଚି । ଗତ କେତେ ବର୍ଷ ହେଲା ତାର କୌଣସି ଖବର ମୁଁ ରଖି ନି । କି ଦରକାର ? ସେ ଯେ ପର ସ୍ତ୍ରୀ । ଗାଁ-ଗହଳିର ସୁଦୂର ପଲ୍ଲୀରେ ଆଜି ସେ ନବବଧୂ ସାଜି ଅନ୍ୟ କାହା ପାଖରେ ତାର ପ୍ରେମ ଆବେଦନ କରୁଥିବ, ପାଉଥିବ କେତେ ସ୍ନେହ ଆଦର, ହୋଇଥିବ କେତେ ପ୍ରଣୟ ଓ ପ୍ରଶଂସାର ପାତ୍ର । କେହି ଜଣେ ଆଜି ତାର ଚାଲିଚଳନ, ଭାବଭଙ୍ଗୀରେ ଆତ୍ମହରା ହୋଇ ଦେଖୁଥିବ ତା ମୁକୁଳା

## * ଅପାଙ୍ଗନ *

ଯୌବନରେ ସୁଖର ଅମରାବତୀ ! ଛିଃ, କି ବାଜେ କଳ୍ପନା ! ଯୁ କଥା ପୋଡ଼ିଯାଉଚି, ଯୁ କଥା ପାସୋରିଦେଉଚି—

ପାସୋରିଦେଉଚି ?

ମିଛ, ଖାଲି ମିଛ । ସତରେ କଣ ମୁଁ ଅପ୍ସରା-କଥା ପାସୋରିଦେଇଥିଲି ? ବାହାରେ ଅବଶ୍ୟ ଏଇଟା ଛଳନା କରି-ଆସିଚି କେବଳ ନିଜେ ନିଜକୁ ଠକିବାପାଇଁ, ମନର ପ୍ରକୃତଭାବକୁ ଲୁଚେଇବାପାଇଁ; କିନ୍ତୁ ମନଭିତରେ ? କିଏ, କିଏ ସେ ରୂପସୀ, ଯାର ସେହି ହସହସ ମୁହଁ, ଛନ୍ଦମୟ ଥିରିଥିରି ଚାଲି, ଚଳଚଳ ଚଞ୍ଚଳ ଚାହାଣୀ, ଶୟନସପନେ ଆମୋଦପ୍ରମୋଦେ କାବ୍ୟକବିତାରେ ମୋ ଆଖିଆଗରେ ଝଲସିଉଠେ ?

ସେଇ ଅପ୍ସରା !

ମାମୁ-ଗାଁଆଡ଼େ ବୁଲି ଯାଇଥାଏଁ । ବି. ଏ. ପଢ଼ୁଆ ପୁଅ ହିସାବରେ ସେଠା ପିଲାମାନଙ୍କମଧ୍ୟରେ ମୋର ବିଶେଷ ସମ୍ମାନ, ଅଶେଷ ଖାତିର । ସକାଳେ-ସନ୍ଧ୍ୟାବେଳେ ଛୋଟବଡ଼ ଅନେକେ ଆସି ମୋ ପାଖେ ରୁଣ୍ଡ ହୁଅନ୍ତି । କିଏ ଶିଶୁରେ ପଢ଼େ ତ କିଏ ଅ-ଆ ଆରମ୍ଭ କରିଚି, କିଏ ବା ଢେର ବର୍ଷପରେ ବହୁ କଷ୍ଟରେ ଚତୁର୍ଥ ଶ୍ରେଣୀକି ପ୍ରମୋସନ ପାଇ ବହୁ ଗର୍ବ ଅନୁଭବ କରୁଚି, କେହି କେହି କେବଳ 'ଏସ୍-ନୋ'ରେ ଇଂରେଜୀ କଥାବାର୍ତ୍ତା କରି ସାରା ଗାଁଟାରେ ଚହଲ ପକେଇଦେଉଚି, କିଏ ବା ଦିସ୍ ଇଜ୍ ମାଇ ରାଇଟ୍ ହାଣ୍ଡ, ଦିସ୍ ଇଜ୍ ମାଇ ଲେଫ୍ଟ ହାଣ୍ଡ, ଏକଥା ସାଙ୍ଗମାନଙ୍କୁ କହି ତାଙ୍କୁ ତଦ୍ଦ୍ୱାରା ଇଂରେଜୀରେ ଗାଳିଦେଲି ବୋଲି ଓଡ଼ିଆରେ ବୁଝେଇଦେଇ ସାଥୀମାନଙ୍କର ସ୍ୱଗଈର୍ଷାର କାରଣ ହେଉଚି ।

## ✻ ଅଣସରି ✻

**କିଏ ପଚ୍ଛରିଲା, ଅନ୍ତର୍ଯ୍ୟାମୀକୁ ଏ. ବି. ସି.ରେ କମିତ ଲେଖାଯିବ କିଏ ପଚ୍ଛରିଲା ଅନ୍ତର୍ଯ୍ୟାମୀର ଇଂରେଜୀ କଣ ?**

ଅନ୍ତର୍ଯ୍ୟାମୀଙ୍କ ସମ୍ବନ୍ଧରେ ଏଇ ନଚୁଡ଼ ତଥ୍ୟଟା ତାଙ୍କୁ ବତେଇଦବା ସାଙ୍ଗେ ସାଙ୍ଗେ ଅପ୍ସରା କୁଠି ଅଛି, ଏ ଖବର ଯୋଗାଡ଼ କରିବାକୁ ଚେଷ୍ଟା କଲି । ସେମାନେ ପ୍ରଥମେ ପ୍ରଥମେ କଣ ମନରେ ସନ୍ଦେହ କରୁଥିଲେ, ପରେ ବି. ଏ. ପଢ଼ିଲେ ବୋଧେ ପରଝିଅ, ପରସ୍ତ୍ରୀର ଖବର ରଖିବା ଦରକାର ହୁଏ—ଏ ଧାରଣାରେ ମତେ ସବୁ ସମ୍ବାଦ ଦେଲେ ।

ଅପ୍ସରା ତା ଶାଶୁଘରେ ଥିଲା, ଏବେ ତଆଡ଼ୀବୁଢ଼ା-ଶୁଙ୍ଘି-ଘରକୁ ଗାଁକୁ ଆସିଚି । ତଆଡ଼ୀବୁଢ଼ାର ମରିବା ଖବର ମୋ ମନରେ ଦୁଃଖ ଦବା ତ ଦୂରର କଥା, ବରଂ ବିଚରା ମରି ଯେ ମତେ ଅପ୍ସରା ସାଙ୍ଗେ ଦେଖା କରିବାର ସୁଯୋଗ ଦେଇଯାଇଚି, ଏଥିପାଇଁ ମୁଁ ତାର ସ୍ୱର୍ଗତ ଆତ୍ମାକୁ ବାରମ୍ବାର ଧନ୍ୟ ଧନ୍ୟ କରିବାକୁ ଲାଗିଲି ।

ଶୀତ ଯାଇ ଆସିଥାଏ ବସନ୍ତ । ପ୍ରକୃତି ଖୋଲିଦେଇଥାଏ ତାର ଅଫୁରନ୍ତ ସୌନ୍ଦର୍ଯ୍ୟର ଅପରୂପ ବଜାର । ଗଛେ-ଗଛେ ପତ୍ରେ-ପତ୍ରେ ଫୁଟିଉଠିଥାଏ ମନମତାଣିଆ ପ୍ରାଣଥରା ପୁଲକ । ମୁଁ କାନ୍ଦୁଆ କୂଳରେ ବସି କଣ ଭାବୁଚି । ମନରେ ମୋର ଖେଳିଯାଉଚି କେତେ କଣ ଅଜଣା ଭାବର ଅମାନିଆ ସୁଅ । ପ୍ରାଣ ଯେପରି ଆଜି ପାଇଚି ନୂଆ ଅନୁଭୂତି, ଆଖିରେ ଯେମିତି ଲାଗିଯାଇଚି ଗୋଟେ ଅପୂର୍ବ ଅଞ୍ଜନ । ଚାରିଆଡ଼ ଦିଶୁଚି ଛବିଳ ରଙ୍ଗମୟ ।

## * ଷାଠିଏ *

ହଠାତ୍ ଦେଖିଲି, ଯୁବତୀଟିଏ ନଈରେ ଗାଧୋଇ କାଖରେ ଗରାଟିଏ ଧରି ଚାଲିଛନ୍ତି । ଓଦାଲୁଗା ଭିତରଦେଇ ଫୁଟିଉଠୁଛି ତାଙ୍କ ଭରାଯୌବନର ଅକଳନ୍ତ ଲାବଣ୍ୟ । ପାଣିଗରାର ଚହଚହ ଶବ୍ଦ, ସେ ନିରଳସ ରୂପ-ଗ୍ରେଷଣୀର ଛନ୍ଦମୟ ଗତି—ଆହା, କି ଅପୂର୍ବ ସେ !

ଠିକ୍ ଏତିକବେଳକୁ ପୂର୍ବଦିଗରୁ ଦିନନାଥ ହସି ହସି ବାହାରିପଡ଼ିଲେ । ଲାଲ ଟହଟହ ଗୋଲାପୀ କିରଣ ଗଛପତ୍ରର ସବୁଜ ଦେହରେ ପଡ଼ି ଝଲସିଗଲା । ଦେଉଳ ଆଗ ଝଙ୍କା ଆମ୍ବଗଛର ସକାଳିଆ ଘନଛାଇତଳେ ରୂପସୀଙ୍କ ଅଙ୍ଗଲତା ଶ୍ରାବଣର କୃଷ୍ଣ ଆକାଶରେ ଚପଳାର ଝକମକ ଆଲୋକପରି ଚମକିଉଠିଲା । ଚାରିଆଡ଼େ ଖେଳିଗଲା ଗୋଟେ ଅବ୍ୟକ୍ତ ସଙ୍ଗୀତର ମୂର୍ଚ୍ଛନା, ଦୂରରୁ ବହିଆସିଲା ମହମହ ସୁବାସ ପବନ ସାଙ୍ଗରେ ବୋଳି-ହୋଇ । ଦେହ ମୋର କଣ୍ଟକିତ ହୋଇଉଠିଲା; ରକ୍ତର ସୁଅ ଶିରାପ୍ରଶିରାରେ ଖାଲି ସୁ-ସୁ ଶବ୍ଦ କରି ଛୁଟିଚାଲିଲା ।

ଓଃ, ଏ କଣ ମୁଁ ପାଗଳ ହୋଇଯିବି କି ?

ଯୁବତୀ ଚାଲିଥାନ୍ତି । ମୁଁ ମଧ୍ୟ ତାଙ୍କ ପଛେ ପଛେ ଚାଲିଥାଏଁ । ବଡ଼ ଅସୁବିଧା । ଏକେତ ଓଦା ଲୁଗା, ସେ ପୁଣି ନିତାନ୍ତ ପତଳା । ତହିଁରେ ସେ ଅସାମାନ୍ୟ ଯୌବନର ସମସ୍ତଟା ଘୋଡ଼େଇ ରଖିବା ନିତାନ୍ତ ଅସମ୍ଭବ । ତାପରେ ଜଣେ ପ୍ୟାଣ୍ଟସାର୍ଟପିନ୍ଧା ବାବୁ ଏତେ ନିକଟରେ । ଯୁବତୀଟି ବଡ଼ ବିପଦରେ ପଡ଼ିଲେ, କେତେବେଳେ ଲୁଗା ମୁଣ୍ଡରୁ ଖସିଯାଉଥାଏ ତ କେତେବେଳେ ଗୁଣ୍ଡିରୁ । କେତେବେଳେ ବା ସେଇଟା ଆଣ୍ଠୁରେ ଛନ୍ଦି ହୋଇ ବଡ଼ ଗୋଳମାଳ ସୃଷ୍ଟି କରୁଥାଏ ।

# * ଏକଷଠି *

ଛି, କି ଲଜ୍ଜାର କଥା ! ଯୁବତୀଟି ବୋଧ ହୁଏ ମନେ ମନେ ଭାବୁଥାନ୍ତି । ସେ ଯେତିକି ବ୍ୟସ୍ତବ୍ୟସ୍ତ ହୋଇ ଆଗେଇ ଚାଲିଥାନ୍ତି, ମୁଁ ସେତିକି ଉନ୍ମାଦନାସହ ତାଙ୍କ ଆଡ଼କୁ ମାଡ଼ି ଚାଲିଥାଏ । ଗାଁ ପାଖ ହୋଇଆସିବାରୁ ସେ ଆଉର ବିକଳ ହୋଇପଡ଼ିଲେ, ଯାଃ କିଏ ଯଦି ଦେଖିବ ! ଥରେଅଧେ ମଧ୍ୟ ମୁହଁ ଫେରେଇ କଣ କହିବାକୁ ଯାଉଥିଲେ, କିନ୍ତୁ ପାରିଲେ ନି । ଲାଜ ହେଲା ଭାରି ।

ଯୁବତୀ ମାଠିଆଟି ତଳେ ଥୋଇଦେଇ ହଠାତ୍ ଓଢ଼ଣୀ ଟେକି ବଡ଼ କାକୁସ୍ଥ ନୟନରେ ମୋ ଆଡ଼କୁ ଚାହିଁଲେ । ପ୍ରଭାତର ନିର୍ମଳ ସୂର୍ଯ୍ୟାଲୋକରେ ସେ ସୁନ୍ଦର ମୁହଁଟି କାହାର ମୁଁ ତା କ୍ଷଣକେ ଜାଣିପାରିଲି । ସାଙ୍ଗେ ସାଙ୍ଗେ ଦେହ ଶିହରିଉଠିଲା, ଆକୁଳ ଆଖି ତା ମନସାଧ ମେଣ୍ଟାଇବାରେ ଲାଗିଲା । ଆସ୍ତେ କହିଲି, "ଅ-ପ୍-ସ-ରା !"

—ଛିଃ, ଏତେ ପାଠ ପଢ଼ି, ଏତେ ଭଲ ଲୋକଙ୍କ ସାଙ୍ଗେ ମିଶି ତୁମର ଏଇ ବୁଦ୍ଧି ! ମୁଁ ପରଝିଅ, ପରବୋହୂ, ତୁମକୁ ଟିକେ ଲାଜ ମାଡ଼ୁ ନି ! ଗାଁର କେହି ଏ କଥା ଦେଖିଲେ କଣ କହିବେ ?

ଏତିକି ଅତି ତରତରରେ କହି ସେ ଚାଲିଯିବ ବୋଲି ବସିଥିଲା, ମୁଁ ତା ହାତଟା ଖୁବ୍ ଜୋର୍‌ରେ ଧରିପକେଇ ଅତି ଆବେଗଭରା କଣ୍ଠରେ କହିଲି :

—ମୁଁ ଆଜି ତୋ ରୂପର କାଙ୍ଗାଳ ଅପ୍ସରା ! ଲୋକେ ଯା କହୁ ଲୋକେ ତୁ ଦଣ୍ଡେ ଠିଆ ହୋ, ମୁଁ ତତେ ଟିକେ ମନ ପୂରେଇ

ଦେଖେଁ । ପିଲାଦିନର ଖେଳ ଆଜ ଜୀବନ୍ତ ହୋଇଉଠିଛି, ପୁରାତନ ମମତା ଆଜ ରୂପରେଖ ପାଇଛି । ମୁଁ ଜାଣେ, ଏଟା ନିତାନ୍ତ ଦୁର୍ବଳତା, ନିତାନ୍ତ ପାପ; କିନ୍ତୁ, କିନ୍ତୁ ମୁଁ ତତେ ଆଜ ଥରେ ଭଲ କରି ନ ଦେଖି କଦାପି ଛାଡ଼ିବି ନା ଅପ୍‌ସରା !

—ତୁମେ କେତେ ସହରରେ ବୁଲିଚ, କେତେ ସୁନ୍ଦରୀ ଦେଖିଥିବ; ହେଲେ, ଏ ଗାଁର ଝିଅଟାଠାରେ ଏପରି କଣ ଅଛି ଯେ……

—ସବୁ ଅଛି ଅପ୍‌ସରା, ସବୁ ଅଛି । ସହରରେ ଅନେକ ସୁନ୍ଦରୀ ଦେଖିଚି ସତ, ଅତି ଚମତ୍କାର ରୂପ, ଅତି କମନୀୟ ସାଜସଜ୍ଜା; କିନ୍ତୁ ସେମାନେ ତାଙ୍କ ସୌନ୍ଦର୍ଯ୍ୟକୁ ସଦାସର୍ବଦା ଘୋଡ଼େଇ ରଖିଥାନ୍ତି । ମୋ ମତରେ ଯୁବତୀମାନଙ୍କର ନଗ୍ନରୂପହିଁ ପ୍ରକୃତରେ ସୁନ୍ଦର । ତୁ ଆଜ ପୂରା ଲଙ୍ଗଳା ନ ହେଲେ ବି ଏ ଛୋଟ ଲୁଗାଟାର ଆଖପାଖ ଦେଇ ତୋ ସେ ରୂପସାଗରରୁ ଯେ କେତେଟା ଲହଡ଼ି ଖେଳିଆସୁଚି, ମୋ ମନ ଚାହୁଁଚି ସେଥିରେ ବୁଡ଼ିପୂରି ଶ୍ୱାସ ଦବାକୁ—

କ୍ଷଣକପାଇଁ ଅପ୍‌ସରାର ସେ ବିଷଣ୍ଣ ମୁଖମଣ୍ଡଳରେ ହାସ୍ୟ-ରେଖାଟିଏ ଫୁଟିଉଠିଲା । ଚକିତ ହରିଣୀର ବନ୍ଧ ଚାହାଣୀରେ ମତେ ହାଣିଦେଇ ଛକେଇ କହିଲା—ହଇଁ, ଟିକିଏ ଦେଖିବି ବୋଲି ତ ଚାହିଁଲ ଦେଖିଲଣି । ଆଜି ଏତିକିରେ ଛୁଟି ଦିଅ, ମତେ ଭାରି ଲାଜ ଲାଗୁଚି ।

—ତୁ କହିପାରୁ ଅପ୍‌ସରା, କିଆଁପାଇଁ ମୋ ମନ ତତେ ଦେଖିବା ଆଜି ପାଗଳ ହୋଇଉଠିଚି ? କିଆଁପାଇଁ ମୋର ଇଚ୍ଛା

ହୁଉଚି, ଜୀବନରେ ଚିରକଳଙ୍କର ଦାଗ ନେଇ ତୋ ଅଙ୍ଗ ଅଙ୍ଗି ମୁଁ ବଳାତ୍କାରେ ସ୍ପର୍ଶ କରିବି ଏବଂ ତାର ଦଣ୍ଡ ଯଦି ଚିର ନର୍କ ବା ଆଜୀବନ ଯନ୍ତ୍ରଣା ହୁଏ, ତା ହସି ହସି ଗ୍ରହଣ କରିବି ?

—କଣ ଏଗୁଡ଼ାକ ପାଗଳଙ୍କ ପରି ଗପିଯାଉଚ କହି ତାର ହାତଟାକୁ ଜୋର୍‌ରେ ଝିଙ୍କିନେଇ ଅପ୍‌ସରା ଅତି ଦ୍ରୁତ-ପଦରେ ଗ୍ଲଲିଗଲା । ମତେ କିନ୍ତୁ ନିଶା ପୂରାପୂରି ଛାଡ଼ି ନ ଥାଏ । ମୁଁ ପୁଣି ତା ପଛେ ପଛେ ଯିବାକୁ ବସିଥିଲି । ହଠାତ୍ ଦେଖିଲି, ଦୂରରୁ ଜଣେ କିଏ ନେଡ଼ିରେ ଚୂନପଦ ମଲି ପେଟ ଚପି, ନଈହୁଡ଼ା ଉଦ୍ଦେଶ୍ୟରେ କୌଣସି ନିତାନ୍ତ ଜରୁରୀ କାମରେ ଆବେଗସହି ମାଡ଼ିଆସୁଚି । ଗୋଟାଏ ଦୀର୍ଘନିଶ୍ୱାସ ପକେଇ ସୁନାପୁଅଟି ପରି ଗତିର ଦିଗ ବଦଳେଇ ମାମୁଘରକୁ ଗ୍ଲଲିଲି ।

—ଛିଃ, ଏ କଣ କଲି ? ଅପ୍‌ସରା କଣ ଭାବିଥିବ ?

ଶୁଭଙ୍କରଯୋଗେ ଡିଆଣ୍ଡ଼ୀଙ୍କ ଘରେ ଲଗିଥାଏ ଭାରି ଗହଳି । ଭାଇବନ୍ଧୁ, ଜ୍ଞାତିକୁଟୁମ୍ବରେ ସମସ୍ତ ଘରଟା ପୂର୍ଣ୍ଣ । ଅଜା ଆଈ ମଧ୍ୟ ଡିଆଣ୍ଡ଼ୀଙ୍କର ଅତି ଆପଣାର ହିସାବରେ ତାଙ୍କର ସବୁ କାମ ବୁଝୁଥାନ୍ତି । ମୁଁ ଯୁଆର ସୁବିଧା ନେଇ ମୋର ଖିଆପିଆ ସିପରି କି ରହଣିଟା ମଧ୍ୟ ଡିଆଣ୍ଡ଼ୀଙ୍କ ଘରେ ଜମେଇ ଦେଇଥାଏଁ ଏବଂ ସେଇ ଗୁରୁକାର୍ଯ୍ୟରେ ଅଜା ଆଈଙ୍କୁ ବିଶେଷ ସାହାଯ୍ୟ କରୁଥାଏଁ । ଦଶାହପରି ଅତ୍ୟନ୍ତ ଘୃଣ୍ୟ କାମରେ ବି. ଏ. ପଢ଼ା ବାବୁଟିର ଏତେଦୂର ଉତ୍ସାହ ଦେଖି ସମସ୍ତେ ଧନ୍ୟ ଧନ୍ୟ କହିଲେ । ଡିଆଣ୍ଡ଼ିଆଣୀ ବି ଭାରି ଖୁସି, ସେ ମୋର ସମସ୍ତ ଭାର ଅପ୍‌ସରା-ଉପରେ ଛାଡ଼ିଦେଇ ନିଶ୍ଚିନ୍ତ ଥାନ୍ତି । ଅପ୍‌ସରା ମୋତେ ଖାଇବା

ପିଇବାର ବିଶେଷ ଯତ୍ନ ନଉଥାଏ, ମୁଁ କେତେବେଳେ ଛୁ ଖାଏଁ, ମତେ କୁ ଜିନିଷଟା ବେଶୀ ଭଲ ଲାଗେ—ଏସବୁ ବୁଝି ସେ ତାର ସୁବନ୍ଦୋବସ୍ତରେ ବ୍ୟସ୍ତ ରହେ । ମୁଁ ସୁବିଧା ଦେଖି ତା ସାଙ୍ଗେ ହସପରିହାସ ଜମେଇଦିଏଁ ।

ମହା ଜାକଜମକ, ବହୁ କୋଳାହଳ, ବିଶେଷ ସମାରୋହରେ ତିଆଡ଼ୀଙ୍କ ଦଶାହ, ଏକାଦଶାହ କାମ ଶେଷ ହେଲା । ବାରଦିନ କଣ ଗୋଟେ ଜିନିଷ ଆଣିବାପାଇଁ ମୁଁ ତିଆଡ଼ୀଙ୍କ କଣଘରକୁ ଯାଇ ଦେଖେଁ ତ ତିଆଡ଼ୀବୁଢ଼ା ! ଗୁଣ୍ଡି ମୋର ଦାଉଁ-ଦାଉଁ ପଡ଼ିଲା, ପାଟି ଖିଲ ମାରିଗଲା । ଆଖିରୁ ଜୁଳୁଜୁଳିଆ ପୋକ ବାହାରିଆସିଲା । ଆରେ ବାପ୍ରେ, ଏ ପୁଣି କୁଆଡୁ ଅଇଲା !


—ହଇରେ ଶାମ, ତୁ ଏତେ ଦିନ ହେଲା ଅଇଲୁଣି, ଟିକେ ମୋ ପାଖକୁ ଆସୁନୁ !

ଜୀବନ୍ତ ପ୍ରେତଙ୍କର ସେ ସସ୍ନେହ ସମ୍ଭାଷଣ ଶୁଣି ମୋ ଅବସ୍ଥା ଏକେବାରେକେ ସାଂଘାତିକ । ଭାଗ୍ୟକୁ ତିଆଡ଼ିଆଣୀ ଆସି ପହଞ୍ଚିଗଲେ, ନଚେତ୍ ମୋର ସେଠି ହୁଏ ତ ଠିଆମରଣ ଘଟିଥାନ୍ତା !

କଥା କଣ, ତିଆଡ଼ୀବୁଢ଼ା ତ ବଞ୍ଚିଛି, ଆଉ ଶୁଦ୍ଧଘର ହେଲା କାହାର ? ବୋଧ ହୁଏ ଗୋଟେ ମସ୍ତବଡ଼ ଭୁଲ୍ ହେଇଗଲା, ତିଆଡ଼ୀବୁଢ଼ା ନୁହେଁ ଆଉ କିଏ ମରିଛି । ତିଆଡ଼ୀ ମରିଥିଲେ ତ ତିଆଡ଼ିଆଣୀ ରାଣ୍ଡି ହେଇଥାନ୍ତେ, କେତେ କାନ୍ଦୁଥାନ୍ତେ; କିନ୍ତୁ କାଇଁ ସେସବୁ ତ ନାଇଁ । ତା ପରେ ବିଧବା ହେଲେ ମାଇପେ ଯେ କାନ୍ଦିବୋବାଳି କରନ୍ତି, ଯୁ ଛେଡ଼ିଦାଲୁଗା ପିନ୍ଧନ୍ତି, ସେ ତ କିଛି

ନାହିଁ; ବୁଝୁ ବୁଝୁ ଅପ୍‌ସରାଠୁ ଶୁଣିଲ ପ୍ରକୃତରେ ତିଆଡ଼ୀବୁଢ଼ା ମଣ୍ଡ ନ ଥିଲେ । ପୁଅମାନଙ୍କ ଉପରେ ତାଙ୍କର ବିଶ୍ୱାସ କମ୍, କାଳେ ସେ ମଲାପରେ ଏମାନେ ତାଙ୍କ ଶୁଦ୍ଧଶ୍ରାଦ୍ଧ ନ କରିବେ ଏଥିଲାଗି ସେ ନିଜେ ବଞ୍ଚି ଥାଉ ଥାଉ ସମସ୍ତ ମୃତାହ୍ନ କାର୍ଯ୍ୟ ବିଧିମତେ ସାରିଦେଇଥିଲେ । ଏଣିକି ଚିନ୍ତା ନାହିଁ, ଆଜି ହେଉ କାଲି ହେଉ ମଲାକ୍ଷଣି ସିଧା ସଳଖ ଯାଇ ସ୍ୱର୍ଗରେ ହାଜର ହେଇଯିବେ । ଭାବିଲି, ବାସ୍ତବିକ ଲୋକଟା କି ଭୟାନକ ବ୍ଲାକ୍! ତା ନ ହେଇଥିଲେ ଆମ ଅଜା ହ୍ୱାଙ୍କୁ ସାଙ୍ଗ କରିଥାନ୍ତେ!

ପ୍ରଗତି ଉତ୍କଳ ସଂଘ, ରାଉରକେଲା
ପାଠାଗାର
ନଂ ......
ତା ....18.7.76....




କଟକ ଫେରିଲି ହୋଲଛୁଟି ଯିବାର ପ୍ରାୟ ସାତ ଦିନପରେ । ସାଙ୍ଗସାଥୀମାନେ ସମସ୍ତେ ଅବାକ୍—ଶାମର ଗାଁ ଛୁଡ଼ିବାରେ ଏତେ ଡେରି ! ଯେ ଗ୍ରୀଷ୍ମଛୁଟିରେ ବି କୁଠେ ମେସ୍‌ଫେସ୍‌ରେ ରହି ପାଠ ଘୋଷେ, ତାର ପୁଣି ଘରେ ଏତେ ମନ ? ଗଲା, ଫାଷ୍ଟକ୍ଲାସ୍ ଅନର୍ସଟା ଏଇଥର ଖରାପ ହୋଇଗଲା !

ମୋର ରୁମ୍‌କୁ ଲାଗି ସୀରେନ୍‌ର ବଖରାଟି । ଖୁବ୍ ବଡ଼ଲୋକ-ପିଲା ସେ, ବେଶ୍ ଆମୋଦପ୍ରମୋଦରେ ଦିନ କାଟେ । କଲେଜ-ପଢ଼ା ବୋଇଲେ ସେ ବୁଝିଥାଏ କେବଳ ଭଲ ସାର୍ଟ ପିନ୍ଧିବା, ଯେତେପ୍ରକାର ସିନେମା ଥିଏଟର ହୁଏ ଦେଖିବା, ଟେନିସ୍ ପିଙ୍ଗ୍‌ପଙ୍ଗ୍ ଖେଳିବା, କେନାଲରେ ସହପାଠୀମାନଙ୍କୁ ଧରି ବୋଇଂ କରିବା । ଘଣ୍ଟେ ଲାଗି ଟେରି ଭାଙ୍ଗେ, ଭଲ କରି ବେଶଭୂଷା ସଜାଡ଼େ, ଯେତେକ ଝିଅ ଦେଖେ ତାଙ୍କ ପ୍ରେମରେ ପଡ଼ିଗଲା ବୋଲି ପ୍ରଚାର କରି ଅନେକ ବିରହ-ମିଳନର କାହାଣୀ ସୃଷ୍ଟି

କରେ; କିନ୍ତୁ ମୁଣ୍ଡଭିତରେ ମସଲା ଏକଦମ୍ ନାସ୍ତି । ଅନେକ ବର୍ଷରେ ଆଇ. ଏ. ଟପି ବି. ଏ. ରେ ନାଁ ଲେଖେଇଥାଏ; ସେଥି ଏଥିମଧ୍ୟରେ ଚ୍ଛରିବର୍ଷ ବିତିଗଲା, ହେଲେ ବାରେନ୍ ପାଦମେକ ନ ଗଛନ୍ତି ।

କ୍ଲାସରେ ଯେତେବେଳେ ଅର୍ଥଶାସ୍ତ୍ରର ଘମାଘୋଟ ଆଲୋଚନା ଚ୍ଛଲିଥାଏ, ବାରେନ୍ ସେତେବେଳେ ବେପରୁଆ ଭାବରେ ତା ରୁମ୍‌ରେ କେତେକ ସାଥୀଙ୍କୁ ଧରି ଖାଦ୍ୟପେୟ-ଚୋଷ୍ୟଲେହ୍ୟ ବ୍ୟବସ୍ଥାରେ କିଛି ଅର୍ଥଶ୍ରାଦ୍ଧ କରୁଥାଏ ।

ଜେନେରାଲ୍ ଲେକ୍‌ଚର୍‌ପାଇଁ କୌଣସି ଅସୁବିଧା ହୁଏ ନା, କାରଣ ତାର ଅନେକ ଅନ୍ତରଙ୍ଗ ବନ୍ଧୁ ଥାନ୍ତି ଯେ ଏ ଅଭାବଟା ପ୍ରକ୍‌ସିଦ୍ୱାରା ଚଳେଇନଅନ୍ତି । କିନ୍ତୁ ଟ୍ୟୁଟୋରିଆଲ୍ କ୍ଲାସପାଇଁ ବିଚରାଟିର ମହାଚିନ୍ତା, କିଛି ନା କିଛି ଲେଖିବାକୁ ତ ହବ, ନ ହେଲେ ଅଧ୍ୟାପକ ବଡ଼ ହଇରାଣ କରିବେ । ସେ ତେଣୁ ମୋ ଆଶ୍ରା ଧରିଥାଏ, ଆମ ଗାଁ ପାଖର ବୋଲି ମୋ ସହିତ ଆତ୍ମୀୟତା ଯୋଡ଼ିବସେ, ମଝିରେ ମଝିରେ ମତେ ଟିକେ ଜଳଖିଆ ଦେଇ, କେବେ କେବେ ସିନେମା ଦେଖେଇ ମୋ ଟ୍ୟୁଟୋରିଆଲ୍ ଖାତା ବ୍ୟବହାର କରିବାର ଲାଇସେନ୍‌ସ୍‌ଟା ହାସଲ କରିଥାଏ । ମୋର ଗାଁରୁ ଫେରିବା ଡେରି ଦେଖି ସେ ବଡ଼ ବ୍ୟତିବ୍ୟସ୍ତ ହେଇପଡ଼ିଥିଲା । ଯିମିତି ମୁଁ ପ୍ରେସ୍ପ ହଷ୍ଟେଲରେ ଗୋଡ଼ ଦେଇଚି, ତାକୁ ସତେ ଅବା ଅମୂଲ୍ୟ ନିଧି ମିଳିଲା, ଗଦ୍‌ଗଦ ହେଇ ଆସି ମତେ କୁଣ୍ଢେଇପକେଇ କହିଲା—ସାଙ୍ଗ, ତୁ ଏତେ ଦିନଯେ କମିତି ରହିଗଲୁ ବା ! କଣ ଦିହ ଖରାପ ହେଇଥିଲା ?

କହିଲି—ହୁଁ-ଉଁ, ତୋର ବଡ଼ ଅସୁବିଧା ହେଲା, ନା ?

* ଅଠଷଠି *

—ଅସୁବିଧା ବୋଲି ଅସୁବିଧା, ଏ ସାତ ଦିନ ମତେ ସାତ ବର୍ଷପରି ଲାଗିଲାଣି ପର୍ଣ୍ଣ ! ମୋ କଥା ଶୁଣ ଗୁଡ୍ଡି, କାଲି ମାଷ୍ଟର ଡାକିଲେ ନ ଦେଖି ଏକଦମ୍ ପାଗଳ, ବଡ଼ ଅଚ୍ଛା ଜୋଇଁ କାଲି !

—ଜୋଇଁ ?

—ହଁ, ଭଲ ମାଲଟେ ପାଇଲୁ ସାଙ୍ଗ, ମୋର ତ ଖୁବ୍ ପସନ୍ଦ ହୋଇଚି ।

—ତୋ ପସନ୍ଦଉପରେ ତେବେ ମତେ ପ୍ରେୟସୀ ବାଛିବାକୁ ପଡ଼ିବ ନା କଣ ?

—ନିଶ୍ଚୟ, ବାନ୍ଧବୀଟି ବନ୍ଧୁମାନଙ୍କ ମନମୁତାବକ ହେବା ତ ଉଚିତ । ଯା କହ ସାଙ୍ଗ, ସେ ଯେତେବେଳେ ଗାର୍ଲସ୍କୁଲ ମଠରୁ ଓହ୍ଲାଇପଡ଼େନା--

—ତୁ ଏକଦମ୍ ତା ପ୍ରେମରେ ପଡ଼ିଯାଉ ?

—ପଡ଼ିଯାଇଚି ତ ସାଙ୍ଗ !

—ଏଇଟି ମିଶେଇ କେତୋଟିଙ୍କ ପ୍ରେମରେ ପଡ଼ିଲୁଣି ?

—ମୁଁ ଆଉ ତା ସୁମାରି ରଖିଚି ନା କଣ ?

ଭଲ ଅନର୍ସ ଷ୍ଟୁଡେଣ୍ଟ ହିସାବରେ ମୁଁ ସିଙ୍ଗଲ୍ ସିଟ୍‌ଟା ପାଇଥାଏଁ ଥାର୍ଡ଼ ଓ୍ୱାର୍ଡ଼ରେ । ଏଇ ଓ୍ୱାର୍ଡ଼ଟି ହଷ୍ଟେଲରେ ସବୁଠୁ ଭଲ । ପଛପଟ ଝରକା ଖୋଲିଦେଲେ ବଟାନିକାଲ୍ ଗାର୍ଡ଼ନଟା ସ୍ପଷ୍ଟ ଦେଖାଯାଏ । ତାର ଟିକିଏ ଦୂରକୁ ଦୃଷ୍ଟି ପକେଇଲେ ଆଖିରେ ପଡ଼େ କଲେଜର ସୁବିସ୍ତୀର୍ଣ୍ଣ ପଡ଼ିଆ । ଖରାଦିନେ ଥଣ୍ଡା ଦକ୍ଷିଣା ପବନ ରୁମ୍‌ଗୁଡ଼ିକୁ ଖୁବ୍ ଶୀତଳ, ଖୁବ୍ ଆରାମଦାୟକ କରିଦିଏ । ଶୀତଦିନେ ସେସବୁ ବେଶ୍ ଉଷୁମ ଲାଗେ ।

## ✱ ଅଣସ୍ତର ✱

ଗାଁରୁ ଫେରିବାପରେ ସକାଳେ ସଞ୍ଜବେଳେ ମୋ ରୁମ୍ ଖିଡ଼ିମତ ବନ୍ଦ ରହିଲା । କଲେଜ ଆଉ ହଷ୍ଟେଲରେ ହାଇ-ହାଇ ପଡ଼ିଗଲା, ସମସ୍ତଙ୍କ ମୁହଁରେ ଗୋଟିଏ ବିରାଟ ପ୍ରଶ୍ନବାଚକ ଚିହ୍ନ— ଏଇଥର ଶାମ ରେକର୍ଡ ବ୍ରେକ୍ କରିବ କିରେ, ଦିନରାତି ଚବିଶ ଘଣ୍ଟା ତ ପଢ଼ାରେ ଲାଗିଛି !

କିନ୍ତୁ ଦିନରାତି ଚବିଶ ଘଣ୍ଟା ମୁଁ ଲାଗିଥାଏଁ କବିତାଲେଖାରେ; କେତେ ଗୀତ କେତେ ଛନ୍ଦ, କେତେ ଆହା-ହା, ଉହୁଁ-ହୁଁ ଆରମ୍ଭ ହୁଏ ଅଜଣା ପ୍ରେୟସୀ ଉଦ୍ଦେଶ୍ୟରେ, ଶେଷ ହୁଏ ଦୀର୍ଘ-ନିଶ୍ୱାସ ସହ ବିରହରେ; ମଝିରେ ଖାଲି ବ୍ୟଥାର ଦାଗ, କଥାର ଢଙ୍ଗ, ଆଖିର ଭାଷା, ଛାତିର ଦଶା—ଉୟାସ୍-ଉୟାସ୍, କମା-କମା ।

ଚେଷ୍ଟା କରି ପାଠ ପଢ଼ିବସେଁ । ବିରାଟ ବହିଗୁଡ଼ାକ ମତେ ମୁରକି ହସୁଁଥାନ୍ତି; କିନ୍ତୁ ମୋ ମୁଣ୍ଡଭିତରେ ବୁଲୁଥାଏ କବିତାର ସୁଅ । ଶରତ୍ ସକାଳର ଦିଗନ୍ତଭରା ଅରୁଣିମା, ଧୂସର ଗୋଧୂଳିର ରକ୍ତବୋଳା ଆକାଶକୁ ଉଦାସ ନୟନରେ ଚାହିଁରହେଁ । ଦିନପରେ ଦିନ, ମାସପରେ ମାସ, ବଟାନିକାଲ୍ ଗାର୍ଡ଼େନ୍‌ରେ କେତେ ରୂପର ସୋହାଗ ଝଲସିଯାଏ, କେତେ ଫୁଲ ହସି ହସି ଫୁଟିଉଠନ୍ତି ରୂପର ମହନୀୟତାରେ, ସୁଗନ୍ଧର ସ୍ନିଗ୍ଧତାରେ ଚାରିଆଡ଼େ ଚମକ ସୃଷ୍ଟି କରି । କେତେ ଜଣା-ଅଜଣା ଚଢ଼େଇ ତାଙ୍କ କଳକାକଳିରେ କରନ୍ତି ମହାଉନ୍ମାଦନା ସୃଷ୍ଟି—କେତେ ବାନ୍ଧନ୍ତି ବସା, କେତେ ବୁଲିଯାଆନ୍ତି ଆଉ କେଉଁ ଅପରୂପ ଆଶ୍ରୟର ଅନ୍ୱେଷଣରେ । ମୋର ମନ ଗୋଟିଏ କିଛି ଖୋଜୁଥାଏ, ଅପରପକ୍ଷେ କବିତା-ସୃଷ୍ଟିରେ ମୁଁ ଚେଷ୍ଟା କରେଁ ଅନ୍ତରର ଏଇ ଭାବକୁ ରୂପରେଖ ଦେବାପାଇଁ,

ହୃଦୟର ଭାଷାକୁ କାଳକଲମରେ ପ୍ରକାଶ କରିବାପାଇଁ; କିନ୍ତୁ ପାରେ ନା । ଗୁଡ଼ାଏ କାଗଜ ଚିରେ, ଗୁଡ଼ାଏ ଗୁଁ-ଗୁଁ ସୁଁ-ସୁଁ ହୁଏ, ଶେଷରେ ଲେଖା ହୁଏ ବନ୍ଦ ।

ହେଲେ ଯୁ ଦିନ ହଷ୍ଟେଲ ମାଗାଜିନ୍‌ରେ ବାହାରିପଡ଼ିଲା ମୋର ପ୍ରଥମ କବିତା "ମନେ ମନେ ରଚେ ମଧୁଶଯ୍ୟା" ସମସ୍ତେ ଦେଖି ଏକଦମ୍ ଅବାକ୍—ହଇରେ, ଶାମ ପୁଣି ଇମିତି ରୋମାଣ୍ଟିକ୍ ପାଲଟିଗଲାଣି ! ଯେ ଘରକାନି ନ ଖୋଷିଲେ ଲୁଗା ପିନ୍ଧେ ନ, ଝିଅ ଦେଖିଲେ ଆଡ଼ଆଖିରେ ଚାହେଁ ନ—

ବୀରେନ୍ ଆସି ଆରମ୍ଭ କଲା—ଆଚ୍ଛା ବନ୍ଧୁ, ଏ ତ କବିତା-ଅନୁଭୂତିର ଭାଷା ନୁହେଁ, କୁଠି ପ୍ରେମରେ ପଡ଼ିଛୁ ନା କଣ ?

—ଯା, ବଜାରିଗିରି କର୍ ନା । ପ୍ରେମରେ ପଡ଼ିବା ତୋର କାମ, ମୋର ନୁହେଁ ।

—ହଁ ସାଙ୍ଗ, ଠିକ୍ କଥା । ଆଜିପର୍ଯ୍ୟନ୍ତ ତୁ ଘା'ଠଆଡ଼େ ଥିଲୁ, ଆମେ ପ୍ରେମଆଡ଼େ ଥିଲୁଁ; କିନ୍ତୁ ହଠାତ୍ ଆମ ଆଡ଼କୁ ତୋର ଏ ପାଲଟା-ଆକ୍ରମଣଟା—

—ଯା, ତୋ ମୁଣ୍ଡ !

ମୋର ଫୋର୍ଥ ଇଅରରେ ପ୍ରାୟ ଚାରି ମାସ ହେଇଯାଇଥାଏ, ହଠାତ୍ ଦିନେ ନନା ଆସି ମାଷ୍ଟ୍ରଙ୍କ ଘରେ ଅତିଥି ହେଲେ । ନନା କଟକ ଆସିଚନ୍ତି ଶୁଣି ମୋ କଲିଜା କମ୍ପାପାଣି, କାରଣ ଆଜିପର୍ଯ୍ୟନ୍ତ ନନାଙ୍କର ମୋ ପ୍ରତି ସ୍ନେହମମତା ପ୍ରକାଶ ପାଇଆସିଚି କେବଳ ବେତମାଡ଼ ବା ବିଧା-ଚାପୁଡ଼ାରେ । ନନା ଏଠିକି ଆସିଚନ୍ତି,-ଯଦି ତାଙ୍କ ସାଙ୍ଗେ ଗୌରିଙ୍କ ଦେଖା କରିଥାନ୍ତି !

* ଏକଜନ୍ତର *

ମୁଁ ଗଲବେଳକୁ ମାଷ୍ଟ୍ରେ ଓ ନନା ମିଳି ଅତି ଉଚ୍ଚଧରଣର ସାହିତ୍ୟଚର୍ଚ୍ଚାଟାଏ ମାଷ୍ଟ୍ରଙ୍କ ମାଚପିଣ୍ଡାଟିରେ ଖଣ୍ଡିଏ ସତରଞ୍ଜି ଉପରେ ଚଳେଇଚନ୍ତି—ଉପେନ୍ଦ୍ର ଭଞ୍ଜଙ୍କ କବିତା ସରସ କି କବିସୂର୍ଯ୍ୟଙ୍କର, ଲାବଣ୍ୟବତୀରେ କେଉଁଠାରେ ଦୋଷ ଅଛି, ଜଗନ୍ନାଥଦାସଙ୍କ ଭାଗବତ ସଂସ୍କୃତ ଭାଗବତଠୁଁ କୁଠି କୁଠି ଛାଡ଼ିଯାଇଚି, ଏଇସବୁ ବଡ଼ ବଡ଼ କଥା ବଡ଼ ଜୋର୍‌ରେ ବିଚାର ଚାଲିଥାଏ । ଓଃ, ମଣିଷ ରକ୍ଷା ପାଇଗଲି—ଏତକ ମନେ ମନେ କହି ନନା ଓ ମାଷ୍ଟ୍ରଙ୍କୁ ଏକସଙ୍ଗରେ ଅଥଚ ଅପ୍ରକାଶ୍ୟରେ ଗୋଟିଏ କ୍ଷୁଦ୍ର ନମସ୍କାର ପକେଇ ଚୁପ୍ ହୋଇ ଯାଇ ତାଙ୍କ ପଛରେ ବସିଗଲି ଏବଂ ହୃଦୟଭିତରେ ଏଇ ଦିବ୍ୟ ଆଲୋଚନାର ଦୀର୍ଘ ଜୀବନ କାମନା କରିବାକୁ ଲାଗିଲି ।

ସାହିତ୍ୟଚର୍ଚ୍ଚା ସାଙ୍ଗ ହେଲାପରେ ମାଷ୍ଟ୍ରଙ୍କ ଇଙ୍ଗିତମତେ ଆମେ ସମସ୍ତେ ତାଙ୍କ ଘରଭିତରକୁ ଗଲୁଁ । ନନା ମତେ ଚାହିଁ ଟିକେ ନରମ କଣ୍ଠରେ କହିଲେ—ହଇରେ ଶାମ, ତୁ କଣ ଏକଦମ୍ ଶୁଖିଗଲୁଣି, ଦିହ ଖରାପ ହୋଇଥିଲା କି ?

ମୁଁ ତ ଏକେବାରେ ସ୍ତବ୍ଧ ! ନନାଙ୍କର ହଠାତ୍ ଏପରି ପୁତ୍ରସ୍ନେହ ! କହିଲି—ପରୀକ୍ଷାଟା ମୁଣ୍ଡଉପରେ କନା, ପାଠପଢ଼ା-ଯୋଗେ—

—ପାଠପଢ଼ାଯୋଗେ ଦିହକୁ ଖରାପ କରିବା ତ ଉଚିତ ନୁହେଁ । ହଉ, ଏଥର ପରୀକ୍ଷା ସରିଲାକ୍ଷଣି ଗାଁକୁ ଚାଲିଯିବୁ । ଦିନାକେତେ ତୋର ବିଶ୍ରାମ ଦରକାର ।

ଏଁ, ମୋ ବିଶ୍ରାମପାଇଁ ନନାଙ୍କର ଏତେ ଆକୁଳତା !

# * ବାସ୍ତବ *

ଭିତରକୁ ଯାଇ ଦେଖେଁ ତ ଅପୂର୍ବ ଆୟୋଜନ—ଲୁଚି, ତରକାରି, ରସଗୋଲା, ସନ୍ଦେଶ ବଡ଼ ବଡ଼ ତିନଟି ରୁପାଥାଳରେ ରଖାଯାଇଛି । ପାଖରେ ସୁନ୍ଦର ସୁନ୍ଦର ତିନଟି ଆସନ ପଡ଼ିଛି । ସେଥିମଧ୍ୟରୁ ଗୋଟିଏ ଜାଗାରେ ଖୁବ୍ କମନୀୟ ମୁରୁଜ ଦିଆଯାଇଛି ।

ବାପ, ଏଇଠି ବସ, ଟିକେ ଜଳଖିଆ—ମାଷ୍ଟ୍ରେ ଅତି ସ୍ନେହରେ ଏଇ ସଂକ୍ଷିପ୍ତ ସୂଚନାଟା ଦେଲେ ।

ଭାବିଲି, ମୋପ୍ରତି ଏ ସମ୍ମାନ ! ଏ ଦକ୍ଷିଣ-ହସ୍ତ ବ୍ୟବସ୍ଥାରେ ମତେ ସଭାପତି କରିବାର ଉଦ୍ଦେଶ୍ୟ ? ଉଦ୍ଦେଶ୍ୟ ଯାହା ହେଉ, ଗୁରୁ-ଆଜ୍ଞା ତ ଅଲଙ୍ଘନୀୟ !

ସ୍କୁଲ କଲେଜର ଜଣେ ବାଧ୍ୟ ଛାତ୍ର ହିସାବରେ ମୋର ବିଶେଷ ସୁଖ୍ୟାତି ଥିଲା । ତେଣୁ ନନା ଓ ମାଷ୍ଟ୍ରେ ଯେତେବେଳେ 'ହାତ ଧୁଅନ୍ତୁ, ପ୍ରସାଦ ସେବା କରିବା ହନ୍ତୁ' ଇତ୍ୟାଦି ମାନ୍ୟାର୍ଥି ଶବ୍ଦପ୍ରୟୋଗଦ୍ୱାରା ପରସ୍ପରପ୍ରତି ସମ୍ମାନ ଦେଖାଇବାରେ ବ୍ୟସ୍ତ ଥିଲେ, ମୁଁ ସେତେବେଳକୁ ଖାଦ୍ୟସାମଗ୍ରୀର ସଦ୍‌ବ୍ୟବହାର କରିବାପାଇଁ ହାତ ଓ ପାଟିର ଅସ୍ଥିର ଗତି ଆରମ୍ଭ କରି-ଦେଇଥାଏଁ । ହଠାତ୍ କାନରେ ବାଜିଲା :

ଏ ମଧୁ-ଲଗନ ମନ-ଉଚ୍ଛୁଳା
ଦେଲା କି ପରଶ ସରସ ମରମେ ପରାଣ କରି ଉତଳା
ଏ ରଙ୍ଗ ଆକାଶ, ଏ ମଧୁ ବତାସ
ଏ ସ୍ନେହ ଗୃହାଣୀ, ଏ ଛବିଳ ଠାଣି
(କିବା) ଜୀବନେ ଆବେଗ ଦେଲା ?

* ତେନ୍ତର *

ଜୀବନେ ତ କେତେ ଆବେଗ ଦିନ! ଆଜି କିଛି ବଡ଼ ବା ନ ବଡ଼ ଅନ୍ତତଃ ଏ ଦିବ୍ୟଭୋଜନର ମଧୁର ସ୍ମୃତିଟା—

କଣ୍ଠସ୍ୱରଟି ଖୁବ୍ ମନମତାଣିଆ—ଗୋଟେ ଯେପରି ଅଦୃଶ୍ୟ ବୀଣାର ଅପରୂପ ଝଙ୍କାର କୁଆଡ଼ୁ ଭାସିଆସୁଥିଲା ଘରଆଡ଼ୁ ସଙ୍ଗୀତମୟ କରି; କିନ୍ତୁ କିଏ ଏ ଗୀତ ବୋଲୁଥିଲା, କାହିଁ ବୋଲୁଥିଲା, କିଛି ଠିକ୍ କରିପାରିଲି ନି। ପାଟି ଓ କାନ ଯେତେବେଳେ ବିଶେଷ ଆନନ୍ଦ ଉପଭୋଗ କରୁଥିଲେ, ଆଖି ତାର ମନସାଧ ମେଣ୍ଟାଇବାକୁ ବଡ଼ ବିକଳ ହୋଇପଡ଼ିଲା। ଥାଳିରେ ଥିବା ଜିନିଷପତ୍ର କୌଣସି ଅବହେଳା ନ ଦେଖାଇ ବହୁ ସାବଧାନତା ସହ ଘରଆଡ଼େ ଉଙ୍କିମାରି ଚାହିଁଲି; ହେଲେ, କୌଣସି ପତ୍ତା ପାଇଲି ନି।

ସେଦିନ ମାଷ୍ଟ୍ରଙ୍କଠୁ ଅଶେଷ ସ୍ନେହ, ନନାଙ୍କଠୁ ଅନେକ ଉପଦେଶ ପାଇ ବଡ଼ ଡେରିରେ ହଷ୍ଟେଲକୁ ଫେରିଲି; ହେଲେ, ମନରେ ଗୋଟେ ଅବ୍ଶୋଷ୍ ରହିଗଲା, ସେ ସୁକଣ୍ଠୀଙ୍କର ଟିକେ ଦେଖା ଯା ହେଲା ନି!

ବି. ଏ. ପରୀକ୍ଷାପରେ ଗାଁକୁ ଯାଇଥାଏଁ। ଦିନେ ଖାଇ-ବସିଚି, ବଡ଼ଭାଉଜ ଆସି ହଠାତ୍ ଆରମ୍ଭ କଲେ :

—କଣ ଆଖି ପଡ଼ିଚନ୍ତି ?

—କାହା ଉପରେ ମ ?

—ମଲା, ସବୁ ଜାଣି ତ ଚୁପ୍‌ମରା କାହିଁକି ହଉଚ ? ଆମେ କଣ ଭାଗ ନେଇଯାଉଚୁ କି ? ନାହିଁ ସତ କହ ବାବୁ, କଣ ମେମ୍ ସାହେବ ମନକୁ ପାଇଲେ ?

—ମେମ୍ ସାହେବ ? ସାହେବ ତ ଦେଖା ନାହାନ୍ତି ମେ-ମେ କୁଆଡ଼ୁ ଅଇଲେ ?

କଥାର ଥଳକୂଳ କିଛି ପାଇଲି ନି । କେବଳ ଜିଜ୍ଞାସୁ ଆଖିରେ ଭାଉଜଙ୍କୁ ଚାହିଁରହିଲି ।

—ତୁମେ ବୁଡ଼ୁଥିବ ! ଲୁଚି ଲୁଚି ଯାଇ ଡୁବ୍କିମାରିଦେଇ ଆସୁଥିବ ! ଗଙ୍ଗାକୂଳରେ ଘର କରି କିଏ ଗଙ୍ଗାସ୍ନାନ-ମୋହ ଏଡ଼ିପାରେ ?

କିଏ ଏ ଗଙ୍ଗା ଏବଂ କାହିଁରେ ସ୍ନାନ କରିବା ନେଇ ମୋ ଅପେକ୍ଷା ବଡ଼ଭାଉଜ ଏତେ ବିକଳ ହୋଇପଡ଼ିଥିଲେ, କିଛି ଠିକ୍ କରିପାରିଲି ନି । କହିଲି—ଆଚ୍ଛା ଭାଉଜ, ଆମ ଘରେ ଯେ ଏତେ ଧୁମ୍‌ଧାମ୍ ଚାଲିଚି, ସମସ୍ତେ ଯେ ସବୁବେଳେ ଚୁପ୍‌ଚାପ୍ ହଉଚନ୍ତି, ଯାର କାରଣ ?

—ଓଃ, କିଛି ଜାଣନ୍ତି ନି, ପୁରା ନିଦାବସ୍ଥୁ ! କିନ୍ତୁ ଆମେ ସମସ୍ତେ ପରା ଚେଷ୍ଟାରେ ଅଛୁଁ, କେମିତି ସେ ମେମ୍ ସାହେବଙ୍କୁ ଏଠିକି ଆଣିବୁଁ ! ଏ ଛୋଟ ଘରଟାରେ କେମିତି ତାଙ୍କୁ ରଖିବୁଁ, ସେ କୁଠି ବସିବେ, କୁଠି ଖାଇବେ, କୁଠି ଶୋଇବେ—କହୁଁ କହୁଁ ବଡ଼ଭାଉଜ ଖେଁ-ଖେଁ ହସିଉଠିଲେ । ଆଉ ତାଙ୍କ ସାଙ୍ଗେ ସ୍ୱର ବଢ଼େଇ ମିଶିଗଲେ କବାଟ ଉଢ଼ାଳରୁ ସାନଭାଉଜ ।

ମେମ୍ ସାହେବ କୁଠି ଶୋଇବେ ? ଆମ ପାଖେ ଶୋଇବେ ! ସାନଭାଉଜ ହସି ହସି ଆରମ୍ଭ କଲେ ।

—ଓ, ତୁମେ ବି ତାଙ୍କ ସାଙ୍ଗେ ଯୋଗ ଦେଲ ନା କଣ ? ଏ ତ ରୀତିମତ ଗୋଟେ ଷଡ଼୍‌ଯନ୍ତ୍ର ।

ବଡ଼ଭାଉଜ ପୁଣି ବିଶେଷ ଉଦ୍‌ବେଗ ସହ କହିବସିଲେ—ସତ କହ ବାବୁ, ଝିଅଟି ଦେଖିବାକୁ କେମିତି ? ନନା କହୁଚନ୍ତି ସାକ୍ଷାତ୍ ସୁନାଖଡ଼ିକାପରି । ଆମ ଢିହିଙ୍କଠୁଁ ଢେର୍ ସୁନ୍ଦରୀ ।

ବଡ଼ଲୋକଘର ଝିଅ, ସ୍ନୋ ପାଉଡର୍ କ୍ରିମ୍ ଅତରରେ ଦିହ ସବୁବେଳେ ଝକ୍‌ଝକ୍ ମହମହ, ଗୀତନାଚ ସବୁ ଆସେ । ଆଚ୍ଛା ବାବୁ, ତୁମେ କଣ ପାସ୍ କରିବା ସାଙ୍ଗେ ସାଙ୍ଗେ ନୂଆ ଗୃହିଣୀଙ୍କ ଭୁଲିଯିବ ? ସେ ଯା ହଉ, ଆମେ ସାନବୋହୂକୁ ଏଠି ଦିନାକେତେ ନ ରଖି କଦାପି ଛାଡ଼ିବୁ ନା । ଏତେ ଦିନ ବୋହୂ ନ ଥିଲା ପୁଣି ତ ଚଳୁଥିଲ, ଆଜି ବିଭା ହବା ସାଙ୍ଗେ ସାଙ୍ଗେ କଣ ସେ ଏତେ ଦରକାର ପଡ଼ିବ ଯେ—

—ମଲା, ବଡ଼ଘର ସରିଲେ ତ ସବୁ ସରିଲା, ଆଉ ତାଙ୍କର ବୋହୂଠେଇଁ କି ଦରକାର ? ଯାହା ଦରକାର, ଆମର ।

ସାନଭାଉଜ ଏତିକ କହି ପୁଣି ଦମକା ହସଟେ ଆରମ୍ଭ କରିଦେଲେ । ବଡ଼ଭାଉଜ ମଧ୍ୟ ସେଥିରେ ଯୋଗ ଦବାକୁ ଛାଡ଼ିଲେ ନା ।

—ସତେ ବଡ଼ଭାଉଜ, ତୁମେ କାହା କଥା କହୁଚ, ମୁଁ ଆଦୌ ବୁଝିପାରୁ ନା ! ଟିକେ ନରମେଇ କହିଲି ।

—କାଇଁକି ଏତେ ଲୁଚଉଚ ମ ? ଏବେ ନନା ଯୁ ଦିନ କଟକ ଯାଇଥିଲେ, ତୁମେ ତ ସେଦିନ ଶଶୁରଘରେ ଯାଇ ନିମନ୍ତ୍ରଣ ଭୋଜନ ପକେଇଥିଲ, ଆମେ କଣ ସେ କଥା ଜାଣି ନୁ ?

ଓ ! ଏତେବେଳକୁ କଥାଟା ଟିକେ ବୁଝିପାରିଲି । କିନ୍ତୁ ମୁଁ ଯେତେବେଳେ ଅଳପ ବୟସେ ପୀରତି କରି ପ୍ରିୟାଟିକୁ ଘରକୁ ଆଣିପାରି ନ ଥିଲି, ସେତେବେଳେ ଏ ବିବାହ-ପ୍ରସ୍ତାବରେ ବିଶେଷ ଉତ୍ସାହିତ ନ ହୋଇ କହିଲି—ଆଚ୍ଛା ଭାଉଜ, ତୁମେମାନେ ଯେତେବେଳେ ଅଛ, ଆଉ ଗୋଟେ ଝିଅ ଏଘରକୁ ନ ଆଣିଲେ କଣ ଚଳିବ ନା ?

—ମଲା, ସେ ଝିଅକାମ କଣ ଆମେ ଚଳେଇପାରିବୁଁ ? ମୋରି ତ ଆଉ ବଳବଅସ ନାହିଁ, ତୁମ ସାନଭାଉଜକୁ ପଚାର । କାଲେ ସୁନା, ଚଳେଇପାରିବୁ ଯଦି ବାବୁଙ୍କୁ କଥା ଦେ ।

—ନାହିଁ ଲୋ ନାଣୀ, ମୁଁ ପାରିବି ନି । ପାଠୁଆ ଲୋକଙ୍କୁ ମୋର ପ୍ରାଣେ ଡର ।

ପୁଣି ଦୁହେଁ ଠୋ-ଠୋ ହସିଉଠିଲେ ।

ମତେ କେନ୍ଦ୍ର କରି ଇମିତି ଅନେକ ହାସପରିହାସର ସୃଷ୍ଟି ହେଉଥାଏ । ହଠାତ୍ ଦିନେ ଗୋଟେ ଖରାପ ଖବର ଆସି ପହଞ୍ଚିଲା । ମାଷ୍ଟ୍ରେ ଚିଠି ଦେଇଥାନ୍ତି ମୁଁ ବି. ଏ. ପାସ୍ କରିଚି; କିନ୍ତୁ ତିନି ଅନର୍ସରେ । ତିନି ଅନର୍ସରେ ? ଏତେ ଆକାଙ୍‌କ୍ଷା-ଅଭିଳାଷ ତେବେ ପାଣିରେ ପଡ଼ିଲା ! ମୁଁ ଚମକିଉଠିଲି ।

ନନା କିନ୍ତୁ ଆନନ୍ଦରେ ଏକେବାରେ ଅଧୀର । ଯେତେ ହେଲେ ତାଙ୍କ ପୁଅ ତ ବି. ଏ. ପାସ୍ କଲା, ଯାହା କି ଆଖପାଖ ଦଶଖଣ୍ଡି ଗାଁରେ କେହି କରି ନି । ଶତ୍ରୁମିତ୍ର ସମସ୍ତଙ୍କ ତୁଣ୍ଡରେ କେବଳ ଗୋଟିଏ କଥା—ଚକୁଳି ଦାଶଙ୍କ ସାନପୁଅ ଗୁଣ୍ଡା ବି. ଏ. ପାସ୍ କରିଚି ।

କିଏ କହିଲା ଭାରି ବୁଦ୍ଧିମାନ୍, କିଏ କହିଲା ଭାରି ସଚ୍ଚରିତ୍ର ପିଲା; କିନ୍ତୁ ମୁଁ କି ଅକଥନୀୟ ବେଦନା ଓ ଯନ୍ତ୍ରଣାରେ ପୋଡ଼ି-ଯାଉଥିଲି, ତା କେବଳ ମତେ ଜଣା ।

ଏଇ ଅନର୍ସଟା ନେଇ କେତେ ଉଚ୍ଚ ଆଶା, କେତେ ଭବିଷ୍ୟତର ସରସ ଚିତ୍ର ! କିନ୍ତୁ ସେସବୁ କ୍ଷଣକେ ଚୂରମାର ହେଇଗଲା—ଟିକକେ ଧୂଳିରେ ମିଳେଇଗଲା । ମନ ବିଶେଷ ଖରାପ, ଖାଇବା-ପିଇବା କୌଣସି କଥା ଆଦୌ ଭଲ ଲାଗିଲା ନି,

* ସତସ୍ତଶ୍ଚ: *

ଜୀବନସତ୍ତ କେବଳ ଗୋଟିଏ ଚିନ୍ତା—କଅଣପାଇଁ ମୋର ଏତେବଡ଼ ଅଧଃପତନ, କାହାପାଇଁ ମୋର ଏ ଦୁର୍ଦ୍ଦଶା !

ସାଙ୍ଗେ ସାଙ୍ଗେ ପୂର୍ବ ଅସଂଯମ ଓ ଉଚ୍ଛୃଙ୍ଖଳତାର ଭୀଷଣ ସ୍ମୃତି ମନକୁ ମନ୍ଥିପକାଇଲା । ଅପ୍ସରାଉପରେ ଭାରି ରାଗ ହେଲା । କେବଳ ତାରି ଯୋଗେ ମୋର ଏ ସର୍ବନାଶ ! କେବଳ ତାରି ଚିନ୍ତାହେତୁ ମତେ ଏତେ ବଡ଼ ଭାଗ୍ୟ-ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲା ।

ନିଜର ବ୍ୟଥାମୟ ନିଶ୍ୱାସରେ ସାରା ଘରଟାକୁ ଆଲୋଡ଼ିତ କରିପକାଇଥାଏଁ । ହସ ନାହିଁ ଗପ ନାହିଁ, ଧାନ-ଉଷୁଆଁ ହାଣ୍ଡିପରି ମୁହଁଟା ଗୁମ୍ କରିଥାଏଁ । ସବୁବେଳେ ଗୋଟେ ଅବ୍ୟକ୍ତ ଅସନ୍ତୋଷର ବିଷ ମତେ ବ୍ୟତିବ୍ୟସ୍ତ କରିପକେଇଲା । ଖୁର-ବିରହରେ ଦାଡ଼ିଗୁଡ଼ାକ ତଳକୁ ଓହଳିଗଲା ଠିକ୍ ବରଗଛ ଓହଳ-ପରି । ଲୁଗା କମିଜ ଖୁବ୍ ମଇଳା, ବିନା ଜୋତାରେ ଯା-ଆସ, ଆଉ ସେ ଟେରି-ସଜଡ଼ା ନାହିଁ କି ଚେହେରା ବାଗେଇବାର ଚେଷ୍ଟା ନାହିଁ, ଖାଲି ଉଁ-ଉଁ ଗୁଁ-ଗୁଁ ! କଣ ହେଲା ! କଣ କରିବି !

ଘରେ ସମସ୍ତେ ଭାବିଥିଲେ ମୁଁ ବି. ଏ. ପାସ୍ କଲା ସାଙ୍ଗେ ସାଙ୍ଗେ ଗୋଟେ ଡିପୋଟି କି ତିନିପଟି ହେବି; କିନ୍ତୁ ମୋର ଏ ଅଣଶୌଚ ଅବସ୍ଥା, ଏ ଦୁଃଖ-ବଇରାଗୀ ବ୍ୟବସ୍ଥା ଦେଖି ସମସ୍ତେ ବଡ଼ ବ୍ୟଥିତ ହେଇପଡ଼ିଲେ । ନନା କହିଲେ—ଯାହା ହବାର ତ ହେଲା, ସେଥିରେ ଏତେ ଦୁଃଖ କରି ଲାଭ କଣ ? ଯଦି ତୋର ଆଉ ବେଶୀ ପଢ଼ିବାର ଇଚ୍ଛା, ତେବେ ପଢ଼୍ । ମୁଁ ଇଲେ ତୋ ଚାକିରିଟଙ୍କା ଖୋଜୁନି ।

## ✲ ଅଠସ୍ତର ✲

ବୋଉ ଟଙ୍କା ସମ୍ବନ୍ଧରେ ମତେ ଗୋଟେ ଆଶାର ବାଣୀ ଶୁଣେଇ କହିଲା—ଖାଲି ଏମ୍.ଏ. କାହିଁକି, ମୁଁ ଯଦି ବିଲାତ ଯିବାକୁ ଚାହେଁ, ତେବେ ସେ ପଇସେ ପଇସେ ସଞ୍ଚି ଯାହା ତିନି ଚାରି କୋଡ଼ି ଟଙ୍କା ରଖିଥିଲା ତାକୁ ଦେଇ ମୋର ସମସ୍ତ ଖର୍ଚ୍ଚ ତୁଲେଇବ ।

ଏ କଥା ଶୁଣି ହସିବି ନା କାନ୍ଦିବି କିଛି ଠିକ୍ କରିପାରିଲି ନି । ଗରିବ ସନ୍ତାନ ବୁଦ୍ଧିହୀନ ହେଲେ ଉଚ୍ଚଶିକ୍ଷା ତା ପକ୍ଷରେ ଆକାଶ-କୁସୁମ । ମୁଁ ଯେଉଁ ଗୁଣବଳରେ ଘରୁ କୌଣସି ଆର୍ଥିକ ସାହାଯ୍ୟ ନ ପାଇ ମଧ୍ୟ ଏପର୍ଯ୍ୟନ୍ତ ଆସିଥିଲି ତାକୁ ଯେ ହରାଇ ବସିଥିଲି, ସେ କଥା ବୋଧ ହୁଏ ନନା ବୋଉଙ୍କୁ ଜଣା ନ ଥିଲା ।

କୋହ ଯିମିତି ଟିକେ ଥମିଆସିଲା ଦିନେ ବୋଉଠୁ କିଛି ଟଙ୍କା ଧରି କଟକ ଉଦ୍ଦେଶ୍ୟରେ ବାହାରିପଡ଼ିଲି; କିନ୍ତୁ କଟକ ଷ୍ଟେସନରେ ଯେତେବେଳେ ବସ୍ ଆସି ପହଞ୍ଚେ ଗୋଡ଼ ଆଉ ଆଗକୁ ଚଳିଲା ନି । କାହାକୁ ଯାଇ ଏ ନିର୍ଲଜ୍ଜ ମୁହଁ ଦେଖେଇବି, କାହାକୁ ମୋର ଦୁଃଖର କାହାଣୀ କହିବି ? ମନରେ ଆସିଲା ଘୋର ବିଷାଦ, ମହା ଅବସାଦ । କୋଳାହଳମୟ ସରସ ସହରଟା ନରକପୁରୀ ପରି ଲାଗିଲା ନିତାନ୍ତ ହେୟ, ନିତାନ୍ତ ଘୃଣ୍ୟ ।

ଅନେକ ଦିନରୁ ଭୁବନେଶ୍ୱର ଆଡ଼େ ଯିବାକୁ ଇଚ୍ଛା ଥାଏ । ଅବଶ୍ୟ ଭୁବନେଶ୍ୱର ଯେ ମୁଁ ଆଗରୁ ଦେଖି ନ ଥିଲି ଇମିତି ନୁହେଁ, ତେବେ କେଜାଣି କାହିଁକି ଏ ଲକ୍ଷ୍ୟହୀନ ଜୀବନର ନିବିଡ଼ ନୈରାଶ୍ୟ-ଭିତରେ ସେ ନିର୍ଜନ ବେଲବଣର ଭଙ୍ଗାଭୁଠା ଦେଉଳ, ଖଣ୍ଡଗିରି-ଉଦୟଗିରିର ନିସ୍ତବ୍ଧ ଦୃଶ୍ୟରାଶି ମତେ ଅପ୍ରକାଶ୍ୟରେ ଟାଣିବାକୁ ଲାଗିଲା । ଯାଏଁ ଟିକେ ବୁଲି ଆସେଁ । କଟକରେ ଇଲେ କୁ କାମ ପଡ଼ିଯାଉଚି ଯେ—

## * ଅଣାଣୀ *

କିଛି ସମୟ ଷ୍ଟେସନରେ ଅପେକ୍ଷା କରି ୧୨ଟା ଗାଡ଼ି ଧରିଲି ।

ଅଧମର ଆଶ୍ରମ ଧର୍ମଶାଳାରେ ରାତିର ରହଣିଟା ହେଲା । ବସନ୍ତଟା ଜ୍ୟେଷ୍ଠମାସ, ଭୁବନେଶ୍ୱରପରି ଉଚ୍ଚ ଜାଗାରେ ମଧ୍ୟ ଗ୍ରୀଷ୍ମର ଦୌରାତ୍ମ୍ୟ କିଛି କମ୍ ନ ଥିଲା । ବାହାରର ଉତ୍ତାପ, ମନର ସନ୍ତାପ ଓ ଖଟର ଛାରପୋକ, ଏମାନଙ୍କ ପୀଡ଼ନରେ ପୂର୍ଣ୍ଣିମାର ସମୁଦ୍ର-ଢେଉପରି ମୁଁ କେବଳ ଏପଟ-ସେପଟ ଗଡ଼ିବାକୁ ଲାଗିଲି । ରାତି ଶେଷ ହୋଇଆସିବାରୁ ଥଣ୍ଡା ପବନ ଖୁବ୍ ଜୋର୍‌ରେ ବହିଲା, ମତେ ଟିକେ ନିଦ ଲାଗିଗଲା । ଉଠୁଉଠୁ ଦିନ ନ । ଗାଧୋଇପାଧୋଇ ଦେଉଳଆଡ଼େ ଗଲି, ଏଣେତେଣେ ଟିକେ ବୁଲାଚାଲା କଲି । ମନର ଅବସ୍ଥା ଅନେକଟା ବଦଳିଆସିଲା । ଉପରବେଳା ବାହାରିପଡ଼ିଲି ଖଣ୍ଡଗିରି ଉଦ୍ଦେଶ୍ୟରେ ଚାଲି ଚାଲି । ଚାରିଆଡ଼କୁ ଚାହିଁ ଚାହିଁ ଯାଉଥାଏଁ । ସେ ସୁପ୍ତ ସୌନ୍ଦର୍ଯ୍ୟର କମନୀୟ ନିର୍ଜନତା ମୋ ବ୍ୟଥାଭରା ଆଖିକୁ ଅଞ୍ଜନପରି ଲାଗୁଥାଏ । ଭାବିଲି, ଏକାକୀ ଏକାନ୍ତେ—ପାଟିରୁ ପଦେଅଧେ କବିତା ବି ବାହାରିପଡ଼ିଲା ।

ହାତୀଗୁମ୍ଫାଉପରେ ଖୋଲା ଜାଗାରେ ବସି କେତେ କଣ ଭାବୁଚି । ସେତେବେଳକୁ ଦିନ ନଇଁ ଆସିଥାଏ । ଆଖପାଖ ଗଛପତ୍ରର ଛାଇ ଘନେଇ ଉଠୁଥାଏ । ଖଣ୍ଡିଏ ଶଗଡ଼ଗାଡ଼ି ସେହି ପାହାଡ଼ିଆ ବାଟ ଦେଇ ଧୀରେ ଧୀରେ ଚାଲିଥାଏ—ବୋଧ ହୁଏ ଝିଅଟିଏ ଅନେକ ଦିନ ଶାଶୁଘରେ ରହି ବାପଘରକୁ ଫେରୁଚି ବା କେହି ଚିରପ୍ରବାସୀ ଆଜି ଆସୁଚି ବିଦେଶରୁ ତାର ଆତ୍ମୀୟସ୍ୱଜନଙ୍କୁ ଭେଟିବାପାଇଁ ।

## * ଅଶୀ *

ଚାରିଆଡ଼େ ମହା ନିସ୍ତବ୍ଧତା, ମହାଶୂନ୍ୟତା—ସବୁ ଯେପରି ଉତ୍କଳ ଇତିହାସର ସେ ଗରିମାମୟ ପୀଠଟି ପୂର୍ବସ୍ମୃତି ମନେ ପକାଇ ଗୋଟେ ଅସ୍ପଷ୍ଟ କାନ୍ଦଣା ଆରମ୍ଭ କରିଦେଇଛି । ହଠାତ୍ ନାରୀକଣ୍ଠଧ୍ୱନି ନେପଥ୍ୟରେ ଶୁଣି ଚମକିଉଠିଲି—ଏଁ, ଏଠି ଏ ଅପୂର୍ବ ଦ୍ରବ୍ୟ ! ଦେଖିଲି—ଜଣେ ବୃଦ୍ଧଲୋକ ସାଙ୍ଗରେ ଗୋଟିଏ ଷୋଡ଼ଶୀ ରୂପସୀ ଉପରକୁ ଉଠୁଚନ୍ତି ନିଜ ରୂପଲାବଣ୍ୟର କୁହୁକ ଖେଳେଇ । ଗୋଟେ ଆଶାତୀତ ଉନ୍ମାଦନାର ଚମକ ରକ୍ତରେ ଖେଳିଗଲା । ଆଖପାଖ ପାହାଡ଼ପଥରସବୁ ହସିଉଠିଲେ । ସମସ୍ତ ମାନସମ୍ମାନ ହରେଇ ମୁଁ ଏ ସୁନ୍ଦରୀ ଯୁବତୀଙ୍କ କମନୀୟ ରୂପ-ଶୋଭାକୁ ଏକଦୃଷ୍ଟିରେ ଚାହିଁରହିଲି । କି ଚମତ୍କାର ଶରୀରଗଠନ ! କି ଅପୂର୍ବ ଅଙ୍ଗବିନ୍ୟାସ ! ଅମରପୁରୀର କୌଣସି ଅପ୍ସରା ହଠାତ୍ ଖଣ୍ଡଗିରିରେ ଖସିପଡ଼ିଲେ କି !

—କିଓ ଶ୍ୟାମ, ତୁମେ କୁଆଡ଼େ ?

ଏଁ, ମାଷ୍ଟ୍ରେ ! ନମସ୍କାର ଆଜ୍ଞା !

ମାଷ୍ଟ୍ରେ କ୍ଷୀଣକଣ୍ଠରେ କେତେ କଣ ଆଶୀର୍ବାଦ କରି ମୋଠୁଁ କିଛି ଶୁଣିବେ ବୋଲି ଅପେକ୍ଷା କରି ରହିଲେ; କିନ୍ତୁ ମୁଁ କଣ କିଛି କହିବା ଅବସ୍ଥାରେ ଥିଲି ! କଣ ବାବୁ, ବୁଲି ଆସିଥିଲ ? —ମାଷ୍ଟ୍ରେ ପଚାରିଲେ ।

ସଂକ୍ଷେପରେ କହିଲି—ଆଜ୍ଞା !

—ବୋଧ ହୁଏ ଏକା ଆସିଛ ?

—ଆଜ୍ଞା !

—କଣ ଉପରବେଳା ଭୁବନେଶ୍ୱରରୁ ବାହାରିଥିଲ ?

—ଆଜ୍ଞା !

ସୁବର୍ଣ୍ଣଟି ମୋର ଏ ଅସ୍ତବ୍ୟସ୍ତ, ଏ ଥତମତ ସଂକ୍ଷିପ୍ତ ଭ୍ରମଣ ଏବଂ ଅନୁନାସିକ ସ୍ୱରରେ ବାରମ୍ବାର 'ଆଜ୍ଞା' ଉଚ୍ଚାରଣ ଦେଖି ଟିକେ ହସିବାକୁ ଚେଷ୍ଟା କରୁଥିଲେ; କିନ୍ତୁ ଯେତେବେଳେ ତାଙ୍କ ରମଣୀସୁଲଭ ଚତୁରତାଦ୍ୱାରା ବୁଝିପାରିଲେ ଯେ ମୋର ଦୃଷ୍ଟି ଅନେକ କୋଣ, ଚାପ, ଜ୍ୟା ଦେଇ ଯାଇ ତାଙ୍କର ଉପରେ ପଡ଼ୁଚି, ସେତେବେଳେ ସେ ନିଜର ବେଶଭୂଷାଟା ସଜୋରରେ ସଜାଡ଼ି ବସିଲେ ।

ଏତେ ବଡ଼ ଖରାଦିନଟାରେ ମଧ୍ୟ ତାଙ୍କର ପୋଷାକ-ପରିଚ୍ଛଦ ନିତାନ୍ତ କମ୍ ନ ଥିଲା, ତଥାପି ଆବୃତ ସେ ରୂପଶୋଭାକୁ ସେ ଆଉରି ଆବୃତ କରିବାରେ ଲାଗିପଡ଼ିଥାନ୍ତି । ଭାବିଲି—ବା'ରେ, ଏତେ ଥାଇ ଏତେ କୃପଣ !

ମାଷ୍ଟ୍ରେ ତାଙ୍କର ଅତ୍ୟନ୍ତ ବାକ୍‌ପଟୁ ପୁଅଟିକୁ ନିତାନ୍ତ ଚୁପ୍‌ଚାପ୍ ଦେଖି କହିଲେ—ବାପ, ବଡ଼ ସୁଯୋଗରେ ଦେଖା । ଆସ, ଘରଆଡ଼େ ଟିକେ ବୁଲିଆସିବା । ଝିଅ ମୋର ଅନେକ ଦିନୁଁ ଏସବୁ ଦେଖିବ ବୋଲି ମନ ବଳେଇଲାଣି ଯେ, ମତେ ତ କେବେ ବେଳ ହୁଏ ନ । ଏଇ ଖରାଛୁଟିରେ ଟିକେ ବାହାରିପଡ଼ିଲି । ତାପରେ ଆଉ ଖବର କଣ ? ତୁମର ଚିଠିଟିଏ କିଛି ନାହିଁ···

—ଦେଇପାରି ନ ଆଜ୍ଞା, ଏ ପରୀକ୍ଷାରେ···

—ଖରାପ ହୋଇଯିବାକୁ ମନ ଭାରି ବ୍ୟସ୍ତ, ନା ? ଆଏ, ପରୀକ୍ଷା ତ ସବୁବେଳେ ପରୀକ୍ଷା, ସେ ଠିକ୍ ଗୁଇନାର ହୋପ୍ଲାଂହୋ ନିଉକୁଲପରି । ଯଦି ଲେଏସ୍ ବା ପୀତମୃତ୍ତିକା ଆସି ପଡ଼ିଲା ତେବେ ତ ସବୁ ଶସ୍ୟଶ୍ୟାମଳା ହୋଇଉଠିଲା, ନଇଲେ ଘାସଟିଏ ବି ମିଳିବା କଷ୍ଟ ।

## * କଲ୍ୟାଣୀ *

ମାଷ୍ଟ୍ରେ ଭୂଗୋଳ-ଶିକ୍ଷକ, ତାଙ୍କ ଉପମାଟା ମନକୁ ମୋର ଏକବାରେ ଚୁମ୍ବିଗଲା । କହିଲି—ଗୋଟେ କିଛି ଦୁର୍ଘଟଣା···

—ଦୁର୍ଘଟଣା ଦୁନିଆର ନିୟମ ବାପ, ସୁଘଟଣା କ୍ୱଚିତ୍ ଘଟେ !

ମାଷ୍ଟ୍ରେ ଚାଲିଥାନ୍ତି । ଯୁବତୀଟି ତାଙ୍କ ପଛେ ପଛେ, ଆଉ ମୁଁ ଯୁବତୀଙ୍କ ପଛେ ପଛେ । ଓ, ଏଇ ତେବେ ମାଷ୍ଟ୍ରଙ୍କ ଝିଅ ସ୍ନେହ—କଣ୍ୱଋଷିଙ୍କ ସ୍ନେହପାଳିତା କନ୍ୟା ଶକୁନ୍ତଳା, ଯାହାର ଗୀତ ସେଦିନ ମୁଁ ଏତେ ତନ୍ମୟ ହୋଇ ଶୁଣୁଥିଲି !

ଯୁବତୀ ହଠାତ୍ ଟିକେ ବୁଲିପଡ଼ି ଗମ୍ଭୀର-କର୍କଶ ଦୃଷ୍ଟିରେ ମତେ କୌଣସି କାରଣରୁ ତାଗିଦ୍ କରିବାକୁ ବୋଧେ ଯାଉଥିଲେ, ମୁଁ କିନ୍ତୁ ଟିକେ ମୁରୁକେଇ ହସିଦେଲି । ସେ କି ଆଉ ସମ୍ଭାଳି-ପାରନ୍ତି ? ବା-ବାଃ, ଚମତ୍କାର, ଏତେ ଗୁଣ ଅଛି ଟି ? ଆଉ କାହାରଟା ଏତେ କଡ଼ା କାହିଁକି ? ଭାବିଲି—'ରସିକ ଭୃ ଜଳଦ କଣ୍ଟବ କେତେ, କାମିନୀ ପ୍ରକାଶନ୍ତି ଭାବ ସଙ୍କେତେ·····'

ଏ ହାତୀଗୁମ୍ଫା, ଏ ରାଣୀହଂସପୁର, ଏ ଦେବସଭା—ମାଷ୍ଟ୍ରେ ଝିଅକୁ ଦେଖାଉଥାନ୍ତି, ମୁଁ କିନ୍ତୁ ଖାଲି ତାଙ୍କ ଝିଅକୁ ଦେଖୁଥାଏଁ । ଏ ଦୁଇଟି ଗୋଡ଼, ଆହା କି ସୁନ୍ଦର ସେ ଗଢ଼ଣ ! ଏ ଦୁଇଟି ହାତ, ଠିକ୍ ହଂସବେକପରି ନମନୀୟ ଓ ସାବଲୀଳ; ଏ ଦୁଇଟି ଆଖି, ଆହା କି ଚଞ୍ଚଳ ସେ ଭ୍ରୂଲତାର ଭଙ୍ଗୀ·····ଇତ୍ୟାଦି ।

ମାଷ୍ଟ୍ରଙ୍କର ତାଙ୍କ ଝିଅକୁ ସାରା ଖଣ୍ଡଗିରି ବୁଲେଇ ଦେଖେଇବା ସରିଆସିଲା; ହେଲେ, ମୋର କିନ୍ତୁ ଗୋଟିଏ ଜାଗାରେ ଅନେକ କିଛି ଦେଖିବାକୁ ବାକି ।

ହାଣ୍ଡିଗୁମ୍ଫାଭିତରେ ଗୋଟିଏ ଅପୂର୍ବ ଅଳସ କନ୍ୟାର ରୂପ ଦେଖି ମାଷ୍ଟ୍ରେ ହଠାତ୍ ଅଟକିଗଲେ । ଯୁବତୀ ମଧ୍ୟ ସେଇ ମୂର୍ତ୍ତିପାଖରେ ଠିଆ ହୋଇ ତାକୁ ଏକଦୃଷ୍ଟିରେ ଚାହିଁଥାନ୍ତି । ବଡ଼ ଆଶ୍ଚର୍ଯ୍ୟ ତ, ସେ ନିର୍ଜୀବ ପଥରମୂର୍ତ୍ତି ଆଉ ଏ ସଜୀବ ଯୁବତୀଙ୍କ ମଧ୍ୟରେ କି ଅପୂର୍ବ ସାମଞ୍ଜସ୍ୟ ! କେଉଁ ବଢ଼ାଣୀ ସେ ମୂର୍ତ୍ତି ଦେଖି ଯୁବତୀଙ୍କୁ ତିଆରି କରିଥିଲା, କି ଯୁବତୀଙ୍କୁ ଦେଖି ପଥରମୂର୍ତ୍ତିଟି ଗଢ଼ିଥିଲା, କିଛି ଠିକ୍ କରିହେଉ ନ ଥି ! ସେଇ କ୍ଷୀଣ-କଟି, ସେଇ ସ୍ଥୂଳ-ଊରୁ, ଯେପରି ଏକା ଛାଞ୍ଚରେ ଗଢ଼ା······ମୁଁ ଭାବୁଥାଏଁ ।

—କଣ କିଛି କହୁ ନ ଶ୍ୟାମ ?

—ଏଁ, କଣ କହିଲେ ଆଜ୍ଞା ! ନାହିଁ ଆଜ୍ଞା, ଏ ପଥର ଚିନ୍ତାଟା······

—ଚିନ୍ତା କରି ଆଉ ଲାଭ କଣ ? ଯା ଘଟିବାର ଥି ଘଟିଯାଇଛି, ଏଣିକି ଭବିଷ୍ୟତ କଥା ଭାବ । ମା ସିନୁ, ତୁ ଲାଜ କରୁଚୁ କି, ଏ ପରା ଶ୍ୟାମବାବୁ, ମୋର ପୁରାତନ ଛାତ୍ର······

—ନା ବାବା, କାହାକୁ ଦେଖି ଲାଜ କରିବାର କୁଅଭ୍ୟାସ ମୋର ନାହିଁ···ଜବାବଟା ମାଷ୍ଟ୍ରଙ୍କ ଦେହରେ ଜୋର୍‌ରେ ବାଧା ପାଇ ମୋଠେଇଁ ଆସି ଟାଇଁଦଶେ ବାଜିଲା । ଭାବିଲି—ଏଁ, ଏ କଣ ଝିଅ ନା ଆସ୍‌ମାନ ହାବେଲି !

ତଳକୁ ଓହ୍ଲେଇ ମାଷ୍ଟ୍ରେ ଆଣିଥିବା ଜିପ୍ ଗାଡ଼ିରେ ଚଢ଼ି ଭୁବନେଶ୍ୱର ରାସ୍ତା ଧରିଲୁଁ । ସେତେବେଳକୁ ସନ୍ଧ୍ୟା ହୋଇ-ଯାଇଥାଏ । ମଟରଟା ଚାଲିଥାଏ ଧଇଁସଇଁ ହୋଇ । ଥଣ୍ଡା ପବନ ଖୁବ୍ ଧାଇଁ-ଧାଇଁ ହୋଇ ମଟରଭିତରେ ପଶିଯାଉଥାଏ । ମାଷ୍ଟ୍ରେ ବିଶୁଦ୍ଧ ସାହିତ୍ୟିକ ଭାଷାରେ ଆରମ୍ଭ କଲେ—ଆମ ଦେଶର ଅମର

* ଭୋଗଣୀ *

ଗୌରବ ଏ ଖଣ୍ଡଗିରି, ଏ ଉଦୟଗିରି; ଏହାର ସ୍ତରେ-ସ୍ତରେ କନ୍ଦରେ-କନ୍ଦରେ ଲେଖା ପ୍ରାଚୀନ ଉତ୍କଳର ସମୃଦ୍ଧିଶାଳୀ ସଂସ୍କୃତି ।

ମୁଁ ସ୍କୁଲରେ ପଢ଼ିଲାବେଳେ ସାହିତ୍ୟ ଓ ଇତିହାସରେ ଉନ୍ନତ ନମ୍ବର ପାଉଥିଲି । ତେଣୁ କାଳିମାଷ୍ଟ୍ରଙ୍କ ପ୍ରିୟଶିଷ୍ୟ ଭାବରେ ଦରଦଭରା କଣ୍ଠରେ ମିଶେଇ କହିଲି—ଆହା-ହା, କିଏ ବୁଝିବ ଏହାର ମାହାତ୍ମ୍ୟ ? କି ବିରାଟ ଏ କଳା, କି ବିରାଟ ଏହାର ଇତିହାସ !

ଯୁବତୀଟି ଖେଁ କରି ହସିଉଠିଲେ । ମତେ ଲକ୍ଷ୍ୟ କରି ତାଚ୍ଛଲ୍ୟଭରା ସ୍ୱରରେ କହିଲେ—ଆପଣ ବୋଧ ହୁଏ ସେସବୁ ଭଲରୂପେ ଦେଖି ନାହାନ୍ତି !

ସତେ ତ, ମୁଁ କୁଠି ଆଉ କଣ ଦେଖିଲି ! କାଳି ମାଷ୍ଟ୍ରେ କହିଲେ ବୋଲି—ମନେ ମନେ ଭାବିଲି ।

ଯୁବତୀ ପୁଣି ଆରମ୍ଭ କଲେ—ମୁଁ ଖୁବ୍ ଯତ୍ନସହକାରେ ସବୁ ତନ୍‌ତନ୍ କରି ଦେଖିଛି; ମାତ୍ର ଗର୍ବ କରିବାର ସେପରି କିଛି ପାଇଲି ନା । ସବୁ ନିହାତି ମାମୁଲି, ସବୁ ନିତାନ୍ତ ସାଧାରଣ । ତା ପରେ, ତଥାକଥିତ ଏ ଅମରକୀର୍ତ୍ତି, ଏ ଉଚ୍ଚକୋଟୀର ସ୍ଥାପତ୍ୟକଳା ପଛରେ ଯେ କି ଶୋଷଣ, କି ଅତ୍ୟାଚାରର ଇତିହାସ ଲୁଚିରହିଛି···

କିରେ ବାବା, ଏ କାମିନୀ ନା କମ୍ୟୁନିଷ୍ଟ !

ମାଷ୍ଟ୍ରେ ପଚାରିଥିଲେ—ଆଚ୍ଛା ଶାମ, ଏଥିପରେ କଣ କରିବ, କିଛି ଠିକ୍ କରିଚ ?

—ଆଜ୍ଞା, ନା !

—ମୁଁ ଭାବୁଛି, ତୁମେ 'ଲ' ପଢ଼ ।

—ଆଜ୍ଞା, ମୁଁ ତ ସେଇଆ ଭାବିଛି !

ମୋ କଣ୍ଠରେ ଓ ଭାଷାରେ କଣ ଦୋଷ ଥିଲା କେଜାଣି, ଯୁବତୀଟି ପୁଣି ଥରେ ଜୋର୍‌ରେ ହସିଉଠିଲେ । ସାଙ୍ଗେ ସାଙ୍ଗେ ମୁଁ ମୋର କଥାଟା ବଦଳେଇ କହିଲି—ନାହିଁ ଆଜ୍ଞା, ମୁଁ ସେ କଥା ଭବିବ ବୋଲି ଭାବିଚି । ଏଥିରେ ଯୁବତୀଙ୍କ ହାସ୍ୟର ଉଚ୍ଛ୍ୱାସ ଆଉରି ବଢ଼ିଗଲା ।

ଭାବିଲି—ବଡ଼ ବିପଦ ତ ! ମୋର ଏ ବି. ଏ. ପାସ୍ କଥାଟାରେ ଏପରି କଣ ଭୁଲ୍ ରହିଗଲା ଯେ ଯୁବତୀଙ୍କ ହାସ୍ୟ-ସମୁଦ୍ର ଏକଦମ୍ ଫେନାୟମାନ ହେଇଉଠୁଚି !

ସେ ଯା ହଉ, ଭୁବନେଶ୍ୱର-ଯାତ୍ରାଟା ଯେତେ ଦୁଃଖମୟ ହେଇଥିଲା, ରହଣିଟା ସେତିକି ସୁଖମୟ ହେଲା । ଯୁବତୀଙ୍କ କଥାରେ ଯେତେ ନିଷ୍ଠୁର, ଯେତେ କର୍କଶ ଦେଖେଇ ହଉଥିଲେ, କାର୍ଯ୍ୟରେ ସେତେ ଦୂର ଜଣାଗଲେ ନି । ବହୁତ ବୁଲିଚାଲି, ବହୁତ ଠଟ୍ଟାଠଟ୍ଟ, ବହୁତ ଗେହ୍ଲାଗେହ୍ଲାଣୀ, ବହୁତ ହସଗପ ଗୁଳିଲି—ଏଥିରେ କି ଆଉ ଅନର୍ସ କଥା ମନେ ପଡ଼େ ? ଯା ହେଉ, ପାସ୍ ତ ହେଇଚି ! ଅନର୍ସ ଥିଲେ ବି. ଏ. (ହନ୍‌ସ) ଲେଖା ହେଇଥାନ୍ତା, ନ ହେଲେ ଖାଲି ବି. ଏ. ଲେଖା ହବ—ଇଥିପାଇଁ ଏତେ ଚିନ୍ତା !

ଦୁଇ ଦିନପରେ କଟକ ଫେରିଲୁଁ । ମାଷ୍ଟ୍ରଙ୍କ ଆନୁକୂଲ୍ୟରୁ ଯଥାସମୟରେ 'ଲ' କ୍ଲାସରେ ନାଁ ଲେଖାହେଲା । ବାହାରେ କୌଣସି ମେସ୍‌ରେ ରହିବାର ସୁବିଧା ନ ଜୁଟିବାରୁ ମାଷ୍ଟ୍ରଙ୍କ ଅନୁରୋଧକ୍ରମେ ତାଙ୍କର ଘରେ ରହିଲି । ପଢ଼ିବାକୁ ଲ, ରହିବାକୁ ଉଡ୍-ବି ଫାଦର୍-ଇନ୍-ଲଙ୍କ ଘର—ଏହାର ସ୍ୱାଦ ଯେ ଉପଭୋଗ କରିଚି, ସେ ଜାଣେ ତାର ମାହାତ୍ମ୍ୟ । ମାଷ୍ଟ୍ରେ ଦିନକିତ ତାଙ୍କ ସ୍କୁଲ

ଟିଉସନ ନେଇ ବ୍ୟସ୍ତ ରହନ୍ତି । ଆମର କିନ୍ତୁ ଚାଲିଥାଏ ରୋମିଓ-ଜୁଲିଏଟ୍ କିମ୍ବା ଓମରଖାଏମର ଅଭିନୟ ! ଘରେ ଅବଶ୍ୟ ସ୍ନେହର ପିଇସୀ-ନାନୀ ଥାନ୍ତି; କିନ୍ତୁ ସେ ବିଚାରୀ ଦିଅଁ-ଦେବତା, ଓଷା-ହବିଷରେ ଏତେ ଲାଗିପଡ଼ିଥାନ୍ତି ଯେ ଆମ କାର୍ଯ୍ୟକଳାପପ୍ରତି ନଜର ଦବାକୁ ତାଙ୍କର ମୋଟେ ବେଳ ନ ଥାଏ । ଯଦି କେବେ ଆପତ୍ତି କଲାଭଳି କିଛି ଦେଖନ୍ତି, ତେବେ ସେ କୌଣସି କଥା କହିବା ଆଗରୁ ମୁଁ ଗେଲେଇ ହୋଇ ମାଉସୀ ବୋଲି ଡାକିଦିଏଁ—ସେ ସବୁ ଭୁଲି ହସି ହସି ଚାଲିଯାନ୍ତି ।

ଦିନେ ସକାଳେ ହଠାତ୍ କାହିଁକି କ୍ଲାସରେ ମନ ଲାଗିଲା ନି । ଘରକୁ ଆସି ଦେଖେଁ ତ ସ୍ନେହର ସ୍କୁଲକୁ ଯିବାର କୌଣସି ଉଦ୍ଯୋଗ ନାହିଁ । ଓ, ଆଜି ଛୁଟି ! ବେଶ୍, ଆଡ୍ଡାଟା ତାହେଲେ ଖୁବ୍ ଜମିବ ।

ମତେ ଏପରି ଅପ୍ରତ୍ୟାଶିତଭାବରେ ଫେରିବା ଦେଖି ସ୍ନେହ ଟିକିଏ ବିରକ୍ତ ହୋଇ କହିଲା—ହଠାତ୍ ଚାଲିଆସିଲୁ ଯେ, ଆଜି କଣ କ୍ଲାସ ହେଲା ନି କି ?

ବହୁତ ବ୍ୟଥାସହ ଦୀର୍ଘନିଶ୍ୱାସ ପକେଇ କହିଲି—ଲିଂ କ୍ଲାସରେ ଆଜି ପଢ଼ାପଢ଼ି କଣ ହେବ ? ବାରପଣ ଦିନ ତ ଲେକ୍ଚରର୍ ଆସୁ ନାହାନ୍ତି !

—ଯାଃ, ଖାଲି ମିଛ !

—କଦାପି ନୁହେଁ !

—ନିଶ୍ଚୟ ।

ସ୍ନେହ ପାଖକୁ ଲାଗିଯାଇ ଟିକେ ରସିକତା କରି କହିଲି—ଆଚ୍ଛା, ତୁମକୁ ଏତେ କଥା ଜଣାଗଲା କିମିତି ?

—ତୁମେ ଆଗ କହ, ସତରେ କ୍ଳାସରୁ ପଳେଇଆସିବ କି ନାହିଁ ?

—ନିଶ୍ଚୟ ଆସିଚି ।

—କାହିଁକି ଆସିଲ ?

—କାରଣ ତୁମେ ମତେ ଖୋଜୁଥିଲ

—ଇସ୍, ମୁଁ ଖୋଜୁଥିଲି !

—ଦେଖ ସ୍ନେହ, ତୁମ ମାଇକିନିଆ ଜାତିଟା ବଡ଼ ବିଚିତ୍ର ! ଏତେ କଥା, ଏତେ ଭାବ ତୁମେ ମନଭିତରେ ଲୁଚେଇ ରଖି ବାହାରକୁ ପୂରା ସଙ୍କୋଚ ଦେଖେଇ ହୁଅ କିମିତି ? ତୁମେ ଯେ ମୋଠୁ କମ୍ ଦୁର୍ବଳ, ଏ କଥା କଦାପି ନୁହେଁ । ବାସ୍ତବିକ ତୁମ ଏ ଗୁଣଟା ····

—ଏ ଗୁଣଟା ଝିଅମାନଙ୍କୁ ଗୁରୁ କରି ତୁମ ପୁରୁଷଜାତି ଶିଖିବା ଦରକାର ।

—ଗୁରୁ ତ କରିଚି; କିନ୍ତୁ ଦୀକ୍ଷାଟା ତ ଆଜଯାଏ ମିଳିଲା ନି !

—ରଖ ସେ ବଜାରଗିରି ! ଯାହାକୁ ଜୀବନରେ ବହୁତ ଥର ଦେଖିବାର ସୁବିଧା ମିଳିବ, ତାପାଇଁ କ୍ଳାସ ଛାଡ଼ି ପଳେଇଆସିବା ବଡ଼ ଅନ୍ୟାୟ ।

—ଏଁ, ତୁମେ କଣ ଏଠି ଧର୍ମଶିକ୍ଷା କ୍ଳାସ ଆରମ୍ଭ କରିବ ନା କଣ ?

ଏ ସମସ୍ତ ମାନ୍ତିପୂର୍ଣ୍ଣ ଉପଦେଶର ଉତ୍ତର କଥାରେ ନ ଦେଇ କାର୍ଯ୍ୟରେ ଦବାକୁ ସ୍ନେହକୁ କୋଡ଼କୁ ଟାଣିଆଣୁଥିଲି, ଦାଣ୍ଡରେ ଶୁଭିଲା—ମା ସିନୁ !

ମାଷ୍ଟ୍ରେ ଭିତରକୁ ପଶିଆସିଲେ; କିନ୍ତୁ ଆମ ଦୁହିଙ୍କୁ ଏକାଠି ଦେଖି ତାଙ୍କ ମୁହଁ ଶୁଖିଗଲା । କଥା କଣ ! ମତେ ସ୍ନେହପ୍ରଭାଙ୍କୁ ଦେଖିଲେ ଆଗେ ଯେ ଗର୍ବରେ ଫୁଲିଯାଉଥିଲେ, ଆଜି ତାଙ୍କର ଏଭଳି ଭାବ !

ମାଷ୍ଟ୍ରେ କହିଲେ—ଦେଖ୍ ସିନୁ, ଏତିକିଟିଏ ହେଲୁ, ମାଟ୍ରିକ୍‌ପର୍ଯ୍ୟନ୍ତ ପାଠ ପଢ଼ିଲୁଣି, ତୋର କଣ ଘରକାମ ଟିକେ ବୁଝିବା ଉଚିତ ନୁହ ? ତୋର ପିଉସୀଟା ଦିନଗଣ୍ଡି ଖଟି ଖଟି ମରିଯାଉଚି, ସବୁବେଳେ ଗୋଟେ ହେଁ-ହେଁ ଫେଁ-ଫେଁ କଣ ସୁନ୍ଦର ? ସାଙ୍ଗେ ସାଙ୍ଗେ ସ୍ନେହ କ୍ରୁଦ୍ଧ ନାଗୁଣୀପରି ଫଁଦଣେ ଗର୍ଜି-ଉଠିଲା । କାମ ଯଦି ନ ଚଳୁଚି ଆଉ ଦିଟା ଗୃକରଣୀ ରଖ—ମୁଁ କିଛି କରିପାରିବି ନା···କହି ଏକମୁହାଁ ସେଠୁ ଚାଲିଗଲା ।

ମାଷ୍ଟ୍ରେ ତା ଯିବା ବାଟକୁ ବଡ଼ ସଶଙ୍କଭାବରେ ଚାହିଁ-ରହିଥାନ୍ତି । ଟିକକପରେ ମୋ ଆଡ଼କୁ ଦୃଷ୍ଟି ଫେରେଇ କହିଲେ—ଡେର୍ ହୋଇଚି ବାପ, ଡେର୍ ହୋଇଚି; ଏ ବୁଢ଼ା ବୟସରେ ଏତେ ଅନୁତାପ କରିବାକୁ ବେଶୀ ବେଳ ନାହିଁ, ତେବେ ଚେଷ୍ଟା କରିବି ।

ମୁଁ ବଡ଼ ବିଚଳିତ ହୋଇପଡ଼ିଲି—ଶ୍ରଦ୍ଧା ଓ ଶାନ୍ତିର ଅବତାର ମାଷ୍ଟ୍ରଙ୍କ ତୁଣ୍ଡରେ ଏ କଥା !

ଶଙ୍କାକୁଳ ବିନମ୍ରକଣ୍ଠରେ ପଚାରିଲି—କଣ ହୋଇଚି ଆଜ୍ଞା ?

କିଛି ଉତ୍ତର ନ ଦେଇ ଖଣ୍ଡେ ଚିଠି ସେ ମୋ ହାତକୁ ବଢ଼େଇଦେଲେ । ସେଠା ପୁର୍‌ପୂର୍ ପଢ଼ିବାର ଧୈର୍ଯ୍ୟ ମୋର ନ ଥିଲା; ହେଲେ, ଯେତିକିରେ ଆଖି ପଡ଼ିଲା, ସେତିକିରୁ ବେଶ୍ ବୁଝିପାରିଲି ଯେ ଅଶୁଦ୍ଧ ଓଡ଼ିଆରେ ବିଶୁଦ୍ଧଭାବରେ ମନ୍ଦା

ଲୋକୀଚନ୍ଦ୍ର—ଶାମର ବନ୍ଧାଘର ବର୍ତ୍ତମାନ ହୋଇପାରିବ ନ; ଅନ୍ୟତ୍ର ତୁମେ ତୁମ ଝିଅର ବ୍ୟବସ୍ଥା କର ।

ଲଜ୍ଜା ଓ ଦୁଃଖରେ ମୁହଁ ମୋର କଳା ପଡ଼ିଗଲା । ହାତରୁ ଛାତିଖଣ୍ଡିକ ଖସିପଡ଼ିଲା । କ ଭାଷାରେ ମାଷ୍ଟ୍ରଙ୍କୁ ବୋଧ ଦେବି, କିଛି ଠିକ୍ କରିପାରିଲି ନ । ଭାବିଲି, ଛିଃ, କ ମୀଚତା, କି କୃତଘ୍ନତା !

ସେଇ ଦିନ ସେଇପରି ଅଗାଧୁଆ ଅଗିଆ ଅବସ୍ଥାରେ ଗାଁକୁ ବାହାରିପଡ଼ିଲି । କଟକ ଷ୍ଟେସନରେ ପହଞ୍ଚି ଦେଖେଁ ତ ଗୋଟେ ବସ୍ ଜଗତ୍‌ସିଂହପୁର ଲାଇନରେ ଗୁଡ଼ିବା ଉପରେ । ହଠାତ୍ ଟଙ୍କା କଥା ମନେ ପଡ଼ିଲା । ପଇସା ତ କିଛି ଆଣିଲି ନ । ପୁଣି କରେଁ କଣ ? ପକେଟରେ ହାତ ମାରି ଦେଖିଲି, ଦୁଇଟଙ୍କିଆ ନୋଟ ଖଣ୍ଡେ । ମନେ ପଡ଼ିଲା, ସେଦିନ ସକାଳେ ସ୍ନେହ 'ବିବାହ ନାଟକ' କିଣି ଆଣିବାକୁ ସେ ଟଙ୍କା ମତେ ଦେଇଥିଲା । ଟିକଏ ହସ ମାଡ଼ିଲା । ଭାବିଲି—ଯେତେବେଳେ ମୀଚତା ଓ ଶଠତାର ଚରମ ନମୁନା ଦିଆଯାଉଚି, ଏତକ ବାକି ରହିବ କାହିଁକି ?

ଟିକେଟ୍‌ଟିଏ କିଣି ବସ୍‌ର ଗୋଟିଏ କୋଣରେ ଯାଇ ବସିପଡ଼ିଲି । ଘର୍-ଘର୍ ଶବ୍ଦ କରି ମଟର ଚାଲିଲା । ମୁଣ୍ଡଭିତରଟା ମୋର ଯିମିତି ଘର୍-ଘର୍ କରୁଥାଏ ।

ଗାଁରେ ପହଞ୍ଚି ଶୁଣିଲି, ସ୍ନେହ ସହିତ ମୋର ବିବାହର ନେଇ ସୃଷ୍ଟି ହୋଇଚି ଏକ ମହାଗୋଳମାଳ, ମହାକନ୍ଦଳ । ସେଥିରେ ନେତୃତ୍ୱ ନେଇଚନ୍ତି ଖୋଦ୍ କାଞ୍ଜି ମାହାପାତ୍ରେ ।

ମଫସଲରେ ଆଉ କିଛି ଥାଉ ନ ଥାଉ ଗୁଜବ-ଗବେଷଣା କେନ୍ଦ୍ରଗୁଡ଼ାକ ସବୁବେଳେ ଖୁବ୍ ସକ୍ରିୟ । ଗାଁବାଲା ଖବର

ଯୋଗାଡ଼ କରଥାନ୍ତି—ମାଷ୍ଟ୍ରଙ୍କ ଘର ସୁଭାଗ ନରସିଂହପୁର ଶାସନ; କାଲଦୋଷହେତୁ ତାଙ୍କୁ ଅନେକ ଦିନପର୍ଯ୍ୟନ୍ତ ବାହା ହବାକୁ ପାତ୍ରୀ ମିଳଲେ ନ, ଶେଷରେ ସେ ଦକ୍ଷିଣରୁ କନ୍ୟାସୂନା ଦେଇ ଝିଅଟିଏ କିଣି ବାହା ହେଲେ; ଜାତି ଜଣା ନାହିଁ, ଜ୍ଞାତି ଜଣା ନାହିଁ, ଏ ପୁଣି ସୁଭାଗ ଶାସନର ବୋହୂ ହବ, ଏଇ କଥାକୁ ଗଣ୍ଠି କର ଗାଁବାଲାଏ ତାଙ୍କ ଉପରେ ବହୁ ଉପଦ୍ରବ ଆରମ୍ଭ କରିଦେଲେ; କେତେ ମାର-ମାର ଧର-ଧର ଚାଲିଲା, ସମସ୍ତେ ତାଙ୍କୁ ନଆଁ ପାଣି ବାସନ୍ଦ କଲେ; ସାଙ୍ଗେ ସାଙ୍ଗେ ତାଙ୍କ ବାଳ୍ୟବିଧବା ଭଉଣୀର ଚରିତ୍ର ସମ୍ବନ୍ଧରେ ମଧ୍ୟ ଅନେକ କଥା ପ୍ରଚାର ହେଲା; କୌଣସିମତେ କିଛି ଦିନ କଟିଲା; କିନ୍ତୁ ସ୍ନେହ ଜନ୍ମ ହବାପରେ ଲୋକଙ୍କର ଉତ୍ପାତ ଆହୁରି ବଢ଼ିଉଠିଲା । ମାଷ୍ଟ୍ରଙ୍କ ସ୍ତ୍ରୀ ଏତେ ଯନ୍ତ୍ରଣା ସହ୍ୟ କରି ନ ପାରି ଆତ୍ମହତ୍ୟା କଲେ; ଶେଷରେ ମାଷ୍ଟ୍ରେ ଭଉଣୀ ଓ ଝିଅକୁ ସାଙ୍ଗରେ ଘେନି ଚିରଦିନପାଇଁ ଗାଁ ଛାଡ଼ିଲେ ।

ବହୁ ହଟଚମଟ ଲାଗିଥାଏ, ବହୁ ଆପତ୍ତି-ଆଲୋଚନା ଚାଲିଥାଏ—ଏପରି ଲୋକ ସହିତ ପୁରୁଷୋତ୍ତମପୁର ଶାସନ ବ୍ରାହ୍ମଣ ସମ୍ପର୍କ ବାନ୍ଧିବେ ? ଏବେ ତ ଚନ୍ଦ୍ର-ସୂର୍ଯ୍ୟ ଉଦୟ-ଅସ୍ତ ହଉଚନ୍ତି, ଏବେ ବି ତ ଦିନ-ରାତି ହଉଚି ! ତଥାପି ଏ ଅବିଚାର ! ଘୋର କଳିକାଳ, ଘୋର କଳିକାଳ !

ଗାଁବାଲା ଅଡ଼ି ବସିଥାନ୍ତି—ମାଷ୍ଟ୍ରଙ୍କ ଘରେ ମୋର ବାହା ହେଲେ ଆମକୁ ସମସ୍ତେ ଏକଘରକିଆ କରିବେ ।

ନନା ତାଙ୍କ ଜୀବନରେ ଅନେକ ସାମାଜିକ ଝଡ଼-ତୋଫାନର ସମ୍ମୁଖୀନ ହୋଇଥିଲେ, ବ୍ରାହ୍ମଣ ଶାସନରେ

* ଏକାନକେ *

ଏକଘରିକିଆ ହୋଇ ରହିବାର ପରିଣାମ କିଣ ତା ଉପଲବ୍ଧି କରିବାର ସାଂସାରିକ ଅଭିଜ୍ଞତା ତାଙ୍କର ଥିଲା । ବୁଢ଼ାଦିନେ ଆଉ ଗାଁ-ଗଣ୍ଡଗୋଳରେ ପଶିବେ ନି, ସାମାନ୍ୟ ବିଷୟର ନେଇ ମାଲିମକଦ୍ଦମା ସୃଷ୍ଟି କରିବେ ନି, ଏଇଆ ସେ ଠିକ୍ କରିନେଇଥାନ୍ତି । ଏଥିମଧ୍ୟରେ ମୋର ବିବାହର କାଞ୍ଜି ମାହାପାତ୍ରଙ୍କ ନାତୁଣୀ ଝିଅଟିଆ ସମ୍ବନ୍ଧ ଏକପ୍ରକାର ଠିକ୍ ହୋଇଯାଇଥାଏ । ସବୁ କଥା ଶୁଣିବା-ପରେ ମନରେ ଗୋଟେ ଘୋର ନୈରାଶ୍ୟର ଭାବ ଖେଳିଗଲା — ଏଇ ସେ ପଲ୍ଲୀ, ଯାର ସରଳତା ନେଇ କବି ଲେଖେ କବିତା, ଲେଖକ କରେ ସ୍ତୁତିଗାନ; ଏତେ ବକ୍ତୃତା, ଏତେ କରତାଳି ଯାର ନେଇ !

ବୋଉଠୁଁ କେତେଟା ଟଙ୍କା ଧରି କଟକ ଫେରିଥାଏଁ । ଆସ୍ଥାନ ଜମେଇଥାଏଁ ଗୋଟେ ମେସ୍‌ରେ । ବିଚିତ୍ର ସେ ଜୀବନ ! ଖାଦ୍ୟ ଯା ମିଳେ ତାକୁ ଦେଖିଲେ ଆଜୀବନ ଅନଶନ କରିବାର ପ୍ରେରଣା ମିଳିବ । ସ୍ନେହ-ସୌହାର୍ଦ୍ଦ୍ୟ ନାହିଁ, ବନ୍ଧୁତ୍ୱ ଭ୍ରାତୃତ୍ୱ ନାହିଁ । ଯେତେକ ସିଠି ଥାନ୍ତି, ସମସ୍ତେ ଗୁଡ଼ିଏ ବିଚିତ୍ର ! ଗଣ୍ଡିଏ ଯଥାତଥା ଖାଇଦେଇ କିଏ ଯାଏ ଟିଉସନ ଯୋଗାଡ଼ରେ, କିଏ ଯାଏ ଚାକିରି ଅନ୍ୱେଷଣରେ, କିଏ ମାଲ-ଗୋଦାମରେ କାମ କରେ, କିଏ ବା ମାରୁଆଡ଼ିପଟିରେ ଖାତାପତ୍ର ହିସାବ ଧରିଥାଏ । ସଞ୍ଜବେଳକୁ ଫେରି ଆରମ୍ଭ କରିଦିଅନ୍ତି ମହା କୋଳାହଳ—କିଏ ମେସ୍‌କୁ ଟଙ୍କା ଦେଇ ନି, କାହାର ଆତ୍ମୀୟ ଜଣେ ଆସି ଅଧିକା ମିଲ୍‌ଟିଏ ଖାଇଗଲା କିନ୍ତୁ ଖାତାରେ କାହିଁକି ତାର ହିସାବ ରହିଲା ନି, ପୂଝାରି କାହାକୁ ବେଶୀ ତରକାରି ଦେଲା, ଚାକର କା କଥା ବେଶୀ ଶୁଣିଲା ।

## * ବସ୍ତ୍ରାନ୍ୱେ *

ସମସ୍ତଙ୍କର କିଛି ନା କିଛି କାମ ଥାଏ । ମୁଁ କିନ୍ତୁ ଏକା ଅକର୍ମା । ନା ଥାଏ ଖିଆପିଆରେ ସବୁର, ନା ଥାଏ ଏ ଅଭୁକ୍ତ ମେସ୍ ଜୀବନରେ ଆସକ୍ତି । ବେଳେ ବେଳେ ବସି ପୂର୍ବକଥା-ଗୁଡ଼ାକ ଭାବେଁ—କାହିଁ ସ୍ନେହର ସୋହାଗଆଦରମିଶା ପରିଚର୍ଯ୍ୟା, କାହିଁ ଏ ଖାଉଛି ମେସ୍‌ର ବିକୃତ ଜୀବନ !

ବୋଉଠାରୁ ତାମ୍ର ମୁଦ୍ରା ଆକାରରେ ଅର୍ଥାତ୍ ପଇସା-ଅଧୁଲିରୂପରେ ଯେ କେତେ ଟଙ୍କା ଆଣିଥିଲି ସେତକ ସରି-ଆସିଥାଏ । ପୁଣି ଟଙ୍କା କୁଆଡ଼ୁ ଆସିବ ? କିଛି ଯୋଗାଡ଼ ନ କଲେ ମାସ ଶେଷକୁ ମେସ୍-ଖର୍ଚ କଣ ଦିଆଯିବ ? ଫେରେ ଉପାୟ ? ଉପାୟ ଅଧମ-ଉଦ୍ଧାରଣ ପନ୍ଥା ଟିଉସନ !

ଦିନେ ସକାଳୁ ଏଇ ଟିଉସନ ଅଭିଯାନରେ ବୁଲୁଥାଏଁ ବିରାଟ ବିର୍ ରାସ୍ତାଟାରେ । ମୋର ନିରାଟ ମ୍ଲାନ ଚେହେରାକୁ ଦୁଇଆଡ଼ର ବିଶାଳ କୋଠାବାଡ଼ିସବୁ ଯିମିତି ପରିହାସ କରୁଥାନ୍ତି । ଦୂରରୁ ଗୋଟେ ମୋଚି ପଚାରିଲା—ବାବୁ, ଜୋତା ମରାମତି ?

ବିରକ୍ତ ହୋଇ କହିଲି—ନା ।

ହଠାତ୍ ଗୋଡ଼ଉପରେ ଦୃଷ୍ଟି ପଡ଼ିଗଲା । ଦେଖିଲି, ଚଟି ଦୁଇଟିର ଅବସ୍ଥା ବଡ଼ ସାଂଘାତିକ । ତାଙ୍କର ଆଦି ନାହିଁ କି ମଧ୍ୟ ନାହିଁ କି ଅନ୍ତ ନାହିଁ—ପୂରାପୂରି ଭଗବାନଙ୍କ ସାଙ୍ଗେ ସମାନ । ସାମାନ୍ୟ ହସ ମଧ୍ୟ ମାଡ଼ିଲା । ଭାବିଲି, ସେ କାନପୁରୀ ଚପଲ ଗଲା କୁଆଡ଼େ, ସେ ଫ୍ଲେକ୍ସ ଜୋତା ଗଲା କୁଆଡ଼େ ? ଯଦୁପତେଃ କ୍ୱ ଗତା ମଥୁରାପୁରୀ ରଘୁପତେଃ କ୍ୱ ଗତୋତ୍ତର-କୋଶଳ !

## * ଚେଷ୍ଟାନିନେ *

‘ନ’ ସେକେଣ୍ଡ ପାର୍ଟ ଲେକଚରର୍ ସରିବାକୁ ଆଉ ଦୁଇ ମାସ ଥାଏ । କିନ୍ତୁ ଏଇ ଅଳ୍ପ ସମୟଟକ ଗୋଟିଏ ଯୁଗପରି ଲାଗିଲା । ଭାବିଲି, କୁଆଡ଼ୁ ସୁବିଧା ମିଳନ୍ତା କି କଷ୍ଟକ ଗୁଡ଼ ଖୁଲିଯାନ୍ତା । ଅନେକ ଦିନ ଖବର-କାଗଜର ଓ୍ୱାଣ୍ଟେଡ୍ କଲମଗୁଡ଼ିକ ଯତ୍ନ-ସହକାରେ ଦେଖିଲି, ଅନେକ ଆବେଦନ ନିବେଦନ କଲି, ଅନେକ ପ୍ରାଇଭେଟ୍, ଅନେକ ଅଫିସିଆଲ୍ ଇଣ୍ଟରଭ୍ୟୁ ଆରମ୍ଭ କରିଦେଲି; ହେଲେ, କଷ୍ଟକରୁ ଖୁଲିଯିବାର କୌଣସି ଉପାୟ ନ ମିଳିଲା । ତେବେ ଆଉ ଗତି କଣ ? କୌଣସିମତେ ଏ ରହସ୍ୟମୟ ‘ନ’ ପଢ଼ାଟା ସାଙ୍ଗ କରିବାକୁ ପଡ଼ିବ !

ଗୋଟିଏ ଭଲ ଟିଉସନ ମିଳିଥାଏ । କାଠଯୋଡ଼ି-କୂଳରେ ନରିବାବୁ ଆଡ଼ଭୋକେଟ୍‌ଙ୍କ ଘର । ତାଙ୍କର ଦୁଇଟି ଝିଅ— ସୁଲୋଚନା କସ୍ତୁସ୍କା, କୌଣସି ଯୁବକ ଶିକ୍ଷକର ଗ୍ରାସୀ ହେବା ତାଙ୍କ ପକ୍ଷରେ ନିରାପଦ ନୁହେଁ; ତେଣୁ ଝିନୁ କେବଳ ମୋ ପାଖରେ ପଢ଼େ, ସେ ପୁଣି ଅ ଆ କ ଖ । ଭାବିଲି, ବି.ଏ. ର ଏକନମିକ୍ସ୍ ଇଠି ଭାରି ଦରକାର ଆସିଲା ।

ନରିବାବୁଙ୍କ ପୁତ୍ରବିହୀନ ପରିବାରଟିରେ ମୁଁ ବଡ଼ ଆଦର, ବଡ଼ ସ୍ନେହର ପାତ୍ର ହୋଇଉଠିଲି । ମାସିକ ୩୦ ଟଙ୍କା ଦରମା ଛଡ଼ା ଜଳଖିଆ ପ୍ରତିଦିନ ସେଇଠୁ ମିଳେ । ସଞ୍ଜବେଳେ ଟିଉସନ ସାରି କାଠଯୋଡ଼ି-କୂଳରେ ରାତି ୧୧ଟା ପର୍ଯ୍ୟନ୍ତ ବସେଁ । ଦିଗନ୍ତଭରା ବିସ୍ତୃତ ବାଲୁକାରାଶିକୁ ଚାହିଁ ଚାହିଁ ମନେ ମନେ କେତେ କଣ ଭାବେଁ, ମୂଲ୍ୟବାନ୍ ଅତୀତର ମଧୁମୟ ଘଟଣାଗୁଡ଼ିକର ରୋମନ୍ଥନ ଆରମ୍ଭ କରିଦିଏଁ । ସ୍ନେହ ସନ୍ଧ୍ୟ ଖଣ୍ଡଗିରିରେ ସେ ପ୍ରଥମ ଦେଖା, ତାର ସେଇ ଦୁରନ୍ତ ଚାଉଁନାମିଶା ପ୍ରେମମୟ

## * ଯୌବନକେ *

କଠୋର ଗୃହାଣୀ, ତାର ସେଇ ନଟୋଳ ଅଙ୍ଗପ୍ରତ୍ୟଙ୍ଗର ଢଳଢଳ ଭଙ୍ଗୀ ଆଖି ଆଗରେ ନାଚଉଠେ । କେତେବେଳେ ଅଜଣା ହସର ଉଚ୍ଛ୍ୱାସରେ ଓଠ ଦିଟା ଖୋଲିଯାଏ, କେତେବେଳେ ବା ଅଜ୍ଞାତରେ ଆଖିରୁ ଦୁଇ ଟୋପା ଲୁହ ଖସିପଡ଼େ । ଦଶଟାପରେ ନଈକୂଳଟା ନିର୍ଜନ ହୋଇଯାଏ, ଝୁରଆଡ଼ୁ ଭାସିଆସେ ଗୋଟେ ଅଦ୍ଭୁତ ସାଇଁ-ସାଇଁ ଶବ୍ଦ । ଗ୍ରାମଭିତର ଦାଉଁ-ଦାଉଁ ହୋଇଉଠେ । ଟିକେ ଡର ମାଡ଼େ, ଦେହ ଶୀତେଇଯାଏ, ମନଟା ଛଟ୍‌ପଟ୍ ହୁଏ; ତଥାପି ଉଠିବାକୁ ଇଚ୍ଛା ହୁଏ ନ—ସତେ ଅବା ଏପରି ସଂସ୍ତ୍ର, ଏପରି ବ୍ୟଥିତ ହବାରେ ପ୍ରାଣ ଆଶ୍ୱସ୍ତି ପାଏ !

ଦିନେ ସନ୍ଧ୍ୟାରେ ନରିବାବୁଙ୍କ ଘରେ ପଶି ଦେଖେଁ ମାଷ୍ଟ୍ରେ ସ୍ନେହକୁ ଯେନ ଭିତରୁ ବାହାରୁଚନ୍ତି । ଆହା, ଏ କି ଚେହେରା ! ବୁଢ଼ୀର ବାଳ ପୂରାପୂରି ଧଳା ହୋଇଯାଇଛି । ଦେହର ଚମଗୁଡ଼ାକ ଲୁଳିତ କାନ୍ତିହୀନ, ଆଖି କୋଟରଗତ । ମତେ ଭାରି ଦୁଃଖ ଲାଗିଲା । ସ୍ନେହର ଅବସ୍ଥା ମଧ୍ୟ ତଥୈବ ଚ । ତାର ସେ ପୂର୍ବ ସରସତା ନାହିଁ କି ସେ ବେଶଭୂଷା ନାହିଁ । ଭାବିଲି, ହାୟ ରେ ଭାଗ୍ୟ ! ଦିନେ ଯେ ମୋଠାରୁ ପ୍ରଶଂସା ଶୁଣିବ ବୋଲି ରାଜରାଣୀ ଢଙ୍ଗରେ ନିଜକୁ ସଜଉଥିଲା, ପ୍ରସାଧନର ପ୍ରାଚୁର୍ଯ୍ୟରେ ଝୁରଆଡ଼ର ବାୟୁରାଶିକୁ ରସମୟ କରୁଥିଲା, ଆଜି ତାର କେଶ ଅମାର୍ଜିତ, ଦେହ ଅଳଂକାର-ବିହୀନ, ମୁହଁରେ ପାଉଡ଼ରର ଟିକେ ନାହିଁ କି ଆଖିରେ କଜଳଗାରଟିଏ ବି ନାହିଁ । ସାଙ୍ଗେ ସାଙ୍ଗେ ଶତ ଆତ୍ମଧିକ୍କାରରେ ହୃଦୟ ଜରଜର ହୋଇଉଠିଲା । ଆଖିପତା-ଦାଢ଼ରେ ଲୁହର ସୁଅ ବହିଗଲା ।

## * ପ୍ରଶାନ୍ତେ *

ମାଷ୍ଟ୍ରେ ପଚାରିଲେ—କିଓ ଶାମବାବୁ, ତୁମେ ଏଠି ?

ସଙ୍କୋଚଭରା କଣ୍ଠରେ ଜବାବ ଦେଲା—ମୁଁ ଆଜ୍ଞା, ନରି-ବାବୁଙ୍କ ଘରେ ଟିଉସନ କରେଁ । ଆପଣ କୁଆଡ଼େ ଆସିଥିଲେ ?

—ଆସିଥିଲି ଟିକେ ବୁଲି, ନରିବାବୁଙ୍କ ବଡ଼ଝିଅ ସିନୁର ସଙ୍ଗୀତ କନା ! ଆଚ୍ଛା ବାବୁ, ତୁମର ଏଠି କେତେ ଡେରି ହେବ ?

—କାହିଁ କଣ କାମ ଥିଲା ?

—ହଁ, କିଛି କହିବାର ଅଛି ।

—ତେବେ ଚାଲନ୍ତୁ, ମୋର ସେମିତି ବିଶେଷ କାମ ନାହିଁ । ନୀଙ୍କ ପରୀକ୍ଷା ତ ସରିଯାଇଚି ।

ଗୋଟେ ଘୋଡ଼ାଗାଡ଼ି ଡାକି ମାଷ୍ଟ୍ରେ ମତେ ସେଥିରେ ବସିବାକୁ କହିଲେ । କିନ୍ତୁ ସ୍ନେହ ବଡ଼ ଅସୁବିଧାରେ ପଡ଼ିଲା । ସେ ଯଦି ମାଷ୍ଟ୍ରଙ୍କ ପାଖରେ ବସୁଚି, ତେବେ ମୋର ଏକଦମ୍ ମୁହାଁମୁହିଁ ହୋଇଯିବ, ତା ନ ହେଲେ ସେ ମୋ ପାଖରେ ବା ବସୁଚି କିମିତି ?

ତାର ଏ ମନର ଭାବ ବୁଝିପାରି ମାଷ୍ଟ୍ରଙ୍କୁ କହିଲା—ଆଜ୍ଞା, ଆପଣମାନେ ଗାଡ଼ିରେ ଯାଆନ୍ତୁ, ମୁଁ ପଛରେ ଯାଉଚି । ମାଷ୍ଟ୍ରେ ଏଥିରେ ବ୍ୟସ୍ତବ୍ୟସ୍ତ ହୋଇଉଠିଲେ । ସ୍ନେହକୁ ଲକ୍ଷ୍ୟ କରି କହିଲେ—ଦେଖ୍ ମା, ଯଦି କୌଣସି କାରଣରୁ କାହା ସହିତ ମନୋମାଳିନ୍ୟ ଘଟେ, ତେବେ ତା ପାଖରେ ନ ବସିବା ବା ତା ସହିତ କଥା ନ କହିବା କୋଉ ସଭ୍ୟତାର ପରିଚାୟକ ? ଏଥିରେ ସ୍ନେହ କି ଆଉ ସମ୍ଭଳା ପଡ଼େ ? ଅନେକ ଦିନର ସୁପ୍ତ ଆଗ୍ନେୟଗିରିର ଭୀଷଣ ଉଦ୍‌ଗିରଣପରି ଫାଇଁଦେଲେ ଗର୍ଜିଉଠି

କହିଲି—ମୁଁ ତ ସେଥିରେ କିଛି ଆପତ୍ତି କରି ନାହିଁ । ତାହେଲେ ତୁମେସବୁ ଗାଡ଼ିରେ ଯାଅ, ମୁଁ ଖଣ୍ଡେ ରିକ୍ସା କରି·····ଏକଦମ୍ ବାହାରେ ଯାଇ ହାଜର !

ମାଷ୍ଟ୍ରେ ବଡ଼ ବିଶଙ୍କୁ ଅବସ୍ଥାରେ ପଡ଼ିଲେ । ଗୋଟେ ବିପଦ ସୁଧାରିବାକୁ ଯାଇ ଆଜ ଗୋଟେ ବଡ଼ ବିପଦ ଡାକିଆଣିଲେ । ତାପରେ ପୂର୍ବଅଭ୍ୟାସ-ଗୁଣରେ 'ମା ଲୋ, ଧନ ଲୋ' କରି, ହାଣ୍ଡି ଦେବ, ଘୋଡ଼ା ଦେବ କହି ତାକୁ କୌଣସିମତେ ଆଣି ପାଖରେ ବସେଇଲେ ।

ମାଘ ମାସ । ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ-ଚନ୍ଦ୍ର ସାରାପୃଥିବୀକୁ ଜ୍ୟୋତ୍ସ୍ନାଭରା କରିଥାଏ । ରାସ୍ତାଦୁଇ ଧାରର ଦେବଦାରୁ ଗଛଗୁଡ଼ାକ ନିଜ ଛାଇରେ ଏଇ ଅନନ୍ତ ଆଲୋକର ବକ୍ଷ ଭେଦ କରି ଠାଏ ଠାଏ ଅନ୍ଧାରିଆ କରିଦେଇଥାନ୍ତି । ଆଲୋକ-ଅନ୍ଧାର ଦେଇ ଗାଡ଼ି ଧୀରେ ଧୀରେ ଚାଲିଲା । ସ୍ନେହର ଗୋରା ମୁହଁଟି କେତେବେଳେ ଜହ୍ନ-ଆଲୁଅରେ ଝିକ୍‌ଝିକ୍ ହେଉଉଠୁଥାଏ, କେତେବେଳେ ବା ଗଛ-ଛାଇର ଅନ୍ଧାରରେ ଲୁଚିଯାଉଥାଏ । ସେଇ ମୁହଁଟିକୁ ମୁଁ କେତେ ଦେଖି ନାହିଁ ! ସେ ଅପରୂପ ସୌନ୍ଦର୍ଯ୍ୟର ସାନ୍ନିଧ୍ୟ କେତେ ଅନୁଭବ କରି ନାହିଁ; କିନ୍ତୁ ସେଦିନ କାହିଁକି ସବୁ ନୂଆପରି ଜଣାଗଲା—ସତେ ଅବା ଅନେକ ଦିନର ଅଦୃଷ୍ଟ ମାନସୀ ଆଜ ମୋ ପାଖରେ, ସତେ ଅବା ଅଳକାପୁରୀର ରୂପସୀ ଦେବତାର ଅଭିଶାପ ଏଡ଼ି ଆସି ଠିଆହେଇଛି ତାର ପ୍ରିୟତମ ନିର୍ବାସିତ ଯକ୍ଷ ଆଗରେ ।

ସ୍ନେହ ତଳକୁ ମୁହଁ କରି ଗୁମ୍ ମାରି ବସିଥାଏ । ମୋ ଆଖି ଆଗରୁ ତା ଚେହେରାକୁ ଆଢ଼େଇନବାକୁ ବହୁତ ଚେଷ୍ଟା

କଲା; କିନ୍ତୁ ଗାଡ଼ିର ସେ କ୍ଷୁଦ୍ର ପରିସରମଧ୍ୟରେ ଏବଂ ଶୁକ୍ଳ ପକ୍ଷର ନିର୍ମଳ ଚନ୍ଦ୍ରାଲୋକରେ ତା କ ସମ୍ଭବ ? ହସଟା ଭୀଷଣ ବେଗରେ ମାଡ଼ିଆସି ମୋ ଓଠ ପାଖରେ ଲୁଚି ହୋଇଯାଉଥାଏ ।

ଗାଡ଼ି ଯିମିତି ଆସି ମାଷ୍ଟ୍ରଙ୍କ ଘର ଆଗରେ ଠିଆ ହୋଇଲା, ସ୍ନେହ ଏକଦମ୍ ତୀରବେଗରେ ଘରଭିତରକୁ ଚମ୍ପଟ୍ । ମାଷ୍ଟ୍ରେ ଗାଡ଼ିବାଲାକୁ ବିଦା କରି ଦାଣ୍ଡଘରେ ବସିଲେ, ମୁଁ ମଧ୍ୟ ବସିଲି । କିଛି ସମୟ ଉଭୟେ ନୀରବ । ଟିକକ ପରେ ପଚାରିଲି—ଆଜ୍ଞା, କଣ କହିବେ ବୋଲି କହୁଥିଲେ ପରା ?

—ହଁ, କଥା କଣ କି, ନନା ତୁମର ଏଥିମଧ୍ୟରେ ଆସି-ଥିଲେ । ତୁମେ ଘରକୁ କାହିଁ ଚିଠିପତ୍ର ଦଉନ, ଗାଁକୁ ଯାଉନ......

କଥାଟାକୁ ତାଙ୍କ ତୁଣ୍ଡରୁ ଛଡ଼େଇନେଇ ଉତ୍ତର ଦେଲି— ସେ ଗାଁ, ସେ ଘର ସହିତ ସମ୍ପର୍କ ମୁଁ ଛିଣ୍ଡେଇଦେଇଚି ଅଜ୍ଞା !

—କାରଣ ?

—କାରଣ ତ ଆପଣ ଜାଣନ୍ତି ।

—ତା କ ସୁନ୍ଦର ? ନନା ଅଛନ୍ତି, ବୋଉ ଅଛନ୍ତି, ଭାଇ-ଭାଉଜ ଅଛନ୍ତି, ତାଙ୍କୁ କଣ ଏକେବାରେ ପାସୋରିଦବ ?

—ଆପଣଙ୍କ ଆଶୀର୍ବାଦରୁ ସେ କ୍ଷମତା ମୋର ଅଛି ।

—କଣ ଏ ସାମାନ୍ୟ ବିବାହଟାପାଇଁ ଏତେ ବଡ଼ ଭୁଲ୍ କରିବାକୁ ଯାଉଚ ?

—ଭୁଲ୍ ଏ ନୁହେଁ, ଭୁଲ୍ ଯାହା ନନା ଆପଣଙ୍କ ପାଖକୁ ଲେଖିଥିଲେ, ଭୁଲ୍ ଆମ ସମାଜର ଜାତିଗତ ବର୍ଣ୍ଣଗତ ଉଚ୍ଚ-ନୀଚ

ଧାରଣା । ମୋର ବିବାହ ନେଇ ମୁଁ ବିବ୍ରତ ନୁହେଁ । ସେଇଟା ବୋଧ ହୁଏ ଆଉ ନ ହେଇପାରେ ! କିନ୍ତୁ ମୁଁ ଆଜି ଭାବୁଚି; କି ଉପାୟରେ ଆମ ଏ ବ୍ରାହ୍ମଣ-ଜାତିକୁ ଏଇ ଘୃଣ୍ୟ ନୀଚତାରୁ ରକ୍ଷା କରିବାକୁ ହବ, କିମିତି ସମାଜର ଏଇ ପ୍ରପଞ୍ଚ ପଣ୍ଡାମାନଙ୍କୁ ଉପଯୁକ୍ତ ଶାସ୍ତି ଦିଆଯାଇପାରିବ ।

ତେବେ—



ପାଠାଗାର
ନଂ ...
ତା ...



ତେବେ ଦିନ କେତେଟା ଏଥିମଧ୍ୟରେ କୌଣସିମତେ କଟିଲା । ମେସ୍‌ର ନିରାଡ଼ମ୍ବର ଜୀବନ, ପ୍ରାଣର ବ୍ୟଥାଭରା ଆବେଗ, ଯା'ର ମଧ୍ୟଦେଇ ଚାଲିଥାଏ ଉଚ୍ଛ୍ୱାସମୟ ଯୌବନର ଉଦାସ ମନ୍ଥର ଗତି । ହଠାତ୍ ଯେପରି ଚାଲିଆସିଥାଏ ମୋର ଅକାଳବାର୍ଦ୍ଧକ୍ୟ—କୌଣସି କଥାରେ ଆନନ୍ଦ ନାହିଁ, କୌଣସି କାମରେ ବ୍ୟାକୁଳତା ନାହିଁ, ଏ ଅପରିପକ୍ୱ ଜୀବନରେ ସତେ ଅବା ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥାଏ ।

ଦୈବାତ୍ ବାଟରେ ଦିନେ ଦେଖିଲି ବୀରେନ୍ ପାଢ଼ୀକୁ । ବଡ଼ବାପ ସେଦିନଯେ ବି. ଏ. ଟପି ନ ଥାଏ; ହେଲେ, ସେଇ ଟକ୍‌ଟକ୍‌ଣ ରୂପ, ସେଇ ନିଖୁଣ ପୋଷାକ—ଆଖପାଖ ପବନକୁ ଗନ୍ଧମୟ ଉସମୟ କରି ସେ ରାଜପଥରେ ଚାଲିଥାଏ, ହଠାତ୍ ଜଣେ ରୂପସୀଙ୍କୁ ଦେଖି ବନ୍ଦ କରିଦେଲା ତାର ଗତି । କାକୁସ୍ଥ ନୟନରେ ଅନେକ ସମୟପର୍ଯ୍ୟନ୍ତ ତାଙ୍କ ଆଡ଼କୁ ଚାହିଁରହିଲା, ତାପରେ ଯେତେବେଳେ ଦୃଷ୍ଟି ଫେରେଇ ମତେ ଦେଖେ, ଦୌଡ଼ିଆସି ହୁଁ-ହୁଁ ହୋଇ କହିଲା !

—ହାଇଁ, ତୋର ଏ ଦଶା ?

କହିଲି—ଭାଗ୍ୟ !

* ଶନ୍ଧେ *

—ତୋ ଭାଗ୍ୟଠୁ ବଳି ଭଲ ଭାଗ୍ୟ ଆଉ କାହାର ଅଛି ନା କଣ ? ସେ ବାଜେ କଥା ଛାଡ଼ି ସାଙ୍ଗ, ଫିଷ୍ଟ୍ କୁ ଦିନ ଦଉଚୁ କେବେଲୁ? ବଡ଼ଘର ଦିନ ଟା କାଲ୍ଚମାଷ୍ଟ୍ରେ ମନେ ନଷ୍ଟେ ଡାକିବେ; ତୋ ଆଉ ଅନ୍ୟ ସମୟରେ ବ୍ୟବସ୍ଥା ହବା ଉଚିତ ।

—ବ୍ୟବସ୍ଥାକୁ ତ ମୋ ଅବସ୍ଥା ଦେଖୁଚୁ । ହଁ, ତେବେ ଏ ଖବର ତୁ ଯୋଗାଡ଼ କଲୁ କୁଆଡୁ ? ସେ କାହାଘର ପ୍ରସ୍ତାବ ତ ଅନେକ ଦିନୁଁ ଭାଙ୍ଗିଯାଇଚି……

—ଭାଙ୍ଗି ପୁଣି ଯୋଡ଼ି ହେଇଗଲାଣି ନା ! ତୋ ନନା ଏଥିଭିତରେ ଆସି ସବୁ ଠିକ୍‌ଠାକ୍ କରିଦେଇଗଲେଣି, ଆର ମାସ ପନ୍ଦର ତାରିଖକୁ ଠିକ୍ ହେଇଚି; ବେସ୍ତ ହ ନା, ବେଶୀ ଡେରି ନାହିଁ ଯେ……

—ତୁଚ୍ଛା ମିଛ !

—ମିଛ ? ହଁ, ମୁଁ ଜାଣେଁ ଅତି ଭଲ ଖବରଟା ସହଜରେ ବିଶ୍ବାସ ହୁଏ ନା । ତେବେ ମୁଁ ତତେ ନିର୍ଭର ଦଉଚି, କଥାଟା ପୂରା ସତ ।

—ତୁ କେମିତି ଜାଣିଲୁ ?

—ଜାଣନ୍ତି ନି ? ବୀରେନ୍ ପରା ହଉଚି କାମିମାମାନଙ୍କର ମୁଭିଂ କ୍ୟାଲେଣ୍ଡର ! ତାଙ୍କ ଭିତରେ ମନ, ପଡ଼ାପଡ଼ି, ବିବାହବିରହ, ସିନେମାଦେଖା ତାରିଖ, ଏକ୍‌ସ୍‌କର୍ସନ୍ କାର୍ଯ୍ୟନିର୍ଘଣ୍ଟ, ସବୁ ଏଇଠୁ ମିଳିବ ।

—ଆଚ୍ଛା, ତୁ କେତେ ଦିନ ଇମିତି ଇଉନିଭର୍ସାଲ୍ ଲଭର୍ ହେଇ ଦିନ କାଟିବୁ ? ଗୋଟେ ବାନ୍ଧି ହେଇପଡ଼୍ ନା !

—ସେଠା ଆଉ କଣ ବାକି ଅଛି ?

* ଗଳ୍ପ ଏକ *

—ସତେ ନା ! କେବେ ଏ ଶୁଭକର୍ମଟା ଶେଷ ହେଲା, ଆମେ ତ ଜାଣିପାରିଲୁ ନ !

—ତା ଜାଣନ୍ତ କମିତ ? ସେ ତ କଲେଜ ମାଡ଼ିବା ପୂର୍ବରୁ ସରିଚି ।

ତାପରେ ଦୀର୍ଘନିଶ୍ୱାସଟିଏ ପକେଇ ମୁହଁ ଫୁଲେଇ ଅଭିନୟ ଭଙ୍ଗୀରେ କହିଲା—ହେଲେ ବନ୍ଧୁ, ସେଇ ତ ଦୁଃଖ । ଏ ସସୀମ ହୃଦୟର ଅସୀମ ପ୍ରେମ-ପାରାବାରଟା ଯା ସୀମାବଦ୍ଧ ହେଇଗଲା !

—ଓ, ଏଇଯୋଗେ ତୁ ଝିଅଟିଏ ଦେଖିଲେ ଇମିତ ଉଚ୍ଛୁଳି ପଡୁ, ନା ?

—ହଁ ସାଙ୍ଗ, ଅବିବାହିତ ଅବସ୍ଥାରେ ପ୍ରତ୍ୟେକ ସୁନ୍ଦରୀ ରୂପସୀକୁ ପ୍ରେୟସୀ କଳ୍ପନା କରିବାରେ ଯେ ଅଗାଧ ଆନନ୍ଦ, ବିବାହପରେ ସେ ସୁବିଧାଟା ତ ଚାଲିଯାଏ ! ତେଣୁ—

—ତେଣୁ ଗୁଡ଼ିଏ ଗପ୍ପା ପ୍ରେମକାହାଣୀ ସୃଷ୍ଟି କରି ଜୀବନକୁ ସରସ ରଖୁଚୁ, ନା ?

—ସିମିତ କହିବାକୁ ଗଲେ ସବୁ ପ୍ରେମକାହାଣୀ ଗପ୍ପା

—ତେବେ କେବେ ବି. ଏ. ପାସ୍ କରିବାକୁ ଠିକ୍ କରିଚୁ ?

—ସେଇଟା କଅଣ ମୋ ହାତରେ ଅଛି ? ତୁ ଯାହା କହ ସାଙ୍ଗ, ଏ ଇଉନିଭର୍ସିଟି ଅତ୍ୟାଚାର ଏକାବେଳକେ ଅସହ୍ୟ । କଉ, ଆମ ସୁବିଧା-ଅସୁବିଧାରେ ଆମେ ପରୀକ୍ଷା ଦବୁ, ତୁମର ଏତେ କୈଫିୟତ୍ କଣ ଦରକାର ? ମେଲେରିଆ, ମିଳିମିଳା, କଫ, ଶ୍ୱାସ ହାନ୍ଦି ଦେଇ ଫାଇନାଲରୁ ସପ୍ଲିମେଣ୍ଟାରି, ସପ୍ଲିମେଣ୍ଟାରିରୁ ଫାଇନାଲ୍ ଅନେକ ଗଡ଼େଇଲଣି, ଏଣିକ ଜାଣୁ ସେସବୁ ଉପାୟ ଅଚଳ ।

* ଶହେ ଦୁଇ *

ଭାବଚ, ପ୍ରାଇଭେଟ୍ କାଣ୍ଟ୍ରାକ୍ଟର୍ ହୋଇ ପୁଣି ଦାନାକେତେ ଗଡ଼େଇ-ନେବ—ଆଉ କଣ ଏ ଗୃହଜୀବନ ମିଳବ ?

—ନା ଭାଇ, ତା ଆଉ କଏ ଦେବ ?

ଅନେକ କଥାବାର୍ତ୍ତା ପରେ ଦୁହେଁ ପରସ୍ପରଠାରୁ ବିଦାୟ ନେଲେ । ବୀରେନ୍ ପୁଣି ମନେ ଚେତେଇଦେଇ କହିଲା—ସାଙ୍ଗ, ନିମନ୍ତ୍ରଣ କଥା ମନେ ରହିଲା ଟି ?

ଟିକଏ ହସି ଉତ୍ତର ଦେଲା—ନିଶ୍ଚୟ, ନିଶ୍ଚୟ !

ଦିନେ ସଞ୍ଜବେଳେ ନରବାବୁଙ୍କ ଘରେ ବସି କଣ ବହିଟେ ପଢୁଚି, ଟୁନୁ ଆସି ଖଣ୍ଡେ ନିମନ୍ତ୍ରଣପତ୍ର ଦେଲା, କହିଲା—ଗୁଲ୍, ଅପା କହିଲା ତୁମ ନିମନ୍ତ୍ରଣ କାହିଁ ? ଭିତରୁ ଶବ୍ଦ ଆସିଲା—ମୁଁ କାହିଁ କହନ୍ତି ? ଏ ଟୋକାଟା ସବୁ ଧରା ପକେଇବ !

ନିମନ୍ତ୍ରଣପତ୍ର ଦେଖି ବୁଝିପାରିଲା, ସେଇଟା ସେ ମାଷ୍ଟ୍ରଙ୍କ ଘରୁ ପାଇଚନ୍ତି । ଟିକଏ ସରସ ଅଭିମାନଭରା କଣ୍ଠରେ କହିଲା—ଟୁନୁ, ତୋ ଅପା ଯେତେବେଳେ ତାଙ୍କ ସଙ୍ଗାତଙ୍କଠୁ ନିମନ୍ତ୍ରଣପତ୍ର ପାଇଚନ୍ତି ସେ ଆମ ନିମନ୍ତ୍ରଣକୁ କାହିଁ ଖାତିର କରିବେ ? ଆମେ ତ ଗରିବ ଲୋକ । ହେଲେ ଟୁନୁ, ମୁଁ ତତେ ନିଶ୍ଚୟ ଡାକିବି । ତୁ ମୋ ପଟ, ଆଉ ତୋ ଅପା ତାଙ୍କ ସଙ୍ଗାତ ପଟ । ଦେଖାଯାଉ, କଏ ଜଣେ କଏ ହାରେ ।

ଟୁନୁ ସଦମ୍ଭ ନିର୍ଭର ଦେଲା—ହଁ ଗୁଲ୍, ମୁଁ ତମ ପଟ, ଅପା କଣ ଜାଣିଚି ?

ଏଇପରି ହସକୌତୁକ ଅନେକ ଆଗେଇଗଲା । ହଠାତ୍ ନରବାବୁଙ୍କ ସ୍ତ୍ରୀ ଆସି କହିଲେ—ବାପ ! ମଉସା କହୁଥିଲେ ଗାଁରେ କଣ ଭୁମର ଗୋଳମାଳ ଲାଗିଚି·····

—ହଁ, ଲାଗିଛି ତ !

—ତେବେ ତୁମ ବାହାଘର ଏଇଠି ହେଲେ ! ଆମର ଏତେ ଘର ଖାଲି ପଡ଼ିଛି……ଆଚ୍ଛା ବାପ, ତୁମେ ଗୋଟିଏ କଥା କର, ନନାଙ୍କୁ କଟକ ଆସିବାକୁ ଖବର ଦିଅ ।

ଖବର ଦବା ଦରକାର ହେଲା ନାହିଁ । ତହିଁ ଆରଦିନ କୌଣସି କାରଣରୁ ନନା ଆସି କଟକରେ ପହଞ୍ଚିଗଲେ । ମାଉସୀଙ୍କ ପ୍ରସ୍ତାବ ତାଙ୍କ ମନକୁ ବେଶ୍ ପାଇଲା । ସେ ପରମ ସନ୍ତୋଷରେ ବାହାଘରର ଯାବତୀୟ ଭାର ନଟବାବୁ ଓ ମାଉସୀଙ୍କ ଉପରେ ଦେଇ କେତେ ଦଣ୍ଡ, କେତେ ଲିତା, କେତେ ବଳିତାରେ ପାଣିଗ୍ରହଣ ବେଳା ଅଛି, ତହିଁରୁ ଟିକେ ଏପଟ-ସେପଟ ହେଲେ କିମିତି ବରକନ୍ୟାଙ୍କର ସର୍ବନାଶ ହୋଇଯିବ, ଏ ବିଷୟରେ ମାଷ୍ଟ୍ରଙ୍କୁ ପୂରା ତାକିଦ୍ କରି ଗାଁକୁ ଓ୍ୱାପସ୍ ଗଲେ ।

ପ୍ରସେସନ୍‌ଟି ମହାସମାରୋହରେ ନଟବାବୁଙ୍କ ଘରୁ ବାହାରି ଯଥାସମୟରେ ମାଷ୍ଟ୍ରଙ୍କ ଦ୍ୱାରରେ ପହଞ୍ଚିଲା । ଫଗୁଦଶମୀ ଦିନ ପୂର୍ବନିର୍ଦ୍ଦିଷ୍ଟ ଶୁଭଲଗ୍ନରେ ବାହାଘର କାମ ଶେଷ ହେଲା । ନନା ଅଡ଼ିବସିଲେ, ଅଷ୍ଟମଙ୍ଗଳା ଦିନ ବରକନ୍ୟା ଗାଁକୁ ଯିବେ । ସ୍ନେହକୁ ସୁଦୂର ମଫସଲ ପଠେଇବାକୁ ମାଷ୍ଟ୍ରେ ପ୍ରଥମେ ପ୍ରଥମେ ମଙ୍ଗୁ ନ ଥିଲେ; କିନ୍ତୁ ନଟବାବୁଙ୍କ ପରାମର୍ଶଫଳରେ ଶେଷରେ ରାଜି ହେଲେ ।

ଆଶୀର୍ବାଦଘର ଗାଁରେ ହବାର ଠିକ୍ ହେଲା; କିନ୍ତୁ ନନା ଯେତେବେଳେ ପଲଙ୍କ, ମଶାରି, ଶେଯ ଆଦି ବହୁ ଜିନିଷ ଯୋଗାଡ଼ ହବାର ଦେଖିଲେ, ସେ ତାକୁସବୁ ନେଇ ତାଙ୍କ ଛୋଟ ଘରଟିରେ କିମିତି ରଖିବେ, ଏଥିଲାଗି ବିଶେଷ ଚିନ୍ତିତ

ହୋଇପଡ଼ିଲେ । ତେଣୁ ଉଦାରତାର ପରିଚୟ ଦେଇ କହିଲେ—କେବଳ କେତେକ ନିତାନ୍ତ ଆବଶ୍ୟକ ଜିନିଷ ଛଡ଼ା ଅନ୍ୟ କିଛି ଗାଁକୁ ଯିବା ଦରକାର ନାହିଁ । ପୁଅବୋହୂ ତ ସବୁବେଳେ ଗାଁରେ ରହିବେ ନି ?

ମନେ ମନେ ଭାବୁଥାଏଁ, ମାଷ୍ଟ୍ରେ କିମିତି ସ୍ନେହକୁ ବିଦାୟ ଦେବେ—ସ୍ନେହ ତାଙ୍କ ଜୀବନର ସବୁ, ତାକୁ ସେ ପାଖରୁ ଛାଡ଼ି ବଞ୍ଚିବେ କିପରି ? ସ୍ନେହ ଯେତେବେଳେ ତାଙ୍କୁ ନେଇ ଘର-ଗୃହପେଣ୍ଡ୍ରା ଦିଏ, ସେ ଭଙ୍ଗା କଣ୍ଠରେ କହିଲେ—ନା ମା, ତୁ ମତେ ସେ ଜଞ୍ଜାଳରେ ପକା ନା । ତୁ ତ ମାସକ ବାଦେ ଆସିବୁ, ସବୁ ଟ୍ରଙ୍କ ସୁଟ୍‌କେଶ ବନ୍ଦ କରି ଗୃହ ନେଇଯା, ବାହାରେ ଯେ କେତେଟା ଜିନିଷ ଅଛି, ମୁଁ ସେଇଥିରେ ଏଇ ଦିନତକ ଚଳିଯିବ ଯେ । ସ୍ନେହ ଆଉ ସମ୍ଭାଳିପାରିଲା ନି, ଭୋ-ଭୋ କାନ୍ଦିଉଠିଲା । ଭାବିଲି, ବାସ୍ତବିକ ଝିଅଜୀବନ କେଡ଼େ ଦୁଃଖମୟ । ବାପ-ମାଆଙ୍କ ସ୍ନେହ-ଆଦର, ସାଇପଡ଼ିଶାଙ୍କ ମୋହ-ମମତା ଛାଡ଼ି ତାଙ୍କୁ ଦିନେ ଅଜଣା ଅଶୁଣା ଜାଗାକୁ ଯିବାକୁ ପଡ଼େ । ଯେଉଁ ମାଟି ପିଲାଟିଦିନୁ ତାଙ୍କୁ କୋଡ଼ରେ ଧରି ମଣିଷ କରେ, ଯାହାର ପ୍ରତି ବାଲିକଣା ସହିତ ତାଙ୍କ ଜୀବନର ଅନେକ ମଧୁସ୍ମୃତି ଜଡ଼ିତ, ସେ ହୁଏ ପର, ଚିରଦିନକୁ ଅଲଗା; ଆଉ ଯେଉଁମାନେ ପର, ନିତାନ୍ତ ଅଚିହ୍ନା, ସେମାନେ ହୁଅନ୍ତି ଆପଣାର ।

ଠିକ୍ ହୋଇଥିଲା, ଗୋଟେ ସ୍ୱତନ୍ତ୍ର ଲଗ୍ନରେ ଆମେ ସମସ୍ତେ ଜଗତ୍‌ସିଂହପୁରଯେ ଯିବୁ । ସେଠୁ ସେହ ସୁଆଶରେ ବସିବ, ଆମେମାନେ ଜିନିଷପତ୍ର ଧରି ବଳଦଗାଡ଼ିର ଆଶ୍ରା ନେବୁଁ । କିନ୍ତୁ ଜଗତ୍‌ସିଂହପୁରରେ ପହଞ୍ଚି ଦେଖୁଁ, କେତେ ଖଣ୍ଡ ଗାଡ଼ି ଥୁଆ

ହୋଇଚ, ହେଲେ ସୁଆର ଦେଖା ନାହିଁ । ଭାଇନା କହିଲେ, ଶେଷ ମୁହୂର୍ତ୍ତରେ କାଞ୍ଜି ମାହାପାତ୍ରେ ପ୍ରଭୃତି ବୁଲ ଗଉଡ଼ଙ୍କୁ ମନା କରିବାରୁ ସେମାନେ କେହି ଆସିଲେ ନ ।

ମନେ ମନେ ଟିକେ ବିରକ୍ତ ହେଲି—ଏଗୁଡ଼ାକ ଏଡ଼େ ହିଂସୁକ, ଏଡ଼େ ନୀଚମନା ! ହେଲେ ସ୍ୱାଙ୍କପାଇଁ କଣ କାମ ଅଟକିଯିବ ? ହଉ ହୋ, ଚାଲ ସମସ୍ତେ ବଳଦଗାଡ଼ିରେ ଯିବା । ବୀର ଭୟାନକ ବୀଭତ୍ସ ଏ ତିନ ରସକୁ କଣ୍ଠରେ ରଖି କଥାଟାକୁ ହୁପେନେ କହିଦେଲି; କିନ୍ତୁ ନନା କି ଏଥିରେ ମଙ୍ଗନ୍ତି ? ବୋହୂ, ପ୍ରଥମ ହୋଇ ଘରକୁ ଯାଉଚ, ସେ ଗାଁଦାଣ୍ଡରେ ଗାଡ଼ିରେ ଯିବ ?

ଦୈବାତ୍ ବଡ଼ଭାଇନା ପାଖ ଗାଁରୁ ଖଣ୍ଡେ ସୁଆର ଆଣି ଏତିକିବେଳେ ଆସି ପହଞ୍ଚିଗଲେ । ଯାଃ, ରକ୍ଷା ମିଳିଲା !

ଗାଁ-ଗୋଳମାଳ ଦେଖି ବୋଉ ଆଗରୁ ଜଳାକାଠ ପଡ଼ିଯାଇଥାଏ । ସ୍ନେହ ସୁଆରରୁ ଓହ୍ଲାଇବା ସାଙ୍ଗେ ସାଙ୍ଗେ ସେ ସ୍ନେହକୁ କୁଣ୍ଢେଇପକେଇ କେତେ କଣ ମନ-ଆନନ୍ଦରେ କହିଗଲା । ଆମ ସେ ବେମରାମତି ବହୁଦାନ୍ତଯୁକ୍ତ ମାଟି ଛଣଛପରଟା ଦେଖି ମୁଁ ଡରିଗଲି । ଭାବିଲି, ସ୍ନେହମୁଣ୍ଡରେ ଖାଲି ବାଜିବ ନି ତ ? ଭାଗ୍ୟବଶତଃ ବୋଉ ମନେ ସେ ଦୁଶ୍ଚିନ୍ତାରୁ ରକ୍ଷା କଲା । 'ମା, ଟିକିଏ ଲଇଁ ଚାଲ୍' ବୋଲି କହି ସେ ଭାଉଜମାନଙ୍କ ହୁଳହୁଳି କୋଳାହଳମଧ୍ୟରେ ବୋହୂକୁ ଭିତରକୁ ନେଲା ।

ଗୋଟିଏ ବିଶେଷ ଅସୁବିଧା ପଡ଼ିଲା—ମାଷ୍ଟ୍ରେ ଯୁ ପଲଙ୍କଟି ଦେଇଥିଲେ, ଆମ ଘରର କୌଣସି କଖରାରେ ତାକୁ ଜାଗା

ହେଲା ନା । ବହୁ କଳ୍ପନାଜଳ୍ପନାପରେ ଆଖପାଖ ଗାଁର ବୃଦ୍ଧିସ୍ତ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ ଅନୁଯାୟୀ ବଡ଼ ଘରର ଦୁଇ ପାଖରୁ ସାମାନ୍ୟ ଟିକେ ଟିକେ କାଟି ହାଣି କୌଣସିମତେ ଏ ସମସ୍ୟାର ସମାଧାନ କରାଗଲା ।

ତାପରେ ସ୍ନେହର ପୂରାପୂରି ଭାର ନେଲେ ବୋଉ ଓ ଭାଉଜମାନେ । ସ୍ନେହ ମଧ୍ୟ ନବାଗତା ବଧୂର ସମସ୍ତ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବାକୁ ଲାଗିଲା । ତାର ସେ ଲମ୍ବ ଓଢ଼ଣା, ଗୁରୁଜନମାନଙ୍କୁ ସଭକ୍ତି ଓଳଗି, ମୋ ଦୃଷ୍ଟି ପଥରେ ପଡ଼ିଲେ ସଲଜ୍ଜବଦନରେ ପଳାୟନ ଇତ୍ୟାଦି ଦେଖି ଭାବିଲି, ଏଇ ତ ସେ ସ୍ନେହ, ଯେ ଦିନେ ଖଣ୍ଡଗିରିଠାରେ ସଗର୍ବେ କହୁଥିଲା, ଅନ୍ୟକୁ ଦେଖି ଲାଜ କରିବାର କଦର୍ଯ୍ୟ ଅଭ୍ୟାସ ତାର ନାଇଁ !

ଯଦିଚ ଗାଁରେ କାହା ସାଙ୍ଗେ ଆମର ପଡ଼ୁ ନ ଥିଲା, ତଥାପି ବୋହୂ ଦେଖିବାକୁ ପ୍ରତିଦିନ ଅନେକ ମାଇପେ ଆସି ପହଞ୍ଚିଯାଉଥିଲେ । ଏ ତୋର ଦେଢ଼ଶାଶୁ ହେବେ, ଓଳଗି ହ—ଏ ତୋର ନଣନ୍ଦ ହବ, ପାଖକୁ ଡାକ—ଏ ତୋ ବଡ ଦେଢ଼ଶୁରର ମାମିଶଳାଙ୍କ ବନ୍ଧୁବାନ୍ଧବ, ଯାଙ୍କୁ ଖଣ୍ଡେ ପାନ ଦେ କହି ବୋଉ ସମସ୍ତଙ୍କୁ ସ୍ନେହ ଜରିଆରେ ଯଥୋଚିତ ଭକ୍ତି ଆଦର ଦେଖାଉଥାଏ । ଏ ମହା କର୍ତ୍ତବ୍ୟ ପାଳନରେ ଯଦି ସ୍ନେହର କୌଣସି ଭୁଲ୍ ରହିଯାଉଥିଲା, ଭାଉଜମାନେ ପୂର୍ବ ଅଭିଜ୍ଞତା ସାହାଯ୍ୟରେ ତା ସଜାଡ଼ି ନେଉଥିଲେ । ବୋଉ ମଧ୍ୟ କମ୍ ସାହାଯ୍ୟ କରୁ ନ ଥିଲା । ଯଦି ଗାଁର କୌଣସି ଗୁରୁଜନ ଆସି ହଠାତ୍ ପହଞ୍ଚିଯାଆନ୍ତି, ସ୍ନେହ ଗାଧେଇ ଯାଇଥିଲେ ମଧ୍ୟ 'ବୋହୂ ଓଳଗି ହଉଚି' କହି 'ବୁଢ୍ଢୀ

ହେଇଥା ମା' ଏଇ ମୂଲ୍ୟବାନ୍ କଲ୍ୟାଣଟା ସେ ଯୋଗାଡ଼ କରାଇ-ନଉଥିଲା ।

ଗାଁକୁ ଗୋଟିଏ ନୂଆ ବୋହୂ ଆସିଲେ ତାର କାର୍ଯ୍ୟକଳାପ, ତା ରୂପଯୌବନ ସମ୍ବନ୍ଧରେ ମନ୍ତବ୍ୟ ପ୍ରକାଶ କରିବା ଗ୍ରାମସୀମନ୍ତିନୀଗଣଙ୍କର ଅବିଚ୍ଛେଦ୍ୟ ଅଧିକାର । କିଏ କହିଲା, ଦେଖିବାକୁ ଗୋରି, ହେଲେ କଣ ହବ ଭୁଚ୍ଛା ଡେଙ୍ଗୀଟା । କିଏ କହିଲା, ତା ବାଁ ଗୋଡ଼ରେ କଣ ଛଉପରି ଦିଶୁଚି । କିଏ କହିଲା, ସେଇଟା ଡାଆଁ କପାଳୀ, କୁଳକୁ ଅମଙ୍ଗଳ । କାଞ୍ଚି ମହାପାତ୍ରଙ୍କ ସ୍ତ୍ରୀ ତାଙ୍କ ଗୋଦର ଗୋଡ଼କୁ ଟିକେ ତଳେ କଚାଡ଼ିଦେଇ ଠେକୁଆ ମିଶ୍ରଙ୍କ ଭାଇବୋହୂକୁ ଡାକି ବିଶ୍ୱାସରେ କହିବସିଲେ—ଆଲୋ, ସୁନ୍ଦର ସୁନ୍ଦର ବୋଲି ଶାଶୁ ଟେକି ହେଇଯାଉଚି ଯେ, ଭଲା କୁ ଗୁଣକୁ ? ମଲା, ଏ ଖଣ୍ଡାପରି ପତଳା ନାକ, ବଗଗୋଡ଼ପରି ନଳୀପେଣ୍ଡା—ଏଗୁଡ଼ାକ କୁ ସୁନ୍ଦର ବା ? ଏ ନିଆଁ ଲଗା ବାଇଜଙ୍କ ହେଇ ସିନା ମୋ ପାଦରେ ଆଜ୍ଞ ଫଳଗଲା, ନଇଲେ ଏ ତଳିପାକୁ ଲକ୍ଷ୍ୟ ହବ କି ? କହୁଚନ୍ତି କଣ ନା ଭାରି ଗୋରି ! କଲୋ, ଏ ଛଣତା ଗୋରିଗୁଡ଼ା କଣ ସୁନ୍ଦର ? ସହରରେ ଭିକି ମୁଣ୍ଡା ମୁଣ୍ଡା ସାବନ ଲଗେଇ ଇମିତି ଗ୍ରୁପଚକଣ ହେଇଚନ୍ତି ନା ? ଆମ ଝୀଙ୍ଗୁଆ ଯଦି ଟିକେ ସାବନ ଲଗେଇବ, ସେ ପୁରା ମେମ୍‌ସାହେବ ପାଲଟିଯିବ ଟି ! ଠେକୁଆ ମିଶ୍ରଙ୍କ ଭାଇବୋହୂ ବେଶ୍ ଜାଣିଥିଲା ଯେ ଝୀଙ୍ଗୁଆ ଯୁ ଜହ୍ନି ମଞ୍ଜିକାଳୀ, ସେ ଟିକେ କାଇଁକି ବେଢେ ସାବୁନ ଲଗେଇଲେ ବି ବିଶେଷ କିଛି ଉପକାର ହବ ନି । କିନ୍ତୁ ତାଙ୍କ ବାଡ଼ର ଆଈଶାଶୁ ଯେତେବେଳେ ଏ କଥା କହୁଥିଲେ, ସେ ସବୁଥିରେ ହଁ-ହାଁ କହି ଏକନ ମିଶେଇବା ଛଡ଼ା ଉପାୟ ନ ଥିଲା ।

* ଶହେ ଆଠ *

ଆଶୀର୍ବାଦଘର ଜନ ବନ୍ଧୁବାନ୍ଧବଙ୍କ କୋଳାହଳରେ ଘର ପୂର୍ଣ୍ଣ ହୋଇଯାଇଥାଏ । ରାତିଅଧପର୍ଯ୍ୟନ୍ତ ଚାଲିଥାଏ ଖିଆପିଆ, ହସଗପ । ମନେ ମନେ ବଡ଼ ବିରକ୍ତ ହେଲି—କଣ ଏତେ କାମ ଚାଲିଛି ଯେ ? ରାତି ପାହିଯିବ ନା କଣ ?

ରାତିରେ ସ୍ନେହ ସାଙ୍ଗେ ଦେଖା ହେବ, ବଡ଼ ବ୍ୟାକୁଳତା ସହକାରେ ସେହି ମଧୁ ଲଗନକୁ ଅପେକ୍ଷା କରି ରହିଥାଏଁ, ସତେ ଯିମିତି କେତେ ଯୁଗଯୁଗାନ୍ତରର ବିରହପରେ ହେବ ଆମ ଦୁହିଙ୍କର ପ୍ରଥମ ମିଳନ, ଶାପମୁକ୍ତ ବିରହୀ ଯକ୍ଷ ପାଇବ ତା ପ୍ରେୟସୀର ପହିଲି ପରଶ ।

ଶତ ଇଚ୍ଛା ସତ୍ତ୍ୱେ ବାହାରେ ପୁରୁଷ ଅନିଚ୍ଛାର ଛଳନା କରି ଶେଷରେ ଯେତେବେଳେ ଭାଉଜମାନଙ୍କ ସସ୍ନେହ ଧକ୍‌କା ଓ ଘୋଷରା ଖାଇ ବଡ଼ ଘରଭିତରେ ପଶିଲି, ବାହାରୁ କବାଟଟା ଧଡ଼୍‌ଦିଣେ ବନ୍ଦ ହୋଇଗଲା । ମଫସଲୀ ଚାଳଘର, ଠାଏ ଠାଏ ଅଳନ୍ଧୁ ଓହଳିଥାଏ, ଅନେକ ଜାଗାରେ ବୁଢ଼ିଆଣୀ ବସା ବାନ୍ଧିବାରେ ବ୍ୟସ୍ତ । ଗୋଟେ ଅଧେ ଚେମେଣି ଚାଳରେ ଓଳପୁଞ୍ଜ ଆରମ୍ଭ କରିଦେଇଥାନ୍ତି । ଘରକୋଣିରେ ଛୋଟ ଲଣ୍ଠନଟିଏ ଧୀରେ ଧୀରେ ଜଳୁଥାଏ । ଦେଖିଲି, ସ୍ନେହ ଚିନପ୍ରତିମାଟି ପରି ବହୁ ଅଳଙ୍କାର ମଣ୍ଡିହୋଇ ପଲଙ୍କଉପରେ ଶୋଇଛି । ପାଦରେ ଅଳତାଧାର, ମୁଣ୍ଡରେ ସିନ୍ଦୂରଟୋପା ଦପ୍‌ଦପ୍‌ ହୋଇ ଝଟକୁଥାଏ । ଭାବିଲି—ଛି, ଏ ଅନ୍ଧକୂପରେ ଏପରି ରୂପସୀ ! ଆଲୁଅ ସାମାନ୍ୟ ତେଜ ଆସ୍ତେ ଡାକିଲି, ସ୍ନେହ ! ସ୍ନେହ ଚମକିଉଠି ବଡ଼ ବିକଳକଣ୍ଠରେ କହିଲା—ଭାଉଜମାନେ ଜାଣିବେ, ତୁମେ କିମିତି ବେହିଆମି କରି ଏଠିକି ଚାଲିଆଇଲ ମ ? ମତେ ଭାରି ଲାଜ ମାଡ଼ୁଛି ।

ତାର ସେଇ ସୁଚିକ୍କଣ ନରମ ଗାଲରେ ସସ୍ନେହ ଚଟକଣିଟିଏ ଦେଇ କହିଲି—ଇସ୍, ଲାଜ !

ଆମ ଘର ବାଡ଼ିପଟେ ଯମୁନା ପୋଖରୀ । ଏଇଟି ଗାଁର କୋଠ । ପୋଖରୀଟି ଖୁବ୍ ବଡ଼, ଆୟତନରେ ପ୍ରାୟ ଦୁଇ ମାଣରୁ ହେବ । ସେଥିରେ ବର୍ଷାଦିନେ ପାଣି ରହେ ପ୍ରାୟ ଚାରି ହାତ; କିନ୍ତୁ ସବୁଦିନେ ପଙ୍କ ଥାଏ ପ୍ରାୟ ସାତ ହାତ, ପୂରା ଶ୍ୟାମଳବର୍ଣ୍ଣ ଅର୍ଥାତ୍ ଦଳପୂର୍ଣ୍ଣ । ଏ କଳିଯୁଗ କାଳିନ୍ଦୀରେ ଆଉ ଯା ଥାଉ ନ ଥାଉ କଳାନାଗ ବହୁତ ଥାନ୍ତି । ଦୈବାତ୍ ଦଳ ଖାଇବାକୁ ଗାଈଗୋରୁ ଯଦି ତା ଭିତରେ ପଶିଗଲେ, ତେବେ ରକ୍ଷା ନାହିଁ—ବିନା ବାଉଁଶ ଆଉ ଦଉଡ଼ି ନ ହେଲେ ନ ଉଠନ୍ତି । ପୋଖରୀକୁ କିମିତି ପରିଷ୍କାରପରିଚ୍ଛନ୍ନ ରଖିବାକୁ ହେବ, କିମିତି ତାର ପଙ୍କ ସଫା ହେବ, ସେଥିପ୍ରତି ଦୃଷ୍ଟି ନ ଦେଇ ଗାଁର ସମସ୍ତେ କେବଳ ଯେଝା ଭାଗ ଅନୁସାରେ ତାକୁ ଅପରିଷ୍କାର କରିବାରେ ବ୍ୟସ୍ତ ଥାନ୍ତି । ବାସ୍ତବିକ ଗାଁଲୋକେ ଯମୁନା ପୋଖରୀରେ ହାଣ୍ଡି, ଖପରା, ଗୁହ, ମୂତ ଆଦି ଯାବତୀୟ ଆବର୍ଜନା ଯୁ ମାହାରେ ପକାଉଥିଲେ, ସେ କାଳକ୍ରମେ ପୋଖରୀ ପରିବର୍ତ୍ତିରେ ଯେ ପର୍ବତ ପାଲଟିଯାଇ ନ ଥିଲା, ତାହାହିଁ ଆଶ୍ଚର୍ଯ୍ୟ ।

ପୋଖରୀର ମାଛମରା ଦିନଟି ଗାଁ ପକ୍ଷରେ ବଡ଼ ବିପଦର ସମୟ, କାରଣ ମାସାଧିକ ଆୟୋଜନ କରି ଗ୍ରାମବାସୀମାନେ ଯେତେବେଳେ ଏଇ ଦଳସାଗର ମନ୍ଥନରେ ଲାଗିପଡ଼ନ୍ତି, ସେତେବେଳେ ମାଛରୂପରେ ସାମାନ୍ୟ ଅମୃତ ଜାତ ହୁଏ ସତ; କିନ୍ତୁ ଦଳାଦଳି, ରାଗାରାଗି, ମାଡ଼ଫୌଜଦାରୀ ରୂପରେ ଅନେକ ବିଷ ମଧ୍ୟ ଉତ୍ପନ୍ନ ହୁଏ । କଜି ଗଣ୍ଡଣା ହେଇ ଯା ସେରେ ଭ ସେରେ

ମାଛ ମରେ, ତାକୁ ଭାଗ ବାଣ୍ଟିବା ହୁଏ ବଡ଼ ସମସ୍ୟା । ସମସ୍ତେ ସତର୍କ ଥାନ୍ତି, କାହା ଆଡ଼େ କାଣ୍ଟେ ଯେପରି ଅଧିକ ନ ଯାଏ । ମୋଟରେ କହିବାକୁ ଗଲେ, ଯମୁନା ପୋଖରୀର ମାଛବଣ୍ଟା ଭାରତ-ପାକିସ୍ଥାନ ବିଭାଗ ସମସ୍ୟା ଅପେକ୍ଷା ଅନେକାଂଶରେ ଜଟିଳତର ହୋଇଉଠେ ।

ଯମୁନାଭିଠ ବୋଇଲେ କୂଳରୁ ଦି'ହାତ ପାଣି, ତେଣିକି ଖାଲି ଦଳ ଓ ପଙ୍କ । ସେଥିରେ ଯେତେବେଳେ ଏକ ଭାଗର ମାଲିକ କାଞ୍ଚି ମାହାପାତ୍ରଙ୍କ ସ୍ତ୍ରୀ ଘଣ୍ଟାଧିକ ସମୟ ଧରି ଦାନ୍ତ-ଘଷାରେ ବ୍ୟସ୍ତ ଥାନ୍ତି, ସେତେବେଳେ ପାଞ୍ଚଅଣା ଗୃହପାହିର ଅଂଶୀଦାର ଆମ ଘରର ତିନି ଜଣ ବୋହୂଙ୍କୁ ଗାଧୋଇବାପାଇଁ ସୁବିଧା ମିଳିବା ନିତାନ୍ତ ଅସମ୍ଭବ । ଅନେକ ସମୟ ଅପେକ୍ଷା କରି ଗୃହଜମାନେ ଯେତେବେଳେ ସ୍ନେହ ସହ ଏଇ ପଙ୍କପୂର୍ଣ୍ଣ ଦଳମଣ୍ଡିତ ମଫସଲ-ଯମୁନାର ନୀଳଜଳ ସଂସ୍ପର୍ଶରେ ଆସୁଥିଲେ ଏବଂ ଆଣ୍ଠୁଏ ପାଣିରେ ବସି ହାତରେ ଅଞ୍ଜୁଳା ଅଞ୍ଜୁଳା କରି ଦେହରେ ପାଣି ପକେଇ ଗାଧୋଇବା କାମ ସାଙ୍ଗ କରୁଥିଲେ, ସେତେବେଳେ ସେମାନଙ୍କ ମନ ବଡ଼ ସରସ ହୋଇଉଠୁଥିଲା, ଠିକ୍ ମିତ୍ରଶକ୍ତିଙ୍କ ମହାଯୁଦ୍ଧ ଜିଣିବାପରର ମନୋଭାବପରି ।

ଏଥିମଧ୍ୟରେ ସ୍ନେହ ସହିତ ମୋର ଆଦୌ ମୁହାଁମୁହିଁ ଦେଖା ହୋଇ ନ ଥାଏ; କାରଣ ଶାଶୁ, ଶ୍ୱଶୁର, ଦେଢ଼ଶୁର, ବଡ଼ଯାଆ ଯୁ ଘରେ ଅଛନ୍ତି, ସେ ଘରର ସାନବୋହୂ ପହିଲି ପାଳି ଆସି ତା ସ୍ୱାମୀ ସହିତ ସମ୍ମୁଖା କଥାବାର୍ତ୍ତା କରିବା ମଫସଲ୍ ମାଦଳାପାଞ୍ଜିର ମାତବରୁଛି । ମୁଁ କିନ୍ତୁ ମନେ ମନେ ଭାରି ବ୍ୟସ୍ତ ହୋଇପଡ଼ିଥାଏଁ । ସହରର ଉଦାର ବାୟୁମଣ୍ଡଳରେ ପଣ୍ଡିତଙ୍କ

ବିଶେଷ ଶ୍ରଦ୍ଧା ଓ ଆଦର ପାଇ ଆସୁଛି ଚଳିଆସିଛି, ତାଙ୍କୁ ଆମ
ଏ ମର୍ତ୍ତ୍ୟବୈକୁଣ୍ଠ ପୁରୁଷୋତ୍ତମପୁର ଶାସନ ଦେବତାଙ୍କ ଭାବଭଙ୍ଗୀ
ତ ବଡ଼ ଖରାପ ଲାଗୁଥିବ । କଣ କରିବ ? ଟିକେ ସୁବିଧା ପାନ୍ତି କି
ତାଙ୍କୁ ସବୁ କଥା ବୁଝେଇଦିଅନ୍ତି ।

ଦିନେ କୁଆଡ଼େ ବୁଲିଯାଇଥିଲି, ହଠାତ୍ ଘରେ ପଶି
ଦେଖେଁ ତ ବୋଉ କି ଘରଜମାନଙ୍କର କିଛି ଖୋଜଖବର ନାହିଁ ।
ବେଶ୍, ଏଇ ତ ସୁଯୋଗ ! ବଡ଼ ଘରେ କିଏ ଥିଲାପରି
ଜଣାଯାଉଛି—ନିଶ୍ଚେ ସ୍ନେହ, ଆଉ କିଏ ଥିବ ?

କିନ୍ତୁ ବଡ଼ ଘର ଦ୍ୱାରମୁହଁରେ ଯାଇଛି, ଶୁଣିଲି ବୋଉ
କୌଣସି ଅତିଥିଙ୍କୁ ବିଶେଷ ସତ୍କାର କରିବାରେ ବ୍ୟସ୍ତ ।

—ହେଲେ ମା, ମତେ ଛୁଚିଖିଇ ଭାରି ଭଲ ଲାଗେ ।

—ଆଉ ଦିଟା ଦେବି ?

—ନା ଥାଉ, ସେଥିରୁ ତ ଗୁଡ଼େ ଦେଇଛୁ, ଆଉ ପଣ୍ଡ
କିଛି ଅଛି···

—ତେବେ ମିଠେଇଟେ ଦିଏ ?

—ଏଁ, କଣ କହୁଛୁ ? ବୋହୂ ତୋର ମିଠେଇ ଆଣିଛି ?

ଅତିଥି ପୂରା ବିହ୍ୱଳ ହେଇପଡ଼ିଲେ । ଟିକେ ନୀରବ ହେଇ
ପୁଣି ନରମ କଣ୍ଠରେ କହିଲେ—ମତେ କିନ୍ତୁ ମିଠେଇ ଭାରି ଭଲ
ଲାଗେ ମା !

—ସେଇ ହବ, ନା ଆଉ ଦିଟା ଦେବି ?

—ଆହା-ହା, ଡାମିକା ଜନିଷଗୁଡ଼ିକ ଏକାବେଳକେ ଏକେ
ନଷ୍ଟ କରିଦେ ନା । କଣ କରିବ, ମୋର ତ ମା, ଏ ନିଆଁ ଲଗା

ପେଟ ଉପାସ ହେଲା, ମୁଁ ତା ଉପରେ ଖାଇବା-ପିଇବା ଛାଡ଼ିଲିଣି ।

—ହଁ ଖାଅ, ଧନେ ତ ଖାଇବ !

—ନାଇଁ, ମୁଁ କଣ କହୁଥିଲି କି, ଏ ଅମୂଲ୍ୟ ଦରବ ତ ଆମ ମଫସଲରେ ମିଳୁ ନ, ନଈ ଅଫିମ ଖାଇଲାବେଳେ ପାଟି ଏଣୁତେଣୁ ଅନେକ କଥା ଲୋଡ଼ୁଚ, ଆଉ କୁ ଧନ ଆସିଲେ ହେଇ ନ ଥାନ୍ତା ? ଆଚ୍ଛା ମା, ବୋହୂ ତୋର ଏଇ ଉପ୍ରକାର ଆଣିଚ, ନା ......

—ନା, ଆଉ ଗଜା ଅଛୁ, ଦେବି ?

—ଗଜା ? ଗଜା ତ ମତେ ଆଗେ ଖୁବ ଭଲ ଲାଗୁଥିଲା ମା ! ହେଲେ, ଏବେ ଦାନ୍ତ ଯୋଗେ ଆଉ ଖାଇପାରୁ ନ । ଆଚ୍ଛା ଦେଖି ! କଅଁଳଆ କରି ଖଣ୍ଡେ ଦେଲୁ......

ହଠାତ୍ ଘରର ନୀରବତାରୁ ବୁଝିପାରିଲି, ଆଗନ୍ତୁକ ଅତିଥିଟି ବିଶେଷ ବାକ୍ୟବ୍ୟୟ ନ କରି ଯେଉଁ କାମଟିରେ ହାତ ଦେଇଥିଲେ, ତାକୁ ଅବିଳମ୍ବେ ଶେଷ କରିବାକୁ ଲାଗିପଡ଼ିଚନ୍ତି । ମଝିରେ ମଝିରେ ଖାଲି ଗାଉଁ-ଗାଉଁ କଡ଼-କଡ଼ ମଡ଼-ମଡ଼......

—ଇମିତି ତରତର କାଇଁକି ହଉଚ, ତୋଣ୍ଟିରେ ଲାଗିବ ଯେ, ବସିକରି ଖାଅ, ଆଉ ଯଦି କଣ ଲାଗିବ ଦେବି ।

—ନା ମା, ତୁ ଆଉ କଲା ନା; ଅନ୍ୟ କୁ ଦିନ ପଛେ ଆସିବି । କିଏ ଦେଖିବ, କଣ କହିବ, ମତେ ଡର ମାଡ଼ୁଚି । ମୁଁ ତ ଏ ଦଲାଦଲରେ ନ ଥାଏଁ, ମୋ ପୂଜାପେଡ଼, ମୋ ମାଳମୁଣି ଭଲ ତ ମୁଁ ଭଲ । ମତେ ଖାଲି ଗାଁବାଲା ଇମିତି ଅକଡ଼ରେ ପକେଇଚନ୍ତି ନା, ନଇଲେ ତୋ ପୁଅର ବାହାଘର ହେଲା, ମୁଁ ଆସି ଏଠି ପତର ପକେଇ ନ ଥାନ୍ତି ?

—ଗାଁରେ ବାଡ଼ ହୋଇଚି ବୋଲି ଘର କଣ ମନା ହୋଇଚି ?

—ଆଲୋ, ମତେ କିଏ ମନା କରିବ ? ଗାଁବାଲା ହିସାବରେ ସିନା କଳି ଲାଗିଚି, ଆଜି ଆମ ସମ୍ପର୍କଟା ତ ତୁଟିଯାଇ ନ ! ତୁମର ଆମର କେତେ କାଳର ବନ୍ଧୁ ଟି ? ଏବେ ଏ ମୋଟେ ବି ପୁରୁଷ ହେଲା କଟିଚି ନା ! ହଉ ମା, ଦେ, ପାଣି ଆଣ ।

—ପାଣି କଣ ପିଇବ ? ନିଅ ଏ ଦୁଧଟୋପାକ······

—ଏଁ, ଦୁଧ ? ହଁ, ଗାଈ ତୋର ଜନ୍ମ କରିଚି ମୁଁ ଜାଣେଁ । ଅଫିମଖିଆ ଲୋକ, ପାଟି ସବୁବେଳେ ଚିକଣିଆ ଜିନିଷ ଲୋଡ଼େ । କେତେବେଳେ କମିତି ଭାବେଁ, ମୁହଁ ଖୋଲି ମାଗିବାକୁ; କିନ୍ତୁ ଏ ଗାଁ-ଦଳାଦଳିଯୋଗୁଁ – ଆରେ, ଅଚ୍ଛା ଚିକଣ ତ ?

—ହଁ, ଆମ ସେ କାଳୀଗାଈଦୁଧ ବଡ଼ ଚିକଣିଆ ।

—ହଁ, ସେଇଆ ତ ଦେଖୁଚି, ତେବେ ମା, ଆଜି ଜେଜେର କଲୁ କାଇଁକି, ପାନଖଣ୍ଡ ଭାଙ୍ଗ୍······

—ବୋହୂ ଭାଙ୍ଗିଚି ।

—କଣ କହୁଚୁ ! ବୋହୂ ଭାଙ୍ଗିଚି ! ବା-ବାଃ, କେଇଟା ଦିନଭିତରେ ତୁ ତାକୁ ଇମିତି ତାଲିମ କରିସାରିଲୁଣି ? ଆଚ୍ଛା ମା, ବୋହୂ ତୋର ମସଲାମସଲି ଆଣିଥିବ ! ଏ କି କଥା ? ସୁନା ଝିଅକୁ ରୁପା ଅପୂରୁବ ?

—ହଁ, ମସଲା ସେ ଡବାରେ ଅଛି, ନବ ଯାଉ ନିଅ ।

—ନାଇଁ ମା, ତୁ ଦେ । ପରଜିନିଷ ଦେଖିଲେ ମୋ ହାତ ଆଦୌ ଚଲେ ନ । ଅନେକ ଲୋକ ତାଙ୍କ ଟ୍ରଙ୍କ, ଡବା, ସୁଟ୍କେଶ ମୋ ଆଗରେ ଖୋଲିଦିଅନ୍ତି । ହେଲେ, ମୋ ମନ ବଳେ ନ । ହଉ, ତୁ ଯେତେବେଳେ କହୁଚୁ, ଏ ଗୋଟେ······

କବାଟଫାଙ୍କରେ ଦେଖିଲି, ଆଗନ୍ତୁକ ଭଦ୍ରଲୋକଟି ଗୋଟେ କଣ୍ଢି ମୁଠେ ଧଇଲେ—ଏ ଭଦ୍ରଲୋକ ହେଉଚନ୍ତି ଆମ ଗାଁର ସଂହାନ୍ତପୁରୁଷ କାଞ୍ଜି ମାହାପାନେ ।

—ମା, ବୋହୂ ତୋର ଗଞ୍ଜେଇ କି ଅପିମ ଆଣି ନ ?

—ନାଇଁ, ଆମ ଘରେ ତ କେହି ସେ ଦରବ ଖାଆନ୍ତି ନି ।

—ଓ, ତୁମ ଘରେ କେହି ଖାଆନ୍ତି ନ ବୋଲି ମୁଁ କଣ ଜାଣି ନ ? ତେବେ, ବୋହୂଭୁଆଷୁଣୀ ଶାଶୁଘରକୁ ଅଇଲେ ଗାଁର ଭଲଲୋକ ପୁରୁଖା ମାମଲତକାରଙ୍କ ପାଇଁ······

—ନାଇଁ, ସେମାନ ଆମ ଘରେ ନାଇଁ ।

—ହଉ, ନାଇଁ ତ ନାଇଁ, ତେବେ······

—ତେବେ ପଇସାଦେଉଚି ତୁମେ ନେଇ ଯା, ହାଟରୁ କିଣି-ଆଣିବ ।

—ମୁଁ ଜାଣେଁ ତୁ ଯୁଭଳି ଲୋକ ପଇସା ନଷ୍ଟେ ଯାଚିବୁ । ହେଲେ, ସେ ଦେବଦୋଗ୍ୟ ଜନଷଟା ତ କୁଆଡ଼େ ଛପିଗଲା ଲୋ ଝିଅ ! କଣ ପଇସା ଦେଲେ ସୁଦ୍ଧା ମିଳୁଚି ? ହଉ ଦେ, ଦେଖିବା ଲୁଚୁ ଚେଷ୍ଟା କରିବା ।

ଏ କଥା ଶୁଣି ମୋ ଦେହ ଖାଲି ରାଗରେ କଡ଼କଡ଼ ହଉଥାଏ—ବୋଉ ଏ ସାପଟାକୁ ଦୁଧ ପିଆଇଚି ।

କିଛି ସମୟପରେ କାଞ୍ଜି ମାହାପାନେ ସହାସ୍ୟବଦନରେ ଘରୁ ବାହାରିପଡ଼ିଲେ । କିନ୍ତୁ ମୋ ଉପରେ ଆଖି ପଡ଼ିଲାକ୍ଷଣି ତାଙ୍କ ମୁହଁର ଚେହେରାଟା ମଉଳିଗଲା । ଟିକେ ଥତମତ ହୋଇପଡ଼ିଲେ । ତାପରେ ମୂଲ୍ଲଜାମିଶା କଣ୍ଠରେ କହିଲେ—ବାପ, ତୋ ବୋଉ ଡକେଇଥିଲା ସେ······ଏତିକି ଧୀରେ କହି କଡ଼ ଅଧୀରକଣ୍ଠରେ

## * ଶତେ ପନ୍ଦର *

ବାଡ଼ିପଟ ଆଡ଼େ ଚାଲିଗଲେ । କିଛି ସମୟ ପରେ ତାଙ୍କ ମଇଳା ଅପରିଚ୍ଛନ୍ନ ରୂପଟା ଦୂର ଆମ୍ବତୋଟା ଅନ୍ଧାରରେ ମିଶିଗଲା ।

ଏତେ ବଡ଼ ବାହାଘରଟା ଗଲା, କିନ୍ତୁ ଗାଁବାଲା ସେଥିରୁ କୌଣସି ଫାଇଦା ଉଠେଇପାରିଲେ ନି, ଏଥିପାଇଁ ସେମାନେ ଏକଦମ୍ ରକ୍ତଚୂଡ଼ଳ ହେବଉଥାନ୍ତି । କିମିତି ତାର ଅପମାନ ନେବେ, ଆମକୁ ହଇରାଣ କରିବେ, ତାର ଯୋଗାଡ଼ରେ ଥାନ୍ତି । ଆଶୀର୍ବାଦଘର ପରଦିନ ବାଡ଼ିର କେତେ ଜଣ ଖାଇବେ ବୋଲି ଆମ ଘରର ରାମା କିଛି ପଦ୍ମପତ୍ର ଆଣିବାକୁ ଯମୁନା ପୋଖରୀକି ଯାଇଥିଲା । ସେ ତା ଭିତରେ ପିମିଣ୍ଡି ଗୋଡ଼ ଦେଇଚି, ଠେକୁଆ ମିଶ୍ର, କାଞ୍ଜି ମାହାପାତ୍ର ପ୍ରଭୃତି ମିଶି ତାକୁ ଖୁବ୍ ଜୋର୍‌ରେ ମାଇଲେ । ବାବୁ ବଡ଼ଲୋକ ହେଇଯାଇଚନ୍ତି ବୋଲି ଘରକଣ ବଡ଼ଲୋକ ହେଇଗଲାଣି ! ସ୍ବାଙ୍କର କାଣିଚୁଏ ଭାଗ, ଏ ପୁଣି ପୋଖରୀ ଗୋଟାକରୁ ପତ୍ର ନେବେ···କହି ରାମାକୁ ଦେଖାଇ ଆମକୁ ବହୁତ ଗାଳି ଦେଲେ ।

ଭାଇନାନୁହେଁ ଏ ଖବର ପାଇଲାକ୍ଷଣି ଦୁଇଟା ଠେଙ୍ଗା ଧରି ଯାଇ ଘଟଣାସ୍ଥଳରେ ପହଞ୍ଚିଗଲେ । ପ୍ରଥମେ ପାଟି, ପାଟିରୁ ହାତ, ହାତରୁ ଠେଙ୍ଗା ଚାଲିଲା । ବୋଉ ବାଡ଼ି ଦୁଆରମୁହଁରେ ଠିଆ ହେଇ ଜରଡ଼ାପତ୍ରପରି ଥରୁଥାଏ । ଭଉଜନାନୁହେଁ ବଡ଼ ବ୍ୟାକୁଳଭାବରେ ଯମୁନା ପୋଖରୀ ଆଡ଼କୁ ଚାହିଁଥାନ୍ତି ।

ମୁଁ ବି. ଏ. ପାସ୍ କରିଛି, ନିକଟ ଭବିଷ୍ୟତରେ ସରକାରୀ ଚାକିରି ପାଇବି, ତେଣୁ ଗାଁର କୌଣସି ଲୋକମାନଙ୍କରେ ଲୋକ

ନ ଦବାକୁ ମତେ ନନାଙ୍କର କଡ଼ା ତାଗିଦ୍; କିନ୍ତୁ 'ଆରେ ମାଶ-ପକେଇଲେ ରେ, ଆରେ ମାଶପକେଇଲେ ରେ' ବୋଲି ଯେତେବେଳେ ସାନଭାଇନା ଚିତ୍କାର କରିଉଠିଲେ, ମୁଁ ଆଉ ସମ୍ଭାଳିପାରିଲି ନ। କାଲେ ମାଡ଼ ତାଙ୍କୁ ଛୁଡ଼ିକପଡ଼ିବ, ଏଥିପାଇଁ ବୋଉର ହୁକୁମମତେ ମୁଣ୍ଡରେ ଗୋଟେ ସୁବୃହତ୍ ଠେକା ଭିଡ଼ି ରଣଭୂଇଁରେ ପହଞ୍ଚିଗଲି। ଦେଖିଲି ମହା ସାଂଘାତିକ ଅବସ୍ଥା— ବଡ଼ଭାଇନା ପୂରା ଅଚେତ। ତାଙ୍କ ତଳୁ ଫାଟି ରକ୍ତ ଝରଝର ବହିଯାଉଚି। ମୁହଁରେ ପାଣି ମାରି ସାନଭାଇନା ତାଙ୍କୁ ସଚେତ କରିବାକୁ ଚେଷ୍ଟା କରୁଚନ୍ତି।

ଗାଁର ଯେଉଁ ମହାତ୍ମାମାନେ ଏ କାଣ୍ଡ ଉଆଇଥିଲେ, ସେ କି ଆଉ ସେଠି ରହନ୍ତି ? ଜଣେ ଖୁଣ୍ ହେଇଗଲା, ଯେ ପଳାନ୍ତି ସେ ତରନ୍ତି—ସମସ୍ତେ ମାଇଲେ ଚମ୍ପଟ୍। କିନ୍ତୁ କାଞ୍ଜି ମାହାପାତ୍ର ବୁଢ଼ା ମତେ ଦେଖି ଭେ-ଭେ କାନ୍ଦିଉଠିଲା—ବାପ, ଏ ଛତରା ଟୋକାଙ୍କୁ ଆଉ ପାରିହେବ ନ। ସାମାନ୍ୟ କଥାରେ ଏତେ ବଡ଼ ଗୋଳମାଳଟା ଆରମ୍ଭ କରିଦେଲେ। ମୁଁ ପରା ଛଡ଼େଇବାକୁ ଗଲି ବୋଲି ମତେ ଅଣ୍ଟାରେ ପାହାରେ ଦେଲେ ଯେ, ଓହୋ, ଅଣ୍ଟାଟା ମୋର ଦିଖଣ୍ଡ ହେଇଗଲା। ଯା ବାପ, ଘରପୁଅ ଘରକୁ ଫେରିଯାଅ···କହି ଅନେକ ବାଟପର୍ଯ୍ୟନ୍ତ ଆମକୁ ବଳେଇଦବାକୁ ଅଇଲେ।

ନନା କୁଆଡ଼େ ଯାଇଥିଲେ, ଅଳ୍ପ ସମୟପରେ ଆସି ସବୁ ଶୁଣିଲେ। ବଡ଼ ଦୁଃଖିତ ହେଇ କହିଲେ—ପଦୁପତ୍ର କଣ ଆମର ନ ଆଣିଥିଲେ ଚଳି ନ ଥାନ୍ତା ? ଯଦିବା ସେମାନେ ସମାଙ୍କୁ ମାଇଲେ, ସେ କଥା ମୁଁ ବୁଝିଥାନ୍ତି, ତୁମେ କାହିଁ ସେ ଗୋଳମାଳରେ ପଶୁଥିଲ ?

## * ଶତ୍ରେ ସତର୍କ *

ସାନଭାଇନା ଏକଦମ୍ ରାଗି ମୁହ୍ୟେଜ୍। କହିଲେ—ନାଇଁ, ସେ ଗ୍ଲକରଣ୍ଟାଙ୍କୁ ମାରିପକେଇଥାନ୍ତେ, ଆଜି ଆମେ ଘରେ କବାଟ କିଳି ଚୁପ୍ ହୋଇ ରହିଥାନ୍ତୁ! ମୁଁ ମଧ୍ୟ ଖୁବ୍ ରାଗିଯାଇଥିଲି। ଓଜସ୍ୱିନୀ ଭାଷାରେ କହିଲି—ନା, ଏଇଥର ବଦମାସଙ୍କୁ ଶାନେ ନ ଦେଲେ ଚଳିବ ନି। ମୁଁ କାଲି କଟକ ଯାଇ ସମସ୍ତଙ୍କ ନାଁରେ ମକଦ୍ଦମା ଦାଏର କରିବି, ସାରା ଗାଁକୁ ଜେଲ୍ ଦେବି।

ନନା ପ୍ରଥମେ ଆମ କଟକ ଯିବା କଥାରେ ରାଜି ହୋଇ ନ ଥିଲେ; କିନ୍ତୁ ଯେତେବେଳେ ପୋଡ଼ାକନା, ବିଶଲ୍ୟକରଣୀପତ୍ରରେ ଭାଇନାଙ୍କ ମୁଣ୍ଡର ଘା ନ ଶୁଖିଲା କି ଜରଯନ୍ତ୍ରଣା ନ କମିଲା, ସେତେବେଳେ ଯାଇ ହଁ କଲେ। କଟକରେ ପହଞ୍ଚି ଭାଇନାଙ୍କୁ ହାସପାତାଳରେ ଭର୍ତ୍ତି କରିଦେଇ ଦୀର୍ଘ ଡାକ୍ତର-ସାର୍ଟିଫିକେଟ୍ ହାସଲ କଲି। ନରିବାବୁ ଓ ମାଷ୍ଟ୍ରେ ସବୁ କଥା ଶୁଣି ବଡ଼ ଦୁଃଖିତ ହେଲେ; କହିଲେ—ନା, ଗୋଟେ କିଛି କରିବା ଦରକାର।

ନିଶ୍ଚୟ! ତା ନ ହେଲେ ସେମାନଙ୍କ ମୁହଁ ଉପରକୁ ହୋଇଯିବ—ମୁଁ ମିଶେଇଦେଲି। ତହିଁ ଆରଦିନ ସକାଳେ ନନା ଯାଇ ପହଞ୍ଚିବାରୁ ଓକିଲ ମୋହରିର ସାକ୍ଷୀ ସମନ ନେଇ ବହୁତ ଧାଁ-ଧପଡ଼ ଚାଲିଲା।

ମାଷ୍ଟ୍ରେ ଗାଁର ଏସବୁ ଘଟଣା ଶୁଣି ବଡ଼ ଉଦ୍‌ବିଗ୍ନ ହୋଇପଡ଼ିଥିଲେ। ଠିକ୍ ହେଲା, ହେନ୍ନକୁ ଅବିଳମ୍ବେ କଟକ ଘେନି-ଆସିବାକୁ ହେବ; କାରଣ ଏପରି ଗୋଳମାଳରେ ତାର ଗାଁରେ ରହିବା ଆଦୌ ଉଚିତ ନୁହେଁ। ତେଣୁ ଭାଇନାଙ୍କ ଚିକିତ୍ସା ଓ ମକଦ୍ଦମା ଦାଏରର ପୂରା ଦାୟିତ୍ୱ ନନାଙ୍କୁ ଦେଇ ମାଷ୍ଟ୍ରେ ଓ ମୁଁ ଗାଁକୁ ଫେରିଲୁଁ।

## * ଶତେ ଅଠର *

ମାଷ୍ଟ୍ରଙ୍କୁ ଦେଖି ସ୍ନେହ କେତେ କଣ ଗପିଗଲା; କିନ୍ତୁ ମାଷ୍ଟ୍ରେ ଏତିକି ମାତ୍ର ସଂକ୍ଷେପରେ ଉତ୍ତର ଦେଲେ—ମା, ବ୍ରାହ୍ମଣ-ଶାସନରେ ବୋହୂ ହବା ଭାଗ୍ୟରେ ଥିଲେ ଘଟେ, କର୍ମରେ ଥିଲେ ସହେ।

ଦୁଇ ଦିନପରେ ନନା ମଧ୍ୟ କଟକରୁ ଫେରିଲେ। ଜଣାଗଲା, ଭାଇନାଙ୍କ ଅବସ୍ଥା ଭଲ ଅଛି; କିନ୍ତୁ ମକଦମା କଥା ପଚାରିବାରୁ ନନା କିଛି କହିଲେ ନି। ପରେ ବୁଝିଲି, ସେ ମକଦମା ଦାଏର କରି ନାହାନ୍ତି। ମୁଁ ବଡ଼ ବିରକ୍ତ ହେଇଉଠିଲି। ନନାଙ୍କର ଏପ୍ରକାର ଉଦାସଭାବଯୋଗୁଁ ଗାଁବାଲାଙ୍କର ଅତ୍ୟାଚାର ବଢ଼ୁଛି, ଏ ମନ୍ତବ୍ୟଟା ଏକାନ୍ତରେ ଭାଇମାନଙ୍କ ଆଗରେ ପ୍ରକାଶ କଲି। ନନା କହିଲେ—ଯାହା ହବାର ତ ହେଲାଣି, ମକଦମା କଲେ ଗାଁରେ ରାଗବିଦ୍ବେଷ ବଢ଼ିବ, ହୁଏତ ଆଉରି ଏପରି ଅନେକ ଫୌଜଦାରୀ ହେଇପାରେ।

ଏ ନୀତିଶିକ୍ଷା ଶୁଣିବାର ମନୋଭାବ ମୋର ନ ଥିଲା। 'ଯା, ନନାଙ୍କ ଯୋଗେ କିଛି କରି ହବ ନି' ଏତିକି ସାରତତ୍ତ୍ୱ ସ୍ନେହକାରେ ବୋଉକୁ କହି କଟକ ଫେରିଲି। ତା ଆଗରୁ ମାଷ୍ଟ୍ରେ ସ୍ନେହକୁ ସାଙ୍ଗରେ ଘେନି ଚାଲିଆସିଥିଲେ।



ଯାଃ, ଏ ଗାଁକଥା ଆଉ ପଟିବ ନି । କୌଣସିମତେ ଓକିଲାତି ପାସ୍ କରି କଟକରେ ଆସ୍ଥାନଟା ଭଲ କରି ଜମେଇବାକୁ ପଡ଼ିବ ।

ମାଷ୍ଟରଙ୍କ ଘରେ ରବି ଜୋର୍‌ରେ ପଢ଼ାପଢ଼ି ଆରମ୍ଭ କରି-ଦେଇଥାଏ । ସ୍ନେହ ଜାରି କରିଥାଏ ପୂର୍ବପରି ତା ଅଭିସାରକଳା । ମୁଁ ତାର ମଧୁର ନିର୍ଦ୍ଦେଶରେ ପ୍ରେମ ଓ ପାଠ ଏ ଦୁଇଟାକୁ ଏକ ସାଙ୍ଗରେ ଅଭ୍ୟାସ କରୁଥାଏଁ । ପ୍ରକୃତରେ କହିବାକୁ ଗଲେ ପ୍ରଥମଟା ଚାଲେ ବେଶୀ, ଦ୍ୱିତୀୟଟା ଯଥାତଥା । ନଈକୂଳବୁଲା, ସିନେମାଦେଖା ମହା ଜାକ୍‌ଜମକ୍‌ରେ ଚାଲିଲା । ସ୍ନେହ ଯେତେବେଳେ ଆସି ମତେ ପଢ଼ିବାପାଇଁ ତାଗିଦ୍ କରେ, ମୁଁ ସେତେବେଳେ ତାକୁ ନାଚିବାପାଇଁ ଅନୁରୋଧ କରେ । ପ୍ରଥମେ ପ୍ରଥମେ ସେ ମୋତେ ଧରାଛୁଆଁ ଦେଉ ନ ଥିଲା । ପରେ କିନ୍ତୁ ମାଷ୍ଟରଙ୍କ ଅନୁପସ୍ଥିତିରେ ଏବଂ ମାଉସୀ କାଳୀ-ମନ୍ଦିରକୁ ଯାଉଥିଲାବେଳେ ମୋ ପଢ଼ାଘରେ ଘଣ୍ଟମତ ଝୁମ୍-ଝୁମ୍ ଘୁମ୍-ଘୁମ୍ ଶୁଣାଗଲା ।

ଏଇପରି ଗୀତ-ନାଚ, ସିନେମା-ଥିଏଟରମଧ୍ୟରେ 'ଲ' ଦୁଇଟା ପାର୍ଟ ଏକ ସାଙ୍ଗରେ ପରୀକ୍ଷା ଦେଇଦେଲି । ଯେଉଁ ଦିନ ଫଳ

ବାହାରିଲି, ସେଦିନର 'ସମାଜ'ଟା ହାତରେ ଧରି ସ୍ନେହପାଖରେ ଆସି ହାଜର । ଟେବୁଲେଇ କହିଲି—ଦେଖିଲ ତ ପ୍ରତିଭା ! ଏକଦମ୍ ଦୁଇଟାଯାକ ପାର୍ଟରେ ଫାଷ୍ଟ୍ କ୍ଲାସ୍ । ମୁଁ ଯୁ ପ୍ରିପାରେସନ୍ କରିଥିଲି ନା……

ସ୍ନେହ ତାର ପାତଳ ଓଠଧାରରେ ସରୁ ହସଟିଏ ଆଙ୍କି-ଦେଇ ଭୂରୁ ଟିକେ କୁଞ୍ଚିତ କରି କହିଲା—ପ୍ରି-ପା-ରେ-ସ-ନ୍ ! କି ପ୍ରିପାରେସନ୍ କରିଥିଲ ମ, ପାଠ ନା ଆଉ କିଛି ?

ଶାନ୍ତ କଣ୍ଠରେ ଉତ୍ତର ଦେଲି—ପାଠ ହଉ ବା ଆଉ ଯାହା ହଉ, ସବୁଯାକ କିନ୍ତୁ ତୁମ ଇଙ୍ଗିତ ଓ ପ୍ରେରଣାରେ ।

—ଯାଃ, ବଜାରିଗିରି……

—ଏଁ, ବଜାରିଗିରି ? ଏତେ ବଡ଼ କୃତିତ୍ୱ ହାସଲ କଲି, ଗୋଟେ ସ୍ନେହସମ୍ଭାଷଣ ନାଇଁ, ଗୋଟେ ଅନ୍ତତଃ ପ୍ରେଷ୍ଟିଜ୍‌କାଟର ପ୍ରଶଂସା ନାଇଁ, ହଠାତ୍ କହିଦେଲ ବଜାରିଗିରି……

—ଜ୍ୱରି ବାଧିଲା, ନା ?

—ହୁଁ-ଉଁ, ଦେହଟା ଖାଲି ଟାଇଁ-ଟାଇଁ ହେଇଯାଉଛି ।

—ସତେ !

ଲାଇସେନ୍‌ସଟା ହାସଲ କରି ନରିବାବୁଙ୍କ ଜୁନିଅର୍‌ରୂପେ ଓକିଲାତି ଆରମ୍ଭ କରିଦେଲି । ଆଇନ-ବ୍ୟବସାୟ ସମ୍ବନ୍ଧରେ ମୋର ଅନେକ ପ୍ରେଷ୍ଟିଜବଡ଼ ଉଦ୍ଭଟ କଳ୍ପନା ଥିଲା । ତାକୁ କାର୍ଯ୍ୟରେ ପରିଣତ କରିବାର ସୁବିଧା ମିଳିଲା । ନରିବାବୁଙ୍କ ଅନୁଗ୍ରହରୁ ମହକିଲ ଓ ମକଦମା ଜୁଟିଲା ଯଥେଷ୍ଟ ।

କୌଣସି କେସ୍ ପାଇଲେ ତାର ସବୁ କଥା ଆମୂଳଚୂଳ ଅନୁସନ୍ଧାନ କରୁଥାଏଁ—ଦରକାର ପଡ଼ିଲେ ଘଟଣାସ୍ଥଳକୁ ଯାଇ

ସମସ୍ତ ତଥ୍ୟ ବୁଝେଁ । ଯୋଖିଯାଖି ସଜାଡ଼ିସୁଜାଡ଼ି ମକ୍‌କଲଙ୍କ କଥାଟାକୁ ଏପରି ଆକାରରେ ଠିଆ କରନ୍ଦିଏଁ ଯେ ହାକିମ ଏକଦମ୍ ହାଇଯାଣ । ମୋ ଯୁକ୍ତିକୁ ନ ମାନିବାକୁ ଉପାୟ ନାହିଁ । କେତେ ଦିନପରେ ଇମିତି ହେଲା ଯେ ମୁଁ ଯେତେ କେସ୍ ନେଲି, ପ୍ରାୟ ସବୁଥିରେ ଜିତିଲି । ତେଣିକି ଟଙ୍କାପଇସା, ସୁନାମ-ସୁପାରିସ୍‌ର ଅଭାବ ରହିଲା ନା ।

ଦିନେ ବୈଠକଖାନା ଘରେ ବସି ଅନେକ ରାତିଯାଏ କଣ ଦେଖୁଥାଏଁ, ସ୍ନେହ ଆସି କହିଲା—ପଢ଼ା ଚାଲିଥିବ କି ?

—କଣ କରିବି, କାଲି ଗୋଟେ ବଡ଼ କେସ୍ ଅଛି କି ନା ?

—ଯାଃ, ଯୁ ତ କେସ୍, ଗୋଟେ ମିଛସତ କରି······

— ଦେଖ ସ୍ନେହ, ମୁଁ ଏତେ ବଡ଼ ଓକିଲ ହେଲି, ଏତେ ନାଁ କମେଇଲି; କିନ୍ତୁ ମୋ ପ୍ରତିଭା ତୁମେ ତ କେବେ ପସନ୍ଦ କଲ ନି ?

—ପସନ୍ଦ କରିବାର କିଛି ଥିଲେ ତ ? ସ୍ନେହ ହସି ହସି ସେ ଘରୁ ଚାଲିଗଲା ।

—ସତେ ନା ? ମୁଁ ବି ତା ପଛେ ପଛେ ଚାଲିଲି ।

ଇମିତି ହସକୌତୁକ ଆମୋଦପ୍ରମୋଦରେ ଦିନ କଟିଲା ।

ଏଥିମଧ୍ୟରେ ଜଣେ ବଡ଼ ମକ୍‌କିଲ ଜୁଟିଥାନ୍ତି—ନାଁ ହରିନାଥ ଚୌଧୁରୀ, ଜାତ୍ୟା ବ୍ରାହ୍ମଣ, ବ୍ୟବସାୟ ମକଦ୍ଦମୀ ମହାଜନୀ ଆଦି, ସାକିନ ମଧୁପୁର, କିଲା ହରିଶ୍‌ପୁର, ଜିଲା କଟକ । ଚୌଧୁରୀଙ୍କର ପ୍ରତି ମାସରେ କାହିଁକି ପ୍ରତି ସପ୍ତାହରେ ଗୋଟେ ନା ଗୋଟେ କିଛି ମକଦ୍ଦମା କଟକରେ ପଡ଼େ । ସେ ଫିସ୍ ଦିଅନ୍ତି ଖୁବ୍ ଭଲ । ତା ଛଡ଼ା ଯେତେବେଳେ କଟକ ଆସନ୍ତି ଘିଅ, ଚାଉଳ, ଚୁଡ଼ା, ନଡ଼ିଆ ଆକାରରେ ଅନେକ କିଛି ମୋପାଇଁ ଆଣନ୍ତି । ମୁଁ ଯଦି କେବେ

ମୋ ଓକିଲାତି ମାଡରେ ବ୍ୟତିକ୍ରମ କରି ତାର ଦାମ୍ କେବଳ ଭୁଣ୍ଡରେ ଯାଚିବସେ, ଚୌଧୁରୀ ବିନୟ ଓ ବଦାନ୍ୟତା ପ୍ରକାଶ କରି କହନ୍ତି —ଏଗୁଡ଼ାକ ମୁଁ କଣ କିଣିକରି ଆଣିଚି ଯେ ପଇସା ନେବି ବାବୁ ? ଘରେ ତ ବହୁତ ସଡ଼ୁଚି, ଖାଇବାକୁ କେହି ନାହିଁ, ତେଣୁ ଅଇଲାବେଳେ ଦିଟା ଧିନଆସେଁ ।

ଚୌଧୁରୀଙ୍କର ମୋପ୍ରତି ଏ ଅଚଳା ଭକ୍ତିର ଗୋଟେ ବିଶେଷ କାରଣ ଥିଲା । ସେ ଦୁଇ ଭାଇ; ବାପା ମରିଯିବାପରେ ବଡ଼ଭାଇ ହିସାବରେ ସେ ସବୁ ସମ୍ପତ୍ତି ବୁଝାଶୁଝା କଲେ; କିନ୍ତୁ ଧନମୋହ ତ କିଛି କମ୍ ନୁହେଁ, ତାଙ୍କ ପାଟିରୁ ଲାଳ ଗଡ଼ଥାଏ କିମିତି ସମୁଦାୟ ସମ୍ପତ୍ତି ସେ ନିଜେ ପାଇବେ । ସେଇଯୋଗେ ସେ ମୋ ପିଚ୍ଛ ଧରିଥାନ୍ତି, ସେଇଯୋଗେ ଏତେ ଓକିଲ-ପୂଜା, ଏତେ ଚୂଡ଼ାଗୁଡ଼ଲର ବ୍ୟବସ୍ଥା !

ମୋ ସହାୟତାଫଳରେ ଏଥିମଧ୍ୟରେ ଅବଶ୍ୟ ଜମି ଦଶ ମାଣ ସେ ନିଜ ଶଳା ନାଁରେ ବେନାମୀ କରିନେଇଥିଲେ । କିନ୍ତୁ ସେତିକିରେ କି ସେ ସନ୍ତୁଷ୍ଟ ହୁଅନ୍ତି ? ତୃଷ୍ଣୈକା ତରୁଣାୟତେ, ସବୁତକ କିମିତି ପାଇବେ ସେଇ ଚିନ୍ତା ନେଇ ସେ ବ୍ୟସ୍ତ ।

ଥରେ କହିବସିଲି—ଆଚ୍ଛା ଚୌଧୁରୀ, ତୁମେ କଣ ତୁମ ସାନଭାଇକି କିଛି ଦେବ ନି ?

—ଦେବି ନି କାହିଁକି ବାବୁ ? ଏକା ମା-ପେଟରୁ ଜନ୍ମ, ଆଜି ବାପା ମରିଗଲେ ବୋଲି କଣ ସାନଭାଇକି ଭସେଇଦେବି ? କିନ୍ତୁ ସେଇଟା ଆଜ୍ଞା ପୂରା ପରଶିଷାରେ ଅଛି । ମୋର ମହା ଭୟ, କାଲେ ସେ ଜମି କାହାକୁ ଲେଖିଦେବ ! ସେଇଯୋଗେ ମୁଁ କହୁଚି କଣ କି ସମ୍ପତ୍ତି ଯଦି ସବୁ ମୋ ନାଁରେ ରହେ, ତେବେ ଆଜ ଭଗାଭ

ହସିବେ ନା କି ଘରଧନ ପର ନେବେ ନା । ତାପରେ ଆଉ ଗୋଟିଏ କଥା ବୁଝନ୍ତୁ ବାବୁ ! ସେ ଥରେ ବଡ଼ ହୋଇଥିଲା । ବୋହୂ ମରି-ଯିବାରୁ ପୁଣି ଥରେ ବେଦୀରେ ବସିଲା । ମୋର ତ ଆଜ୍ଞା, ଯୋଉ ଗୋଟିକୁ ସେଇ ଗୋଟିଏ । ମୋ ସ୍ତ୍ରୀ ଯେତେବେଳେ ବଞ୍ଚିଛି, ମୁଁ ତ ଆଉ ଥରେ ବଡ଼ ହୋଇପାରିବି ନା । ତେବେ ସେ ବାବଦ ଖର୍ଚ୍ଚଟା ଅନ୍ତତଃ ମୁଁ ଏଇ କୋଠ-ସମ୍ପତ୍ତିରୁ ପାଇବାର ହକଦାର !

ଭାବିଲି, ବାସ୍ତବିକ କଥାଟା ବଡ଼ ଯୁକ୍ତିଯୁକ୍ତ ତ !

ଚୌଧୁରୀ ପୁଣି ଆରମ୍ଭ କଲେ—ଆଜ୍ଞା, ସେଇଟା ସବୁବେଳେ ରୋଗୀ । କେତେ ଯେ ଟଙ୍କା ତା ଚିକିତ୍ସାରେ ବୋହି-ଗଲାଣି; ମୁଁ ସିନା ଭାଇ ବୋଲି ଆଖି ବୁଜିଦଉଚି, ପରିହିଁଅଟିଏ ହୋଇ ହୋଇଚି, ସେ ଏ କଥା ସହୁଚି କେତେକେ ? ତାର ଏକା ଜିଦ୍, ସାନଭାଇର ଔଷଧ ବାବଦରେ ଯେତେ ଖର୍ଚ୍ଚ ହଉଚି, ସେଗୁଡ଼ା ହିସାବ କରି କୋଠସମ୍ପତ୍ତିରୁ କାଢ଼ିନିଅ ।

ଏସବୁ ଅକାଟ୍ୟ ଯୁକ୍ତି ଶୁଣି ଚୌଧୁରୀଙ୍କର ବେନାମୀ କାରବାରରେ ମୋ ଆଉ କୌଣସି ଆପତ୍ତି ଉଠେ ନା । ଯଦି ବା କେବେ ଉଠେ, ଟଙ୍କା ଦେଖିଲେ ସେସବୁ କୁଆଡ଼େ ଉଭେଇଯାଏ । ଟଙ୍କା ସର୍ବତ୍ର ଜୟତେ ।

ଆମ ଭଡ଼ାଘରର କର୍ଷକପରେ ନମିତାର ଜନ୍ମ । ଲାଲ-ଟୁକ୍‌ଟୁକ୍ ସୁନ୍ଦର ଶିଶୁଟି ଆମର ହୋଇଥାଏ ଅତି ଗେହ୍ଲା ଓ ଆଦରର ଧନ—ଆମ ପ୍ରେମ, ଆମ ମମତାର ପ୍ରତୀକ, ସତେ ଯେପରି ଆମ ଭଲପାଇବା ରୂପାୟିତ ହୋଇଉଠିଛି । ସ୍ନେହ ସବୁବେଳେ ସେଇ ନମିତାକୁ ନେଇ ବ୍ୟସ୍ତ ରହିଲା—ନମି ଖାଇବ,

ନମି ଶୋଇବ, ନମିକୁ କାଶ ହେଲା, ନମି କାନ୍ଦିଲା । ନମିତାର ଲାଳନପାଳନରେ ଟିକେ ଖିଲାପ ହେଲେ ସେ ସମସ୍ତଙ୍କ ଉପରେ ରାଗି ମୁହେଇଜ୍ । 'ପିଲାଟା କଥା କେହି ବୁଝୁ ନାହାନ୍ତି' ଗର୍ଜିଉଠି କହିପକାଏ ।

ଦିନେ ସଞ୍ଜବେଳେ ନମିତାକୁ କୋଡ଼ରେ ଧରି ସ୍ନେହ କେତେ ଗେଲ କରୁଥାଏ । ହଠାତ୍ ପଦ୍ମ କହିଲା—ଓଃ, ଜନ୍ମ ତ କରିଚ, କେତେ ଦେଖେଇହଉଚ ମ ! ଏ ତ ହେଲା ଅଯୂମାରମ୍ଭ, ଏଣିକି ଗୁଳିବ ବର୍ଷକୁ ବର୍ଷ……

—କେତେ ବଜାଉଛ ମ ! ତେଣେ ମହାକାଲ ବସିଚନ୍ତି, ଇଠି ଆସି ଭଣ୍ଡାମି !

—ବାଃ, ଓକିଲାତି କଲି ବୋଲି ମୋର ଦିହପା ନାହିଁ ନା କଣ ? ମୋ ମୁଣ୍ଡ ଆଜି ଭାରି ବଥଉଚି……କହି ଲମ୍ବ ହୋଇ ପଲଙ୍କରେ ଶୋଇପଡ଼ିଲା ।

—ସତେ ? ଦିହ ଏତେ ଖରାପ ! ସ୍ନେହ ହସି ହସି ଜବାବ ଦେଲା ।

ନିତି ମହାକାଲଙ୍କ ଯା-ଆସରେ ମାଷ୍ଟ୍ରଙ୍କ ଘର ଘୁ-ଘୁ ଶବ୍ଦ କଲା । ଏତେ ଗୋଳମାଳ, ମାଷ୍ଟ୍ରେ କିଛି ଭାବୁ ନ ଥିବେ ! ଦିନେ ତାଙ୍କୁ ଏକୁଟିଆ ବସିଥିବାର ଦେଖି କହିଲି—ଆଜ୍ଞା, ଆପଣଙ୍କୁ ଅସୁବିଧା ହଉଥିବ, ଆମେ ଯାଉଚୁଁ ଅନ୍ୟ କୁଠି ଗୋଟେ ଘର……ପାଟିରୁ କଥା ନ ସରୁଣୁ ମାଷ୍ଟ୍ରେ ଭଙ୍ଗାକଣ୍ଠରେ ଉତ୍ତର ଦେଲେ—ନିଜ ଘର ଛାଡ଼ି ଅନ୍ୟ ଘରକୁ କାହିଁକି ଯିବ ବାପ ? ମୁଁ ଆଉ କେତେ ଦିନ ? ଖାଲି ଅପେକ୍ଷା କରିଥିଲି ସ୍ନେହର ପିଲାଟିଏ ହେଲେ ଦେଖିବି ବୋଲି । ସେ ତ ହେଲା—

ମାଷ୍ଟ୍ରେ ଆଉ କିଛି କହିପାରିଲେ ନି, ଆଖି ଛଳଛଳ ହୋଇଗଲା, କଣ୍ଠ ରୁଦ୍ଧ ହୋଇଆସିଲା, ମୁହଁକୁ ଗୋଟେ ଦୁଃଖର ଛାଇ ଢାଙ୍କିଦେଲା । ଏପରି ଅବସ୍ଥାରେ ମୁଁ ବା ଆଉ କହିବି କଣ ! ତାଙ୍କ ଆଦେଶମତେ କାର୍ଯ୍ୟ କରିବାର ଗୋଟେ ଅସ୍ତିସୂଚକ ଇଙ୍ଗିତ କରି ଅନ୍ୟତ୍ର ଚାଲିଲି ।

କେତେ ଦିନପରେ ମାଷ୍ଟ୍ରଙ୍କ ଦେହ ହଠାତ୍ ଭାରି ଖରାପ ହେଲା । ଯେତେ ଚେଷ୍ଟା କଲେ ମୁଦ୍ଧା ଆଦୌ ଭଲ ହେଲା ନି । ମନ ମୋର ବଡ଼ ବ୍ୟାକୁଳ ହୋଇଉଠୁଥାଏ ସୁନିଶ୍ଚିତ ଅଥଚ ଅତି ଦୁଃଖମୟ ଏକ ପରିଣତିର ପରିକଳ୍ପନାରେ । ଓଃ, ଯା କି ସମ୍ଭବ ? ମୁଁ ଆଉ ସମ୍ଭାଳିପାରେଁ ନି । ଆଖିରୁ ଲୁହ ଝରିଆସେ । ସ୍ନେହକୁ କିନ୍ତୁ କିଛି କହେଁ ନି—ସେ ଏ କଥା ଜାଣିଲେ ଧୈର୍ଯ୍ୟ ଧରିବ କିମିତି ?

ଦିନେ ସମସ୍ତ ଦୁଃଖଯାତନାକୁ ବିଦାୟ ଦେଇ, ଜୀବନର ସମସ୍ତ ବ୍ୟଥାଭରା ଅନୁଭୂତିକୁ ହୃଦୟରେ ଧରି ମାଷ୍ଟ୍ରେ ଶେଷନିଶ୍ୱାସ ଛାଡ଼ିଲେ । ସେଇ ଧୀର ଶାନ୍ତ ବୃଦ୍ଧ ମୂର୍ତ୍ତିଟିର ତିରୋଧାନରେ ମୋର ପ୍ରାଣ ଅସହ୍ୟ ବେଦନାରେ ଭାଙ୍ଗିପଡ଼ିଲା—ସଭକ୍ତି କୃତଜ୍ଞତାରେ ସେଇ ସ୍ୱର୍ଗତ ଆତ୍ମାପ୍ରତି ମୁଣ୍ଡ ନଇଁଗଲା । ଭାବିଲି, ଦୟା ଓ ସ୍ନେହର ଅବତାର ସେ ମାଷ୍ଟ୍ରେ ମୋପାଇଁ ନ କରିଥିଲେ କଣ ?

ସ୍ନେହ ସମୟ ସମୟରେ ଅତି ବ୍ୟସ୍ତ ହୋଇପଡ଼େ । ତାର ବ୍ୟଥାଭରା ମୁହଁଟିକୁ ମୋ କୋଳରେ ଲୁଚେଇ କେତେ କାନ୍ଦେ । ନିଜର ମନୋଭାବ ଘୋଡ଼େଇ ମୁଁ ତାକୁ ବୁଝେଇବସେଁ—ଛି, ତୁମେ କାନ୍ଦୁଚ ସ୍ନେହ ! ମାଷ୍ଟ୍ରେ ତ ମଣିଷ ନ ଥିଲେ, ଓସ ଥିଲେ

ଜଣେ ଦେବ-ଦୂତ । ତାଙ୍କ କାମ ଶେଷ ହେଲା, ସେ ଚାଲିଗଲେ, ଆଉ ଭାବ ଲାଭ ?

ଏଥି ମଧ୍ୟରେ ଟଙ୍କାର ବହୁତ ଦରକାର ପଡ଼ିଲା । ମାଷ୍ଟରଙ୍କ ଅଭିଜ୍ଞତାରେ ଅନେକ କିଛି ଧାର-ଉଧାର ହେଉଥାଏ । ତାପରେ ଶୁଭଘଡ଼ିଟା ଖୁବ୍ ସମାରୋହରେ କଟିବାକୁ ହେଲା । ଚୌଧୁରୀ ବାବୁ ଏ ଅସମୟରେ ଆମକୁ ବହୁତ ସାହାଯ୍ୟ କଲେ; ତା ସାଙ୍ଗେ ସାଙ୍ଗେ ନିଜ ବେନାମୀ କାରବାର ଟିକେ ଆଗେଇଦବାକୁ କିନ୍ତୁ ଭୁଲିଲେ ନାହିଁ । ସେ ଟଙ୍କା ଦବାରେ ଯେତିକି ମୁକ୍ତହସ୍ତ, କୋଠ-ସମ୍ପତ୍ତି ଆତ୍ମସାତ୍ କରିବାରେ ସେତିକି ତତ୍ପର । ଭାବିଲି—ଯାଃ, ପେଟ ପୋଷ୍ ନାଇଁ ଦୋଷ୍ । ଓକିଲ-ବ୍ୟବସାୟରେ ଏତେ ଭଲମନ୍ଦ ବିଚାର କଲେ ଜୀବନ ରହିବ କିମିତି ?

କୌଣସି ଗୋଟେ ବଡ଼ ମକଦମା ନେଇ ଚୌଧୁରୀ କଟକ ଆସିଥାନ୍ତି । ସାଙ୍ଗରେ ଆଣିଥାନ୍ତି ଅନେକ ଜିନିଷ । ଟିକିଏ ବ୍ୟଙ୍ଗ କରି କହିଲି—ଚୌଧୁରୀ ଆପଣେ, ଆଉ କିଛି ସମ୍ପତ୍ତି ଅଛି କି ନା କଣ ?

—ଢେର୍ ହେଇଚି ବାବୁ, ଢେର୍ ହେଇଚି । ଯେତେ ହେଲେ ସାନଭାଇଟା ତ ! ନ ହେଲା ଭାଗ୍ୟରେ ନାଇଁ, ବଡ଼ଲୋକଘରେ ଜନ୍ମ ହୋଇ ମଧ୍ୟ ନିଜ ଭାଗ୍ୟଦୋଷରୁ ବଡ଼ଲୋକ ହୋଇପାରିଲା ନି; କିନ୍ତୁ ଗଣ୍ଡେ ଖାଇ, ଖଣ୍ଡେ ପିନ୍ଧି ବଞ୍ଚିରହିବା ତ ତାର ଦରକାର ! ହେଲା, ସେ ବା ଅଣ୍ଡିରିପୁଅ କୁଟି ପୃଥ୍ୱୀସାରା କରି ପେଟ ପୋଷିବ; କିନ୍ତୁ ସେ ବୋହୂଟା କରିବ କଣ ? ସେ ତା'ର ରୂପଯୌବନ ନେଇ କୁଆଡ଼େ ଯିବ ? କାହା ପାଖରେ କାହାର ପ୍ରାର୍ଥୀ ହେବ ?······ଚୌଧୁରୀଙ୍କ ଭ୍ରାତୃସ୍ନେହ ଦେଖି ମୁଁ ତ ଖୁବ ଖୁସି !

## * ରନ୍ଧେ ସଚେଇଣ *

ଦିନେ ଚୌଧୁରୀ ଅଡ଼ିବସିଲେ, ତାଙ୍କ ଗାଁକୁ ଯିବାକୁ— ତୁମର ଭଲେ ବାବୁ, ଫୁର୍ତ୍ତି କରିବାବେଳ । ଟିକେ ମଉଜ-ମଜଲିସ ନାହିଁ, ଟିକେ ଭୋଗ-ପାରକ ନାହିଁ, ସବୁବେଳେ ସେଇ ଆଇନ ବହିଗୁଡ଼ାକ ଧରି କେତେ ବସିରହୁଚ ? ସେଥିରେ ପରମାୟୁ କ୍ଷୟ ହୋଇଯିବ ଯେ ! ପାଠ ଡାକୁଚ, ମରିଗଲେ ପାଣିପାଣିଏ ପାଇବ, ମଉଜ ମିଳିବ କାହୁଁ ? ତୁମ ବୟସରେ ବାବୁ, ଆମେ ଇମିତି ଅକର୍ମ ନାହିଁ ଯା ନ କରିଚୁଁ, ଇମିତି ଅଖାଦ୍ୟ ନାହିଁ ଯା ନ ଖାଇଚୁଁ । ଚାଲ ଆମ ଗାଁରେ ଦି ଚାରି ଦିନ ବୁଲିଆସିବ । ଯୋଉ ଫୁର୍ତ୍ତି କରିବାକୁ ଚାହିଁବ, ସିମିତି ବ୍ୟବସ୍ଥା କରିବି । ଯୁ ଜିନିଷ ଫରମାସ କରିବ, ତା ଯୋଗେଇଦେବି, ସୁରା ଷୋଡ଼ଶୀ......

କେଜାଣି କାହିଁକି ଚୌଧୁରୀଙ୍କର ଏ ପ୍ରସ୍ତାବ ମତେ ଆଦୌ ଭଲ ଲାଗିଲା ନା । କହିଲି—ନା, ଥାଉ, ବେଳ କାହିଁ ? ହେଲେ, ସେ କଣ ଛାଡ଼ିବାର ଲୋକ ? ଯୁ ମଫସଲ ମାମଲତକାର ଫି ସପ୍ତାହରେ କୋର୍ଟ୍ କଚେରୀ ଦେଖେ, ନିଜ କାରସାଦିରେ ବାପର ପୈତୃକ ସମ୍ପତ୍ତିରୁ ସାନଭାଇକୁ ଅଂଶ ନ ଦେଇ ନିଜ ଶଳା ନାଁରେ ସମସ୍ତଟା ବେନାମୀ କରିନେଇପାରେ, ତା ପକ୍ଷରେ ସଂସାରରେ କଣ କିଛି ଅସାଧ୍ୟ ଥାଇପାରେ ?

ମୋର ଯେତେ ଅନିଚ୍ଛା ଥିଲେ ମଧ୍ୟ ଯୁ ଔକିଲ ତାଙ୍କୁ ଏତେ ବଡ଼ ସମ୍ପତ୍ତିର ମାଲିକ କରିଚି, ତାକୁ ଦିନେ ଦୁଇ ଦିନପାଇଁ ଗାଁକୁ ନେଇ ଯାବତୀୟ ଚର୍ବ୍ୟ-ଚୂଷ୍ୟ, ଲେହ୍ୟ-ପେୟ, ଶ୍ରାବ୍ୟ-ସ୍ପୃଶ୍ୟ ଆଦି ଯୋଗାଡ଼ କରି କୃତଜ୍ଞତାର ପରିଚୟ ଦବାକୁ ଚୌଧୁରୀ ବ୍ୟାକୁଳ ହୋଇଉଠିଲେ । କିନ୍ତୁ ମୋଠୁ ଯହୁଁ ସେପରି କିଛି ଆଶାଜନକ ଉତ୍ତର ନ ପାଇଲେ, ଶେଷରେ ସ୍ନେହକୁ ଯାଇ ଧରିଲେ ।

* ଶହେ ଅଠେଇଶ *

ମଉସା ଯେତେବେଳେ କହୁଚନ୍ତି, ଯାଉ ନ, ତାଙ୍କ ଗାଁରେ ଦି ଦିନ ବୁଲିଆସିବ—ସ୍ନେହ ଭକ୍ତି କଣ୍ଠରେ କହିଲା । ଉତ୍ତରରେ ଦେଲି—ଯିବ କମିତି, ତୁମ ଦେହ ଭଲ ନାହିଁ ପରା !

—ଓଃ, ମୋ ଦେହ କଣ ତୁମେ ରହିଲେ ଭଲ କରିଦେବ ? ବରଂ······ଓଠରେ ହସ ରଖି ଅର୍ଦ୍ଧମୁକୁଳିତ ଜିଜ୍ଞାସୁ ନୟନରେ ସ୍ନେହ ମୋ ଆଡ଼କୁ ଚାହିଁଲା·········

—ବରଂ ରହିଲେ ଦେହ ଅଧିକ ଖରାପ କରିବ, ଏଇଆ କହିବାକୁ ଚାହଁ ତ ? ତା ହେଲେ ଆମକୁ ନିର୍ବାସନ ଦଣ୍ଡ ହୁକୁମ ହେଲା, ନା ?

ସ୍ନେହର ଯାବତୀୟ ଭାର ମାଉସୀଙ୍କ ଉପରେ ଦେଇ ରାସ୍ତାରେ ଗାଡ଼ି ଘୋଡ଼ା, ନମିତା ଯେମିତି ବାହାରକୁ ନ ଯାଏ, ଏଥିପାଇଁ ଚାକରକୁ ପୂରା ତାଗିଦ କରି କଚେରୀ ଛୁଟି ଦେଖି ଚୌଧୁରୀଙ୍କ ଘରକୁ ବାହାରିପଡ଼ିଲି ।

ଆଗରୁ ମୋ ସହିତ ଦିଆନିଆ କାରବାରରୁ ବୁଝିପାରିଥିଲି, ଚୌଧୁରୀ ଖୁବ୍ ବଡ଼ଲୋକ । ତାଙ୍କ ଗାଁକୁ ଯାଇ ମଧ୍ୟ ଦେଖିଲି, ଠିକ୍ ସେଇଆ । ବଡ଼ ବଡ଼ ଦୁଇ ଦାଣ୍ଡି ଦୋମହଲା ଘର । ବାରଣ୍ଡାରେ ସିମେଣ୍ଟ, କାନ୍ଥରେ ଚୂନ, ପ୍ରତ୍ୟେକ ଘରର ସାଜସଜା ଅତି ଉଚ୍ଚ ଧରଣର । ମନେ ହେଲା, ଏମାନେ ବହୁ କାଳର ଖାନ୍‌ଦାନ୍ ପରିବାର ।

ମୋ ଯିବା ଉଦ୍ଦେଶ୍ୟରେ ଚୌଧୁରୀ ଅନେକ ଖାସି ଆଣି ଘରେ ବନ୍ଦେଇଥିଲେ, ଆଖପାଖ ଯେତେ ଲୋକଙ୍କ ପୋଖରୀରେ ମାଛ ଥିଲା, ତାକୁ ସବୁ ଅଟକେଇଥିଲେ । ମୁଁ ସେ ଗାଁରେ ଗୋଡ଼ ଦେବା ସାଙ୍ଗେ ସାଙ୍ଗେ ଅନେକଗୁଡ଼ିଏ ଜୀବଙ୍କ ମରିବକାଳେବର ଏଇ ଉଚ୍ଚଶିକ୍ଷିତ ପ୍ରବୀଣ ଯୁବକଙ୍କ ସୁଖାଦ୍ୟ ବ୍ୟବସ୍ଥାପାଇଁ କରେଇଥା

ହୋଇ ତୁଳୀଉପରେ ବସିଲି । ବଚରାଗୁଡ଼ିକ ମୁକ୍ତି ପାଇଗଲେ— ଜୀବ ମାରଣ ମାଂସ ଖାଇ, ସେ ଜୀବ ବୈକୁଣ୍ଠେ ବସଇ ।

ଅଙ୍ଗୁର, ବେଦାନା, ବିସକୁଟ୍, ଇମିତି କେତେ କଣ କଟକରୁ ଆସିଥିଲା, ଫେର୍ ଅନେକ କିଛି ଯୋଗାଡ଼ ହେଉଥାଏ । ଦିନସାରା ବହୁ ଲୋକ ଯା-ଆସ କରୁଥାନ୍ତି । ଚୌଧୁରୀ ସମସ୍ତଙ୍କୁ କିଛି ନା କିଛି ବିଦାୟ ଦେଉଥାନ୍ତି । ବଡ଼ ଆଶ୍ଚର୍ଯ୍ୟ କଥା ତ—ଜଣେ ଲୋକ-ପାଇଁ ଏତେ ଆୟୋଜନ !

ଶୁଣିଥିଲି, ବ୍ରିଟିଶ ଶାସକମାନେ ଯେତେବେଳେ ଶକ୍ତିର ସର୍ବୋଚ୍ଚ ଶିଖରରେ ଥିଲେ, ସେତେବେଳେ ଆମ ଦେଶର କୌଣସି କୌଣସି ବଡ଼ଲୋକ ନିଜ ଘରେ ଲାଟ ବା ବଡ଼ଲାଟଙ୍କୁ ଅତିଥିରୂପେ ଅଭିବାଦନ କରିବାର ସୁଯୋଗ ପାଇ ଆଖପାଖର ସମସ୍ତ ପୁରପଲ୍ଲୀକୁ ନିଜ କ୍ଷମତାବଳରେ ବର୍ଗୀମାନଙ୍କ ପରି ଲୁଟ୍ କରୁଥିଲେ ଏବଂ ଏହି ଶ୍ୱେତାଙ୍ଗମାନଙ୍କ ସନ୍ତୋଷନିମିତ୍ତ ହିନ୍ଦୁ ହୋଇ ମଧ୍ୟ ଗୋମାଂସର ଆୟୋଜନ କରିବାକୁ ପିଛାଉ ନ ଥିଲେ । ଚୌଧୁରୀଙ୍କର ସେଦିନର କାର୍ଯ୍ୟକଳାପ ଦେଖି ମୋର ସେଇ କଥାଟା ମନେ ପଡ଼ିଲା ।

ବିଶେଷ ଆମୋଦପ୍ରମୋଦମଧ୍ୟରେ ପ୍ରଥମ ଦିନର ରାତିଟା କଟିଲା, ଶୋଉ ଶୋଉ ପ୍ରାୟ ଭୋର୍ । ସକାଳୁ ଆଉ ଶେଯରୁ ଉଠିବାକୁ ମନ ନ ହୁଏ । ଅନେକ ବେଳଯାଏ ପଲଙ୍କଉପରେ ପଡ଼ିରହିଲି । ସେ ନିଭୃତ ପଲ୍ଲୀଗାଁଟାର ସକାଳୁଆ ଥଣ୍ଡା ପବନ ମୋ ଦେହକୁ ଚନ୍ଦନ ବୋଳିଲାପରି ଲାଗୁଥାଏ । ମଝିରେ ମଝିରେ ମଧୁର ନାଦ ଟିକେ ଟିକେ ଭାସିଆସୁଥାଏ । ଲୋକେ କହନ୍ତି,

* ଶବ୍ଦେ ଭିଷଣ *

ଖୁବ୍ ସକାଳୁ ଉଠିବା ସ୍ୱାସ୍ଥ୍ୟକର; କିନ୍ତୁ ସକାଳେ ବହୁତ ଡେରଯାଏ ଶୋଇବା ଯେ କି ଆରାମଦାୟକ ମୁଁ ସେଦିନ ବୁଝିଲି ।

ହଠାତ୍ କୁଠି ଗୋଟେ କଣ ବଡ଼ ଗୋଳମାଳ ଶୁଣାଗଲା । ଚିଲାଚିଲି, କଳିତକରାଳ, ଖୁବ୍ ପାଟି ଉଠୁଥାଏ । କିଛି ଠିକ୍ କରି ପାରିଲି ନି ।

ଦେବାତ୍ ଚୌଧୁରୀ ଆସି ପହଞ୍ଚିଗଲେ । ମୋ ଜଳଖିଆ ଖାଇବାରେ ଡେରି ହୋଇଗଲା, କେହି ସେ କଥା ବୁଝିଲେ ନି କହି ଚିତ୍କାର ଆରମ୍ଭ କରିଦେଲେ, ବହୁ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ।

—ବସନ୍ତୁ, ଜଳଖିଆ ଖାଇବା ତ, ତରତର କାହିଁକି ? ଆଜି ତ କଚେରୀ ଯିବା ନାହିଁ !

—କଚେରୀ ନ ଥିଲେ କଣ ହେଲା ବାବୁ, ଆପଣ ଦିନକ ପାଇଁ ମୋ ଘରକୁ ଆସିଚନ୍ତି, ସେଥିରେ ଯଦି ଆପଣଙ୍କର ସ୍ୱାସ୍ଥ୍ୟହାନି ଘଟେ……

—ସ୍ୱାସ୍ଥ୍ୟହାନି ଯଦି ଘଟେ, ତେବେ ସେ ସତ୍କାର ଅଭାବରୁ ହବ ନି, ବରଂ ସୁବ୍ୟବସ୍ଥାର ବାହୁଲ୍ୟହେତୁ……

ଚୌଧୁରୀ ଟିକେ ହସିଦେଲେ । କହିଲେ—କହନ୍ତୁ ନି ଆଜ୍ଞା, ମୁଁ ଏ ଛତରା ଭାଇଟା ନେଇ ଏତେ ହାଲିଆ ହଉଚି ! ସେ ଯାଉଚି ଭଦ୍ରଲୋକଙ୍କ ପାଇଁ ରୁ କରିବାକୁ, ତାକୁ ତୁ ସକାଳଟାରୁ ଦୁମ୍‌ଦାମ୍ ପିଟୁଚୁ !

—କଥା କଣ ? କିଏ କାହାକୁ ପିଟିଲା ?

—କଣ ସେ କଥା କହିବି ବାବୁ, ସାନବୋହୂଟି ଆମର ଗେଷ୍ଟେଇବାସ କେଶ୍ କରିପାରେ । ମଫସଲର ଝିଅ ହେଲେ ବି ଅଳ୍ପ କେତେଟା ଦିନ ଦେଖିଲାପରେ କୁରୁମା-କଟ୍‌ଲେଟ୍, ଡେପ୍-ସୁପ୍

ଆଉ ଡିଆରି କଟିବାରେ ସେ ପୂରା ଓସ୍ତାଦ୍ ହୋଇଯାଇଛି, କାଲି ତ ଆପଣ ତା ରୋଷେଇ ଖାଇଛନ୍ତି……

—କାଲି ରୋଷେଇ ତେବେ କଣ ଆପଣଙ୍କ ସାନବୋହୂ କରିଥିଲେ ? ମୁଁ ଭାବୁଥିଲି, ହୁଏତ କୌଣସି ମହମଦ୍ ମିଶ୍ର କମ୍ବା ସମିର୍ ଶତପଥୀଙ୍କ କୃତିତ୍ୱ ହେବାଲି ।

ଚୌଧୁରୀ ପ୍ରଥମେ ପରିହାସଟା ସ୍ପଷ୍ଟ ବୁଝିପାରିଲେ ନା । କିନ୍ତୁ ଟିକକପରେ ମିଷ୍ଟ ମୁଡ୍‌କହସାଟିଏ ଦେଇ କହିଲେ—ହେଁ-ହେଁ, କି କଥା କହୁଛନ୍ତି ଆଜ୍ଞା, ଆମର ଏ ସବୁ ହେଲା ବ୍ରାହ୍ମଣ-ଘର, ଅନ୍ୟାନ୍ୟ ଯାହା ଜିମିତି ସିନା ଲୁଚିଛପିକରେ ଚାଲିଯାଉଛି, ଦାଢ଼ିଆ ବ୍ରାହ୍ମଣ ଆଣିଥିଲେ ଗାଁଲୋକେ ତତ୍‌କ୍ଷଣେ ଧରି ପକେଇଥାନ୍ତେ ସବୁ……

—ସତେ ନା ? ଅଚ୍ଛା, ଅପଣଙ୍କ ସାନଭାଇ ତାଙ୍କ ସ୍ତ୍ରୀଙ୍କୁ ମାଇଲେ କାହିଁକି ?

—କଣ କହିବ ଆଜ୍ଞା, ସେ ଆପଣାଘର-ଛିଦ୍ର, କହିଲେ କୁଳକୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସିଯାଉଛି । ଭାଇ ଆମର ଯେ, ରୂପରେ ଏକଦମ୍ ରତିପତି କାମ । ଗୋଡ଼ ଦୁଇଟି ଖଡ଼କା-ପରି, ପେଟ ଓଳଆଭଳି, ମୁଣ୍ଡ ଠିକ୍ ଧାନଉଷୁଆଁ ହାଣ୍ଡି—ସବୁବେଳେ ତ ଜର, ପୁଣି ଦିନକୁ ଦିନ ଆମଗୁଳୁମ ବଢ଼ିଚାଲିଛି, ଲୁଚା ଖଣ୍ଡିଏ ଏଟ୍କୁ ହେଠିକି ନବାର ଜ୍ ନାହିଁ କି କନ୍ଦର୍ପ କଣ ବାବୁ ଜାଣନ୍ତି ନ, କେବଳ ଏକମାତ୍ର ଦର୍ପ ନିଜ ସ୍ତ୍ରୀକୁ ମାରିବା । ସେ ବୋହୂ କୁଠି ଆଜ ସକାଳେ ଆପଣଙ୍କ ଘରକୁ ଯାଇଥିଲା । ପିଲା ଲୋକ, କୋଧେ ଦେଖିଥିଲା, କିଏ ଆସିଛନ୍ତି । ଏଇଥିପାଇଁ ତୁ ତାକୁ ମାଇଲୁ ?

ଚୌଧୁରୀ ପୁଣି ସ୍ୱର ବଦଳାଇ କହିଲେ—କଣ କହିବି ଆଜ୍ଞା, ସାନବୋହୂଟି ଆମର କି ରୂପ, କି ଗୁଣ, ସବୁଥିରେ ପୂର୍ଣ୍ଣ, ସାକ୍ଷାତ୍ ଅନ୍ନପୂର୍ଣ୍ଣା ତ—ତା ବଡ଼ବାପ, ବଡ଼ମା ତାକୁ ଏ ପାଷଣ୍ଡ-ହାତରେ କାହିଁକି ଯେ ଦେଲେ, ବରଂ ତୋଟି ଚିପି ମାରି-ଦେଇଥିଲେ·····

ଚୌଧୁରୀଙ୍କର ନିଜ ଭାଇବୋହୂପ୍ରତି ଏପ୍ରକାର କିମ୍ଭୂତ-କିମାକାର କରୁଣା ଦେଖି କିଛି ଆଶ୍ଚର୍ଯ୍ୟ କିଛି ବିରକ୍ତିରେ କହିଲି—ଆପଣ ତେବେ ସେ ବାହାଘର କଲେ କାହିଁକି ଯେ ?

—ମୁଁ କରିଚି ଆଜ୍ଞା ? ମୁଁ ଗୋଟେ ବାହା ହୋଇଥିଲି; ସେ ଗୋଟେ ବାହା ହୋଇଥିଲା । ତା ସ୍ତ୍ରୀ ଏବେ ମରିଗଲା, କିଏ କଣ କରିବ ? ଦୋଜ ପକ୍ଷରେ ଦ୍ୱିଗୁଣ ଖର୍ଚ୍ଚ, ମୁଁ କଣ ମଙ୍ଗିଥାନ୍ତି ? ଆମ ବାପା ପର ପୁଅଙ୍କୁ ଦେଖିପାରି ଏ କାଣ୍ଡ କରିଚନ୍ତି !

ଚୌଧୁରୀଙ୍କ ବେନାମୀ-କାରବାର ଦେଖି ନିଭୃତ ସମୟରେ ମୋ ମନରେ ବେଳେ ବେଳେ ସାମାନ୍ୟ ଦୁଃଖ ଆସେ—ପଇସା-ଲୋଭରେ ସମୁଦାୟ ସମ୍ପତ୍ତି ଚୌଧୁରୀଙ୍କ ଶଳା-ନାଁରେ କରିଦେଇ ତାଙ୍କ ନିଃସହାୟ ସାନଭାଇକୁ ନିଃସ୍ୱ କରିଦବା ଠିକ୍ ହୋଇ ନି । କିନ୍ତୁ ଏ ସାନଭାଇଟିର ଏପ୍ରକାର ଗୁଣଗ୍ରାମ ଯେତେବେଳେ ଶୁଣିଲି, ଭାବିଲି—ଠିକ୍ ହୋଇଚି, ଏଇପରି କୁଳାଙ୍ଗାରମାନଙ୍କୁ ତ ଦଣ୍ଡ ଦବା ଦରକାର, ଆମେ ଓକିଲ୍ ହୋଇ ଯଦି ଏସବୁ ନ କରୁଁ, ଦେଶ ତେବେ ଆମଠୁଁ ପାଇବ କଣ ?

ଆଉ ଏପରି କେତେ କଣ ଭାବୁଥାନ୍ତି, ହଠାତ୍ ସେ ଆସି ପହଞ୍ଚିଗଲା । ଏ ଗରମ ପାଣି ମୁନ୍ଦାକ ସାମାନ୍ୟ କିଛି ପରିସ୍ଥିତି,

ଟିକିଏ ଚିନିର ମିଶ୍ରଣରେ ଚା-ଖୋରଙ୍କ ଆଖିରେ ଯେ କି ଅପୂର୍ବ କି ଅମୂଲ୍ୟ ହୋଇଉଠେ, ତା ଅନୁଭବୀମାନେ ଜାଣନ୍ତି । ଅନେକ ଦୂରରୁ ଓଠ ଦିଟାକୁ ଧୂସରଥୋମଣିପରି ଗୋଲାକୃତ କରି ଅତି ଆଗ୍ରହ ସହକାରେ ଚା-କପ୍‌ରେ ଚୁମାଟିଏ ଦେଇ କହିଲି—ବାଃ, ବଡ଼ ଚମତ୍କାର ହୋଇଛି ତ ! ଚୌଧୁରୀ କିନ୍ତୁ ସାଙ୍ଗେ ସାଙ୍ଗେ ବିରକ୍ତ ହୋଇଉଠିଲେ—ଯାଃ, ଚା ମୁଣ୍ଡଟା ମଧ୍ୟ ଆଜି ଖରାପ ହୋଇଯାଇଛି, ମିଠା ଏକଦମ୍ ନାହିଁ !

ଚୌଧୁରୀ ଚାକରକୁ ଚିନି ଆଣିବାପାଇଁ ଚିତ୍କାର କଲେ ।

—ଆପଣ ଚିନି ନେବେ ତ ନିଅନ୍ତୁ, ମୋର ଠିକ୍ ଅଛି । ମୁଁ ଟିକେ ଚା'ରେ କମ୍ ଚିନି ଖାଏଁ……

—ସତେ ନା ? ବେଶ୍ ବେଶ୍, ତେବେ ବୋହୂ, ଆମର ଜାଣିଲା କିମିତି ?

—ନା, ସେ ଜାଣିବେ କିମିତି ? ଏ ଦୈବାତ୍……

—ନା ବାବୁ, ସେ ହାତ ସିମିତି, ଯଥିରେ ଯା ଦେଇଦେବ ସେ ତ କିମିତି କରିଦିଏ ! ଯା କହ ବାବୁ, ଲକ୍ଷ୍ମୀ ହାତ…ଏତିକି କହି ଚୌଧୁରୀ ନିଜ କପ୍‌ରେ ଅନ୍ୟୁନ ଚାରି ଚାମୁଚ ଚିନି ଦେଇ ସଜୋରରେ ମନ୍ଥନ କରିବାକୁ ଲାଗିଲେ । ଭାବିଲି, ଏ କଣ ଚା ନା ସରବତ୍ !

ଚା'ର ପ୍ରଭାବରେ କଥାବାର୍ତ୍ତା ଟିକେ ଜମିଉଠିଲା । ଅନେକ ଆଡ଼ୁ ଅନେକ ବିଷୟ ପଡ଼ିଲା । ଏଇ ସମୟରେ ହଠାତ୍ ଜଣେ ରୁଗ୍ଣ ଜୀର୍ଣ୍ଣଶୀର୍ଣ୍ଣ ଲୋକ ସେଠାରେ ଆସି ପହଞ୍ଚିଲେ । ଲୋକଟିର ଦୈର୍ଘ୍ୟପ୍ରସ୍ଥ ଚାଲିଚଳଣିରୁ ଜଣାଯିବ, ତାଙ୍କ ବୟସ ପ୍ରାୟ ଅଠର ହେବ; କିନ୍ତୁ ମୁହଁକୁ ଚାହିଁଲେ ବୋଧ ହେବ ଅଠାଅଶୀ

ଟପିଗଲାଣି । ହାତଗୋଡ଼ ଖୁବ୍ ସରୁ-ସରୁ, ପେଟ କିନ୍ତୁ ଗଣେଶଙ୍କ ଶରୀରର ମଧ୍ୟଭାଗପରି ବର୍ତ୍ତୁଳାକାର । ଡେଲ୍ଟା ଅଞ୍ଚଳରେ ନଈ ଯେପରି ଅନେକ ଧାରରେ ବିଭକ୍ତ ହୋଇ ସମୁଦ୍ରଆଡ଼କୁ ଗତି କରେ, ସେଇପରି ସେ ଲୋକଟିର ଶିରାପଶିରାଗୁଡ଼ିକ ବିଭିନ୍ନ ଶାଖାପ୍ରଶାଖା, ବିଭିନ୍ନ ସଂଯୋଗବିଯୋଗମଧ୍ୟରେ ତାଙ୍କ ଦେହସାକ ବିଚ୍ଛିଇ ହୋଇ ମୁଣ୍ଡଆଡ଼କୁ ଚାଲିଯାଇଥିବାର ସେ ମାଂସହୀନ ଶରୀରରେ ସ୍ପଷ୍ଟ ଦେଖାଯାଉଥିଲା । ହାତରେ, ପେଟରେ, କପାଳରେ ଗୁଡ଼ାଏ ବଡ଼ ବଡ଼ ଦାଗ । ତାକୁ ଦେଖି 'ସ୍ୱର୍ଗସୁଧା' ବଟି ପାଇଁ ପାଞ୍ଜିରେ ଅନେକ ସମୟରେ ଯୁ ଜର-ମେଲେରିଆ-ପ୍ଳୀହା-ରୋଗାକ୍ରାନ୍ତ ଛବି ବାହାରେ, ସେଇ କଥା ମୋର ମନେ ପଡ଼ିଲା ।

ଲୋକଟି ଆମ ଦୁହିଁଙ୍କୁ ଏକାଠି ଦେଖି କେଜାଣି କାଇଁକି ବିଶେଷ ବିରକ୍ତିର ଭାବ ପ୍ରକାଶ କରି ଚାଲିଯାଉଥିଲେ, ଚୌଧୁରୀ ଡାକିଲେ —କିରେ, କୁଆଡ଼େ ଯାଉଚୁ, ଶୁଣ୍ । ତାପରେ ମତେ ଲକ୍ଷ୍ୟ କରି କହିଲେ—ବାବୁ, ଏଇ ଆମ ଭାଇରତ୍ନ, ଚେହେରା ଯେପରି ଗୁଣ ସେପରି; ଅନ୍ୟ ସମସ୍ତ କଥା ଅଲଗା, ବର୍ତ୍ତମାନ ତାର କଣ ସନ୍ତାନ ହବାର ଅଛି । ଏଗୁଡ଼ାଙ୍କର କି ବୁଦ୍ଧି !

ମୁଁ ଚମକିପଡ଼ିଲି—ସ୍ତ୍ରୀ ଅନ୍ତଃସତ୍ତ୍ୱା, ସ୍ୱାମୀ ତାକୁ ଏପରି ଅବସ୍ଥାରେ ନିର୍ମମଭାବରେ ମାଇଲା ! ଭାବିଲି, ଆମ ସମାଜରେ ଏପ୍ରକାର ନିଷ୍ଠୁର କାପୁରୁଷଙ୍କର ଅଭାବ ନାହିଁ, ଯେଉଁମାନେ କି ନିଜର ସୁଖସ୍ୱାଚ୍ଛନ୍ଦ୍ୟନିମିତ୍ତ ସ୍ତ୍ରୀକୁ କୁଲି ପରି ଦିନରାତି ଖଟାନ୍ତି; କିନ୍ତୁ ତାର ପ୍ରତିଦାନରେ ତାକୁ ଦିଅନ୍ତି କେବଳ ମାଡ଼ଗାଳି, କରନ୍ତି ତା ଉପରେ ନିର୍ମମ ଅତ୍ୟାଚାର । ଏପରି ପାଷଣ୍ଡମାନଙ୍କୁ ଦଣ୍ଡ ଦିଆଯିବା ଉଚିତ । ଦଣ୍ଡର ବ୍ୟବସ୍ଥା ମୁଁ କରିବି ।

## * ଶତେ ପଞ୍ଚତ୍ରିଶ *

ଚୌଧୁରୀ ପୁଣି ଆରମ୍ଭ କଲେ—ଏଇ ଅପଦାର୍ଥପୋ ମୋର ସବୁ ସମ୍ପତ୍ତି ନଷ୍ଟ ହେଲା ଆଜ୍ଞା ! ସବୁବେଳେ ରୋଗ-ରୋଗ-ରୋଗ, କେବଳ ଡାକ୍ତର ଦବାରେ ଅଜସ୍ର ଟଙ୍କା ବୋହିଗଲାଣି । ପେଟରେ ଗୋଟେ କଖାରୁପରି ଗୁଳ୍ମ ଯେ, କିଏ କହୁଚି ଘୁଞ୍ଚି ଦିଗେଇଦିଅ, କିଏ କହୁଚି ବେଙ୍କ ଦିଗେଇଦିଅ; କିନ୍ତୁ ବେଙ୍କ ଦିହ ମୁଣ୍ଡ ଘୁରିଆଡ଼େ ଚଡ଼ୁ ଦେଇ ମଧ୍ୟ ଗୁଳ୍ମ କମିବ କଣ ସେ ଦିନକୁ ଦିନ ଫୁଲୁଚି ।

ତେଲୁଣିପୋକକୁ ଛୁଇଁଲେ ସେ ଯେପରି ନିଜ ଦେହଟାକୁ ସଂକୁଚିତ କରି ପଡ଼ିରହେ, ସେଇପରି ରୋଗ ଓ ହତାଶାର ଅବତାର ଚୌଧୁରୀଙ୍କ ସାନଭାଇ ଆମ କଥାବାର୍ତ୍ତା ସମୟରେ ମୁହଁଟାକୁ ନିତାନ୍ତ ବିଷଣ୍ଣ କରି ଠିଆ ହେଇଥାନ୍ତି । ଚୌଧୁରୀଙ୍କ କଥାଗୁଡ଼ାକ ଯେତେବେଳେ ବିଭିନ୍ନ ପରଦା ଦେଇ ଗତି କରୁଥାଏ, ସେତେବେଳେ ତାଙ୍କ ସାନଭାଇ-ମୁହଁରେ ଦୁଃଖ ଓ ନିର୍ଯାତନାର କରୁଣ ଅଭିବ୍ୟକ୍ତି ବଡ଼ ବିଚିତ୍ରଭାବରେ ଫୁଟିଉଠୁଥାଏ ।

ଶେଷରେ ଚୌଧୁରୀ ଆରମ୍ଭ କଲେ—ବାବୁ, ମୁଁ ଆଉ ତାକୁ ଚଳେଇପାରିବି ନି, ସେ ତା ଭାଗ ସମ୍ପତ୍ତି ନେଇ ଅଲଗା ହେଇ ରହୁ । ଚୌଧୁରୀଙ୍କ ପାଟିରୁ କଥା ନ ସରୁଣୁ ତାଙ୍କ ସାନଭାଇ ବିରୁଡ଼ି ମାଇଲାପରି ସେଥିର ଗୁଡ଼ି ପକେଇଲେ । ତା ଭାଗ ସମ୍ପତ୍ତି ? ଭାଗ ହବାକୁ ଆଉ କିଛି ଅଛି ନା କଣ ? ମୁଁ ପଚାରିଲି ।

—ହଁ, ଯାହା କି ଘର ମାଣ କୋଠରେ ଅଛି······

ଟିକିଏ ରହିଯାଇ ଚୌଧୁରୀ ମୋପ୍ରତି ବିଶେଷ ଭକ୍ତି ଓ ସ୍ନେହର ସୂଚନା ଦେଇ କହିଲେ—ଦେଖିଲେ ବାବୁ, ସେ

ଅପଦାର୍ଥଟାକୁ ? ମାନସମ୍ମାନ ଜ୍ଞାନ ଅଛି ନା ଭଲମନ୍ଦ ବଗୁର ଅଛି ? ଏତେ ବଡ଼ ଓକିଲ ଜଣେ ଘରକୁ ଆସିଚନ୍ତି, ତାଙ୍କ ସେବାଚର୍ଚ୍ଚା କରିବା, ତାଙ୍କ ଖାଇବାପିଇବା ବୁଝିବା, ତା ନାଇଁ—ଭୂଷ୍ଦଣେ ଆସି ଭୂଷ୍ଦଣେ ଚାଲିଗଲା ! ଗୋଟେ ନମସ୍କାର ଅନ୍ତତଃ......

ନମସ୍କାର ! ଯେଉଁ ଏତେ ବଡ଼ ଓକିଲ ଏଇ ରୁଗଣ ଅସହାୟ ଲୋକଟିର ସର୍ବନାଶ କରିବାରେ ସାହାଯ୍ୟ କରିଚ, ତାର ଯେ ଏ ନମସ୍କାରଟି ଉପରେ ଆଦୌ ଦାବି ନ ଥିଲା, ଏ କଥା ମୁଁ ବେଶ୍ ଉପଲବ୍ଧି କରିପାରିଥିଲି । ଦୀର୍ଘନିଶ୍ୱାସଟିଏ ପକେଇ ଉଦାସ-ଭାବରେ କହିଲି—ଥାଉ, କି ଦରକାର ?

ଚୌଧୁରୀ ମତେ ଗୋଟେ ସିଗାରେଟ୍ ପ୍ୟାକେଟ୍ ଏବଂ କେତେଖଣ୍ଡ ପାନ ସହିତ ସମ୍ଭାଷଣ କରିବାର ସୁବିଧା ଦେଇ ମଧ୍ୟାହ୍ନ-ଭୋଜନସକାଶେ ପୁଣି ବୋଧେ କେତୋଟି ଜୀବ-ବଧର ବ୍ୟବସ୍ଥା କରିବାକୁ ଅନ୍ୟଆଡ଼େ ଚାଲିଗଲେ । ଗୋଟେ ଗୁପ୍ତ ଅନୁତାପର ଛାୟା ମୋ ମନରେ ଖେଳିଗଲା । ସିଗାରେଟ୍ ଅତ୍ୟନ୍ତ ଅପ୍ରିୟ ବୋଧ ହେଲା । ପାନ ଖାଇବାପାଇଁ ଆଦୌ ଇଚ୍ଛା ହେଲା ନା । ଗୋଟେ ଝରକା ମଧ୍ୟଦେଇ ସୁଦୂର ବୃକ୍ଷଲତାର ଅନନ୍ତ ଶ୍ୟାମଳିମାକୁ ଚାହିଁରହିଥାଏଁ । ବାସ୍ତବିକ ଗୋଟେ ମସ୍ତବଡ଼ ଭୁଲ୍ ହୋଇଗଲା ।

ବାବୁ, ତୁମେ ସକାଳୁ ଗାଧାଅ, ଡେରି କରୁଚ କାହିଁକି ?—ଦେଖିଲି, ଚୌଧୁରୀଙ୍କ ପୁଅ ମନୁ ପାଖରେ ଠିଆ ହୋଇ ମତେ ଏ ତାଗିଦ୍ କରୁଚି । କହିଲି—କିରେ, ମୁଁ ସକାଳୁ ଗାଧେଇବା କଥା ତୁ କିମିତି ଜାଣିଲୁ ?

—ଖୁଡ଼ୀ କହିଲୁ ପରା !

—ଖୁଡ଼ୀ ? କିଏ ସେ ଖୁଡ଼ୀ ରେ ?

ହଠାତ୍ ମନେ ପଡ଼ିଲା, ସକାଳ ଗୃହ କଥା । ତାହାହେଲେ ମୁଁ ଗୃହରେ କମ୍ ଚିନି ଖାଏଁ, ଏ ବିଷୟ ସେ ଜାଣିଥିଲେ ନା କଣ ? ବୋଧ ହୁଏ ମହିଳାଟି ବିଶେଷ ଚତୁରା, କୌଣସି ଉପାୟରେ ଏସବୁ ଖବର ଯୋଗାଡ଼ କରିଚନ୍ତି । ହଁ, ସେଇଆ, ସ୍ତ୍ରୀମାନଙ୍କ ପକ୍ଷରେ ଅସମ୍ଭବ କଣ ?

ମନୁ ମୋ ହାତରେ ବାସନାତେଲ ବୋତଲଟା ଧରେଇ-ଦେଇ କହିଲା—ବାବୁ, ଖୁଡ଼ୀ ତୁମ ଗାଧେଇବାପାଇଁ ଗରମ ପାଣି କରିଚି । ବାହାରେ ବିରକ୍ତ, ଭିତରେ ଅନୁରକ୍ତ ଭାବ ରଖି ଉତ୍ତର ଦେଲି—କିରେ, ତୋ ଖୁଡ଼ୀ ମତେ କଣ ଏତେ ଦୁର୍ବଳ ବୋଲି ଭାବିଚନ୍ତି ନା କଣ ? ମୋର ଗରମ ପାଣି ଦରକାର ନାହିଁ, ମୁଁ ଯାଇ ତୁମ ପୋଖରୀରେ ଗାଧେଇଆସିବି ।

—ଏଁ, ପୋଖରୀରେ ଗାଧେଇବ ?

ପିଲାଟି ଦୌଡ଼ିଯାଇ କବାଟ ସେପଟରୁ କାହାର ଉପଦେଶ ପାଇ ପୁଣି ଆସି ଆରମ୍ଭ କଲା—ନାହିଁ ବାବୁ, ଖୁଡ଼ୀ କହୁଚି, ଏ ମଫସଲ ଜାଗା, ଏଠା ପାଣି ଭଲ ନୁହେଁ, ତୁମ ଦେହକୁ କାଳେ ଥଣ୍ଡା ଲାଗିବ, ଜର ମଧ୍ୟ ହେଇପାରେ ।

—ଆରେ ନାହିଁ, ଏ ଦେହକୁ ଏତେ ସହଜରେ ଜର ହବ ନି, ଚାଲ, ତୁ ମୁଁ ଦିହେଁ ପୋଖରୀରେ ଗାଧେଇଆସିବା । ଖୁଡ଼ୀଙ୍କୁ କହ, ଖାଇବା ଠିକ୍ କରନ୍ତୁ, ଥଣ୍ଡା ପାଣିରେ ଗାଧେଇଆସିଲେ ଭୋକମାତ୍ରା ଟିକେ ବଢ଼ିଯିବାର ଭୟ ଅଛି କିନା ! ଏ କଥାର ଉତ୍ତର କବାଟ-ଉହାଳରୁ କେବଳ ମୃଦୁ ହସଟିକରେ ଭାସିଆସିଲା ।

## * ଶହେ ଅଠତିରଶ *

ମନୁ ମଧ୍ୟ ଇଥିରୁ କଣ ବୁଝିପାରି ଖେଁଦଶେ ହସିଉଠିଲା । ତାପରେ ହଠାତ୍ ଏଣେତେଣେ ଗୃହିଁ ଗମ୍ଭୀର ହୋଇ କ୍ଷୀଣ କଣ୍ଠରେ ମତେ ଯା କହିଲା ତାର ସାରମର୍ମ ଏଇ ଯେ, ସେ ଖୁଡ଼ୀକଥା ଶୁଣିବାକୁ ଆଦୌ ବାଧ୍ୟ ନୁହେଁ । ଯେତେବେଳେ ପିଲାଟେ ହୋଇ ସେ ପୋଖରୀରେ ବହୁତ ସିର୍ଘ ବୁଡ଼ା ଦେଇ ଆଣ୍ଠୁ ଏ ପାଣିରେ ହାତଗୋଡ଼ ବାଡ଼େଇ ପହଁରି ଗାଧେଇଲେ ସୁଦ୍ଧା ତାକୁ ଜର ହଉ ନ, ମୋପରି ଗୋଟାଏ ସୁସ୍ଥ ସବଳକାୟ ଲୋକକୁ ଥଣ୍ଡା ଲାଗିବା କଦାପି ସମ୍ଭବ ନୁହେଁ ।

ମନୁର ନେତୃତ୍ୱରେ ପୋଖରୀରେ ଗାଧେଇଆସି ଲୁଗାପଟା ପିନ୍ଧି ପଲଙ୍କଉପରେ ଗଡ଼ୁଥାଏଁ । ମନରେ ଅତୀତ ଓ ଭବିଷ୍ୟତର କେତେ ଚିନ୍ତା ଜାଗିଉଠୁଥାଏ । କଣ କରିବି, କିମିତି ଏ ଭୁଲକୁ ସୁଧାରିବି ! କିଛି ଠିକ୍ କରିପାରୁ ନ ଥାଏଁ, କେବଳ ମଝିରେ ମଝିରେ ଏପଟୁ ସେପଟ କଡ଼ ଲେଉଟେଇ ପଲଙ୍କକୁ ଦୁଃଖ ଦଉଥାଏଁ ।

ହଠାତ୍ ଚୌଧୁରୀ ପହଞ୍ଚିଗଲେ । ମୁଁ ମଧ୍ୟାହ୍ନ ଭୋଜନପାଇଁ ପ୍ରସ୍ତୁତ ଦେଖି ଆନନ୍ଦରେ ଭର୍‌ଭର୍ ହୋଇ ମୋ ଖାଇବା ବନ୍ଦୋବସ୍ତ କରିବାକୁ ଗୃଲିଯାଉଥିଲେ, ହଠାତ୍ ଇମିତି ଗୋଟେ ଘଟଣା ଘଟିଲା ଯହିଁରେ କି ଭୋଜନର ଛନଛନିଆ ଛବି ଭୁଲିଯାଇ ମୁଁ ମନେ ମନେ ଓ ଚୌଧୁରୀ ପ୍ରକାଶ୍ୟରେ ହାହି-ହାହି ଡାକ ଛାଡ଼ିଲୁଁ ।

ଦେଖିଲି, ଏକ ବୃହତ୍‌କାୟ ସ୍ତ୍ରୀଲୋକ, ବର୍ଣ୍ଣରେ ଠିକ୍ ମଶାଣିର ପୋଡ଼ାକାଠ, ଦେହ ଗୋଡ଼ ହାତ ମୁଣ୍ଡ ଏପରି କି ଅଙ୍ଗୁଠିଗୁଡ଼ିକ ମଧ୍ୟ ଅଳଂକାରରେ ପୂର୍ଣ୍ଣ । ପାଟିରୁ ପାନପିକ ବୋହି-ପଡ଼ୁଥାଏ । ନାଗୁଣୀଲିଙ୍ଗୁଡ଼ିରେ ହାତ ମାଇଲେ ସେ ଯେପରି

ଫଁ-ଫଁ ହୁଏ, ସେଇପରି ସେ ଦୀର୍ଘନିଶ୍ୱାସ ଛାଡ଼ୁଥାନ୍ତି ସୁ-ସୁ—ସତେ ଅବା ବାହାରେ ଗୋଟେ ଝଡ଼ଝଞ୍ଜା ଆରମ୍ଭ ହୋଇଯାଇଥାଏ । ଦଶହରାକୁ ଅନେକେ ଚଣ୍ଡୀ-ଚାମୁଣ୍ଡା କାକୁଡ଼ିଖାଇ କଖାରୁଖାଇ ମୂର୍ତ୍ତି ତିଆରି କରନ୍ତି । ମନେ ହେଲା, ସତେ ଅବା ସେଇ ମୂର୍ତ୍ତିରୁ ଗୋଟିଏ ଆସି ଆମ ଆଗରେ ଠିଆ ହୋଇଛନ୍ତି । କିନ୍ତୁ କେଉଁ କାରଣରୁ ଏଇ ଚଳନ୍ତୀ-ଚଣ୍ଡୀ ଆମକୁ ଅସମୟରେ ଠିଆଦର୍ଶନ ଦେଲେ, କିଛି ଠିକ୍ କରିପାରିଲି ନି । କେବଳ ଚୌଧୁରୀଙ୍କ ଆଡ଼କୁ କାକୁସ୍ଥ ନୟନରେ ଚାହିଁରହିଲି । ଚୌଧୁରୀ ନିରୁତ୍ତର ।

ସେ ବୋହୂ କିଛି କରିବ ନି, ଆଉ ମୁଁ କାମ କରି କରି ମରିବି, ନା ? ଇମିତି ଆଜି ଗୋଟେ କି କାମ ହଉଚି ଯେ ମୋ ଗାଧୋଇବା ଲୁଗାଖଣ୍ଡ ବି ସେ ଧୋଇପାରିଲା ନି ? ମୁଁ ଆଉ ଏବେ ଏକାମ କରିବି ? ମତେ ଲୁଗା-ଧୋଇବା ଦେଖି ଗାଁମାଇପେ ଥଟ୍ଟା କରୁଚନ୍ତି..........ଏତିକି କହି ଚଣ୍ଡୀ ଟିକିଏ ପାନଖିଲି ମୁଖସ୍ଥ କଲେ । ମୁଁ ଏସବୁ ଦେଖି ଏକପ୍ରକାର ପଥର ପାଲଟି-ଯାଇଥାଏଁ । ଚୌଧୁରୀ ମଧ୍ୟ କମ୍ ବିବ୍ରତ ହେଲାପରି ଜଣାପଡ଼ୁ ନ ଥିଲେ । ଟିକେ ବିରକ୍ତ ହୋଇ କହିଲେ—ସାନବୋହୂ ପରା ଆଜି ବାବୁଙ୍କପାଇଁ ରୋଷେଇବାସ କରୁଚି ?

ସେ ତ ସବୁଦିନେ ରୋଷେଇ କରେ, ଆଜି ନୂଆ କଣ ହେଲା କି ? ଏଥିପାଇଁ ମୋ ଲୁଗାଖଣ୍ଡ ଧୋଇବ ନି ? କାଲି ରାତିରେ ସେମିତି ମତେ ମୋଡ଼ିଦେଲା ନି ଯେ ମୁଁ କି ଛଟପଟ ହେଉଚି, ମୋଟେ ନିଦ ହେଲା ନି । ଏ ଘରେ କଣ ସେ ବସି ଖାଇବାକୁ ଆସିଚି ? କାମରେ ଯଦି ତାର ମନ ଲାଗୁ ନି, ସେ ତା ବାପଘରକୁ ଚାଲିଯାଉ !

—ବାପଘରେ ତାର କିଏ ଅଛି ଯେ ?

—କେହି ନାହିଁ ବୋଲି ଆମର ଖାଇ ଆମର ତୋଟି କାଟିବ ? ଏମିତି ଯଦି ତାର ବାବୁଆଣୀ ହବାର ଇଚ୍ଛା, ତେବେ ଘଇତାକୁ ନେଇ ସେ ତାର ଅଲଗା ରହୁ, ତେଣିକି ମୁଁ ଚାକର ରଖେଁ ବା ଚାକରାଣୀ ରଖେଁ, ଯିମିତି ପାରିବି ମୋ ଘର ସିମିତି ଚଳେଇବି ।

—ହଁ, ସେ ତ ଅଲଗା ହେବେ, ତେବେ ଆଜି ଟିକିଏ ଧୈର୍ଯ୍ୟ ଧର ।

—ନା, ଆଦୌ ଧୈର୍ଯ୍ୟ ଧରିପାରିବି ନି, ମୁଁ କାମ କରି କରି ମରିଗଲିଣି । ତୁମେ ତାକୁ ଶୀଘ୍ର ଅଲଗା କରିଦିଅ, ନଇଲେ ମୁଁ ଏ ଘର ଜାଳିପୋଡ଼ି ଭସ୍ମ କରିଦେବି……କହି ଶବ୍ଦାୟମାନ ପାଦରେ ପ୍ରସ୍ଥାନ କଲେ ।

ଶାନ୍ତିଃ ! ଶାନ୍ତିଃ !

ସାଙ୍ଗେ ସାଙ୍ଗେ ଚୌଧୁରୀଙ୍କ ମୁହଁରେ ଆଶ୍ୱସ୍ତିର ଭାବ ଖେଳିଗଲା । ମୋର ଆଉ ବୁଝିବାରେ ବାକି ରହିଲା ନି ଯେ ଏଇ ରମଣୀମଣିଟି ହରିଚନ୍ଦ୍ର ଚୌଧୁରୀଙ୍କ ସହଧର୍ମିଣୀ । ବାପ୍ ରେ ବାପ୍, ଚୌଧୁରୀ ତ କିଛି କମ୍ ଲୋକ ନୁହଁ, ଏ ଜନ୍ତୁକୁ ଯେ ସମ୍ଭାଳିଛି !

ଘରକଥା ବାହାରେ ପଡ଼ିବା ଦେଖି ଚୌଧୁରୀ ମତେ ବୁଝେଇବା ଛଳରେ କହିବସିଲେ—ତାର କିଛି ଭୁଲ ନାହିଁ ବାବୁ, ଏମାନେ ପ୍ରକୃତରେ ତାକୁ ବଡ଼ ହିନସ୍ତା କରୁଛନ୍ତି । ବୋହୂ ଏତେ କାମ କାଳି କଲା, ଟିକେ ଯାଇ ବଡ଼ଯା-ଗୋଡ଼ ମୋଡ଼ି-ଦେଇଥିଲେ କଣ ହେଇ ନ ଥାନ୍ତା ? ଆଜି ଲୁଗା ଚପଡ଼

ଦେଉଥିଲେ କଣ ତା ହାତ ଛିଣ୍ଡିଯାଇଥାନ୍ତା ? କାମରେ ଏତେ ଅବହେଳା କଲେ ଚଳେ ?

ହଁ, ଭାରି ଅବହେଳା ହୋଇଗଲା ! ମନେ ମନେ ବିରକ୍ତ ହେଲି । ଛିଃ-ଛିଃ, କି କଦର୍ଯ୍ୟ ଲୋକ ଏଗୁଡ଼ାକ ! ଏମାନଙ୍କର ଦୟାମାୟା ହୋଇ ଟିକିଏ ନାହିଁ ?

ଖାଇବା ଜାଗାରେ ଯାଇ ଦେଖିଲି, ଦ୍ରବ୍ୟ ଆୟୋଜନ— ସରୁଅନ୍ନ, ଅନେକପ୍ରକାର ଭଜା ତରକାରୀ, ଭକୁଡ଼ମୁଣ୍ଡଟିଏ ଯତ୍ନସହକାରେ ଥାଳିଆଟିରେ ରଖାଯାଇଚି—ବାଃ, ବଡ଼ ବଢ଼ିଆ ତ ! ପାଟିରୁ ଦୁଇଟୋପା ଲାଳ ଅପ୍‌ଦଣେ ଖସିପଡ଼ିଲା ।

ଆଜି ବୋଲି ନୁହେଁ, ପିଲାଦିନରୁ ମୋର ଭକୁଡ଼ମୁଣ୍ଡଟାରେ ଅପାର ମମତା । ଖାଇବା ଆରମ୍ଭ କରିଦେଲି । ସବୁ ଜିନିଷ ଚାଖି ଚାଖି ହଠାତ୍ ନଡ଼ିଆରଟଣି ପାଟିରେ ମାରିଦେଇ ଏକପ୍ରକାର ଚମକିପଡ଼ିଲି । ଏ କି ଆଶ୍ଚର୍ଯ୍ୟ କଥା, ମୋର ଯାବତୀୟ ପ୍ରିୟବସ୍ତୁର ଏଠି ବରାଦ ହେଲା କିମିତି ? ଚୌଧୁରୀ ଅବଶ୍ୟ ମୋର ଖୁବ୍ ପରିଚିତ; କିନ୍ତୁ ସେ ମୋ ଜୀବନର ସମସ୍ତ ରହସ୍ୟ ଜାଣିବା ତ ସମ୍ଭବପର ନୁହେଁ ! ତେବେ ଏଠି ଆଉ କିଏ ଅଛି, ଯେ କି ସବୁ କଥା ଜାଣେ ? ଏ ବିଷୟ ନେଇ ମୁଣ୍ଡମଧ୍ୟରେ ଯେତେବେଳେ ଅନେକପ୍ରକାର ବାଦାନୁବାଦ ସଜୋରରେ ଚାଲିଥାଏ, କୌଣସି ବାଧା ନ ମାନି ହାତ ଏକନିଷ୍ଠଭାବରେ ତାର କର୍ତ୍ତବ୍ୟ କରି-ଯାଉଥାଏ ।

ଏହିମଧ୍ୟରେ ମନୁ ଅନେକ ଥର ଆସି 'ଖୁଡ଼ୀ କହୁଛନ୍ତି ତରକାରୀ ଟିକିଏ ଦିଅ, ଖୁଡ଼ୀ କହୁଛନ୍ତି ଡାଲି ଟିକିଏ ଦିଅ' କହି କହି ଗୋଳମାଳ ଆରମ୍ଭ କରିଥାଏ । ଶେଷରେ ଆଉ ରୋକିନ

ମାଛମୁଣ୍ଡ ଆଣି ଯେତେବେଳେ ଦକାକୁ ବସିଲ୍ସ, ମୁଁ ଲୋଭ ଏଡ଼ିପାରିଲି ନ, ହେଲେ ହୁଏତେ ନଉଚ କମିତ ? ଟିକଏ ହାତ ହଲେଇ ନାଇଁ-ନାଇଁ କରିବସିଲି । ଦୂରରୁ ଶୁଣାଗଲ୍ସ—ଭୁ ଦେଇଦେ ନା, ପାଞ୍ଚଟା ମାଛମୁଣ୍ଡ ହେଲେ ଖାଇଦେବେ, ବଡ଼ଟା କଣ ?

ଭାତଗୁଣ୍ଡାଟା ଠକ୍‌ଦକଶେ ହାତରୁ ଖସିପଡ଼ିଲ୍ସ ।

ଏଁ, କଏ କଥା କହିଲ୍ସ ? କଣ୍ଠସ୍ୱରଟା ତ ପରିଚିତପରି ଜଣାଯାଉଚ । ତେବେ ଚୌଧୁରୀଙ୍କ ଭାଇବୋହୂ କଣ ଆମ ଗାଁ ଝିଅ ? କିନ୍ତୁ କବାଟଫାଙ୍କରେ ଯେଉଁ ପାଉଁଜଲଗା ଗୋରା ପାଦ- ଦୁଇଟି ଦେଖିଲି, ସେଥିରେ ଏ ସନ୍ଦେହ ବେଶୀ ସମୟ ମନରେ ରହିପାରିଲ୍ସ ନ । ଆମ ଗାଁ ଝିଅମାନଙ୍କ ଭିତରେ ତ କାଳୀ ଝାଁଟୁଆ ସବୁଠୁଁ ସୁନ୍ଦରୀ; ଏପରି ଝିଅ ସେଠି ଆସିବ କୁଆଡ଼ୁ ?

ମୁଁ ଯିମିତ ହାତ ଧୋଇବାକୁ ବାହାରିଚ, ଚୌଧୁରୀଙ୍କ ଭାଇବୋହୂ ଧୀରପଦରେ ପାଖଘରକୁ ଚାଲିଗଲେ । ଘୁରିଆଡ଼େ ଗୋଟେ ଯେପରି ଅବ୍ୟକ୍ତ ସଙ୍ଗୀତର ମୂର୍ଚ୍ଛନା ଖେଳିଗଲ୍ସ । କାହାର ଏ ପାଦଶବ୍ଦ ! ସତେ ଯେପରି ମୁଁ ସେ ଶବ୍ଦ ଅନେକ ଥର ଶୁଣିଚ, ତା ସହିତ ମୁଁ ଯିମିତ ପରିଚିତ । ଛିଃ, ପୁଣି ସେଇ ଦୁର୍ବଳତା ! ଜୀବନରେ ଏଇ ଦୁର୍ବଳତା ନେଇ କେତେ ଅପଦସ୍ଥ ହେଇ ନ, କେତେ ବଡ଼ ଆଶା, କେତେ ବଡ଼ ଆଦର୍ଶରେ ଜଳାଞ୍ଜଳି ଦେଇ ନ; ତଥାପି ଆଜ ଅପରିଚିତା ସ୍ତ୍ରୀଟିଏ ଦେଖି···ଏଇପରି ହୁଏତ ଆଉ ଅନେକ କଣ ଭାବିଥାନ୍ତି, ହଠାତ୍ ଚୌଧୁରୀ କୁଆଡ଼େ ଥିଲେ ଆସି ଆରମ୍ଭ କଲେ—ବାବୁ, ଏଇ ଠିକ୍ ବେଳା, କଥାଟା ଆଜ ଛିଡ଼ିଯାଉ । ମୁଁ ଆଜ ସେ ବୋକାଟାକୁ କଣ ପଚାରିବ ? ସେ ତ ସକାଳେ ବେମାର-ବେମାର ହେଇ, ଆସି ମରିବାଉପରେ ।

## * ଶହେ ଚୌୟାଳିଶ *

ବୋହୂ, ମୋର ସବୁ । କଣ କହୁଥିଲି କି, ଦୈବଦୁର୍ଯୋଗରୁ ତା ସବୁ ସମ୍ପତ୍ତିବାଡ଼ି ଗଲା । ମୁଁ ସିନା ଧାର-ଉଧାର କରି ମୋ ନିଜ ଟଙ୍କାରୁ କିଛି ଜମିବାଡ଼ି କରିଚି, ନଇଲେ ପ୍ରକୃତରେ ଆମର ପୈତୃକ ସମ୍ପତ୍ତି ମୋଟେ ଚାରି ମାଣ ।

ଛାତି ମୋର ଝାଇଁଝାଇଁ ହେଇଉଠିଲା ।

ଚୌଧୁରୀ ସାଇଁସାଇଁ କହି ଚାଲିଥାନ୍ତି—ମୋର ଅବଶ୍ୟ ବଡ଼ଭାଇ ହିସାବରେ ଜ୍ୟେଷ୍ଠାଂଶ ନେବାର କଥା, ହେଲେ ସେସବୁ ମୁଁ ଦାବି କରୁ ନି । ମୁଁ ତାକୁ ପୂରା ଦୁଇ ମାଣ ଛାଡ଼ିଦଉଚି । ଘରଟିକ ମୋ ନାଁରେ ଥିଲେ ବି ଇଲେ ଗୁହାଳରୁ ଦୁଇ ବଖରା ଦଉଚି, ସେ ସୁଖରେ ରହୁ, ପରେ କୁଆଡ଼େ ସୁବିଧା କରି ଯିବ । ଯେତେ ହେଲେ ଜନ୍ମିତ ଭାଇ ତ !

ଏତିକି ସେ ନିଜ ଭାଇବୋହୂକୁ ଲକ୍ଷ୍ୟ କରି ଅଥଚ ମୋ ଆଡ଼କୁ ଚାହିଁ ଏକା ନିଃଶ୍ୱାସରେ ବକିଯାଉଥାନ୍ତି । ମୁଁ ନିର୍ବାକ୍ ହେଇ ତାଙ୍କର ଏ ଭ୍ରାତୃସ୍ନେହର ପରମ କାହାଣୀ ଶୁଣୁଥାଏ ।

ମୁହୂର୍ତ୍ତିକପାଇଁ ସମସ୍ତେ ନୀରବ । ବୋଧ ହୁଏ ଚୌଧୁରୀ ମୋଠୁଁ କୌଣସି ଆଶାଜନକ କଥା ପାଇବେ ବୋଲି ଅପେକ୍ଷା କରିଥିଲେ; କିନ୍ତୁ ସିମିତି କିଛି ଭରସା ନ ପାଇ ପୁଅକୁ କହିଲେ— ମନୁ, ଝୁଡ଼ୀଠୁଁ ବୁଝିବୁଝି ସେ କଣ କହୁଚି । ତାପରେ ମୋ ପ୍ରତି ଦୃଷ୍ଟି ଫେରାଇ ଆରମ୍ଭ କଲେ—ଇଲେ ସିନା ବାବୁ, କଳିଗୋଳ ଲାଗିଚି, ରାଗରୁଷା ଅଛି ବୋଲି ଅଲଗା ହବାକୁ ଉଚ୍ଛନ୍ନ ହଉଚନ୍ତି, ଦିନାକେତେ ଗଲେ ପୁଣି ମନ ବଦଳିଯିବନି ? ତେଣିକି ବୋହୂ ଯେତେବେଳେ ଚାହିଁବ ଆସି କାମଧନ୍ଦା ଟିକେ କରିଦେଇ ଗଣ୍ଡେ ଖାଇଦେଇ ଯିବ, ସେଥିରେ ତା ବଡ଼ପଣ

ମନା କରିବ ନାହିଁ ଯେ ! ଧନ୍ୟ ଚୌଧୁରୀ କଳିଯୁଗ-କର୍ଣ୍ଣ ! ଧନ୍ୟ ତୁମ ଉଦାରତା ! ଧନ୍ୟ ତୁମ ବଦାନ୍ୟତା······ମୁଁ ଭାବୁଥାଏଁ ।

ମନୁ ଆସି ଖବର ଦେଲା—ବାପା, ଖୁଡ଼ୀ କହିଲା, ଭାଇନାଙ୍କ ଘରର ମାମଲତକାର, ତାପରେ କଟକରୁ ଜଣେ ଉଚପଡ଼ୁଆ ଓକିଲବାବୁ ଆସିଛନ୍ତି, ସେ ଦୁହେଁ ଯାହା ଠିକ୍ କରିଦେବେ, ସେଥିରେ ଆମର ଖୁସି ।

—ସେଥିରେ ଖୁସି ! କଥାଟା ମୋ ହୃଦୟରେ ଗୁଳିଦଗା ଭଳି ଅଗ୍ନିପରି ଫୋଡ଼ିହୋଇଗଲା ।

ମୁଁ ଯାହାର ଭାଗ୍ୟ-ଚନ୍ଦ୍ରର ଏକମାତ୍ର ରାହୁ, ପଇସା-ଲୋଭରେ ନିତାନ୍ତ ନିର୍ମମ, ନିତାନ୍ତ ବିବେକହୀନ ଭାବରେ ଯାର ସର୍ବସ୍ୱ ହରଣ କରିବାରେ ସାହାଯ୍ୟ କରିଛି, ସେ ମତେ ବିଶ୍ୱାସ କରୁଛି କିମିତି ?

ଭାଇବୋହୂର ଉତ୍ତର ଶୁଣି ଚୌଧୁରୀ ଅତ୍ୟନ୍ତ ଆନନ୍ଦ ଓ ଉତ୍ତେଜନା ସହ ବଖାଣି ବସିଲେ—ବୁଝିଲେ ବାବୁ, ବୋହୂଟି ମୋର ସୁନା······ହଁ ମା, ଭାଗ୍ୟଟାକୁ ସିମିତି ଆଦରିନେଲେ ଆଉ ଜୀବନରେ ଦୁଃଖ ଭୋଗିବାକୁ ପଡ଼ିବ ନାହିଁ । ଯାଅ, ଆଜି ବାରଟା ଭଲ ଅଛି, ଉପରବେଳାଠୁଁ ଅଲଗା ହାଣ୍ଡିଟିଏ କରିଦିଅ । ହେଲେ, ବାବୁ ଥିବାଯାଏ ଏଠି ଗଣ୍ଡେ ଭୋଜିଭାତ କରିଦେଇ ଯାଉଥିବ । କଣ କରିବା, ସେ କଣ ମୋର ବାବୁ, ତୁମର କୁଟୁମ୍ବ ?

ରାଗ ଓ ଘୃଣାରେ ମୁହଁ ମୋର ନାଲି ପଡ଼ିଗଲା । ରାମ୍ବ କି କୃଷ୍ଣ କିଛି ନ କହି ସେଠୁ ଚାଲିଯାଇ ପଲଙ୍କଟା ଉପରେ ଚିତ୍ ହୋଇ ପଡ଼ିଗଲି—ଉଃ, କି ଯନ୍ତ୍ରଣା, ଏତେବଡ଼ କୁକର୍ମ ମୁଁ କାହିଁକି କରିବସିଲି !

### * ଶେଷ ପରିଚ୍ଛେଦ *

କିଛି ସମୟ ପରେ ଚୌଧୁରୀ ଆସି ବ୍ୟସ୍ତ ହୋଇ ପଚାରିଲେ— ବାବୁ, କଣ ହେଲା କି ? ହଠାତ୍ ଇମିତି ଚାଲିଆସିଲେ...

—ନା, କିଛି ନାହିଁ; ଭେବେ, ମୁଁ କଟକ ଯିବି ।

—ଆଜି ଯିବେ ?

—ହଁ, ଆଜି ଯିବି ।

—କିନ୍ତୁ, ରାତିକି ଟିକେ ନାଚଗୀତର ବନ୍ଦୋବସ୍ତ ଥିଲା । ଝିଅପିଲା ଦୁଇଟି ଆସିଥିଲେ, ତାଙ୍କୁ କଣ ନିରାଶ କରିବେ ?

—ମୁଁ ତ ସେସବୁ ବନ୍ଦୋବସ୍ତ କରିବାକୁ ଆପଣଙ୍କୁ କହି ନ ଥିଲି ?

—କହି ନ ଥିଲେ ବି ମୋର ତ ମାନମହତ ଅଛି !

—ରଖ ସେ ମାନମହତ, ମୋ ଯିବାର ଶୀଘ୍ର ବନ୍ଦୋବସ୍ତ କର ।

କଟକରେ ପହଞ୍ଚି ସ୍ନେହକୁ ସବୁ କଥା କହିଲି । ସ୍ନେହ ଭାରି ବ୍ୟସ୍ତ ହେଲା । ବାସ୍ତବିକ କଥାଟା ଠିକ୍ ହେଲା ନ ତ ! ମଉସା ଇମିତି କଲେ କାହିଁକି ? ସେ ବ୍ୟଥାଭରା କଣ୍ଠରେ କହିଲା ।

ସେହି ଦିନଠୁଁ ଓକିଲାତିପ୍ରତି ମୋର ଜାତ ହେଲା ମହାଘୃଣା, ମହାବିତୃଷ୍ଣା । ଏଥିରେ ଆଉ ଯାହା ଭଲମନ୍ଦ ଥାଉନା କାହିଁକି ଟଙ୍କାଲୋଭରେ ଗୋଟାଏ ପକ୍ଷକୁ ସମର୍ଥନ କରି ଅପର ପକ୍ଷକୁ ସର୍ବସ୍ୱାନ୍ତ କରିବା ନିତାନ୍ତ ପାପ !

ଠିକ୍ ସେଇ ସମୟରେ ମୁନସଫ୍ ପୋଷ୍ଟ୍ ପାଇଁ ଖବରକାଗଜରେ ଆଡ୍‌ଭର୍ଟାଇଜ୍‌ମେଣ୍ଟ୍ ବାହାରିଥାଏ । ଆଗପଛ କିଛି ନ ଭାବି ଅବିଲମ୍ବେ ଦରଖାସ୍ତଟେ କରିଦେଲି— ଯାଃ, ଏତିକିରେ ଏଡେ-ଆଡ଼ମ୍ବରରେ-ଆରମ୍ଭ-ଓକିଲାତି ଇତିଶ୍ରୀ !




—ଭଲ ଓକିଲ ବୋଲି ଗର୍ବ କରି ଟଙ୍କାଲୋଭରେ ମୁଁ ନ କରିଥିଲି କଣ ? ଚୌଧୁରୀଙ୍କ ଭାଇର ସେ କରୁଣ ରୋଗକ୍ଲିଷ୍ଟ ଚେହେରା, ସେ ଦୈନ୍ୟଭରା ଭାବଭଙ୍ଗୀ ବେଳେବେଳେ ମୋ ଆଖିଆଗରେ ଭାସିଉଠେ । ଆହା-ହା, କେଡ଼େ ନିରାଶ୍ରୟ, କେଡ଼େ ଦୁଃଖୀ ସେ !

ଦୟା-ଧୈର୍ଯ୍ୟର ଅବତାର ସେ ଅଜଣା ମହିଳାଙ୍କ କଥା ଥରେଥରେ ମନେ ପଡ଼େ । କେଡ଼େ ଶାନ୍ତ, କେଡ଼େ ମହତ୍ ସେ ! ଯେ ବିପୁଳ ସମ୍ପତ୍ତିର ମାଲିକ ହୋଇ ମହାବିଳାସରେ ଦିନ କାଟୁଥାନ୍ତେ, ସେ ଜମି ଦୁଇ ମାଣ ନେଇ ଗୁହାଳଘର ଖଣ୍ଡିକରେ ରହିଥିବେ । କିନ୍ତୁ କାହିଁକି, କଣପାଇଁ ? କେବଳ ମୋରି ଦୋଷରୁ, ମୋରି କୀର୍ତ୍ତିଫଳରୁ । ଶତ ଶତ ଆତ୍ମଧିକ୍କାରରେ ପ୍ରାଣ ଜର୍ଜର ହୋଇଉଠେ ।

ଯା ଘଟିବାର ଘଟିଯାଇଛି, ଆଉ ଏ ବୃଥାଚିନ୍ତା କରିବି ନା । କିନ୍ତୁ ସେ ବୃଥାଚିନ୍ତାକୁ ମନରୁ ପୋଛିଦବାକୁ ଯେତିକି ଚେଷ୍ଟା କରେଁ, ସେତିକି ଜୋର୍‌ରେ ସେ ମନଭିତରେ ଜାଗିଉଠେ । ସେଇ କଥାପଦକ—ଭଇନା ଘରର ମାମଲତକାର, ତାଙ୍କରି କଟକରୁ ଜଣେ ଜଇଁଇଁଆ ଓକିଲବାବୁ ଆସିଛନ୍ତି; ସେ ହୁକୁମ

ଯାହା ଠିକ୍ କରିଦେବେ, ସେଥିରେ ଆମର ଖୁସି—ଉଃ, ସେଥିରେ କି ବିଦ୍ରୂପ, କି ବ୍ୟଙ୍ଗ ଲୁଚିରହିଥିଲା, ମୋ ମନରେ ସେ ସୃଷ୍ଟି କଲା ଭୀଷଣ ଆଲୋଡ଼ନ, ଭୟଙ୍କର ଆନ୍ଦୋଳନ; ଯଥେ ଯେପରି ଭୂମିକମ୍ପ, ଭିତରଟା ଖାଲି ଦୁଲୁକୁଥାଏ ।

ହିନ୍ଦୁ ସମାଜର ସେଇ ଅସହାୟା ନାରୀଟି ବୋଧ ହୁଏ ଦିନେ ଅନେକ ଦୁଃଖଦୁର୍ବିପାକର ସମ୍ମୁଖୀନା ହେବେ, ଶେଷରେ ଯେତେବେଳେ ନିଜକୁ ବଞ୍ଚାଇ ରଖିବାର ସୁବିଧା ନ ପାଇ ଚିରରୁଗ୍ଣ ସ୍ୱାମୀ ଓ ନିଜର ବିକୃତ ଉଦର-ଭାର ନେଇ ପରଦ୍ୱାରସ୍ଥ ହେବେ, ସେତେବେଳେ ତାଙ୍କ ମୁହଁରୁ ମୋପ୍ରତି କି କଠୋର ଅଭିଶାପ ନ ବାହାରିବ ! ଏ ଚିନ୍ତା ଯିମିତି ଦିହକୁ ମୋର ଛିନ୍‌ଭିନ୍ କରି କାଟିପକାଉଥାଏ ।

ଲ'ରେ ଫାଷ୍ଟକ୍ଲାସ ପାଇଥାଏ । କ୍ୟାରିଅର୍‌ଟା ଭଣା-ଅଧିକେ ମନ୍ଦ ନ ଥିଲା । ତେଣୁ ମୁନ୍‌ସଫ୍ ଚାକିରି ପାଇବାରେ ମୋର କିଛି ଅସୁବିଧା ହେଲା ନି । ମାତ୍ର ଏ ପୋଷ୍ଟ ପାଇ ବିଶେଷ ଖୁସି ହବାର କୌଣସି କାରଣ ନ ଥିଲା । ଓକିଲ ହିସାବରେ ଯାହା ରୋଜଗାର କରୁଥିଲି, ମୁନ୍‌ସଫର ଦରମାରୂପେ ପାଇବି ତାଠାରୁ ଢେର୍ କମ୍ କିନ୍ତୁ କାମ ପଡ଼ିବ ବଢ଼ିତ । ହେଲେ, ଆଉ ଉପାୟ କଣ ? ଓକିଲାତି ତ ମୁଁ ଆଉ କୌଣସିମତେ କରିପାରେଁ ନା !

ମୋର ପ୍ରଥମ ପୋଷ୍ଟିଂ ପୁରୀରେ ହବାର ଖବର ଜାଣି ପତ୍ନୀ ଲକ୍ଷ୍ମୀ ସ୍ନେହର ରୋଗା ଶରୀରଟା ମଧ୍ୟ ସବଳ ହୋଇଉଠିଲା ! ଶ୍ରୀକ୍ଷେତ୍ରରେ କିଛି ଦିନ ରହିବାର ସୁବିଧା ମିଳିବ ଭାବି ବୋଉ ଆନନ୍ଦରେ ନାଚିଉଠିଲା । ଭାଇନାଦୁହେଁ କିନ୍ତୁ ଏ ଖବରରେ ବିଶେଷ ବ୍ୟସ୍ତ ହେଲେ । ଓକିଲାତି ଚାକିରିରୁ ଯେତେବେଳେ [illegible]

ବୋଇଲା ଆସୁ ହେଉଥିଲା, ଏତେ ମଦ୍ଦକଲ ଆସୁଥିଲେ, ଏତେ ଜନଷ୍ଟପନ ମିଳୁଥିଲା, ସେପରି ଅବସ୍ଥାରେ ତାଙ୍କୁ ଗୁଣ୍ଡ ମୁଁ କାହିଁକି ମୁନ୍‌ସଫ୍ ହେବାରେ ମନ କଲେଇଲି, ସେମାନେ ବୁଝିପାରିଲେ ନା, ନ ବୁଝିବା ସ୍ୱାଭାବିକ—ସାନଭାଇଙ୍କ ଗୁଣଗ୍ରାମ ତ ତାଙ୍କୁ ଜଣା ନ ଥିଲା ।

ଭଲ ହେଉ ମନ୍ଦ ହେଉ, ଦରକାରୀ ହେଉ ଅଦରକାରୀ ହେଉ, ସବୁ କଥାରେ ସବୁ କାର୍ଯ୍ୟରେ ଉପଦେଶ ଦେବା ନନାଙ୍କର ଗୋଟିଏ ଚିରନ୍ତନ ଅଭ୍ୟାସ । ସ୍ନେହର ଖବର ପାଇ ପୁଣିପରି ଏକ ଅଚିହ୍ନା ଜାଗାରେ କିମିତି ଚଳିବାକୁ ହେବ, ଯାନଯାନ୍ତ୍ରା ସମୟରେ କିମିତି ବିଶେଷ ସାବଧାନ ରହିବା ଦରକାର, ଏ ସମ୍ବନ୍ଧରେ ବହୁ ପ୍ରଶସ୍ତ ନିର୍ଦ୍ଦେଶ ଅପ୍ରଶସ୍ତ ପୋଷ୍ଟକାର୍ଡ଼ଗୁଡ଼ିକରେ ସେ ଦେବାକୁ ଲାଗିଲେ ।

ବୋଉ ଓ ଭାଉଜମାନଙ୍କୁ କଟକ ଆଣିଥାଏଁ । ସ୍ନେହ ପୁରୀ ଯିବା ଆଗରୁ ସମସ୍ତଙ୍କ ସାଙ୍ଗେ ଟିକେ ଦେଖାସାକ୍ଷାତ୍ କରିଯିବ । ଗାଁ-ଗଣ୍ଡଗୋଳହେତୁ ତିନି ଯା'ଯାକ ବେଶୀ ଦିନ ଏକାଠି ରହିପାରି ନାହାନ୍ତି, ତେଣୁ ପରସ୍ପର ସହିତ ଟିକେ ମିଳାମିଶା କରନ୍ତେ ଭଲ । ତାପରେ ଦେହ ଖରାପ ହେଲା ଦିନୁଁ ସ୍ନେହ କିମିତି ଶୁଷ୍କ ଓ ନୀରସ ପାଲଟିଯାଇଛି, କେଜାଣି ଭାଉଜମାନଙ୍କ ସାଙ୍ଗେ ଗପସପ ଖେଳକୌତୁକ କଲେ ତା ମନ ଟିକେ ବଦଳିଯିବ । କିନ୍ତୁ ଏ ହେଲା କଣ ? ତିନି ଯା'ଯାକ ଏକାଠି ହେଲାରୁ ତ ଖାଲି କାନ୍ଦ ଗୁଳଲା ! ବାପ୍ ରେ ବାପ୍, କି କାନ୍ଦନା, କି ଗୁଳୁଗୁଳୁ ! ସବୁଲି, କାନ୍ଦନା ମାଇପୀମାନଙ୍କର ଗୋଟେ ବିଶେଷ ଗୁଣ !

* ଶତ୍ହେ ଅଣଗ୍ରଣ *

ସ୍ନେହ ଯେତେବେଳେ ଷ୍ଟେସନ ଉଦ୍ଦେଶ୍ୟରେ ଘୋଡ଼ାଗାଡ଼ିକି ଉଠେ, ଭାଉଜମାନେ ରୀତିମତ ବାହୁନା ଆରମ୍ଭ କରିଦେଲେ । ସ୍ନେହ ମଧ୍ୟ ତା ଲୋର୍‌କୁ ରୁନ୍ଧି ଚଳେଇଥାଏ କୁଁ-କୁଁ । ବଡ଼ ବିବ୍ରତ ହୋଇପଡ଼ିଲି । ସ୍ନେହକୁ ଲକ୍ଷ୍ୟ କରି ଟିକେ ରୁକ୍ଷ କଣ୍ଠରେ କହିଲି—ମନୁଷ୍ୟ ପକ୍ଷରେ କଟକରୁ ପୁରୀକୁ ଯିବା ଗୋଟେ ବଡ଼ କଥା ନୁହେଁ । ଏ ଦୁଃଖମୟ ଦୁନିଆରେ ପ୍ରତ୍ୟେକଙ୍କୁ ଅନେକ କିଛି ଭୋଗିବାକୁ ପଡ଼ିବ, ଅନେକ କିଛି ସହିବାକୁ ହେବ, ଅଯଥାରେ ସେ ଲୁହଗୁଡ଼ାକ ଏକାବେଳକେ ସାରିଦିଅ ନାହିଁ କିଛି ରଖିଥାଅ, ପଛରେ ଦରକାର ହୋଇପାରେ ।

ଏ କଥା ଶୁଣି ବୋଉ ହଠାତ୍ କଇଁକଇଁ ହୋଇ କାନ୍ଦି ଉଠିଲା । ମାଉସୀ କହିଲେ—ବାପ, ତୁମର ଆଗ-ପଛକୁ ବିଚାର ନାହିଁ ? ଅନୁକୂଳ ବେଳାଟାରେ ଏ କି ଅମଙ୍ଗଳ କଥା ମ !

ପୁରୀ ମୋଟସାହିର ଦକ୍ଷିଣ ପଟକୁ ଗୋଟେ ଛୋଟ ଦୋମହଲା ଘର ଭଡ଼ା ନେଇଥାଉଁ । ଏଇଟା ଅଦାଲତର ଯେମିତି ପାଖ, ସମୁଦ୍ରର ସିମିତି ନିକଟ । ଘରଟାର ଏ ସୁବିଧାଜନକ ପରିସ୍ଥିତି ହେତୁ ମୋର କଚେରୀ ଯିବା-ଆସିବା ଯିମିତି ସହଜ ହେଲା, ଆମ ପରିବାରର ସମସ୍ତଙ୍କ ପକ୍ଷରେ ସାତ୍ତ୍ୱିକଭାବରେ ହଉ, ତାମସିକଭାବରେ ହଉ, ଯାହାର ଯା ଖୁସି ପୁରୀବାସକୁ ଉପଭୋଗ କରିବା ସମ୍ଭବପର ହେଲା । ବୋଉ ଯେତେବେଳେ ସକାଳୁ ଗାଧୋଇ ଉପରମହଲାରେ ଶ୍ରୀମନ୍ଦିରର ଚୂଡ଼ା ଦର୍ଶନ କରି ଭକ୍ତିରେ କଣ୍ଠଟାକୁ ଭରଭର କରି କହିପକାଏ 'ଧନ୍ୟ ହେଲି ପ୍ରଭୋ, ଧନ୍ୟ ହେଲି, ମୋ ଗୁଣ୍ଡାଯୋଗେ ସିନା ଏତେ ପୁଣ୍ୟ ମୋ ଭାଗ୍ୟରେ ଜୁଟିଲା', ନମିତା ସେତେବେଳେ ଆମ

## * ଶଙ୍ଖ ଘଣ୍ଟଶ *

ଶୋଇବାଘରୁ ସମୁଦ୍ରର ସୁନ୍ଦର ସୁଗମ୍ଭୀର ଛବି ଦେଖି ଆନନ୍ଦରେ ଅଧୀର ହେଇଉଠେ । ଜିଦ୍ ଧରି ବସେ—ଚାଲନା ବାପା, ସମୁଦ୍ରକୂଳେ ବୁଲି ଆସିବା—ଏଇ ନୋଳିଆମାନେ ମାଛ ଧରିବାକୁ ଆଇଲେଣି······

ଜୀବନର ଅନେକ ଉତ୍‌ଥାନ-ପତନପରେ ଏଇ ପୁରୀ-ବାସଟା ମତେ ଖୁବ୍ ଭଲ ଲାଗିଲା । ଅଦାଲତରୁ ଫେରି ପ୍ରତିଦିନ ସମୁଦ୍ରକୂଳକୁ ଚାଲିଯାଏଁ । ଅନେକ ସମୟରେ ସ୍ନେହ ଓ ନମିତାକୁ ମଧ୍ୟ ସାଙ୍ଗରେ ନେଇଯାଏଁ । ବହୁ ରାତିଯେ ସେ ନିର୍ଜନ ସାଗରବେଳାରେ ବସି କେତେ କଣ ଭାବେଁ ।

ଇମିତି ଦିନେ ସଞ୍ଜବେଳେ ସମୁଦ୍ରକୂଳ ବାଲିରେ ଶୋଇଥାଏଁ । ଭାଦ୍ରବ ମାସର ପତଳା ଚନ୍ଦ୍ରକିରଣ ମନଭିତରକୁ ଅତୀତ-ବର୍ତ୍ତମାନର ଅନେକ ସ୍ମୃତି ଭାସିଆସି ସାଙ୍ଗେ ସାଙ୍ଗେ କୁଆଡ଼େ ଉଭେଇଯାଉଥାନ୍ତି । ସ୍ନେହ ପାଖରେ ବସି ଗୋଟେ ଉଲ୍‌ର ସ୍ୱେଟର୍ ବୁଣିବାରେ ବ୍ୟସ୍ତ । ଅଳ୍ପ ଦୂରରେ ନମିତା ତା ପାରୁପର୍ଯ୍ୟନ୍ତ ସିପ ସଂଗ୍ରହ କରିବାରେ ଲାଗିପଡ଼ିଥାଏ—ପକେଟ୍, ରୁମାଲ୍, ଅଣ୍ଟି, ସବୁ ପୂର୍ଣ୍ଣ, ତେବେ ବି ତାର ଗୋଟା ଚାଲିଥାଏ । ସିପ ଗୋଟେଉ ଗୋଟେଉ କମ୍ ବାଲି ମଧ୍ୟ ସେ ଉଠେଉ ନ ଥାଏ । କହିଲି—ମା ନମି, ହୁସିଆର୍, ଆଖିରେ ବାଲି ପଡ଼ିବ । ନମିତା ଖିଲ୍‌ଖିଲ୍ ହସି ମୋ ପାଖକୁ ଦୌଡ଼ିଆସି କହିଲା :

—ବାପା, ମତେ ଗନେ ଥିପ ଗୋଟେଇଦିଅନା !

—ଏଁ, ଏତେ ସିପରେ ତୋ ମନ ବୋଧ ହେଲ ନି, ମୁଁ ପୁଣି ଗୋଟେଇଦେବି ?

* ଶହେ ଏକାବନ *

ନମିତା ବ୍ୟଥାଭରା କଣ୍ଠରେ ଉତ୍ତର ଦେଲା—ବାଲେ, ବେଚ୍ଛା କାହିଁ, ଏଇ ଗନାକ ତ !

ସ୍ନେହ ବିରକ୍ତ ହୋଇ ଗୋଟେ ଚକଟଣିଦ୍ୱାରା ନମିତାକୁ ଶାସନ କରିବାକୁ ଯାଉଥିଲା, ମୁଁ ରଗିଉଠି କହିଲି—ଏଗୁଡ଼ାକ କି କଥା ? ପିଲାଲୋକ, ତା ଖେଳରେ ସେ ବ୍ୟସ୍ତ, ଅଯଥା ମାରି ତାକୁ ଲାଭ ? ଏଇଥିରେ ତୁମ ମାତୃତ୍ୱର ପରିଚୟ ଦେବ ନା କଣ ?

ସ୍ନେହ ବିରକ୍ତ ହୋଇ ଜବାବ ଦେଲା—ନାହିଁ ଯାଉନ ଝିଅକୁ ସିପ ଗୋଟେଇଦେଇ ପିତୃତ୍ୱର ପରିଚୟ ଦେବ ?

ବ୍ୟଙ୍ଗଭରା ଦୃଷ୍ଟିରେ କହିଲି—ହୁଁ-ଉଁ, ଯାଉଚି ।

ମୁଁ ଯାଇ ଯିମିତି ସିପ ଗୋଟେଇଚି, ନମିତା ଏକଦମ୍ ଜାତିକୁଦ ଆନନ୍ଦରେ ପାଗଳ । 'ମୋ ସୁନାବାପ' କହି ମତେ ଆଉଁସିପକଉଥାଏ, ମୋ ଗାଲରେ ଚୁମା ଅଜାଡ଼ିଦଉଥାଏ । ସ୍ନେହ କିନ୍ତୁ ଜ୍ୟେଷ୍ଠମାସ ମେଘପରି ଗୁମ୍ ! ମୁଁ ଯେତେବେଳେ ତା ଆଡ଼କୁ ଚାହେଁ, ସେ ବିରକ୍ତିର ଗୋଟେ ଖଣ୍ଡିବତାସ ମୁହଁରେ ଖେଳେଇ ସ୍ୱେଟର୍-ବୁଣାର ଗତି ବଢ଼େଇଦଉଥାଏ । ରୋଗୀ ହେଲେ ଲୋକଗୁଡ଼ାକ ଇମିତି ରାଗୀ ହୋଇଯାଆନ୍ତି ନା କଣ—କହି ସ୍ନେହର ମନର ଭାବ ବଦଳେଇବାକୁ ଚେଷ୍ଟା କଲି; କିନ୍ତୁ ସେ କଣ ଆଉ ଶୁଣେ !

ମଣିଷ-ଜୀବନ, ବିଚିତ୍ର ତାର ଗତି ! ଗୋଟିଏ ନୂଆ ବିପଦ ଆସି ପହଞ୍ଚିଲା । ସ୍ନେହ-ଦେହ ଆଗରୁ ଖରାପ ଥାଏ । ପ୍ରସବରେ ରୋଗର ମାତ୍ରା ବଢ଼ିଉଠିଲା । କଣ କରିବି, କୁଆଡ଼େ ଯିବି—କେତେ ଧାଁଧପଡ଼ କଲି, କେତେ ଡାକ୍ତର କବିରାଜ ଡାକିଲି; କିନ୍ତୁ ସ୍ନେହର ଏକାଜିଦ୍ ମୁଁ ଔଷଧ ଖାଇବି ନି । ଔଷଧ ନ ଖାଇଲେ ଭଲ ପଥିରେ ରହି, ତା ବି ନୁହେଁ । ବଡ଼ ଏକଜିଦିଆ ଲୋକ ଭ !

ଏଇ ଅବସ୍ଥାରେ ସ୍ନେହର ଦ୍ୱିତୀୟ ଗର୍ଭର ସଞ୍ଚାର ହେଲା । ଡାକ୍ତରମାନେ ହାୟ-ହାୟ କରିଉଠିଲେ । ଏ ସ୍ୱାସ୍ଥ୍ୟରେ ପିଲା ହେଲେ ମା ବଞ୍ଚିବ କି !

ସେଇ ରୋଗା ଦେହରେ ସ୍ନେହର ପୁଣି ଗୋଟେ ଝିଅ ହେଲା—ଫିନ୍‌ଫିନ୍ ପତଳା ଦେହଟି ବଡ଼ କୌତୁକିଆ, ସଉକରେ ନାଁ ଦେଲି 'କବିତା'। ପିଲାଟିର ଜନ୍ମପରେ ସ୍ନେହର ଅବସ୍ଥା ସାଂଘାତିକ ହୋଇଉଠିଲା—ସବୁବେଳେ ଜର-ଜର, ଦେହରେ ଟିକିଏ ରକ୍ତ ନ ଥାଏ; ଓଃ, ସେ କି ଚେହେରା !

ସ୍ୱାସ୍ଥ୍ୟ ଓ ସବଳତା ଦିଗରୁ ସ୍ନେହର ଗର୍ବ କରିବାର କିଛି ନ ଥିଲା । ତାର ସେ ଗୋରାତକତକ ସରୁ ଶରୀରଟି ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିଶେଷ ଆଦରର ପାତ୍ର ହୋଇପାରେ; କିନ୍ତୁ ଏ ସଂସାରର ଝଡ଼ତୋଫାନ ସହିବାକୁ ତା ଯେ ପୂରା ଅକ୍ଷମ, ଏଥିରେ ସନ୍ଦେହ ନାହିଁ ।

ସ୍ନେହର ଦେହର ଅବସ୍ଥାଠୁଁ ମନର ଅବସ୍ଥା ଆହୁରି ଖରାପ ହେଲା । ସବୁବେଳେ ଚିଡ଼ଚିଡ଼, ସବୁବେଳେ ଖିଟ୍‌ଖିଟ୍, କୌଣସି କଥାରେ ସରାଗ ନାହିଁ, କୌଣସି କଥାରେ ଆନନ୍ଦ ନାହିଁ । ଉଃ, ଏ କି ପରିବର୍ତ୍ତନ ! ମୁଁ ଅବାକ୍ ହୋଇଯାଏଁ ।

ଏଣେ ପିଲାଙ୍କୁ ସମ୍ଭାଳିବି ନା ସ୍ନେହର ସେବାଶୁଶ୍ରୂଷା କରିବି ? ତେଣେ ପୁଣି କଚେରି କାମ । ମହା ହିନସ୍ତା—ମୋର ଏକପ୍ରକାର ମାନସିକ ବିପର୍ଯ୍ୟୟ ଘଟିଥାଏ । ପ୍ରାଣରେ ଆସିଥାଏ ଘୋର ବୈରାଗ୍ୟ । କେବଳ ଗୋଟେ ଗୁସ୍ତାଚହପରି ସବୁ କରୁଥାଏଁ । ଦିନଯାକ କଚେରିରେ କଟେ, ସକାଳ-ସନ୍ଧ୍ୟାରେ ଡାକ୍ତର ଔଷଧ ନେଇ ବ୍ୟସ୍ତ ରହେଁ । ସୁବିଧା ପାଇଲେ ସମୁଦ୍ର-କୂଳକୁ ଯାଏଁ । କୌଣସିମତେ ବେଳ କଟେ ।

### * ଶଙ୍ଖ ରେପନ *

କେତେ ମାସପରେ । ଦିନେ ସମୁଦ୍ରକୂଳରେ ବସୁ ବସୁ ଅନେକ ରାତି ହୋଇଯାଇଥାଏ । ଘରକୁ ଫେରି ଦେଖେଁ ତ ଦାଣ୍ଡ-ପିଣ୍ଡାରେ ଦୁଇ ଜଣ ଅପରିଚିତ ଲୋକ ବସିଚନ୍ତି । ଖୁବ୍ ବୃଦ୍ଧ, ଚେହେରାରୁ ବୁଝିପାରିଲି ବ୍ରାହ୍ମଣ । ଏମାନେ କିଏ, କାହିଁକି ଆସିଚନ୍ତି, ଏଇ ବିଷୟ ଲକ୍ଷ୍ୟ କରିବାକୁ ମୁଁ ଯିମିତି ତାଙ୍କ ଆଡ଼କୁ ଚାହିଁଚି, ସେମାନଙ୍କମଧ୍ୟରୁ ଜଣେ ଗୋଟେ ନିଗୂଢ଼ ଆତ୍ମୀୟତା କଣ୍ଠ-ସ୍ୱରରେ ଚିପି କହିଉଠିଲେ—ଆମ ଘର ଏଇ ନରସିଂହପୁର ଆଜ୍ଞା ! ମାଷ୍ଟ୍ରେ ତ ଚାଲିଗଲେ, କିଏ ଆଉ ଆମକୁ ଚିହ୍ନିବ ? ଏଇ ଭାବ ଓ ଭାଷାକୁ ମିଳେଇ ଅନ୍ୟ ଜଣକ ଯୋଡ଼ିଦେଲେ—ବୁଢ଼ା ବଡ଼ ସୁଖୀ ଲୋକ, ଚିରକାଳ ସହର-ବଜାରରେ ରହି ଗାଁକଥା କୋଉକୋଉ ଭୁଲିଗଲେ !

—ଆମ ଭାଗ୍ୟ ବାବୁ, ଆମ ଭାଗ୍ୟ, ନହେଲେ ଆପଣଙ୍କ ପଦରଜ ଦିନକପାଇଁ ହେଲେ ଆମ ଗାଁରେ ପଡ଼ି ନ ଥାନ୍ତା !

—ଯାଆନ୍ତୁ, ଯାଆନ୍ତୁ, ଆପଣ ନିତ୍ୟକର୍ମ ବଢ଼ାନ୍ତୁ ।

—ତେବେ ଆମପାଇଁ ବ୍ୟସ୍ତ ହେବେ ନି । ରାତିରେ ସେମିତି ବିଶେଷ କିଛି ଖାଇବାର ଅଭ୍ୟାସ ଆମର ନାହିଁ । ସାମାନ୍ୟ ଦହି କଣ ହେଲେ ହେଲା ।

ଇମିତି ଜଣକପରେ ଜଣେ ବଚନିକା ଆରମ୍ଭ କରିଦେଲେ ।

କୁଆଡ଼େ ଆସିଥିଲେ ? କଣ କାମ କିଛି ଥିଲା ?—ମୁଁ ପଚାରିଲି ।

—ନା, ସିମିତି କିଛି ନାହିଁ, ଖାଲି ପଦେ କଥା । ରାତିଟା ଏଠି ଖରା-ବର୍ଷା ପାଳି ସକାଳୁ ଚାଲିଯିବୁଁ ।

—ଆହା-ହା, ମାଷ୍ଟରବୁଢ଼ା ଚାଲାକ ଲୋକ ! ଯୋଗ୍ୟ ଜୋଇଁ କରିଚି; ଚେହେରା ଯିମିତି ପୃଥୁଳ, ଗୁଣ ସିମିତି ବହୁଳ ।

—ହଁ, ଦେଖୁନ, ଏଇ କେତେ ଦିନ ହେଲା ସେ ପୁଣି ଅଛନ୍ତି; ହେଲେ ଆଉ ପାଖ ଦଶ କୋଶରେ ତାଙ୍କ ନାଁ ଡବଡବ ବାଜଗଲାଣି ।

ଦୁହେଁକା ଦୁହେଁ ପାଳି କରି ବକବକ ଥାନ୍ତି । ମୁଁ ତ ଖାଲି ଭକୁଆ ହୋଇ ଚାହିଁଥାଏଁ । ମୋ ସହିତ ସେମାନଙ୍କର ଘନିଷ୍ଠ ସମ୍ପର୍କ ସମ୍ବନ୍ଧରେ ମତେ ସ୍ମରଣ କରେଇଦବାକୁ ଯାଇ ଦୁହେଁ ପୁଣି ମିଳିତ ମିଳିତ କଣ୍ଠରେ କହିଲେ—ଆମେ ମାଷ୍ଟରଙ୍କର ଅତି ଆତ୍ମୀୟ ବାବୁ !

—ଆତ୍ମୀୟ ! ଏପରି ଆତ୍ମୀୟ ଥାଉ ଥାଉ ମାଷ୍ଟ୍ରେ ଗାଁ ଛାଡ଼ିଥିଲେ କାହିଁକି ?

ଘରଭିତରକୁ ଯାଇ ଦେଖେଁ, ସ୍ନେହ ଏକଦମରେ ଅଗ୍ନିଶର୍ମା । ମୋ ଉପରେ ଆଖି ପଡ଼ିଲାକ୍ଷଣି ରାଗରେ ଗର୍ଜିଉଠିଲା—ତୁମେ ଯାଇ ରାତି-ଅଧପର୍ଯ୍ୟନ୍ତ ଦୁନିଆ ଗସ୍ତ କରିବ, ଏଣେ ଗଣ୍ଡା ଗଣ୍ଡା ଲୋକ ତୁମକୁ ଦେଖା କରିବା ନାଁରେ ଦାଣ୍ଡରେ ଆସି ଅଧିଆ ପଡ଼ି-ରହିଥିବେ । ତାଙ୍କ ଭଲ-ମନ୍ଦ, ଖାଇବା-ପିଇବା କଥା ବୁଝିବାକୁ କି ଲମ୍ବ ମଣିଷଟା ଘରେ ଅଛି ଯେ ? ପୁଅଟା ତ ଗାଁରୁ ଫେରିଲା ନା । ମାଉସୀ କାମ କରି କରି ଅସ୍ଥିସାର ହେଲେଣି । ମୁଁ ତ ଆସି ମରିବାଉପରେ । ତୁମେ ଖାଲି ଫୁର୍ତ୍ତିରେ ବ୍ୟସ୍ତ । ସ୍ନେହର ସେ ରୂପ ଦେଖି ମୁଁ ଶଙ୍କିଗଲି । ତା ନିକଟକୁ ଲାଗିଯାଇ କଅଁଳେଇ କହିଲି—ତୁମର ଏ ଯେ କି ଅଦ୍ଭୁତ ପରିବର୍ତ୍ତନ, ମୁଁ କିଛି ବୁଝିପାରୁ ନି, ସ୍ନେହ ! ତୁମେ କଣ ଆମର ସେଇ ପୂର୍ବ ସ୍ନେହମମତା ପୁରାପୁରି ଭୁଲିଗଲ ?

—ତୁମେ କି ମନେ ରଖିଚ ଯେ—ନିତି ନିତି ଦଶଟା ରାତିକି ଘରକୁ ଫେରିବ, କୁଆଡ଼େ ଥିଲ ଏତେବେଳଯେ ?

—ସମୁଦ୍ରକୂଳରେ ।

—ସମୁଦ୍ରକୂଳରେ ? କଣ ଅଛି ସେ ସମୁଦ୍ରକୂଳରେ ଯେ ତୁମେ ଦିନସାରା ବସି ଦେଖୁଥାଅ ? ଖାଲି ମିଛ, ଗୋଟେ ବାଜେ ବାହାନାରେ ନିଜର ଲାଳସା ପରିତୃପ୍ତ କରିବାର ଫିକର !

— ଏ ତୁମେ କଣ କହୁଚ, ସ୍ନେହ ?

ସ୍ନେହ ପୁଣି ମୁହଁ ଖୁଲେଇ ମୋ ଆଡ଼ୁ ଦୃଷ୍ଟି ହଟେଇନେଇ ଆରମ୍ଭ କଲା—ତୁମେ ଯେ ମୋପ୍ରତି ଏତେ ଅବହେଳା ଦେଖେଇ-ପାର, ମୋର ଆଦୌ ଧାରଣା ନ ଥିଲା ।

ଏବେ ଧାରଣା ହେଇଗଲା, ନା ?—ମୁଁ ବିବ୍ରତ ହେଇ ଉତ୍ତର ଦେଲି ।

—ନିଶ୍ଚୟ ! ତୁମର ମୋପ୍ରତି ମମତା କେବଳ ଏଇ ଚମଭ ଶୁକଚକ୍ୟରେ, ବାହାରର ବାତାବରଣରେ ସୀମାବଦ୍ଧ ଥିଲା ! ମୋର ଦେହ ଯିମିତି ଖରାପ ହେଇଚ, ସିମିତି ତୁମେ ଅନ୍ୟ ବନ୍ଦୋବସ୍ତ······

—ସ୍ନେହ ! ଏ କଣ ତୁମେ ବକଯାଉଚ ? ତୁମର ଏତେ ଅଧଃପତନ !

କଣ ଏ ହେଲା ସ୍ନେହର ! ଉଃ, ବୁଭୁକ୍ଷୁ ମନର ଅପରିତୃପ୍ତ ବାସନା ! ସେ ମତେ କଣ ତାହାହେଲେ ସନ୍ଦେହଚକ୍ଷୁରେ ଦେଖୁଚ ? ଦେଖିବା ବି ସ୍ୱାଭାବିକ । ଡାକ୍ତରଙ୍କ ନିର୍ଦ୍ଦେଶମତେ ଗତ କେତେ ମାସ ହେଲା ମୁଁ ବୋଧବୋଣ ତାଠାରୁ ଦୂରରେ ରହୁଚି, ତା ଅବଶ୍ୟ ସ୍ନେହକୁ ଅବହେଳା କରିବା ଉଦ୍ଦେଶ୍ୟରେ ନୁହେଁ, ବରଂ ତାର ଦୀର୍ଘଜୀବନ-କାମନାରେ; କିନ୍ତୁ ସ୍ନେହ-ମନରେ ଏ ଯୁ ସନ୍ଦେହ-ବିଷ ଦେଖାଦେଇଚ, ତାର ପରିଣତି କୁଠି ? ନିଶ୍ଚୟଭି ଏଥିରେ ଯେ କି ଗୁପ୍ତ ଅଭିସନ୍ଧି ଅଛି !

## * ଶହେ ଛପନ *

କଣ କରିବ, କିପରି ପ୍ରକୃତ କଥା ତାକୁ ବୁଝେଇବ, କିଛି ଠିକ୍ କରିପାରିଲା ନା । ଟିକକପରେ ସାମାନ୍ୟ ଗେଲେଇ ଆରମ୍ଭ କଲା—ବାସ୍ତବିକ ସ୍ନେହ, ତୁମେ ଯେତେବେଳେ ରାଗିଯାଅ, ତୁମର ସେ ଚହଟହ ରକ୍ତଭରା ମୁହଁଟି କି ସୁନ୍ଦର, କି ଚମତ୍କାର ଦେଖାଯାଏ ! ମୋର ମନ ହଉଛି, ତୁମକୁ ମୁଁ ସବୁବେଳେ ରାଗାନ୍ତି, ତୁମେ ମୋ ଉପରେ ରାଗନ୍ତ, ଆଉ ମୁଁ ପାଗଳପରି ଦେଖନ୍ତି ତୁମର ସେଇ ସୁଗୋଲ ଗାଲର ରକ୍ତିମ ଶିହରଣ, ସେହି କୁରଙ୍ଗୀ-କଟାକ୍ଷର କମନୀୟ ଭଙ୍ଗୀ······

ଘନମେଘାଚ୍ଛନ୍ନ ଆଷାଢ଼ ଆକାଶରେ ବିଜୁଳିର ଚମକପରି ସ୍ନେହ ତାର ରୋଷରୁକ୍ଷ ମୁହଁରେ କ୍ଷଣକପାଇଁ ହସଟିଏ ଖେଳେଇ-ଦେଇ କହିଲା—ବେହିଆ ହେଲେ ତ କଥା ସରିଲା ! ମୋ ଦେହରେ ଟିକେ ହେଲେ ମାଂସ ନାହିଁ କି ଟୋପେ ହେଲେ ରକ୍ତ ନାହିଁ, ଆଉ ତୁମ ଆଖିକି ଏତେ କଣ ସୁନ୍ଦର······

—ସୁନ୍ଦର ଦେଖାଯାଉନା ନା ସ୍ନେହ ! ଯେଉଁ ମୁହଁରେ ଏତେ ସୌନ୍ଦର୍ଯ୍ୟ, ଏତେ ଲାବଣ୍ୟ ଦେଖିଆସିଛି, ଆଜି ସେ ରୁଗ୍‌ଣ ହେଲା ବୋଲି······

ପ୍ରଗାଢ଼ ବାହୁବନ୍ଧନରେ ସ୍ନେହକୁ କୋଳକୁ ଟାଣିଆଣିଲା । ହଠାତ୍ ଝରକା ବାଟଦେଇ ଝଲକାଏ ଜହ୍ନଆଲୁଅ ଘରଭିତରକୁ ପଶିଆସିଲା । ଉଃ, ସ୍ନେହ-ମୁହଁରେ ସେ କି ହସ ! ତାର ସେ ଶୀର୍ଣ୍ଣ ଦେହରେ ଏ କି ଉଷ୍ଣତା ! ଭାବିଲା, ଡାକ୍ତରଙ୍କ ତାଡ଼ନାଯୋଗୁଁ ସ୍ନେହ ଅନେକ ଦିନୁଁ ଏସବୁ ସୁଖରୁ ବଞ୍ଚିତା, ସେଇ ଯୋଗେ···

ବାପ, ଡେରି ହେଲାଣି, ଖାଇବ ଆସ—ମାଉସୀ ଡାକିଲେ ।

ଖାଇବା ଘରକୁ ଯାଇ ଦେଖେଁ, ତିନି ଜଣଙ୍କପାଇଁ ତିନି ଥାଳରେ ଭୋଜନ-ସରଞ୍ଜାମ ବହୁତ ଯତ୍ନରେ କଢ଼ାହୋଇଛି । ମୋ ଆଗରୁ ମାଷ୍ଟ୍ରଙ୍କର ସେଇ ଅତି ଆପଣାର ଲୋକଦୁଇଟି ଖାଇବା ଆରମ୍ଭ କରିଦେଇଥାନ୍ତି । ମତେ ଦେଖି ଗୋବର ଗଳାରେ ଅନେକ କିଛି ଗପିଲେ । ଭୋଜର ଅଭାବ ବୋଲି ଆଗରୁ ଯାହା ପ୍ରଚାର କରିଥିଲେ, କାମରେ ସେମିତି କିଛି ଅସୁବିଧା ଦେଖାଗଲା ନା । ଥରକୁ ଥର ମାଗି, ମଝିରେ ମଝିରେ କୌଣସି ଜିନିଷକୁ ଖୁବ୍ ତାରିଫ୍ କରିବା ଛଳରେ ଆଉ କିଛି ଯୋଗାଡ଼ କରି ଗ୍ରାସ ଚଳେଇଲେ । ଏଗୁଡ଼ାକ ଏଡ଼େ ପେଟୁ ! ମୋର ତାଙ୍କପ୍ରତି ଗୋଟେ ଘୃଣା ଆସିଗଲା ।

ଖିଆପିଆ ସାରି ମୁଁ ଆଗରେ ଯାଇ ପଲଙ୍କରେ ଶୋଇ-ପଡ଼ିଲି । କିଛି ସମୟପରେ ସ୍ନେହ ଆସିଲା, ମତେ ହଠାତ୍ ଶୋଇବାଘରେ ଦେଖି ଟିକେ ବିରକ୍ତିର ଛଳନା କରି କହିଲି— ହୁଁ-ଉଁ, ଗୁଣମଣି, ଏଠି ଆଜ କିଆଁ ? ଏତେ ଦିନେ କଣ ମନେ ପଡ଼ିଲା କି ? ହସି ହସି ଉତ୍ତର ଦେଲା—ଆଜ ପରା ମାନଭଞ୍ଜନ !

ତିନିଁ ଆଉ ଦିନ ସକାଳେ । କାଇଁକି ସେ ଲୋକଦୁଇଟି ଆସିଥିଲେ, ସେକଥା ବୁଝି ତାଙ୍କୁ ବିଦାୟ କରିବାର କଥା, ନାଇଲେ ବେଳ ଟିକେ ଗଡ଼ିଗଲେ ପୁଣି ଭୋଜନ—ପୁଣି ବକ୍‌ବକ୍ ।

—ହଁ, ଆପଣମାନେ କାଇଁ ଆସିଥିଲେ ?

—ଏ, କଥା କଣ କି ବାବୁ, ତୁମ ଆଗେ ତ କହିବୁଁ ନା ଆଉ କାହା ଆଗେ କହିବୁଁ ?

—ନାଇଁ ବାବୁ, କିଛି ଭାବିବ ନାହିଁ......

—ନାଇଁ, ଭାବିବ କାଇଁକି, କଣ କହିବାର କହନ୍ତୁ ।

—ତୁମେ ତ ବାବୁ, ଆମର ପର ନୁହଁ……

—ହଉ, ଭଗବାନ୍ ତୁମର ମଙ୍ଗଳ କରନ୍ତୁ । ବହୁତ ଯଶ ପାଅ, ବହୁତ ରୋଜଗାର କର……

ଧେତ୍, ଏଗୁଡ଼ାକ ମଣିଷ ନା ଜାନୁଆର ? କଥା କଣ କହୁ ନାହାନ୍ତି, ଖାଲି ମିଛଟାରେ ଲମ୍ବା ମଙ୍ଗଳାଚରଣ—

ତାଙ୍କ ଭିତରୁ ଜଣେ ବୁଢ଼ାଆଡ଼କୁ ଚାହିଁ ମୋ ମୁହଁ ପାଖକୁ ମୁହଁ ଲଗେଇ ଫୁସ୍‌ଫୁସ୍ ହେଇ ଆରମ୍ଭ କଲା—କଥା କଣ କି ବାବୁ, ଆମର ଗୋଟେ ନମ୍ବରୀ ମକଦମା ଆପଣଙ୍କ ପାଖରେ ଅଛି, ସେଥିରେ ଆମକୁ କମିତି ଯଶ ମିଳିବ, ଏଇଥିପାଇଁ……

କଥାର ତାତ୍ପର୍ଯ୍ୟଟା ବୁଝିବାରେ ମୋର ଆଉ ବାକି ରହିଲାନି । ଟିକିଏ କଡ଼ା କଣ୍ଠରେ କହିଲି—ମକଦମା କଥା କଚେରୀରେ, ଏଠିକି ଆସିବାର ଉଦ୍ଦେଶ୍ୟ ? ଆପଣମାନେ ବର୍ତ୍ତମାନ ଆସିପାରନ୍ତି ।

ବିଚରା ଦୁଇଟି ବଡ଼ ଅସୁବିଧାରେ ପଡ଼ିଲେ । ବଡ଼ ବିକଳ-ଭାବରେ ପରସ୍ପରକୁ ଚାହିଁ ତରତର ହେଇ ରାସ୍ତା ଧରିଲେ । ତାପରେ ତ ମାର୍ ଡଆଁ, ଯିମିତି ଗୋଟେ ବଡ଼ ଶିକାରୀ କୁକୁର ଦେଖିଲେ ଦାଣ୍ଡର ବୁଲା-କୁକୁରଗୁଡ଼ାକ ଲାଙ୍ଗୁଡ଼ ଜାକି ପ୍ରାଣ-ବିକଳରେ ପଳାନ୍ତି ।

ଘରଭିତରକୁ ଯାଇ ମାଉସୀଙ୍କୁ ପଚାରିଲି—ଏମାନେ କଣ ତୁମର ଅତି ଆପଣାର ?

—ଆପଣାର ! ଏଇମାନେ ତ ଆମର ସର୍ବନାଶ କରିଚନ୍ତି, ବାପ !

—ତେବେ ଯାଙ୍କୁ ପିଢ଼ା ଜକି ସତ୍କାର କରୁଥିଲ କାହିଁକି ଯେ ? ଆଗରୁ ମତେ କହିଲ ନି, ମୁଁ ତାଙ୍କୁ ଜୋତା ଦେଇ ନିକାଳି ଦେଇଥାନ୍ତି ।

—ଛିଃ, ସେମିତି କହନ୍ତୁ ? ବୁଢ଼ା ବ୍ରାହ୍ମଣ, ଆମ ଦୁଆରକୁ ଆସିଥିଲେ, ଗଣ୍ଡେ ଖାଇଗଲେ, ଏଥିପାଇଁ ଏତେ ବ୍ୟସ୍ତ କଣ ?

—ତୁମେମାନେ ତ ଏ ବଦ୍‌ମାସ୍‌ମାନଙ୍କୁ ସମାଜରେ ବଞ୍ଚେଇ-ରଖିଚ । ତା ନହେଲେ······

—କିଛି ଖରାପ ହେଇ ନ ବାପ, ତାଙ୍କ ପାପ ତାଙ୍କର, ଆମ ଧର୍ମ ଆମର···ମାଉସୀ ଟିକେ ହସି ଚାଲିଗଲେ ।

ଦିନକୁ ଦିନ ସ୍ନେହର ଅବସ୍ଥା ଖରାପ ଆଡ଼କୁ ଗଲା । ଅନେକ ଟନିକ୍, ଅନେକ ଔଷଧର ବ୍ୟବସ୍ଥା କଲି; କିନ୍ତୁ କଣ ହବ, ସ୍ନେହ ଖାଇଲେ ସିନା କିଛି ହୁଅନ୍ତା ! କ୍ରମେ ତାର ପାତଳା ଦେହଟା ଆଉରି ପାତଳା ହବାକୁ ଲାଗିଲା । ଦିନେ ଯାହାଁରେ ପୂର୍ଣ୍ଣ ଯୌବନର ଦୁର୍ବାର ଜୁଆର ଫୁଲିଉଠିଥିଲା, ସେ ଦିଶିଲା ଜଳହୀନ ଶୁଖିଲା ନଈବାଲିପରି ଜୀର୍ଣ୍ଣଶୀର୍ଣ୍ଣ । ମନଭିତର ମୋର କୁହୁଳି-ଉଠୁଥାଏ, ସ୍ନେହର ପରିଣତି ଯେ କଣ !

କିଛି ଦିନପରେ ହେଲା ଗ୍ରୀଷ୍ମଛୁଟି । ଭାବିଲି, ସ୍ନେହକୁ ନେଇ କୁଆଡ଼େ ଟିକେ ବୁଲିଆସେଁ । ଜଳବାୟୁ ପରିବର୍ତ୍ତନ ହେଲେ ହୁଏତ ସ୍ୱାସ୍ଥ୍ୟର ଉନ୍ନତି ଘଟିପାରେ । କିନ୍ତୁ କୁଆଡ଼େ ଯିବାକୁ ହବ ? ଆଖପାଖରେ ତ ସେମିତି ଭଲ ଜାଗା ନାହିଁ । ଭାବି ଭାବି ଠିକ୍ କଲୁଁ ଚଣ୍ଡୀଖୋଲ । ରେଲରେ ହରିଦାସପୁର ଷ୍ଟେସନ୍‌ଯେ ଯାଇ ସେଠୁଁ ବଳଦଗାଡ଼ି ଧରିଲୁଁ । ପ୍ରଥମ ଦିନଟା ଚଣ୍ଡୀଖୋଲରେ ଖୁବ୍ ସୁଖରେ କଟିଲା । ଗଛଲଟାଭରା ସେ ଉଚ୍ଚ ପାହାଡ଼ିଆ ଜାଗାଟି ମତେ ଭାରି ଭଲ ଲାଗୁଥାଏ । ଚାରିଆଡ଼ି ନିସ୍ତବ୍ଧ, ଶାନ୍ତ । ସହରର କୋଳାହଳ ନାହିଁ, ଜୀବନର ଚିନ୍ତା ନାହିଁ—ଆଃ, କି ଚମତ୍କାର !

* ଶବ୍ଦ ସ୍ୱାତିଏ *

ଆମେ ଯିବା ପରଦିନ ଗୋଟେ ସଂକୀର୍ତ୍ତନ ଦଳ ଆସି ଜୁଟିଗଲେ । ଦେଖ ତ ମଉଜ ! ଖାଲି ହରେ-ହରେ-କୃଷ୍ଣ ହରେ-ହରେ-ରାମରେ ଜାଗାଟା ଦୁଲୁକିଲା । ଚଣ୍ଡୀମନ୍ଦିର ଆଗରେ ନିତାଇଗୌର ରାଧେଶ୍ୟାମ—ମତେ ହସ ମାଡ଼ିଲା; କିନ୍ତୁ ଏକଥା ବୁଝୁଚି କିଏ ? ଖାଲି ତ ଓରେ ଭଜ······ ! ଯୁ ଲୋକଟି ଆଗରେ ଗୀତ ବୋଲୁଥାଏ, ତା ବେକରେ ଫୁଲମାଳ, ମୁଣ୍ଡରେ ସିନ୍ଦୂର, ନାଚକୁଦ ଏକଦମ୍ ଅଥୟ, ଦିହରୁ ଝାଳ ଝରଝର ବୋହି-ପଡୁଥାଏ । ନମିତାର ଆନନ୍ଦ କହିଲେ ନ ସରେ, ସେ କି ଆଉ ପାଖରେ ରହେ ? ଚଣ୍ଡୀମନ୍ଦିରରୁ ବାବାଜୀଙ୍କ ପାଖ, ବାବାଜୀଙ୍କ ପାଖରୁ ଚଣ୍ଡୀମନ୍ଦିର, ମଝିରେ ପାଚିଲା କଦଳୀ ଅମୃତଭଣ୍ଡା ମନଇଚ୍ଛା । ମତେ ଆସି କହିଲା—ବାପା, ଆମେ ଏଇଠି ଘର କରି ରହିବା !

—ସତେ ନା ! ବାପା ତ ଇଠି ରହିବେ, ଆଉ ଜନ ଦଶଟାକୁ ଦରଫୁଟା ଭାତ, ଅଧାସିଝା ତରକାରି ଖାଇ କଚେରି କିଏ ଯିବ···

ସ୍ନେହକୁ ଆଗରୁ ନିତି ସଞ୍ଜବେଳେ ଟିକେ ଟିକେ ଜର ହେଉଥିଲା, କାଶ ମଧ୍ୟ ସାମାନ୍ୟ ଥିଲା । ଦେଖିଲି, ଚଣ୍ଡୀଖୋଲରେ ଏ କାଶ ଜର କ୍ରମେ ବଢ଼ିଲା । ଏ କି କଥା, ଏପରି ସ୍ୱାସ୍ଥ୍ୟକର ଜାଗାରେ ରୋଗ ବଢ଼ିବାର ତ କୌଣସି କାରଣ ନାହିଁ । ତେବେ······ଓଃ, କି କଦର୍ଯ୍ୟ ଚିନ୍ତା ! ଦେହଟା ମୋର ସାଙ୍ଗେ ସାଙ୍ଗେ ଶୀତେଇଉଠିଲା । ଯାହାହେଉ, ଶୀଘ୍ର ସ୍ନେହକୁ କଟକ ନେଇ ପରୀକ୍ଷା କରିବା ଉଚିତ । କିନ୍ତୁ ମଜା କଥା ତ ଶୁଣ, ସ୍ନେହ ମଧ୍ୟ ଚଣ୍ଡୀଖୋଲରୁ ଆସିବାକୁ ଆଦୌ

ସ୍ୱଜ ହେଲ୍ନ—ତୁମର ତ କୁଠି ମନ ଲ୍ଗେନ, ଆଉ ଘର ଗ୍ଭଡ଼ି ବାହାର କାହିଁକ ?

—ମିଛରେ ପାଟି କରନା, ତୁମ କଲୁଚା ଶୁଣିବାକୁ ମୋର ଇଲେ ଆଦୌ ମନ ନାହିଁ କ ବେଳ ନାହିଁ ।

—କେବେ ଶୁଣୁଥିଲ କ ?

—ନ ଶୁଣିଲେ, ବୋଧହୁଏ ତୁମ ପାଖରେ କୈଫିୟତ୍ ଢବାକୁ ପଡ଼ବନ !

—ତା କାହିଁ ପଡ଼ବ ? ଆଉ କା କଥା ମନେ ପଡ଼ବଣି !

—ଚୁପ୍ କର, ଏଡ଼େ ଅଭଦ୍ର ତୁମେ !

ମୁଁ ଅଭଦ୍ର !···ସ୍ନେହ ସ୍ୱଗରେ କମ୍ପି ଉଠିଲ୍ । ମୁହଁ ଛୁଆଡ଼ି ଗ୍ଭଲଯାଉଥିଲ୍, ହଠାତ୍ ଖଁ-ଖଁ ଅନେକ ବେଳଯେ କାଶି ଲଣ୍ଡାଏ ଖଙ୍କାର ବାହାର କଲ । କନ୍ତୁ ଏ କଣ, ନାଲି ନାଲି କାହିଁ ଢଶୁଚ ? ଯାଇ ଦେଖେଁ ତ ର-କ୍ତ, ତେବେ, ତେବେ—ମୁଣ୍ଡ ବୁଲେଇଦେଲ୍, ଦେହ କମ୍ପି ଉଠିଲ୍ ।

କଟକରେ ପହଞ୍ଚି ନର ବାବୁଙ୍କ ଘରେ ରହିଲୁଁ । ସୁଲୋଚନାର ବାହାଘର ଏଥିମଧ୍ୟରେ ହୋଇଯାଇଥାଏ । ଝୁନୁ ଆଉ ସେ ଆଗର ଝୁନୁ ନ ଥାଏ, ବର୍ତ୍ତମାନ କଶୋରୀ—ଟିକେ ଟିକେ କଥାରେ ଲଜ, ଟିକେ ଟିକେ କଥାରେ ଅଭିମାନ । ଦିନେ ମୋ କୋଡ଼ରେ ବସି ଯେ 'ଗ୍ଭଲ, ଗ୍ଭଲ' କହୁଥିଲ୍, ସେ ପୁରୁଷମାନଙ୍କ ନକଟରୁ ଦୂରରେ ରହିବାକୁ ବହୁ ଆଗରୁ ଶିଖିଥିଲ୍ । ଭାବିଲି, ଝିଅମାନଙ୍କର ବକାଶ ଓ ନକାଶ କେଡ଼େ ଚଞ୍ଚଳ !

ଯେତେ ଶୀଘ୍ର ସମ୍ଭବ ସ୍ନେହର ଖଙ୍କାର ପ୍ରଭୃତି ପରୀକ୍ଷା କଚରଇଲ । ଯାହା ଆଗରୁ ସନ୍ଦେହ କରୁଯାଉଥିଲ୍, ତାହାହିଁ

ଡାକ୍ତରମାନେ କହିଲେ । ଯେତେବେଳେ ସ୍ନେହ ଜାଣିଲା ଯେ ତାକୁ ଟି. ବି. ହୋଇଛି, ସେତେବେଳେ ତାର ସେଇ ଉଗ୍ର ମୁହଁଟିରେ ଯେଉଁ କରୁଣ ଭାବ ଫୁଟି ଉଠିଲା, ତାହା ମୋ କଲିଜାକୁ ଟିକି ଟିକି କରି କାଟିପକେଇଲା । ସଜଳନୟନରେ ମୋ ଆଡ଼କୁ ଚାହିଁ ସେ ବଡ଼ ବିକଳଭାବରେ କହିଲା—ତେବେ ବିଦାୟର ବେଳା ଆସିଲା ନା ?

ସେ ଚାହାଣୀରେ କି ନୈରାଶ୍ୟ ! ଶ୍ରାବଣ ମାସର ଧାରାପରି ମୋ ଆଖିରୁ ଲୁହ ଝରି ଝରି ବୋହିବାକୁ ଲାଗିଲା । ଇହଜନ୍ମ ବା ପୂର୍ବଜନ୍ମର କେଉଁ ପାପ ଫଳରେ ମୋର ଏ ସୁଖର ସଂସାରଟି ହଠାତ୍ ଭୁଷୁଡ଼ି ପଡ଼ିଲା—ମନ ହେଲା, ପ୍ରାଣ ପୂରେଇ କାନ୍ଦିବି, ମୋ ଦୁଃଖଲୁହରେ ସାରା ଦୁନିଆଟାକୁ ଭସେଇଦେବି ।

—ଛି, ତୁମେ କାନ୍ଦୁଛ···ସ୍ନେହ ଧାକଡ଼୍ କଲା ।

ଲୁହକୁ ଖୁବ୍ ସାବଧାନରେ ପୋଛି କହିଲି—କାଇଁ, ନା ତ ··

ପେଣ୍ଡ୍ରେରା-ରୋଡ଼ରେ ଚିକିତ୍ସା କରାଇବାର ଠିକ୍ ହେଲା । ସ୍ନେହ ଜିଦ୍ ଧରି ବସିଲା, ଗାଁକୁ ଯିବ । କହିଲି—ଥରେ ସେ ଗାଁକୁ ଯାଇ ଏତେ ହାଇରାଣ, ପୁଣି ସେଠିକି ? ତେବେ, ପେଣ୍ଡ୍ରେରା-ରୋଡ଼ରୁ ଫେରି······

—ଫେରିବି ତ ?

—ଫେରିବନି, କଣ ହୋଇଛି କି ?

ସ୍ନେହକୁ ପ୍ରବୋଧ ଦବାପାଇଁ ଏତିକି କହିଲି, ହେଲେ ମୋ ମନଭିତରେ ପ୍ରାଣାନ୍ତକ ଭୟ—ସତରେ ସ୍ନେହ ଫେରିବ ତ ?

ପେଣ୍ଡ୍ରେରା-ରୋଡ଼ରେ ପହଞ୍ଚି ଚିକିତ୍ସାପାଇଁ ସମସ୍ତ ବନ୍ଦୋବସ୍ତ କଲି । ଡାକ୍ତର ନର୍ସଙ୍କୁ ସ୍ନେହର ବିଶେଷ ଯତ୍ନ ନେବାପାଇଁ ବହୁତ ଅନୁନୟ-ବିନୟ କରି କହିଲି । ଏ ମାୟାସଂସାରରେ କେଉଁ

କାହାର ନୁହନ୍ତୁ, ଏସବୁ ବ୍ୟାଖ୍ୟା କରି 'ମନବୋଧ ଚଉତିଶା'ରୁ କାଣ୍ଡିଏ କାଣ୍ଡିଏ ବି ସ୍ନେହକୁ ଶୁଣାଇଲେ।

ଏବେ ପିଲାଙ୍କ କଥା ମନେ ପକାଇ ସ୍ନେହ ବଡ଼ ଅଧୀର ହୋଇପଡ଼ିଲା—ନମିତା କବିତା, ଖୋଜୁଥିବେ, ତୁମେ ଶୀଘ୍ର ଫେରିଯାଅ।

ଭାବିଲା, ମାତୃତ୍ୱ ନାରୀର ଭୂଷଣ ଓ କବଚ। ସେ କେତେ ପୂଜାଉଜା, କେତେ ଦେବତାବ୍ରାହ୍ମଣ, କେତେ ଓଷାବ୍ରତ ନ କରେ, କେତେ ଦୁଃଖ ନ ସହେ—ଗର୍ଭଧାରଣ କି କଷ୍ଟ, ପ୍ରସୂତି ବେଦନା କି ଭୟାନକ; କିନ୍ତୁ ମାତୃତ୍ୱ ମନ୍ତ୍ରବଳରେ ସେସବୁ ଭୁଲିଯାଏ। ସେଇହେତୁ ଏତେ-ବଡ଼ ଦୁର୍ଦ୍ଦଶାରେ ମଧ୍ୟ ସ୍ନେହ ତା ନିଜ କଥା ନ ଭାବି ପିଲାଙ୍କ ପାଇଁ ବିକଳ ହୋଇପଡ଼ୁଥିଲା !

ଯେଉଁ ଦିନ ସ୍ନେହଠୁ ବିଦାୟ ନଏଁ, ସେ ହସି ହସି ଟିକିଏ ବ୍ୟଙ୍ଗଭରା କଣ୍ଠରେ କହିଲା—ଯାଅ, ଆଉ ଦୁଃଖ କାହିଁକି ? ଏଣିକି ତୁମକୁ ବାପ ମା' ହି କାମ ଚଳେଇବାକୁ ପଡ଼ିବ। ଅବଶ୍ୟ ସମୁଦ୍ରକୂଳ-ବୁଲାଟା ଟିକେ କମିଯିବ, ହେଲେ ଆଉ ଉପାୟ ନାହିଁ। ମଝିରେ ମଝିରେ ଚିଠି ଦଉଥିବ। ଆଉ ଦୈବାତ୍ ଯଦି କିଛି ଘଟେ, ଖବର ପାଇବାମାତ୍ରେ ଚାଲି ଆସିବ।

ସ୍ନେହ ବଡ଼ ସାଧାରଣଭାବରେ କହୁଯାଉଥାଏ; କିନ୍ତୁ ଛାଡ଼ିଲା ଛୁଞ୍ଚି ପରି ସେ ଯିମିତି ମୋ ଦେହକୁ ଭୁଷିଁ ଭୁଷିଁ ଫୋଡ଼ିଦଉଥାଏ। ତାର ସେଇ ଶୀତଳ କ୍ଷୀଣ ହାତ ଦୁଇଟି ମୋ ହାତରେ ମୁଠି ଧରି କେତେ କଣ କହିବ ବୋଲି ବସିଥିଲା, କିନ୍ତୁ ପାରିଲା ନି, କେବଳ ବହୁ କଷ୍ଟରେ ଏତିକି ପାଟିରୁ ବାହାରିପଡ଼ିଲା—କିଛି ଚିନ୍ତା କରନା।

## * ଶହେ ଚଉଷଠି *

ମୋର ଉତ୍ତରରେ ସ୍ନେହ ଦରଫିଟା ଆଖିରେ ମତେ ଟିକଏ ବଙ୍କେଇ ଗୁହିଁ ସାମାନ୍ୟ ହସିଲା; ମାତ୍ର ସେ ହସ ଯିମିତି ମୋ କଥାକୁ ପରିହାସ କରି ଦୂରଦୂରାନ୍ତକୁ ଫିଙ୍ଗିଦେଲା ।

ପୁଣି ଫେରିବାମାତ୍ରେ ନମିତା 'ବୋଉ କାହିଁ' ବୋଲି ବହୁତ ଗୋଳ କଲା । କହିବାର ଅବଶ୍ୟ ପୂର୍ବ ହେତୁ ହେଇ ନ ଥାଏ; କିନ୍ତୁ ତା ନର୍ବାକ୍ ଭାବଭଙ୍ଗୀରୁ ବୁଝିଲି, ସେ ଯିମିତି ମନେ ମନେ କାହାର ଅନୁସନ୍ଧାନରେ ଥିଲା । ଖଟତଳ, କବାଟକଣ, କେତେ ଖୁରୁଣ୍ଡି ଗୁରୁଣ୍ଡି ବୁଲିଲା; କିନ୍ତୁ କାହିଁ, ଯାହାକୁ ଖୋଜୁଥିଲା ତାର ତ କିଛି ସନ୍ଧାନ ନାହିଁ ! ବେଳେବେଳେ ଏଣେତେଣେ ଗୁହିଁ ହଠାତ୍ ସେ ବଡ଼ ତୀବ୍ର କଣ୍ଠରେ କାନ୍ଦଉଠେ । ଓଃ, କି ଦୁଃଖଭରା ସେ ଶବ୍ଦ, ମୁହଁରେ ତାର କି କରୁଣ ବ୍ୟାକୁଳତା !

ଏଥିମଧ୍ୟରେ ନମିତାକୁ ଛ ବର୍ଷ ହେଇଯାଇଥାଏ । ତାର ପଢ଼ା ଆରମ୍ଭ ହବାର କଥା । ସେ ଯେତେବେଳେ ସିଲଟ ଧେନି ବସେ, କହିବା ଆଉ ନ ଗୁଡ଼େ, ସେ ବି ଖଣ୍ଡେ ଭଙ୍ଗା ସିଲଟ ଆଣି ମନ-ଇଚ୍ଛା ଗାରେ ଗାରେ, ଏଣୁତେଣୁ ଗୁଡ଼ୁଗୁଡ଼ୁ କଅଁ କଣ କହେ । ସାଙ୍ଗେ ସାଙ୍ଗେ ମୋ ପିଲାଦିନ-କଥା ମନେ ପଡ଼ିଯାଏ । ସିଲଟ ଧରି ଖଡ଼ିରେ ଯା ଲେଖିବ ସେ ହେବ ପାଠ, ମାଷ୍ଟ୍ରେ ଦରକାର ନାହିଁ, ସ୍କୁଲକୁ ଯିବା ଲୋଡ଼ା ନାହିଁ—ଶିଶୁ ମନର ଉଦ୍ଭଟ ପରିକଳ୍ପନା ।

ମଝିରେ ମଝିରେ ସମୟ ପାଇଲେ ସ୍ନେହ ପାଖକୁ ଚିଠି ଲେଖିବସେ । ପାଗଳାମିରେ କେତେ କଣ ଗାର୍ମ ଯାଏଁ, ବେଳେ ବେଳେ ଗରମ ଲୁହ ଦୁଇ ଟୋପା ସେ ଚିଠିଉପରେ ପଡ଼ି ଚିଠିର ଭାବ ଓ ଭାଷାକୁ ଆହୁରି ଜୀବନ୍ତ କରିପକାନ୍ତି । ସ୍ନେହଠାରୁ ମଧ୍ୟ ଅନେକ ଉତ୍ତର ଆସେ । ସେ କିନ୍ତୁ ଅନ୍ୟ କୌଣସି କଥାର

* ଶତେ ପଞ୍ଚଷଠି *

ଅବତାରଣା ନ କରି ତାର ଅବସ୍ଥା କେମିତି ଚାଲିଛି, ଓଜନ କେତେ ବଢ଼ିଲାଣି, ସେଠାର ଡାକ୍ତରଡାକ୍ତରାଣୀମାନେ କେମିତି ତାର ଖୁବ୍ ଭଲ ତତ୍ତ୍ୱ ନେଉଛନ୍ତି, ଲେଖି ମତେ ଉତ୍ସାହ ଦବାକୁ ଚେଷ୍ଟା କରେ। ତା ସାଙ୍ଗେ ସାଙ୍ଗେ ପିଲା କେମିତି ପାଳିବାକୁ ହୁଏ, ନମିତା କେତେବେଳେ ଖାଏ, କବିତା କେତେବେଳେ ଶୁଏ, ଇତ୍ୟାଦି ଧାଈକାର୍ଯ୍ୟରେ ମତେ ପ୍ରାଥମିକ ଶିକ୍ଷା ଦବାରେ ଲାଗି ପଡ଼ିଥାଏ।

ଧାରଶ୍ରାବଣ। ସକାଳୁ ଅଜସ୍ର ବର୍ଷା ଆରମ୍ଭ ହୋଇଯାଇଥାଏ। ମଝିରେ ମଝିରେ ବହିଆସୁଥାଏ ଦମକା ପବନ। ସତେ ଯେପରି ଗୋଟାଏ ପ୍ରବଳ ବତାସର ପୂର୍ବାଭାସ! ଦାଣ୍ଡଘରେ ବସି କଣ ଗୋଟେ ଲେଖୁଥାଏଁ, ବାହାରେ ଡାକବାଲା ଡାକିଲା—ଚି-ଠି। ଉତ୍ସାହ ସହ ଉଠି ଦାଣ୍ଡଦ୍ୱାରପେ ଗଲି। ପୋଷ୍ଟମ୍ୟାନ୍ ମୁଦା ଲଫାଫାଟିଏ ବଢ଼େଇଦେଇ ଚାଲିଗଲା। ଠିକଣା ଦେଖିଲି ସେହିର ହାତଲେଖା। ଖୋଲି ପଢ଼ିଲି—

ପେଣ୍ଡ୍ରେରା-ରୋଡ୍
ମଧ୍ୟପ୍ରଦେଶ

ପ୍ରାଣର ପ୍ରିୟତମ, ୧୯-୯-୫୧

ଯାହା ଭୟ କରୁଥିଲି ତାହାହିଁ ହେଲା। ଏତେ ଦିନେ ଜୀବନର ଇଙ୍ଗିତ ସ୍ପଷ୍ଟ ବୁଝିପାରିଲି। ମତେ ବୋଧ ହଉଛି, ମୁଁ ନିକଟରେ ଆଉ ଗୋଟିଏ ସନ୍ତାନର ମା ହବାକୁ ଯାଉଛି। ମୋ ସ୍ୱାସ୍ଥ୍ୟର ଉନ୍ନତି ଦେଖି ଏଠା ଡାକ୍ତରମାନେ ଖୁବ୍ ଆଶା ପୋଷିଥିଲେ। କିନ୍ତୁ ଏବେ ଏ ନୂଆ ପରିସ୍ଥିତିରେ ମୁଁ ସମସ୍ତଙ୍କ ମୁହଁରେ ନୈରାଶ୍ୟର ରେଖା ଦେଖିପାରୁଛି। କେହି କେହି ମୋଧ ଘରକୁ ଫେରିଯିବାକୁ ସ୍ପଷ୍ଟ କହିଦେଲେଣି। ମତେ ଏଠା ଆଉ ଭଲ

## * ଶେଷ ଚିଠି *

ନିରୁନ ! ଯେଉଁ କେତୋଟା ଦିନ ମୋର ବଞ୍ଚିବାର କଥା, ସେତକ କିପରି ଶାନ୍ତିରେ କାଟିବି—ନମିତା କବିତାଙ୍କୁ ଦେଖି ତୁମ ପାଖରେ ଶେଷ ନିଶ୍ୱାସ ଛାଡ଼ିବି, ଏଥିପାଇଁ ମୁଁ ଆଶାଭରା ପ୍ରାଣରେ ତୁମ ଆସିବା ବାଟକୁ ଚାହିଁ ରହିଚି । ମତେ ହତାଶ କରିବନି । ଇତି ।

ତୁମରି

ସ୍ନେହ

ମାନଭଞ୍ଜନର ପର କଥା ! ନିଜ ଦୁର୍ବଳତାର ଏ ଜଘନ୍ୟ ଫଳ ଦେଖି ନିଜପ୍ରତି ଘୃଣା ଓ କ୍ରୋଧରେ ମନ ଜଳିଗଲା । ଭାବିଲି, ଡାକ୍ତରକଥା ମାନି ଶେଷଯାଏ ସାବଧାନ ରହିଥିଲେ ବୋଧହୁଏ ଏ ଦୁଃଖ ଘଟି ନ ଥାନ୍ତା । ପ୍ରେମ, ପ୍ରଣୟ ଏଇ ସ୍ୱର୍ଗୀୟ ଅନୁଭୂତି ସହିତ ପାଶବିକତାର ମିଳନ କି ଅସୁନ୍ଦର, କି କଦର୍ଯ୍ୟ ! ଦାମ୍ପତ୍ୟ ଜୀବନର ପ୍ରେମ ଯଦି କେବଳ ପ୍ରଣୟିନୀକୁ ଭଲ ପାଇବା, ତା ସହିତ ବାକ୍ୟାଳାପରେ ଦିନ କାଟିବାରେ ପର୍ଯ୍ୟବସିତ ହୁଅନ୍ତା, ତେବେ ସେ କେଡ଼େ ମଧୁର, କେଡ଼େ ପବିତ୍ର ନ ହୁଅନ୍ତା ।

ହଠାତ୍ କଣ ଭାବି ମୋ ଶୋଇବା-ଘରଭିତରକୁ ପଶିଗଲି, କବିତା ସେତେବେଳକୁ ଗାଢ଼ ନିଦରେ । ଛାତିଭିତରେ ଯିମିତି ଗୋଟେ ଝଡ଼ତୋଫାନ ବହିଗଲା । ଝରକା ବାଟ ଦେଇ କିଛି ସମୟ ଆଲୋଡ଼ିତ ସମୁଦ୍ର ଆଡ଼କୁ ଅର୍ଥହୀନ ଉଦାସ ଆଖିରେ ଚାହିଁ ରହିଲି । କେତେଥର ସ୍ନେହର କାନ୍ଧରେ ହାତ ଦେଇ ସେଇ ଝରକାପାଖରେ ବସିଚି, କେତେ ଖୁସି ଗପ କରିଚି, କେତେ ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତର ମଧୁର ଛବି ମନ ପୂରେଇ ଉପଭୋଗ କରିଚି··· କିନ୍ତୁ ଆଜି ? କେଡ଼େ ବିରାଟ ଏ ବ୍ୟବଧାନ, କେଡ଼େ ଭୀଷଣ ଏ ବିପଦ—ସତେ ଯିମିତି ମୋର ଜନ୍ମାନ୍ତର ଘଟିଯାଇଚି ।



# ଅଦାଲତରେ ଅପଂଷ

ଆଗକୁ-ପଛକୁ ନ ଭାବି, ଫଳାଫଳ ଚିନ୍ତା ନ କରି ଗୋଟିଏ ଜନ୍ତୁ ଅସ୍ୱାଭାବିକ ପରିସ୍ଥିତିପାଇଁ ନିଜକୁ ପ୍ରସ୍ତୁତ କରୁଥାଏ, ଠିକ୍ ସେପରି ପଥହରା ପଥିକ ଦିନାନ୍ତେ ଦିନମଣିଙ୍କୁ ଅସ୍ତମିତ ଦେଖି ମଧ୍ୟ ଘୋଟି-ଆସୁଥିବା ଘନ ଅନ୍ଧକାର ଆଡ଼କୁ ମଡ଼ା ଅମଡ଼ା ମାଡ଼ି ଚାଲିଥାଏ। ଅନେକ କିଛି ସଜାଡ଼ୁଥାଏ, ଅନେକ କିଛି ବନ୍ଦୋବସ୍ତ କରୁଥାଏ; କିନ୍ତୁ କଣ ପାଇଁ ?

ଦି ଗୁଟି ଦିନରେ ତ ଏ କାମ ନ ଚଳେ ? ସ୍ନେହକୁ ପୃଥ୍ୱୀ ନ ଆଣି ସେଇଟି ତା ଚିକିତ୍ସାର ବନ୍ଦୋବସ୍ତ କରିବାକୁ ପଡ଼ିବ, ନଚେତ୍ ତା ପାଖେ ପାଖେ ରହିବାକୁ ହେବ। ସେ ଟିକେ ସୁସ୍ଥ ହେଲେ ଯାଇ·········

ମାସେ ଛୁଟି ନେଇ ଯାଇ ପେଣ୍ଡ୍ରେଗ-ଗ୍ରେଡ଼ରେ ପହଞ୍ଚି ଯା ଦେଖିଲି ସେଥିରେ ମୋର ସମସ୍ତ କଳ୍ପନାଜଳ୍ପନା ନିରର୍ଥକ ହୋଇ-ଉଠିଲା। ମନୁଷ୍ୟ ତା ପାଗଳାମିରେ ଆକାଶକୁସୁମ ତୋଳି ବସେ, କିନ୍ତୁ ପଛରେ ଥାଇ ନିୟତି କରେ ପରିହାସ। ଦୁଇ ଦିନ ଆଗରୁ ଗୋଟିଏ ମଲା ପିଲା ଜନ୍ମ କରି ସ୍ନେହ ନିତାନ୍ତ ରକ୍ତହୀନ, ନିତାନ୍ତ ନିର୍ଜୀବ ହୋଇ ପଡ଼ିଥାଏ, ଖାଲି ତାର ସେଇ ଉଗ୍ର ଜ୍ୱଳନ୍ତ ଆଖି

ଦୁଇଟିରେ ଜୁଳୁଜୁଳୁ ଚାହୁଁଥାଏ ମାତ୍ର, କଥାବାର୍ତ୍ତା ଏକଦମ୍ ବନ୍ଦ, ହାତ ଠାରି ମନର ଭାବ ପ୍ରକାଶ କରୁଥାଏ ।

ତାପରେ ମାତ୍ର ଦୁଇଟି ଦିନ । ହଁ, ମାତ୍ର ଦୁଇଟି ଦିନ, କେତେ କମ୍ ସେ । ସ୍ୱାମୀ-ସ୍ତ୍ରୀ, କେଡ଼େ ମଧୁର ସେ ସମ୍ପର୍କ । ଜୀବନସଜାଡ଼ା କଥା, ଶେଷ ଦେଖାଦେଖି, ଶେଷ କଥାଭାଷା, ଜଣେ ଜଣକଠୁଁ ବିଦାୟ ନିବ ଚିରଦିନପାଇଁ । ତା ପରେ ? ତା ପରେ ସବୁ ବିଲୁପ୍ତି-ଗର୍ଭରେ ମିଶିଯିବ, ଶତ ସାଧନାରେ ଆଉ ଥରେ ବି ଦେଖା ମିଳିବନି । ଧେତ୍ ଏ ଜୀବନ, ଏଟା ପ୍ରକୃତରେ ସଇତାନର ସୃଷ୍ଟି !

ସ୍ନେହର ମୁଣ୍ଡକୁ କୋଳରେ ଧରି ତାର ଆଲୁଳାୟିତ କେଶରାଶିକୁ ଧୀରେ ଆଉଁସୁଥାଏଁ । ସୂର୍ଯ୍ୟାସ୍ତର ସ୍ୱର୍ଣ୍ଣିଛଟା ଅନେକ ଆଗରୁ ଉଭେଇ ଯାଇଥାଏ ଗଛପତ୍ରରୁ । ସେଇ ସ୍ୱାସ୍ଥ୍ୟନିବାସର ଉନ୍ମୁକ୍ତ ଗବାକ୍ଷ ଦେଇ ମାଡ଼ି ଆସୁଥାଏ ବାହାରୁ ଅନ୍ଧାର କଳା-କଟିକଟି । ସ୍ନେହ ପକେଇଥାଏ ତାର ଦରଖୋଲା ଆଖି ମୋ ଉପରେ, ମୁଁ ମଧ୍ୟ ତାକୁ ଚାହିଁଥାଏଁ ନିର୍ନିମେଷନୟନରେ । ଦୁହିଁଙ୍କ ମୁହଁରେ ଅନନ୍ତ ଆଶା, ଦୁର୍ବାର ବାସନା, କିନ୍ତୁ ହଠାତ୍ ଯିମିତି ତା ମଝିରେ ଗୋଟେ ବିରାଟ ବ୍ୟବଧାନ ମୁଣ୍ଡ ଟେକିଚି, ଠିକ୍ ହିମାଳୟପରି ଅପରିସୀମ; ସାହାରା ପରି ଅକଳନୀୟ—କିଛି କହିପାରୁ ନ ଥାଉଁ, କହିବାର ଯେ ଉପାୟ ନ ଥିଲା, ମନୁଷ୍ୟ ସଭ୍ୟତାର ଅମୂଲ୍ୟ ସମ୍ପଦ ଏଇ ଭାଷାଟା ସତେ ଯିମିତି ଆମ ମନର ଭାବ ପ୍ରକାଶ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ !

ସ୍ନେହର ହାକୁଟି ପରେ ଦୁଇଟି କଣ ଆସିଲା । ତାପରେ ସବୁ ଶେଷ ! ସେ ଲାବଣ୍ୟପ୍ରତିମାର ନିର୍ଜୀବ ନିସ୍ତେଜ ଦେହଟା ମୋରି କୋଳକୁ ଢଳିପଡ଼ିଲା । ଯାହାର ସଙ୍ଗକୁ ଦିନେ ପାଗଳ ହୋଇ

ଉପଭୋଗ କରୁଥିଲି, ଯାହାର ଲାଳିମାପ୍ଳୁତ ତନୁରେ ସାମାନ୍ୟ ବ୍ୟଥାର ଦାଗ ଦେଖିଲେ ଦୁଃଖରେ ଥରି ଉଠୁଥିଲି, ଯାହାର କଥାରେ ଶୁଣୁଥିଲି ସଂଗୀତ, ଯାହାର ତାଡ଼ନାକୁ ମନେକରୁଥିଲି ସୌଭାଗ୍ୟ, ତାର ଜୀବନ ମୋରି ଆଗରେ ଚାଲିଗଲା ! ସେଇ କ୍ଷୀଣ ନିଶ୍ୱାସଟି ବାହାରର ଅନନ୍ତ ବାୟୁମଣ୍ଡଳରେ ମିଶିଯାଇ ମତେ କଲା ଚିରଦିନପାଇଁ ଏକାକୀ, ଦେଇଗଲା ଦାରୁଣ ଦୈନ୍ୟ ।

ସ୍ନେହର ଶେଷକାର୍ଯ୍ୟ ସେଇ ଦୂର ପେଣ୍ଡ୍ରେରା-ରୋଡ଼ରେ କରିବାକୁ ଇଚ୍ଛା ହେଲାନି । ବନ୍ଧୁ କାକୁତିମିନତିପରେ ରେଲୱେ କର୍ତ୍ତୃପକ୍ଷଙ୍କ ଅନୁମତି ପାଇଥାଏଁ ସେଇ ମୃତଦେହକୁ ପୁରୀ ଆଣିବାକୁ । ଅତି ଯତ୍ନସହକାରେ ସେକେଣ୍ଡ୍‌କ୍ଲାସ୍ ଡବାର ଗଦି ଉପରେ ତାକୁ ଶୁଆଇ ଦେଇଥାଏଁ, ପିନ୍ଧେଇ ଦେଇଥାଏଁ ଖଣ୍ଡିଏ ସୁନ୍ଦର ନାଲାମ୍ବରୀ ଶାଢ଼ୀ, ଦେହରେ ଖଞ୍ଜି ଦେଇଥାଏଁ ଗୁଡ଼ିଏ ସୁବାସିତ ଫୁଲ । ସ୍ନେହ ଓଠ ପାଖରେ ଗୋଟେ ନାଲି ଗୋଲାପ ସତେ ଯିମିତି ତାର ନିର୍ଜୀବ ଶୁଖିଲା ଓଠକୁ ପରିହାସ କରୁଥିଲା ! ନିୟତିର ବିଦ୍ରୂପ ! ଦୁନିଆ ଓଲଟିଯାଇଛି । ଠିକ୍ ଏମିତି ଦିନେ ରକ୍ତଜବାପରି ନାଲି ଟହଟହ ସ୍ନେହର ଓଠ ଗୋଲାପକୁ ବ୍ୟଙ୍ଗ କରି ଉଡ଼େଇ ଦଉଥିଲା ।

ପେଣ୍ଡ୍ରେରା-ରୋଡ଼ରୁ ପୁରୀ ସୁଦୂର ପଥ । ବାଟରେ ମୋର ସାଥୀ ଏକା ସ୍ନେହର ସେ ମୃତଦେହ । କେତେ କଣ ସ୍ନେହକୁ ଲକ୍ଷ୍ୟ କରି ପ୍ରଲାପ କରୁଥାଏଁ, ତା'କୁ ଚାହିଁ କେତେ କଣ ଭାବୁଥାଏଁ । ଦିନେ ଏଇ ରେଲରେ ସାଥୀ ହୋଇ କଟକରୁ ଆସିଥିଲୁଁ ପୁରୀ । ସେତେବେଳେ କି ଆନନ୍ଦ, ସେତେବେଳେ କି ଉନ୍ମାଦନା । ସ୍ନେହ କେତେ କୌତୁକ କରୁଥିଲା, କେତେ ହସପରିହାସରେ ଜୀବନକୁ

ଉସେଇ ହଉଥିଲ; କିନ୍ତୁ ଆଜି ସେ ନିଷ୍ପ୍ରାଣ, ଜଡ଼, ବାକ୍‌ଶକ୍ତିରହିତ ମୂର୍ତ୍ତି ! କପିଳାସବାସୀ ଦେବାଧିଦେବ ମହାଦେବ ପାର୍ବତୀଙ୍କ ମୃତଦେହକୁ ଧରି ଯେବେ ଆରମ୍ଭ କରିଥିଲେ ତାଣ୍ଡବ, ପ୍ରେୟସୀର ବିରହ ସୃଷ୍ଟି କରିଥିଲା ପରମେଶ୍ୱରଙ୍କ ପ୍ରାଣରେ ଭୟଙ୍କର ବ୍ୟଥା, ସେ ପାଗଳ ହୋଇ ଦିଗଦିଗନ୍ତକୁ ତାଙ୍କ ବ୍ୟଥାମୟ ଉଚ୍ଛ୍ୱାସରେ ବିଦୀର୍ଣ୍ଣ କରି ପକାଇଥିଲେ······ପାଗଳ ହୋଇଯାନ୍ତି କି, ମୁଁ ଭାବୁଥାଏଁ ।

ପୂର୍ବ ଅଠର ଘଣ୍ଟା ଗାଡ଼ିରେ କଟିଲା । ପୁରୀ ଷ୍ଟେସନରେ ପହଞ୍ଚିଲାବେଳକୁ ରାତି ପ୍ରାୟ ଦଶ । ଆଗରୁ ତାର ପାଇ କେତେକ ବନ୍ଧୁ ସହକର୍ମୀ ପ୍ଲାଟ୍‌ଫର୍ମରେ ଉପସ୍ଥିତ ଥିଲେ । ସେ ଯେତେବେଳେ ସ୍ନେହର ମୃତଦେହକୁ ବାହାରକୁ ଆଣନ୍ତି, ତା ମୁଣ୍ଡ ରେଲ୍‌ଡବାର କବାଟରେ ତାଏଦଣେ ବାଡ଼େଇ ହୋଇଗଲା । ଦୁଃଖରେ ଆର୍ତ୍ତନାଦ କରି ଉଠିଲି—ଆରେ, ତୁମେ ଏ କଣ କଲ ? ସ୍ନେହର ମୁଣ୍ଡଟାକୁ ତୁମେ ମୋରି ଆଗରେ ଏତେ ଜୋରରେ ବାଡ଼େଇଦେଲ ! ତାଙ୍କୁ ପାଗଳପରି ମାରିଗୋଡ଼େଇଲି । ବୃଥା ବ୍ୟଥା ! ଆରେ ଅବୁଝା ମନ, ସ୍ନେହ ଯେ ଆଜି ମୃତ, ଏଇଟା ତାର ଅର୍ଥଶୂନ୍ୟ ମୂର୍ତ୍ତି !

ଶୁଦ୍ଧଘର ସରିଥାଏ । ହଠାତ୍ ମୋର ଝୁଙ୍କ ଉଠିଲା କି ଉପାୟରେ ସ୍ନେହର ସ୍ମୃତି ରକ୍ଷା କରିବି । ଯେବେ ମୋଗଲସମ୍ରାଟ୍ ପରମପ୍ରେମିକ ସାହାଜାହାନ ପ୍ରାଣାଧିକା ପ୍ରେୟସୀର ସ୍ମୃତିକୁ ଅମର କରିବାକୁ ଯାଇ ଗଢ଼ିଥିଲେ କଳା ଓ ସ୍ଥାପତ୍ୟର ଗନ୍ତାଘର ତାଜମହଲ, ଯେ ଆଜି ହୋଇଛି ପ୍ରେମିକପ୍ରେମିକାଙ୍କର ତୀର୍ଥସ୍ଥାନ, ପ୍ରଣୟୀମାନଙ୍କ ବିଚ୍ଛେଦର ରୂପାୟିତ ଅନୁଷ୍ଠାନ । କିନ୍ତୁ କାହିଁ

ଅପରିସୀମକ୍ଷମୀ ମୋଗଲସମ୍ରାଟ୍, କାଇଁ ସ୍ୱଳ୍ପବେତନଭୋଗୀ ସରକାରୀ କର୍ମଚାରୀ, ତେବେ—

ତେବେ, କିଛି କରିବାକୁ ହବ । ସ୍ନେହର ଯାବତୀୟ ଗହଣାପତ୍ର ବିକିଲା । ମାଷ୍ଟ୍ରେ ତା ନାଁରେ ଯୁ ଟଙ୍କା ରଖିଯାଇଥିଲେ ସେତକ ମିଳିଲା । ସେସବୁ ସର୍କାରଙ୍କ ଜମା ଦେଇଥାଏଁ ସେଣ୍ଟ୍ରେଲ୍-ଗେଡ଼ ସେନାଟୋରିୟମରେ ସ୍ନେହ ନାରେ ଗୋଟିଏ ବେଡ୍ ରଖିବା ପାଇଁ—ଟି. ବି. ରୋଗାକ୍ରାନ୍ତ ଯେ କୌଣସି ନିରାଶ୍ରୟା ମହିଳା ସେଠାରେ ବିନା ବ୍ୟୟରେ ଯେପରି ଚିକିତ୍ସିତ ହୋଇପାରିବେ । ଆଉ ଅଳ୍ପ କିଛି ଟଙ୍କାରେ ସମୁଦ୍ରକୂଳରେ, ଯୁଠି ସ୍ନେହର ଶବାଗ୍ନି ସଜଡ଼ା ଯାଇଥିଲା, ସେଠି ଖଣ୍ଡିଏ ପ୍ଲେଟ ଦେଉଳ ତୋଳେଇ-ଦେଲା । ମନସବୁଗରେ ତା ଉପରେ ଲେଖିଦେଲା ସ୍ନେହର ସମାଧି । ପ୍ରତିଦିନ ସଞ୍ଜବେଳେ କିଛି ଫୁଲ ନେଇ ସେ ସମାଧିଉପରେ ଦିଏଁ, ଦୁଇଟି ଧୂପକାଠି ଲଗେଇଦେଇ ଶରବିଦ୍ଧ ପକ୍ଷୀପରି ତାର ଦାଡ଼ରେ ଅନେକ ବେଳଯେ ପଡ଼ିରହେଁ ସମ୍ମୁଖର ଉଚ୍ଛ୍ୱାସମୟ ଅନନ୍ତ ସିନ୍ଧୁ-ଉପରେ ଆଖି ପକେଇ ।

ନମିତା-କବିତା ମାତୃହରା ଶିଶୁ, ନିରାଶ୍ରୟା । ଖୁବ୍ ସାବଧାନତାସହକାରେ ତାଙ୍କର ଯତ୍ନ ନେଉଥାଏଁ । ଯାହା ମାଗନ୍ତି, ତା ଆଣି ଦିଏଁ । ଯୁଥିରେ ତାଙ୍କ ମନ ଭୁଲିଯିବ ସେଇ ଚେଷ୍ଟା କରେଁ । ତାଙ୍କର ଆଖିରେ ଦେଖେଁ ସ୍ନେହର ସୁଢ଼ଳ ଦୃଷ୍ଟିଭଙ୍ଗୀ, ତାଙ୍କର ଅଙ୍ଗପ୍ରତ୍ୟଙ୍ଗରେ ଦେଖେଁ ସ୍ନେହର ପ୍ରତିବିମ୍ବ ।

ବେଳ ପାଇଲେ କଳିଆ ପଣ୍ଡା ଯାଏ । ସେଠି ଥାନ୍ତି ଜଟିଆ ବାବା । ବଡ଼ ଜ୍ଞାନୀ ଲୋକ, ତାଙ୍କଠୁ ଶାସ୍ତ୍ରପୁରାଣ ଶୁଣେଁ, ଜୀବନ-ତତ୍ତ୍ୱର ବ୍ୟାଖ୍ୟା ବୁଝେଁ । ମନେ ମନେ ଠିକ୍ କରିଥାଏଁ, କୁଟୀରୁ ବିରତ ଜଟିଆ ଚରଣେ—ନମିତା-କବିତାଙ୍କ ବାହାଘର ସରିଲେ

ଏଇଠି ତୋଳିବ ମୋର ଶ୍ରେଷ୍ଠ ନିକାଞ୍ଚନ ଘର, ଏଇଠି ମୋର ସାଥିହୀନ ଶେଷ ଦିନତକ କଟିବ । ଏଇଠି ମୋର ଜୀବନ-ଦୀପ ଲିଭିଯିବ ।

ହଠାତ୍ ଦିନେ ଖବର ଆସିଲା, ବୋଉଦେହ ଖରାପ, ହୁଏତ ସେ ଆଉ ବଞ୍ଚି ନ ପାରେ । ବୋଉ, ଯେ ନାନା ଦୁଃଖ-ଦୈନ୍ୟ ଭିତରେ ନିଜ ଅପାର ସ୍ନେହସାଗରରୁ ଅକୁଣ୍ଠିତଭାବେ ଦାନ କରି ମଣିଷ କରିଚି ! ତାହାହେଲେ ମତେ ଗାଁକୁ ଯିବାକୁ ପଡ଼ିବ । ଏ ଅଭିଶପ୍ତ ଜୀବନର ଯିମିତି ଗତି, କୁ ଦିନ କୁ କଥା ଘଟିଯାଇପାରେ । ତେଣୁ ବୋଉକୁ ଟିକେ ଦେଖି ଆସିବା ଦରକାର ।

ମୁଁ ଗାଁରେ ପହଞ୍ଚି ଦେଖେଁ, ବୋଉର ଅବସ୍ଥା ଅନେକଟା ଭଲ, କିନ୍ତୁ ମୋ ଚେହେରା ଦେଖି ତା ଦେହ ପୁଣି ଖରାପ ହୋଇ ଉଠିଲା । ଲମ୍ବା ଦାଢ଼ି, ଲୁଖୁରା ବାଳ, ମଇଳା ଲୁଗା ଉପରେ ଆଖି ପଡ଼ିଲାକ୍ଷଣି ବୋଉ ଭୋ-ଭୋ କାନ୍ଦିଉଠିଲା । ଯେଉଁ ଭାଉଜମାନେ ମତେ ଦେଖି ଦିନେ ଥଟ୍ଟାକୌତୁକର ଗନ୍ତାଘର ଖୋଲି ଦେଉଥିଲେ, ହସପରିହାସର ଅବିଶ୍ରାନ୍ତ ବନ୍ୟା ସୃଷ୍ଟି କରୁଥିଲେ, ସେମାନେ ମୋଠଉଁ ଖୁବ୍ ଦୂରରେ ରହିଲେ । ପୁତୁରା ଝିଅ:ଙ୍ଗମାନେ ଚିତ୍କାର କଲେ—ପାଗଳ ! ପାଗଳ ! ଭାବିଲି—ହଁ, ପାଗଳ, ପ୍ରକୃତରେ ମୁଁ ପାଗଳ !

ସେଇ ଦିନ ସଞ୍ଜବେଳ । ବୋଉ ଓ ମୁଁ ବସି ଦୁଃଖସୁଖ ହଉଚୁଁ, ବାଣୀ ଭାଉଜ ବହୁ ଯତ୍ନରେ ଚା କରି ଆଣି ମୋ ପାଖରେ ଥୋଇଲେ । କହିଲି—ସେ କଣ ହବ ? ଚା ମୁଁ ଅନେକ ଦିନୁଁ ଛାଡ଼ିଚି । ବୋଉ କେତେ ଅନୁନୟବିନୟ କଲା, ଚା'ର ଉପକାରିତା ସମ୍ବନ୍ଧରେ ଅନେକ ବକ୍ତୃତା ଦେଲା ।

* ଶଢ଼େ ଚେମ୍ପର *

ନା, ଯୁଝା ଛାଡ଼ିଦେଇଛି—ମୁଁ ମନା କଲି ।

ସେଦିବାର୍ ଏଇ ବେଳକୁ କାଞ୍ଚି ମହାପାତ୍ର ବୁଢ଼ା ଆସି ପହଞ୍ଚିଲେ, ବୋଉକୁ ଚାହିଁ କଣ୍ଠଟା ପରିଷ୍କାର କରି ଆରମ୍ଭ କଲେ—କଣ ମା, ଚା କରିଚୁ କି ? ହଁ···ତୋର କଟକୀ ଚା, ହେଲେ, ତୁମ ଘର ଚା'ଟା ମତେ ଭାରି ଭଲ ଲାଗେ ମା ! ଏତିକି କହି କଣ ଅପେକ୍ଷାରେ ରହିଲେ । ବୋଉ ବୋଧହୁଏ ଇଙ୍ଗିତଟା ସ୍ପଷ୍ଟ ବୁଝିପାରିଲା ।

କହିଲା—ସେଇଠି ଥୁଆ ହେଇଛି, ପିଅ ।

—ଏଁ, କଣ ସବୁ ଏକଦମ୍ ଠିକ୍‌ଠାକ୍, ଆଗରୁ ମୋପାଇଁ ପ୍ରସ୍ତୁତ କରି ରଖିଚୁ ? ଏତିକି କହି ମହାପାତ୍ରେ ବିନା ବିଳମ୍ବରେ ସମସ୍ତ ଚା'ଟା ଶେଷ କରିଦେଲେ । ତାପରେ ଚାରିଆଡ଼କୁ ଚାହିଁ ଯେତେବେଳେ ମୋ ଦାଢ଼ି ଉପରେ ଆଖି ପକାନ୍ତି, 'ହାଇ ରେ କାଗା ତୋର ଏ ଦଶା' କହି ଏକଦମ୍ ଉଚ୍ଚୈଃସ୍ୱରରେ କ୍ରନ୍ଦନ ଆରମ୍ଭ କରିଦେଲେ ଯେ ଆଉ ତ ପ୍ରକୃତିସ୍ଥ ନ ହୁଅନ୍ତି । ସ୍ୱାଭାବିକ କାନ୍ଦରେ ସିନା କିଛି ସମୟ ବାଦେ ଆଖିରୁ ଲୁହ ସରିଆସିଲେ ଆପେ ଆପେ କୋହ ବନ୍ଦ ହେଇଯାଏ; କିନ୍ତୁ ଯେ ଇଚ୍ଛାକୃତ କାନ୍ଦ, ସେ ଆଉ ବନ୍ଦ ହଉଛି କୁଠି ? ବହୁ ବୁଝାବୋଝା, ବହୁ ଛାଞ୍ଚାବାଞ୍ଚା ପରେ ଶେଷରେ ଯେତେବେଳେ ସେ ପୁଣି ପୂର୍ବ ଅବସ୍ଥାକୁ ଫେରି-ଆସିଲେ ବୋଲି ଇଙ୍ଗିତ ଦେଲେ, ଦୁଃଖଭରା ଦଦରା କଣ୍ଠରେ ବୋଉକୁ କହିଲେ—ମା, ପାନ ଟିକିଏ ଆଣିଲୁ । ମୁଁ କଣ କରିବି, ମୋର ତ ଖାଲି ଅନ୍ତରର ଅନ୍ତିମ ଦେଶରୁ କଣ ଉଠୁଚି ।

ଆରେ, ଏଇଟା ଏଡ଼େ ପ୍ରପଞ୍ଚ ! ଘୋର ବିରକ୍ତିରେ ନନାକୁ ଖୋଜିବା ବାହାନା କରି ମୁଁ ସେଠୁ ଛାଡ଼ି ଚାଲିଗଲି । ମହାପାତ୍ର ବୁଢ଼ା ଅନେକ ବେଳ ପର୍ଯ୍ୟନ୍ତ କଣ ବୋଉ ସାଙ୍ଗରେ

ଟୁପ୍‌ଟାପ୍ ଫୁସ୍‌ଫାସ୍ ହେଲେ । ଶେଷରେ ଯେତେବେଳେ ଜଳଯୋଗ ସ୍ଥାନ ସାରି ଘରକୁ ଫେରନ୍ତି ସେତେବେଳକୁ ରାତି ପ୍ରାୟ ଦଶ ।

ବଡ଼ ଘରେ ମାଷ୍ଟ୍ରେ ଦେଇଥିବା ପଲଙ୍କରେ ରାତିରେ ଶୋଇବାର ବନ୍ଦୋବସ୍ତ ହେଲା; ପ୍ରଥମେ ସେଠିକି ଯିବାକୁ ଆଦୌ ମନ ବଳୁ ନ ଥିଲା, କିନ୍ତୁ ପରେ ହଠାତ୍ କଣ ଖିଆଲ ହେଲା, ଯାଇ ତାରି ଉପରେ ଚୁପ୍ ହୋଇ ପଡ଼ିଗଲି । ସତେ ଯିମିତି ତୂଳୀର ସେଇ ମଧୁର ସ୍ମୃତି ହାତ ବଢ଼େଇ ମତେ ସେଠିକି ଟାଣିନେଲା । ଏଇ ଘରେ ଏଇ ପଲଙ୍କରେ ସେଦିନ ସ୍ନେହ ସହିତ ମିଳନ, କେତେ ଆଶା, କେତେ କଳ୍ପନା, କେତେ ରଙ୍ଗିନ୍ ଝିଲମିଲ ଛବି— ସବୁ କୁଆଡ଼େ ଉଭେଇଗଲା । ଆଜି ସ୍ନେହର ଚେହେରା ଠିକ୍ ମନେ ପଡ଼ୁନି । ଭୂତ କି ପ୍ରେତ ଆକାରରେ ଟିକିଏ ଦେଖା ମିଳନ୍ତା କି !

ଝୁଂଟୁଆ ଏପର୍ଯ୍ୟନ୍ତ କି ବଡ଼ ହୋଇ ନ ଥାଏ । ତେଣୁ ତୋଲ୍ଲପକ୍ଷ ହେଲେ ମଧ କି ପ୍ରକାରେ ମୋପରି ଜଣେ ହାକିମଙ୍କୁ ହାତୁଣୀଜ୍ୱଇଁ କରିବେ, ଏଥିପାଇଁ ମହାପାତ୍ରେ ବଡ଼ ସଚେଷ୍ଟ ହୋଇ ଉଠିଥାନ୍ତି । ସେବା କାର୍ପଣ୍ୟ ପୁଣ୍ୟବଳେ, କିବା ଅସାଧ ମହିମବଳେ ? ପ୍ରଥମ ଥର ଫେଲ୍ ମାରିଲେ ବୋଲି ସବୁଥର ଯେ ହୋଇଆ ଘଟିବ, ତାର କି ମାନେ ଅଛି ? ମହାପାତ୍ରେ ଆପ୍ରାଣ ଚେଷ୍ଟାରେ ଲାଗିଥାନ୍ତି । କିଛି ନ ହେଲେ ଗ୍ଡ଼-ଜଳଖିଆ ତ ଚଳୁଚି । ଝୁଂଟୁଆକଥା ଗ୍ରୁଡ଼ଦେଲେ ଆଉ କେତେ ଆଡ଼ୁ କେତେ ବିବାହର ପ୍ରସ୍ତାବ ମଧ ଆସିଲା । ବୋଉ ଜିଦ୍ ଧରି ବସିଲା, ମୁଁ ଯଦି ଆଉ ଥରେ ବିଭା ନ ହୁଏଁ, ସେ ହୁଏତ ଦଉଡ଼ି ଦେଇଦବ କି ବିଷ ଖାଇଦବ । ନନା ସୁବିଧା ଦେଖି ସଂସାରର ନଶ୍ୱରତା ସମ୍ବନ୍ଧରେ ଅନେକ ବକ୍ତୃତା ଆରମ୍ଭ କଲେ । ତା ଅବଶ୍ୟ

ଫୁନିଆବାଜରୁ ମତେ ରକ୍ଷା କରିବାକୁ ନୁହେଁ, ବିଶ୍ଵାସ୍ୟ କରିବାପାଇଁ ମତେ ପ୍ରେରଣା ଦେବାକୁ । ଭାବିଲି, ବୃଥା ଚେଷ୍ଟା ! ସେ ସମ୍ପର୍କ ଛୋଡ଼ିଯାଇଛି, ଆଜି ସେଥିରେ ସୁଆଦ !

ପୁଣି ଫେରି ଖବର ପାଇଲି, ମୋର ସମ୍ବଲପୁର ବଦଳି ହୋଇଛି । ସମ୍ବଲପୁର !' ଏତେ ଦୂର ! ହଉ, ଦୂରକୁ ଚାଲିଯିବାକୁ ଭଲ । ଏ ବେଷ୍ଟନୀର ବାହାରେ ରହିଲେ ଟିକେ ଶାନ୍ତି ମିଳିପାରେ । ଆଗରେ ଗ୍ରୀଷ୍ମଛୁଟି ଥାଏ; ତେଣୁ ଠିକ୍ ହେଲା, ନମିତା-ନନ୍ଦିତା ଓ ମାଉସୀଙ୍କୁ ପୁରୀରେ ଛାଡ଼ି ମୁଁ ଏକୁଟିଆ ସମ୍ବଲପୁର ଯିବି । ଘର ଠିକ୍ କରି ଆସିଲେ ଛୁଟିପରେ ସମସ୍ତଙ୍କୁ ନେଇ ଫେରିବି ।

ସମ୍ବଲପୁର ଯିବା ପୂର୍ବଦିନ ସମୁଦ୍ରକୂଳକୁ ଏକା ଯାଇଥାଏଁ । ସ୍ନେହ-ସ୍ମୃତି-ମନ୍ଦିର ପାଖରେ ପହଞ୍ଚିଲାବେଳକୁ ସୂର୍ଯ୍ୟ ଅସ୍ତଗତପ୍ରାୟ । ସେହି ଛୋଟ ଦେଉଳପାଖରେ ଠିଆ ହୋଇ ଦେଖିଲି, ରକ୍ତାଭ ଅସ୍ତରାଗ ଚାରିଆଡ଼େ ବିଛେଇ ହୋଇ ପଡ଼ି ବିଚିତ୍ର ଉନ୍ମାଦନା ସୃଷ୍ଟି କରିଛି । ବିଶାଳ ସମୁଦ୍ର ଏଇ ମଧୁ ମୁହୂର୍ତ୍ତର କୁହୁକପରଶରେ ଆତ୍ମହରା ହୋଇ ସଗର୍ବେ ସୃଷ୍ଟି କରୁଥାଏ ଲହରୀ ପରେ ଲହଡ଼ି । ସେହି ଉତ୍ତୁଙ୍ଗ ତରଙ୍ଗମାଳା ଯେତେବେଳେ ଆନନ୍ଦରେ ଫୁଲି ଉଠୁଥାନ୍ତି, ସେତେବେଳେ ସାଗରବକ୍ଷ ତାଳେ ତାଳେ ନାଚି ଯାଉଥାଏ । କିନ୍ତୁ ହାୟ, ଏଇ ଗର୍ବିତ ଲହରୀଗୁଡ଼ିକର କି କରୁଣ ପରିଣତି ! କୂଳ ନ ଛୁଉଁଣୁ ସମସ୍ତେ ଭାଙ୍ଗିପଡ଼ନ୍ତି, ପ୍ରାଣବିକଳରେ ବେଳାର ଅନେକ ଦୂର ବ୍ୟାପି ଯାଇ ଶେଷରେ ମୂଲ୍ୟହୀନ ଅପରିସୀମ ବାଲୁକା-ମଧ୍ୟରେ ନିଜ ଅସ୍ତିତ୍ଵଟିକ ମଧ୍ୟ ଭୁଲିଯାନ୍ତି । ଭାବିଲି ଠିକ୍ ଏଇ ଲହଡ଼ିମାନଙ୍କପରି ମୁଁ କୂଳରେ ନ ଲାଗୁଣୁ ଭାଙ୍ଗିପଡ଼ିଲି !

ଇମିତି କେତେ ଭାବୁଥାଏଁ, କେତେ କଣ ଚିନ୍ତା କରୁଥାଏଁ । ଏଥିଭିତରେ ରାତି ହୋଇଯାଇଥାଏ ଅନେକ । ଶେଷରେ ମନେ ମନେ ସ୍ନେହଠୁ ବିଦାୟ ନେଲି—ଗୁଡ଼ବାଇ ଜୀବନ, ଆଜି ସମ୍ବଲପୁର, କାଲି ଗଞ୍ଜାମ, କାଳକ୍ରମେ ହୁଏତ ସବୁ ଭୁଲିଯିବ, ଭୁଲିଯିବା ମନୁଷ୍ୟର ସ୍ୱଭାବ ··· କିନ୍ତୁ, ନା ନା ସ୍ନେହ, ତୁମକୁ ଭୁଲିଯିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ; ମୋର ଚିରଚଞ୍ଚଳ ଚିରଦୁର୍ବଳ ଜୀବନରେ ତୁମର ପବିତ୍ର ସ୍ମୃତିହିଁ ଏକ ମାତ୍ର ଆଶୀର୍ବାଦ । ଅନ୍ତରର ନିଗୂଢ଼ କନ୍ଦରରୁ ଗୋଟେ ମର୍ମାନ୍ତକ ବେଦନା ଶିରା-ପ୍ରଶିରାକୁ ଝିନ୍‌ଝିନ୍ କରିଉଠି କଣ୍ଠନାଳ ବନ୍ଦ କରିଦେଲା ।

ସମ୍ବଲପୁର ! ସତେ ଯେପରି ମୁଁ ନିର୍ବାସନରେ । ଭୋଜନ ଯତ୍ର ତତ୍ର ବା ଶୟନ ହଟ୍ଟମଧ୍ୟରେ, ଏଇ ନୀତିରେ ଦିନ ଚାଲିଥାଏ । ଲୋକେ ମୋର ଲମ୍ବା ଦାଢ଼ି, ଅରୁଆ ନିରାମିଷ ଖାଦ୍ୟ ଦେଖି ବଡ଼ ଆଶ୍ଚର୍ଯ୍ୟ ହେଲେ—କି ହାକିମ ରେ ବାବା ! ଏପରି ଜାନୁଆର ତ ଆମେ ଅଦାଲତ-ଅରଣ୍ୟରେ କେବେ ଦେଖିନୁ !

ସକାଳେ ଫାଇଲପତ୍ର ଦେଖେଁ, କଚେରୀ ସମୟୁତକ ମକଦମା ବୁଝିବାରେ କଟେ, କିନ୍ତୁ ଘରକୁ ଆସିଲେ ମହା ବିପଦ । କଣ କରିବି, କଣ କରିବି, ଏଇ ଦରିଦ୍ର ପଞ୍ଚାକ୍ଷର; ତକ୍ତପୋଷଟା ଉପରେ ନିର୍ଜୀବ ଭାବରେ ପଡ଼ି ଛାତର କଡ଼ିଗୁଡ଼ାକୁ ନିର୍ବାକ୍ ଭାବରେ ଚାହିଁ ରହେଁ । କେତେବେଳେ ନିଦ ଚାଲିଆସେ । ସକାଳ ହେଲେ ପୁଣି ସେଇ ଦୁଃଖ !

ଗୋଟିଏ ଭଲ କାମ ଜୁଟିଲା—ନମିତା-କବିତାଙ୍କ ପାଖକୁ ଚିଠି ଦବାକୁ ହବ । ଭାଷାକୁ ଏପରି ସଜାଡ଼ିବାକୁ ପଡ଼ିବ, ଯିମିତି ସେମାନେ ସହଜରେ ବୁଝିପାରିବେ; ଅକ୍ଷରଗୁଡ଼ିକୁ ଏପରି

ଲେଖିବାକୁ ହବ, ଯାହା ପଢ଼ିବାରେ ତାଙ୍କର କୌଣସି ଅସୁବିଧା ହବ ନ । ଇଂରାଜ-ଅଭ୍ୟସ୍ତ ହାକିମଙ୍କ ପକ୍ଷରେ ପିଲାଙ୍କ ଉପଯୋଗୀ ଭାଷା ଲେଖିବା ଠିକେ କଷ୍ଟ ହେଲା, ସମୟ ମଧ୍ୟ ନେଲା । କିନ୍ତୁ ହିଣ୍ଡିଯ କଥା ଅର୍ଥାତ୍ ଗୋଲ ଗୋଲ ଅକ୍ଷର ଲେଖିବାରେ କୌଣସି ଗୋଲମାଲ ନାହିଁ । ପିଲାଦିନେ ଦାମ ମାଷ୍ଟ୍ରେ ବେଲବାଡ଼ି ସାହାଯ୍ୟରେ ହାତର ଆଙ୍ଗୁଠିଗୁଡ଼ିକୁ ଯୁ ଶିକ୍ଷା ଦେଇଥିଲେ, ସେଥିରେ ସେମାନେ ବାଉଳାରେ ସୁଦ୍ଧା ଛାଟି କରି ଲେଖିବାକୁ ପ୍ରସ୍ତୁତ ନ ଥିଲେ ।

ଏଇ ଚିଠିଲେଖାରେ ବହୁତ ସମୟ କଟିଲା, ଆଉ ତା ଉତ୍ତରରେ ଯା ଆସିଲା, ତାକୁ ପଢ଼ିବାକୁ ମଧ୍ୟ ଆହୁରି ଅନେକ ବେଳ ଲାଗିଲା ।

ନମିତା ଯାହା ଲେଖୁଥିଲା, ତହିଁରେ ବନାନ ଓ ବ୍ୟାକରଣ ଦୋଷ ଥିଲେ ମଧ୍ୟ ତାର ଭାବାର୍ଥଟା ବୁଝିବାରେ କିଛି କଷ୍ଟ ହେଲା ନ, ଯାହା ବା ଅବୋଧ ହେଲା, ସେଟା ପୂର୍ବାପର ସଙ୍ଗତି ନେଇ ସ୍ପଷ୍ଟ ଜଣାପଡ଼ିଲା । ସଂକ୍ଷିପ୍ତରେ କଥାଟା ଏଇ ଯେ, ମୁଁ ଆସିବାପରେ ତା ଉପରେ ଘରକାମର ଯାବତୀୟ ଭାର ପଡ଼ିଛି । ଆଗେ କବିତା ସହିତ ଠିକେ ଠିକେ କଥାରେ ଯୁ ହାତାହାତି ଯୁଦ୍ଧ ଲାଗୁଥିଲା, ତା ବନ୍ଦ ହୋଇ ଦି ଭଉଣୀଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହୋଇଛି, ତାକୁ କବିତା ଉପରେ ପୂରା ଅଭିଭାବକତ୍ୱ ଜାରି କରିବାକୁ ପଡ଼ୁଛି । ଏପରି ସ୍ଥଳେ ତାର ପଢ଼ାପଢ଼ି କରିବାର କୌଣସି ସୁବିଧା ନାହିଁ । ବିଚରା ମାଷ୍ଟ୍ରେ ପ୍ରତିଦିନ ଆସିଲେ ମଧ୍ୟ ପ୍ରଧାନ ଗୃହିଣୀ କାର୍ଯ୍ୟବ୍ୟସ୍ତ ଥିବାରୁ ତାଙ୍କୁ କେବଳ ହାଜିରା ଦେଇ ଚାଲିଯିବାକୁ ପଡ଼ୁଛି । ଏହାପରେ ବିଶେଷ ଦ୍ରଷ୍ଟବ୍ୟ ଆକାରରେ

ଯାହା ଲେଖା ଥିଲା, ସେ କେବଳ କେତେକ ଖେଳନାର ଫର୍ଦ ମାତ୍ର ।

କିନ୍ତୁ କବିତା ଯାହା ଲେଖିଥିଲା, ସେ ପୂରା କବିତା, ମୋ ବୁଦ୍ଧିର ଏକେବାରେ ଅଗମ୍ୟ । ଅକ୍ଷରଗୁଡ଼ିକ ଆକାରରେ ହାଣ୍ଡିଠାରୁ ଆରମ୍ଭ କରି ଜ୍ୟାମିତିକ ବିନ୍ଦୁ ପର୍ଯ୍ୟନ୍ତ ବଡ଼ ଛୋଟ ଅନେକ ପ୍ରକାରର । ସେଥିରୁ କିଛି ବୁଝି ପାରେନା । ଯୁ ଟିକିକ ବୋଧ ହୁଏ ବା ବୋଧ ହେଲା ବୋଲି ମୁଁ ଧରିନେଏଁ, ତାର ସାରମର୍ମ ଏଇ ଯେ, ନାନୀ ତାକୁ ବୋଗିବୋଶ ମାରୁଛି, ସେ ଯେତେ ପ୍ରତିବାଦ କଲେ ମଧ୍ୟ କେହି ତା କଥା ଶୁଣୁ ନାହାନ୍ତି, ରାତିରେ ମାଉସୀ ମା' ତାକୁ ଯଦିଓ କୋଡ଼ରେ ଘିନି ଶୋଉଛନ୍ତି, ତଥାପି ତାକୁ ଖୁବ ଡର ମାଡ଼ୁଛି । ତାପରେ ଗୋଟିଏ ବିଶେଷ କଥା—ପୁରୀରେ ଆଦୌ ଚକ୍ ମିଳୁନି । ଶେଷରେ ଧମକ ଦେଇ ଲେଖିଥିଲା, "ଯଦି ତୁମେ ଚକ୍ ନ ଆଣ, ତେବେ ଦେଖିବ !"

ଗ୍ରୀଷ୍ମଛୁଟି ପାଖେଇ ଆସିବାରୁ ନମିତା-କବିତାଙ୍କ ଫର୍ଦ ମୁତାବକ ଜିନିଷ ଆୟୋଜନ କରିବାକୁ ଲାଗିଲି । ଯେଉଁ ଦିନ କଚେରୀ ବନ୍ଦ ହେଲା, ତା ପରଦିନ ସକାଳେ ବସ୍‌ରେ ବସି ପୁରୀ ଅଭିମୁଖରେ ବାହାରିପଡ଼ିଲି । ବସ୍ ମେରାମଣ୍ଡଳୀ ଷ୍ଟେସନରେ ପହଞ୍ଚିଲାବେଳକୁ ଦିନ ଉତରତ ପ୍ରାୟ । ଶୁଣିଲି ତାଳଚେର-ପୁରୀ ପାସେଞ୍ଜର ଆସିବା ଉପରେ । ତରତରରେ ଖଣ୍ଡେ ଟିକଟ କିଣି ପକାଇଲି । କିଛି ସମୟ ବାଦ୍ ଗାଡ଼ି ଆସି ପହଞ୍ଚିବାରୁ କୁଲିକୁ ଖେଳନା ଟୋକେଇଟା ଦେଇ ନିଜେ ବେଡ଼ିଂ ଓ ସୁଟ୍‌କେଶ୍ ଧରିଲି । କୁଲି ବିଚରା ମତେ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଚାହିଁଗଲା । ବେତାରେ ବେତେ ଖେଳନା, ହାଣ୍ଡି,

ଘୋଡ଼ା, ମାଙ୍କଡ଼, କେତେ ପ୍ରକାରର କେତେ ଭଙ୍ଗୀର— ଏ ଭାଗ କୁ ଖେଳନା କମାମାନ ଏକେଣେ ? ଭୁଲଟି ବୋଧହୁଏ ସବୁଥିଏ ।

ପୁଣି ଫେରି ନମିତା-କବିତାଙ୍କୁ ତାଙ୍କ ଜନଷ ବୁଝେଇ-ଦେଲି । ଯେତକ ସମ୍ବଲପୁରରେ ଯୋଗାଡ଼ କରିପାରି ନ ଥିଲି, ସେଗୁଡ଼ିକ କ୍ଷତିପୂରଣ ସହ ବଡ଼ଦାଣ୍ଡରୁ କିଣିବାର ପ୍ରତିଶ୍ରୁତି ଦେଇ ପିଲ୍ଲଙ୍କ ବଜାୟ ରଖିଲି ।

କେତେ ଦିନପରେ ନଣ ବାବୁଙ୍କଠୁ ଖଣ୍ଡେ ଚିଠି ମିଳିଲା । ସେଥିରେ ଅନେକ କଥାମଧ୍ୟରେ ଲେଖା ଥିଲା ଯେ ମୋର ସମ୍ବଲପୁର ବଦଳି ଅର୍ଡ଼ର ରଦ୍ ହୋଇଚି । ବର୍ତ୍ତମାନ ପରିସ୍ଥିତିରେ ମୋର ପୁରୀ ଛାଡ଼ିଯିବା ଉଚିତ ନୁହେଁ, ତେଣୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଧରି ସେ ଏତକ କରିଥିଲେ । ଖବରଟା ପାଇ ମାଉସୀ ଭାରି ଖୁସି, ଶ୍ରୀକ୍ଷେତ୍ର ସାକ୍ଷାତ୍ ମର୍ତ୍ତ୍ୟବୈକୁଣ୍ଠ; ତାକୁ ଛାଡ଼ି କିଏ କଏ ଭୁଆଁରେ ଯାଏ ? ନମିତା-କବିତାଙ୍କ ମୁହଁରେ ମଧ୍ୟ ହସ ଫୁଟିଉଠିଲା ।

ଥରେ ହଠାତ୍ କାଞ୍ଚି ମହାପାତ୍ରେ ଆସି ପୁରୀରେ ଆମର ଅତିଥି ହେଲେ । ମହାପାତ୍ରେ ପ୍ରଥମେ ନମିତା-କବିତାଙ୍କ ସଙ୍ଗେ ଅଜା-ନାତୁଣୀ ସମ୍ପର୍କଟା ଯୋଡ଼ିଦେଲେ । ତାପରେ ସୁବିଧା ଦେଖି ଝାଙ୍କୁଆ ସହ ମୋର ବିଭାଘର ବିଷୟ ନେଇ ଏକାନ୍ତରେ ମାଉସୀଙ୍କ ସାଙ୍ଗେ ମସୁଧା କରିବାରେ ଲାଗିପଡ଼ିଲେ ।

ମାଉସୀ ଓସ୍ତାବାଆ, ପୁଣ୍ୟପର୍ବରେ ମହାପ୍ରସାଦ ବଗିଦ କରନ୍ତି । ତେଣୁ ପ୍ରତିଦିନ ପୂର୍ବାଶା-ପ୍ରସ୍ତୁତ ସାମଗ୍ରୀର ସୁବନ୍ଦୋବସ୍ତ ହେବା ସାଙ୍ଗେ ସାଙ୍ଗେ ମାଉସୀଙ୍କ ଅନୁଗ୍ରହରୁ ମନ୍ଦିରେ ମନ୍ଦିରେ ଶ୍ରୀମନ୍ଦିରର ନୈବେଦ୍ୟ ମଧ୍ୟ ମହାପାତ୍ରଙ୍କ ଭାଗ୍ୟରେ ଜୁଟିଲା ।

ଏସବୁରେ ପରମ ସନ୍ତୁଷ୍ଟ ହୋଇ ମହାପାତ୍ରେ ଉଚ୍ଚକଣ୍ଠରେ କହି ଉଠିଲେ—ବୁଝିଲୁ ଶାମ, ସବୁ କାଳିଆର ଲୀଳା ! ତା ନ ହେଲେ ଗରିବଭାଗ୍ୟରେ ଶ୍ରୀମହାପ୍ରସାଦ ଏକାବେଳେ ଏତେ ଥର !

ଦିନେ ମାଉସୀ ମତେ ଅତି ସ୍ନେହସିକ୍ତ କଣ୍ଠରେ ପଚାରି-ବସିଲେ—ବାପ, ମଉସା କହୁଥିଲେ ତାଙ୍କର ଗୋଟିଏ କୁଠି ନାତୁଣୀ ଅଛି । ପିଲାଟିର ବଅସ ଅବଶ୍ୟ ଟିକିଏ ବେଶୀ ହେଇଗଲାଣି; କିନ୍ତୁ ଆମର ବି ତ ଗୋଟିଏ ବଡ଼ ପିଲା ଦରକାର, ତା ନ ହେଲେ ଏ ସଂସାର ଚଳିବ କିମିତି ?

ପୁଣି ସେଇ କଥା ? ମନେ ମନେ ଖୁବ୍ ବିରକ୍ତ ହେଲି; କିନ୍ତୁ ମାଉସୀ କାଳେ ଦୁଃଖ କରିବେ, ସେଥିଲାଗି ଟିକେ ଗମ୍ଭୀର ହେଇ କହିଲି—ନାଇଁ ସଂସାର ଯଦି ନ ଚଳୁଚି ତେବେ ସେକଥା ବୁଝିବା । କିନ୍ତୁ ମାଉସୀ କଣ ଏତିକିରେ ଛାଡ଼ିବା ଲୋକ ? କେବେ ବିଭାଘର ହବ, କିମିତି ହବ, ଏଇ କଥା ନେଇ ଅନେକ ପ୍ରଶ୍ନ ଆରମ୍ଭ କଲେ । ଶେଷରେ ବାଧ ହେଇ କାଞ୍ଜି ମହାପାତ୍ରଙ୍କର ଆମ ସମ୍ଭବିତ ସମ୍ବନ୍ଧ, ପ୍ରସ୍ତାବିତ ପ୍ରେୟସୀ ଝାଟୁଆ-ରୂପର ବିସ୍ତୃତ ବର୍ଣ୍ଣନା କଲି । ମାଉସୀ ସବୁ କଥା ବୁଝିପାରି ଜିଭ କାମୁଡ଼ିପକେଇ କହିଲେ—ମୁଁ କଣ ଜାଣିଚି ବାପ ? ମତେ ତ କେତେ କିନେଇ-ଚୂନେଇ କହିଲ !

ମାଉସୀ ସେଇ ଦିନଠୁ ଆଉ ଝାଟୁଆ ବିଭାଘର କଥା ଉଠାନ୍ତି ନି, କି ମହାପାତ୍ରଙ୍କ ଚର୍ଚ୍ଚା ଭଲକରି ବୁଝନ୍ତି ନି । ନିଜ ଅଭିଯାନର କିଛି ସୁଫଳ ମିଳିବା ଆଶା ନ ଦେଖି କାଞ୍ଜି ମହାପାତ୍ରେ ଅବିଳମ୍ବେ ପୁରୀ ଛାଡ଼ିଲେ । ଯାଃ, ଦୁଃଖ କଣ,

ନାତୁଣୀ ବିଗ୍ରହଟା ଅବା ଠିକ୍ ନ ହେଲା, କିନ୍ତୁ ବାରମ୍ବାର ମହାପ୍ରସାଦ ସେବାଦ୍ୱାରା ସ୍ୱର୍ଗଲାଭର ବ୍ୟବସ୍ଥା ତ କରାଗଲା— ଯଥେଷ୍ଟ !

ଢିନେ ସମୁଦ୍ରକୂଳରେ ବସିଥାଏଁ । କେତେ ଆଡ଼ୁ କେତେ ଲୋକ ଆସି ରୁଣ୍ଡ ହଉଥାନ୍ତି । ଗୋଟିଏ ଯୁବକ ଗୋଟିଏ ଯୁବତୀ ଚାଲିଥାନ୍ତି ହାତ ଧରାଧରି ହୋଇ—ବୋଧ ହୁଏ ନବବିବାହିତ । ଯୁବକର ପ୍ରତ୍ୟେକ କଥାରେ ଶ୍ରୀମତୀଙ୍କର ମୁହଁ ସରସ ହୋଇ-ଉଠୁଥାଏ, ଖିଲଖିଲ ହସ ଝରିପଡୁଥାଏ ତାଙ୍କ ରକ୍ତିମ ଅଧରରୁ । କେତେ ରଙ୍ଗରେ, କେତେ ଛନ୍ଦରେ ସେ କରୁଥାନ୍ତି ଅଙ୍ଗଭଙ୍ଗୀ । ସମୁଦ୍ରଢେଉ ସାଙ୍ଗେ ତାଳ ଦେଇ ନାଚିଉଠୁଥାଏ ତାଙ୍କ ଯୌବନ-ଯମୁନାରେ ରୂପର ଜୁଆର । ଯୁବକ ହୋଇଥାନ୍ତି ଆତ୍ମହରା । ପ୍ରାଣ ପୂରେଇ ଉପଭୋଗ କରୁଥାନ୍ତି ଏ ମଧୁ ମୁହୂର୍ତ୍ତର ମାଧୁରୀ । ହଠାତ୍ କୁଆଡ଼ୁ ଝଲକାଏ ଗୋଲାପୀ କିରଣ ଆସି ସେ ଦୁହିଁଙ୍କ ମୁହଁରେ ପଡ଼ିଗଲା । ପରୀରାଜ୍ୟର ଗ୍ଲାସ୍ପିଛବି ପରି ସେ ଦିଶିଲେ କେଡ଼େ ସରସ, କେଡ଼େ ସୁନ୍ଦର !

କେତେ ପିଲା ହସି ଖେଳ ଖେଳି ଚାଲିଥାନ୍ତି । ଏଇ ବସ୍ତୀର୍ଣ୍ଣ ବେଳାର ପ୍ରତି ବାଲିକଣା ତାଙ୍କୁ ଜଣାଯାଉଥାଏ ରହସ୍ୟମୟ, ମାଦକତାପୂର୍ଣ୍ଣ । ଅନ୍ଧ ଭିକାରୀଟିଏ ଆସି କହିଲା—ବାବୁ, ପଇସାଟିଏ ଦିଅ, ତୁମର ଧର୍ମ ହବ । ଟିକେ ହସ ମାରିଲି—ଏଁ, ଧର୍ମ ହବ ! ପକେଟ ଦରାଣ୍ଡି ଦେଖେଁ, ପଇସା ନାସ୍ତି । ନା ଭାଇ, କିଛି ନାହିଁ—କଥା ଟା କହିଁ ଲେଇ କହି ପକେଟର ଦୈନ୍ୟ କଣ୍ଠର ମଧୁରତାଦ୍ୱାରା ପୂରଣ କରିବାକୁ ଚେଷ୍ଟା କଲି । ଭିକାରୀ ମୁହଁ ମୋଡ଼ି ଚାଲିଗଲା । ସେ ଭାବପ୍ରବଣତାର ଧାର ଧାରେନା, ସେ ଯେ ଗରିବ ! ଆଗରେ ତାର କ୍ଷୁଧାଦାରିଦ୍ର୍ୟର ଜୀବନ୍ତ ପିଶାଚ,

ତା ଝଗୁରରେ ପଇସାଟିଏ ବଡ଼ ବାସ୍ତବ, ବଡ଼ ମୂଲ୍ୟବାନ୍, ଯହିଁରେ ସେ ତାର ଚିରବିଦ୍ରୋହୀ ପେଟ ଖଣ୍ଡିକପାଇଁ ଗଣ୍ଡେ କଣ ଯୋଗାଡ଼ କରିପାରେ ।

ବାଲିଉପରେ ଶରୀରକାତ ଲମ୍ବାଇଦେଇ ଇମିତି କରୁଥାଏଁ କେତେ କଣ ଚିନ୍ତା । ସନ୍ଧ୍ୟାର ସସ୍ନେହ ଶୀତଳ ପରଶରେ ଦେହ ହେଇଆସୁଥାଏ ଅବଶ; ଆଖି ମାଡ଼ି ମାଡ଼ି ପଡ଼ୁଥାଏ । ଏଁ, ଏ କଣ ? ଆହା, କି ସୁନ୍ଦର ପାଦ ଦୁଇଟି ! ବିନା ଅଳଙ୍କାର, ବିନା ଆଭରଣରେ କି କମନୀୟ ଦିଶୁଥାଏ ସେ ! ତନ୍ଦ୍ରାତୁର ଆଖିପତା ଦୁଇଟିକି ଅଳ୍ପ ଟେକି ଦେଖିଲି, ଦୂରରେ ବିଧବାଟିଏ କାଖରେ ଗୋଟିଏ ଗ୍ଲେଟ ପିଲା ଧରି ସମୁଦ୍ରପାଣି ମୁଣ୍ଡରେ ଛିଞ୍ଚି-ହେଉଥାନ୍ତି । ପିନ୍ଧିବା ଲୁଗାଟା ନିତାନ୍ତ ମଇଳା, କୋଡ଼ର ପିଲାଟି ପୂରା ଲଙ୍ଗଳା । ଆହା, ବିଚାରୀଟି !

କିନ୍ତୁ କିଏ ସେ ? ଜୀବନର ନବୀନ ବୟସରେ ସୌନ୍ଦର୍ଯ୍ୟର ଅପୂର୍ବ ପସରାକୁ ପାଶୋରି ଏତେ ଦୁଃସ୍ଥ ଅବସ୍ଥାରେ ସମୁଦ୍ରର ଲୁଣି-ପାଣି ଛିଞ୍ଚିହେଇ କି ଧର୍ମ ଅର୍ଜିବାକୁ ଚେଷ୍ଟା କରୁଥିଲେ ! ଭାବିଲି, ନିୟତିର ପରିହାସ !

ତାପରେ ?

ତାପରେ ଘନ କୁହେଳିକାମୟ ଘୋର ଶୀତଦିନର ସକାଳ ପରି ସବୁଆଡ଼ ଝାପ୍ସାଝାପ୍ସା ଜଣାଗଲା । ଚାରିଆଡ଼େ ଅଭେଦ୍ୟ ଅନ୍ଧାର । ହଠାତ୍ ଦେଖିଲି, ଏଇ ତୀବ୍ର ତମିସ୍ରା ଭେଦକରି ସ୍ନେହ ହସ ହସ ମୁହଁରେ ମୋ ଆଡ଼କୁ ମାଡ଼ିଆସୁଛି—ରୂପର ସ୍ନେହ ସୁଠାମ ଠାଣି, ଗୃହିଣୀର ସେହି ରମଣୀୟ ଭଙ୍ଗୀ—ଅସୀମ ଆନନ୍ଦରେ ମୋ ଦେହ ରୋମାଞ୍ଚିତ ହେଇ ଉଠିଲା । କିନ୍ତୁ ଏ କିଏ

ହୋଇଚି ! ଦେହରେ ଖଣ୍ଡିଏ ଅଳଂକାର ନାଇଁ, ଗୋଡ଼ରେ ଜୋତା ନାଇଁ, ଲୁଗାପଟା ଏତେ଼ ମଇଳା ! ମୋର ଆଦରର ଧନ ସ୍ନେହର ଏ ହେଲା କଣ ? ବରଷାର ଧାରପରି ଆଖିରୁ ଲୁହ ଝରଝର ବହିବାକୁ ଲାଗିଲା । ପ୍ରାଣର ବ୍ୟାକୁଳତାରେ ତାକୁ ଆଲିଙ୍ଗନ କରିବାକୁ ପାଗଳ ପରି ଦୌଡ଼ିଗଲି । ଏଁ, ସ୍ନେହର ସେହି ଲାଲ ଟହଟହ କାନପୁରୀ ଚପଲ ଦୁଇଟି ଏଠି କାଇଁ ପଡ଼ିଛି ? ତାହା ନେଇ ଖୁବ୍ ଆବେଗ ସହ ସ୍ନେହର ପାଦରେ ପିନ୍ଧେଇଦବାକୁ ବସିଲି । ସେ ଟିକେ ପଛକୁ ହଟିଯାଇ ଦରହସ ବଦନରେ କହିଲା ଏ କଣ କରୁଚ ?

କହିଲି—ଏ ତ କିଚ୍ଛି ନୂଆ ନୁହେଁ ସ୍ନେହ ? ଏ ଅଭ୍ୟାସ ତ ମୋର ଅତି ପୁରୁଣା, ଅତି ପ୍ରିୟ । ଚିରଦିନ ସେ ଗୋରା ଗୋଡ଼ ଦୁଇଟିରେ ନାଲି ଚପଲ ଦୁଇଟା ପିନ୍ଧେଇଦବାରେ ମୋର ଅପୂର୍ବ ଆନନ୍ଦ······

କେତେ ଦିନର ବିଚ୍ଛେଦ ପରେ ସ୍ନେହ-ଅଙ୍ଗର ପରଶ ପାଇବାକୁ ମୋ ଦେହର ଶିରାପ୍ରଶିରା, ରକ୍ତମାଂସ ପାଗଳ ହୋଇ-ଉଠିଲେ । ଜୋରରେ ତାକୁ କୋଡ଼କୁ ଟାଣିଆଣିବାକୁ ବସିଲି, ···କାହିଁ କାଇଁ, କିଚ୍ଛି ତ ନାଇଁ ! ଜଣାଗଲା, ସତେ ଯିମିତି ମତେ କିଏ ଉଚ୍ଚ ପାହାଡ଼ ଉପରୁ ସମୁଦ୍ରତଳକୁ ଫୋପାଡ଼ି ଦଉଚି । ଦେହ ଝିମ୍ ଝିମ୍ ହୋଇଉଠିଲା । ଆଖି ଖୋଲି ଦେଖିଲି, ଅଳ୍ପ ଦୂରରେ ଲୋକଟିଏ ଠିଆ ହୋଇଚି·····ପୁଲିସ୍ କନେଷ୍ଟବଲ ଡିଉଟିରେ ସମୁଦ୍ରକୂଳରେ ବୁଲୁଥିଲା, ମତେ ଚିହ୍ନି ପାରି କହିଲା—ବାବୁ, ଆପଣ ଏତେ ରାତିଯେ ଏଠି ଶୋଇଥିଲେ ? ପଚାରିଲି—କେତେଟା ବାଜିଲାଣି ?

—ଏଗାର ।

—ଏଗାର ?

ଡରଡର ହୋଇ ଘରକୁ ଫେରିଲି । ସ୍ନେହ ଆଉ କୁଆଡ଼ୁ ଆସିବ—ଖାଲି ସ୍ୱପ୍ନ, ମରୀଚିକା !

ତହିଁ ଆରଦିନ କଚେରୀକୁ ଯାଇ ଦେଖେଁ ତ, ମୋ କୋର୍ଟ ରୁମ୍‌ରେ ବିପୁଳ ଜନସମାଗମ । କାହିଁ, କଣପାଇଁ ଏତେ ଲୋକ ଜମା ହୋଇଚନ୍ତି ?

ଆଗରେ ଜଣେ ନବଗ୍ରସ୍ତା ଯୁବତୀ ମୁହଁ ଓଢ଼ଣାରେ ପୂରା ବନ୍ଦ କରି କାଖରେ ପିଲାଟିଏ ଧରି ଠିଆ ହୋଇଥାନ୍ତି । ପିନ୍ଧା ଲୁଗାଟି ଛିଣ୍ଡା ହୋଇଥିବାରୁ ଦେହର ଅଧିକାଂଶ ଉନ୍ମୁକ୍ତ ପ୍ରାୟ । ଏଇ ତ ସେଇ ବିଧବା, ଯାହାକୁ ପୂର୍ବଦିନ ସନ୍ଧ୍ୟାରେ ସମୁଦ୍ରକୂଳେ ଦେଖିଥିଲି ! ଓ, ଯୁବତୀଙ୍କୁ ହିଁ ଦେଖିବାପାଇଁ ଏତେ ଭିଡ଼ ! ଧନ୍ୟ ଏ ମନୁଷ୍ୟ ଜାତି ! ଜୀବନରେ ଏମାନେ ସଭ୍ୟତା-ସଂସ୍କୃତି, ଦୟା-ଧର୍ମ ନେଇ କେତେ ଗର୍ବ ନ କରନ୍ତି, କେତେ ଅହଂକାର ନ ଦେଖାନ୍ତି ! ସ୍ତ୍ରୀଜାତିର ମାନସମ୍ମାନ ବିଷୟରେ ବହୁତ ବକ୍ତୃତା କରନ୍ତି, ଏଇ କଥା ନେଇ ଦେଶ-ଦଶର ଦୋହାଇ ଦିଅନ୍ତି । କିନ୍ତୁ ଆଜି ଯଦି କେହି କଳିଯୁଗର ଦୁଃଶାସନ ଗେରଦ ଭିଆଣି କରି କୌଣସି ପଥର ପାଞ୍ଚାଳୀକୁ ବିବସନ କରେ, ତେବେ ଟିକଟ୍ କିଣି ବହୁତ ଲୋକ ଦେଖିବାକୁ ଆସିବେ !

ପେସ୍କାର ବାବୁ କାଗଜପତ୍ର ପେସ୍ କଲେ । ମକଦମାର ସାରକଥା ହଉଚି—ସ୍ୱାମୀ ମଲାବେଳକୁ ଯୁବତୀଙ୍କର ଜମି ଦୁଇମାଣ ମାତ୍ର ସମ୍ବଳ ଥିଲା, ଭାଇଭଗାରିଙ୍କ ଦୌରାତ୍ମ୍ୟରୁ କିଛି ଦିନପରେ ସେତକ ହରାଇ ଜୀବନରକ୍ଷା ନିମନ୍ତେ ବାପଘର ଗାଁରେ

ନିଜ ନାଁରେ ଥିବା ଅଳ୍ପ କିଛି ସମ୍ପତ୍ତି ଉପରେ ସେ ନିର୍ଭର କଲେ; କିନ୍ତୁ ଜଣେ କେହି ଦଲାଲ ତାଙ୍କର ଅତି ଆପଣାର ହୋଇ କୌଶଳରେ ସେହି ସାମାନ୍ୟ ସମ୍ପତ୍ତି ହସ୍ତଗତ କରିଛି, ତାକୁ ଫେରିପାଇବା ଉଦ୍ଦେଶ୍ୟରେ ଏ ମକଦ୍ଦମାର ସୃଷ୍ଟି । ଭାବିଲି, ଏପରି ନରାଧମ ଆମ ସମାଜରେ ଅଛନ୍ତି, ଯାହାଙ୍କ ଯୋଗୁ ଦେଶର ବହୁ ନିଃସହାୟ ନିଅବୋଧ୍ ଏତେ ଦୁଃଖ ନିର୍ଯାତନା ଭୋଗୁଛନ୍ତି !

କୋଉ, ତୁ ମୁହଁ କାହିଁ ଘୋଡେଇଚୁ—ଏତିକି କହି ସେ ପିଲାଟି ହଠାତ୍ ଯୁବତୀଙ୍କ ମୁହଁରୁ ଓଢ଼ଣା କାଢ଼ିଦେଲା । ଦେଖିଲି—ଅପ୍-ସ-ରା······

ଅଦାଲତରେ ଅପ୍‌ସରା !! ତାର ଏ ସର୍ବନାଶ କିଏ କଲା ? ···ଦେହ ମୋର ଅବଶ; ସାଙ୍ଗେ ସାଙ୍ଗେ ଚେତା ବୁଡ଼ିଗଲା । ପରେ ପେସ୍କାର ବାବୁଙ୍କ ଚେଷ୍ଟାରୁ ଯେତେବେଳେ ଟିକେ ଜ୍ଞାନ ଆସିଲା, ବହୁ କଷ୍ଟରେ କହିଲି—ଖଣ୍ଡେ ରିକ୍‌ସା, ପେସ୍କାର ବାବୁ, ଖଣ୍ଡେ ରିକ୍‌ସା !

ପ୍ରଗତି ଉତ୍କଳ ସଂଘ,
ପାଠାଗାର
ନଂ ························
ତା ························



# ବାବାଜୀ ହେବାର ନୋହିଲା

ବାବୁ ତ ବାବୁ ଶାମବାବୁ । ପୁରୀ ସହରରେ ହୁରି ପଡ଼ିଯାଇଥାଏ । ହାକିମ ହୁକୁମ୍ବ, ଇଚ୍ଛା କରିଥିଲେ ଆଚ୍ଛା ଆଚ୍ଛା ପାଞ୍ଚ ସାତଟା ଭୋଗ କରିପାରିଥାନ୍ତେ.....କିନ୍ତୁ କାହିଁ ? ଏତେ ଅଳ୍ପ ବୟସରେ ତାଙ୍କର ସ୍ତ୍ରୀବିୟୋଗ ଘଟିଲା, କେତେ ଲୋକ କେତେ ଚେଷ୍ଟା କଲେ, କେତେ ଆଡୁ କେତେ ପ୍ରସ୍ତାବ ଆସିଲା, ହେଲେ କେହି କଣ ତାଙ୍କ ଉପରେ ଆଉ ଥରେ ଦୁବଚାଉଳ ପକେଇ-ପାରିଲା ? ଆହା-ହା, କି ଲୁଖୁରା ବାଳ, କି ଲମ୍ବା ଦାଢ଼ି, କି ନିରାମିଷ ଖାଦ୍ୟ—ସବୁ ଖାଲି ସ୍ତ୍ରୀବିୟୋଗ ଯୋଗେ । ଏମାନଙ୍କୁ ସିନା କହିବ ପ୍ରକୃତ ପ୍ରେମିକ !

ପରପାଇଁ ଏତିକି ମାୟା, ଅନ୍ୟ ଦୁଃଖରେ ଏତିକି ଦରଦ ! ସାକ୍ଷାତ ଦୟାକ୍ଷମାର ଅବତାର ତ ! ସେଦିନ ଗୋଟେ ନିଆଶ୍ରା ବିଧବାକୁ କଚେରୀରେ ଦେଖି ଏକଦମ ଅଚେତ ହୋଇଗଲେ । ମନେ ମନେ ଭାବିଲି—ଧନ୍ୟ ଜନଶ୍ରୁତି, ତତେ ଦୁରୁ ଜୁହାର ! ତୁ ଧଳାକୁ କଳା, କଳାକୁ ଧଳା କରିପାରୁ !

ଛୁଟିରେ ଥାଏଁ ।

ସେଦିନର ଘଟଣା—ଆକସ୍ମିକ ଭାବରେ ଅଦାଲତରେ ଅପ୍‌ସରା ସାଙ୍ଗେ ଦେଖା ହାଣିଦେଇଥାଏ ମୋ ପ୍ରାଣରେ ଗୋଟେ

ଦୁଃଖର ସ୍ରୋତ, ଆଣିଥାଏ ଜଟିଳ ନୈରାଶ୍ୟମୟ ଜର୍ଜରିତା... କଚେରୀକୁ ଯିବାକୁ ଇଚ୍ଛା ନାହିଁ, କୌଣସି କାମରେ ସ୍ପୃହା ନାହିଁ, ସବୁବେଳେ ଖାଲି ଗୋଟେ ଚିନ୍ତା—କଣ ପାଇଁ ଅପ୍ସରାର ଏ ଦୁଃଖ ? ଯେ ଏତେ ଅଲଅଲଭାବରେ ବଢ଼ିଥିଲା, ଯେ ନିଜର ରୂପଗୁଣବଳରେ ସୁଭଦ୍ରା କମଳାରୂପେ ରାଜପ୍ରାସାଦକୁ ମଧ୍ୟ ଆଲୋକିତ କରିପାରିଥାନ୍ତା, କଣପାଇଁ ତାର ଏ ପରିଣତି, କଣପାଇଁ ସେ ସାମାନ୍ୟ ଜମି କେତେ ମାଣ ସକାଶେ କଚେରୀରେ ଏତେ ନିଃସହାୟ, ଏତେ ଜର୍ଜରିତା ଅବସ୍ଥାରେ ଠିଆ ହେଲା ?

ବୁଝିଲି ଅପସରା ପୁରୀରେ ତାର ଜଣେ ଆତ୍ମୀୟଘରେ ରହିଛି । ମନ ହେଲା, ଯାଇ ତା ସାଙ୍ଗେ ଦେଖା କରି ସବୁକଥା ବୁଝିବି । ପାରିଲେ କିଛି ସାହାଯ୍ୟ······କିନ୍ତୁ ସାହାଯ୍ୟ ଅପ୍ସରା ନବ ତ ? ଯଦିବା ସେ ନବ, ତାର ଅଭିଭାବକ ସେକଥା ପସନ୍ଦ କରିବେ କି ? ଆଇନ ଅଦାଲତ, ସର୍କାରୀ ଓକିଲ, ଖାଲି ଦୁର୍ନାମ ସାର ହବ—

ତେବେ ଯିବି କିମିତି ଅପ୍ସରା ପାଖକୁ ? ସାଙ୍ଗେ ସାଙ୍ଗେ ହୁଏତ ସବୁ କଥା ରାଷ୍ଟ୍ର ହୋଇଯିବ, ଲୋକେ କେତେ କଣ ସନ୍ଦେହ କରିବେ, କେତେ କଣ ଯୋଖିସାଖି କହିବେ, ଘରେଆଡ଼େ କୁହା ରଟିଯିବ । ଭଦ୍ର ଦୁନିଆ ମନର କଥା ବୁଝିବନି, ତାଳି ମାରି ତାମସା ଦେଖିବ, ଦକ କଟା ଘା'ରେ ଚୂନ—ଯନ୍ତ୍ରଣା ଆହୁରି ବଢ଼ିବ ।

ଦିନେ କୌଣସି କାରଣରୁ ରାମଚଣ୍ଡୀସାହି ବାଟେ ଯାଉଥାଏଁ ଧୀରେ ଧୀରେ ମୁହଁ ତଳକୁ କରି; ହଠାତ୍ ମୁଣ୍ଡ ଟେକି ଦେଖିଲି, ଗୋଟେ ଘର ବାରଣ୍ଡାରେ ଛୋଟ ପିଲାଟିଏ—ବଡ଼ ରୁଗ୍ଣ, [illegible]

ଝାଣ୍ଟୁଁଶୀଣ୍ଟୁଁ, ଗୋଟିଏ ହାତରେ ଡାଲାଟିରେ ମୁଢ଼ି ଲଣ୍ଡିଏ ଧରିଚି, ଅନ୍ୟ ହାତରେ କୁଆକୁ ଉଡ଼େଇଦବାକୁ ଚେଷ୍ଟା କରୁଚି । ଅମାନିଆ କୁଆ ଆହାର ଛାଡ଼ିବାକୁ ନାରାଜ । ଏଇ ସାମାନ୍ୟ ମୁଢ଼ି ଦି'ଟାପାଇଁ ଲାଗିଚି ଦୁହିଙ୍କ ମଧ୍ୟରେ ଭୀଷଣ ଦ୍ୱନ୍ଦ୍ୱ । ଗୋଡ଼ ମୋର ଆପେ ଆପେ ବନ୍ଦ ହେଇଗଲା । କୁଆକୁ ହୁରୁଡ଼େଇ ଦେଇ ପିଲାଟିକୁ ଠିକେ ଚାହିଁଲି, ଦମକାଏ ତାତିଲା ନିଶ୍ୱାସ ଭିତରୁ ବାହାରି-ଆସିଲା । ଏ ତ ସେଇ ନା କଣ, ଯାହାକୁ ଅପ୍‌ସରାକୋଳରେ ଦେଖିଥିଲି । ମନ ହେଲା, ତାକୁ କାଖେଇ ଧରିବାକୁ, ଆଦରରେ କୋଳାଗ୍ରତ କରିବାକୁ ।

ଆଲୋ ବୋଉ ଲୋ—

ପିଲାଟି ମୋ ରୁକ୍ଷ ଚେହେରା ଦେଖି ହୁପେନେ କାନ୍ଦ-ଉଠିଲା ।

ଓ, ଡରିଲା ? ମତେ ଦେଖି ପୁଣି ଡର ! କଣ କହି ପିଲାଟିକୁ ପ୍ରବୋଧ ଦେବି, କି ଉପାୟରେ ତା ପାଖରେ ମୋର ଆତ୍ମୀୟତା ପ୍ରକାଶ କରିବି······ହଠାତ୍ ଆଗରେ ଦେଖିଲି ଅପ୍‌ସରା । ଅପ୍‌ସରା ଥତମତ ହେଇ ପିଲାଟିକୁ କୋଡ଼ରେ ଧରି ଭିତରକୁ ଚାଲିଗଲା—ଓ, ସେ ମଧ୍ୟ ଆଜି ଚିହ୍ନି ପାରିଲାନି ? ହାୟ ରେ ନିଷ୍ଠୁର ଦୁନିଆ !

ଦୁଃଖରେ ଚାଲିଯାଉଥିଲି, ଦୂରରୁ ଶୁଣାଗଲା—ଆଜ୍ଞା, ଆପଣ ? ଆପଣ ଏ ଗରିବ ଦୁଆରେ ପାଦ ପକେଇ ହଠାତ୍ ଇମିତି ଉଭେଇ ଯାଉଚନ୍ତି !

ହରି ମୋହରିର—ହରି ମୋହରିର ଅଦାଲତ-ସମୁଦ୍ରରେ ଗୋଟେ ତିମି, ଆଇନକାନୁନରେ ଭାରି ପୋଖତ, ଜାଲଦଲିଲରେ ସିଦ୍ଧ ।

ଏଇ ଚେତବେ ଅପ୍‌ସରର ଅଭିଭାବକ !

ହରି ମୋହରର ମୋର ସେଦିନ ଚେତା ବୁଡ଼ିଯିବା ଦେଖି ତାଙ୍କ ସୂକ୍ଷ୍ମ ବୁଦ୍ଧିରେ ଠିକ୍ କରିନେଇଥିଲେ ମକଦମାର ଗତି କୁଆଡ଼େ । ଏବେ ହାକମକୁ ନିଜ ପିଣ୍ଡାରେ ଦେଖି ରାସ୍ତାର ଭାଷା କଣ ହବ, ସେ ବିଷୟ ପକ୍‌କା କରିନବାକୁ ବଡ଼ ବ୍ୟାକୁଳ ହୋଇପଡ଼ିଲେ । ଫଳରେ ମୋ ପକ୍ଷରେ ସେ ଜାଗା ଛାଡ଼ ଆସିବା ସହଜରେ ସମ୍ଭବ ହେଲା ନି ।

ମୋହରର କଥା ଆରମ୍ଭ କଲେ—ଏ ଦୁନିଆରେ କଣ ଧର୍ମ ଅଛି ବାବୁ ? ଏ ନିଆଣ୍ଡୀ ବିଧବାଟିକୁ ଲୋକେ ଯା ହଇରାଣ କଲେ, ମୋ ସାହାଯ୍ୟ ପାଇ ନ ଥିଲେ ସେ ସିଧା ବଡ଼ଦାଣ୍ଡକୁ ଯାଇଥାନ୍ତା ।

—ଆପଣ ତାଙ୍କୁ ଚିହ୍ନିଲେ କମିତି ?

—ଚିହ୍ନିଲି କଣ ଆଜ୍ଞା, ସେ ପରା ମୋର ଅତି ଆପଣାର ! ତା ବଡ଼ମା ମୋ ଝିଅ ର ସଙ୍ଗାତ—ଲେଖାପୋଖାରେ ମୋର ଅଣନାତୁଣୀ । କଣ କରିବ ଆଜ୍ଞା, ଦେଖିଲି ଯୁଁ ବଡ଼ ଅସୁବିଧା, ଘରେ ଖାଇବାକୁ ନାହିଁ, ଯେ କେତେ ମାଣ ଜମି ଥିଲା ସେ ପରହାତରେ ପଡ଼ିଲା, ବାଧ ହେଇ ତାକୁ ସାଙ୍ଗରେ ପୁଣି ଘେନିଆସିଲି । ମୋର ବି ତ ଏଠି ଗଟେ୍ ଫୁଟେଇଦବାକୁ ଜଣେ ଦରକାର ।

—ସେ ମକଦମା କଣ ଆପଣ ଦାଏର କରିଚନ୍ତି ?

—ହଁ ଆଜ୍ଞା, ଦାଏର କରିଚି ମୁଁ, କିନ୍ତୁ ମୁଣ୍ଡିମାରିବା କାମ ଆପଣଙ୍କତକ । ହେଲେ ଦେଉଳତୋଳା କାମ ଆଜ୍ଞା, ଆପଣଙ୍କର ବହୁତ ଧର୍ମ ହବ ।

ହରି ମୋହରିର ଉଙ୍କପର୍ବାରେ କହୁଥାନ୍ତି—କଣ କରିବି, ପରପାଇଁ କାଳକ ଇମିତି ଘାଣ୍ଟି ହେଇ ହେଇ ମଲି । ଜମିତକ ତ ଭଗାରି ନେଲେ । ମୁଁ କହିଲି, ବାକି ଯୁ ଉଦ୍ଧ ଖଣ୍ଡୁ ଅଛି, ତାକୁ କାଇଁକି ଆଉ କାହାକୁ ଦବୁ, ମତେ ଲେଖିଦେ । ମୁଁ କଣ ମୁଠେ ମୁଠେ ଖାଇବାକୁ ଦେଇପାରିବିନି ? ଆଉ ମକଦ୍ଦମାଟେ ହାତରୁ ଖର୍ଚ୍ଚ କରି କରିବି, ତେଣିକି ତୋ ଭାଗ୍ୟ । ଜିଣିଲେ ଜମି ଦେଇ ଶୁଝିବୁ, ହାରିଲେ ଗୁକଘ କରି ଶୁଝିବୁ ।

ଏ କଥାରେ ହସିବି କି କାନ୍ଦିବି କିଛି ଠିକ୍ କରିପାରିଲି ନି । ଶେଷେ ଧୈର୍ଯ୍ୟ ଧରି ପଚାରିଲି—ଆଚ୍ଛା, ତାଙ୍କ ସ୍ୱାମୀ କେବେ ମଲେ ?

—ଏଇ ଦି ବର୍ଷ ହବ ଆଜ୍ଞା, ସେ ମରିଯାଇନି ଯେ ଜଳିଙ୍କ ଯାଇଚି । ତାର ତ ସବୁବେଳେ ବେମାରି, ଏ ବିଚାରୀ ତା ସେବା କରି କରି ହାନସ୍ତା ହଉଥିଲା । ବର୍ତ୍ତମାନ ଅସୁବିଧା ହଉଚି ଏଇ ପିଲାଟି । ପିଲାଟି ନ ଥିଲେ ଏ ମାଇପିଲୋକ, ଯୁଠି ରହନ୍ତା, ସେ କାମ କରି ପେଟ ପୋଷନ୍ତା ।

—ହୁଁ, ଆପଣଙ୍କର ଏଠି ଆଉ କିଏ ଅଛନ୍ତି ?

—ଏଠି ନାଇଁ କି କୁଠି ନାଇଁ । ବସୁଧୈବ କୁଟୁମ୍ବକଂ, ମୋର ସମସ୍ତେ ଆପଣାର । ଭାଇବନ୍ଧୁ, ଜାତିଜ୍ଞାତି, ଏଇମାନଙ୍କୁ ନେଇ ମୋ ଜୀବନ ଗଲା ।

—ଆଚ୍ଛା, ଗୋଟେ କଥା କରିବେ ? ଆପଣଙ୍କର ଯା ଖର୍ଚ୍ଚ ହେଇଚି ମୁଁ ଦେଇଦଉଚି, ଆପଣ ମକଦ୍ଦମାଟା ଉଠେଇ ଆଣନ୍ତୁ ।

ମୋହରିର କ୍ଷଣକପାଇଁ ନିରୁତ୍ତର । ତାପରେ କଣ ଭାବି ହଠାତ୍ ଜୋରରେ ହସିଉଠିଲେ—ଏ କି କଥା କହୁଚନ୍ତି ଆଜ୍ଞା,

ଭୁବନେଶ୍ୱରରେ ଦେଲେ ଆପଣ, ଏଠି ନେଲେ ଆପଣ । ଆପଣଙ୍କ କଲମ-ଅଗରୁ ସ୍ପୃହା 'ନ ବାହାରିଲେ ମୁଁ କଣ ଭଲପାଣିଏ ପାଇବ ?

—କେତେ ଖର୍ଚ୍ଚ ହେଉଛି ?

—ହେଉଛି ବହୁତ, କିନ୍ତୁ ମୁଁ କଣ ଆପଣଙ୍କୁ ସବୁ ଦବାକୁ କହିବି ? ତେବେ ଟଙ୍କା ପାଁଚ—

—ପାଁଚ ?

—ଆପଣଙ୍କ ପାଖରେ ଆଉ ଗୋଟେ କଣ କପଟ ? ଯେତେହେଲେ ଆମ ହାକିମ ତ ! ଗୃହ ପାଇଲେ ଦେଖାଦେଖି ।

—ବଡ଼ ଅନୁଗ୍ରହ !

—ଆଚ୍ଛା, ସେ ଟଙ୍କା ମୁଁ ଦେବି, ମୋର ଆଉ ଗୋଟେ ଅନୁରୋଧ......

—ଅନୁରୋଧ ? ଅନୁରୋଧ ଆପଣଙ୍କର ଏ ଅଧୀନକୁ ? ଆଦେଶ କରନ୍ତୁ, ଆଦେଶ କରନ୍ତୁ ଆଜ୍ଞା, ହରି ମୋହରିର ମୁଣ୍ଡ ପାଣ୍ଡ ମାଗିନବ ।

—ଆପଣ ସେ ମା-ପୁଅଙ୍କୁ ବିଧବାଶ୍ରମରେ ଛାଡ଼ିଦିଅନ୍ତୁ, ମୁଁ ମାସିକ ଖର୍ଚ୍ଚ ଦେବି ।

—ଆଜ୍ଞା, ସେ କଥାଟି ଛାଡ଼ ଯା କହିବେ ମୁଁ କରିବାକୁ ପ୍ରସ୍ତୁତ । ଆପଣ ଯାହା ଦବାର କଥା ମୋ ଘରେ ପଂଚୁ ଆଣି ଦିଅନ୍ତୁ, ତାଙ୍କୁ ମୁଁ କିନ୍ତୁ ଇଠୁ ଛାଡ଼ିପାରିବିନ । ଆପଣାର ବୋଲି ଯେତେବେଳେ ଆଶ୍ରା ଦେଇଛି......

କେତେ ଦିନପରେ—

ହରି ମୋହରିର ଟଙ୍କା ନେଇ ମକଦ୍ଦମା ଉଠେଇ ଆଣିଥାନ୍ତି । ଇତିମଧ୍ୟରେ ଅପ୍ସରୀ ସକାଶେ ମାସିକ ଖର୍ଚ୍ଚ ପଠାଉଥାଏ ମୁଁ

ଦଉଥାଏଁ । ମୋହରରଙ୍କ ସହିତ ଆରମ୍ଭ ହୋଇଯାଇଥାଏ ଅପୂର୍ବ ଆତ୍ମୀୟତା । ସେ ଟଙ୍କାପାଇଁ ଆସିଲେ ନମିତା-କବିତାଙ୍କୁ ଖୁବ୍ ଗେଲ କରି ବସନ୍ତି । ନମିତା-କବିତା ମଧ୍ୟ ତାଙ୍କ ଘରେ ପୂରା ଆସ୍ଥାନ ଜମେଇ ଦେଇଥାନ୍ତି । ସକାଳେ କଣ ସଞ୍ଜବେଳେ କଣ 'ଆମେ ମାଉସୀଘରକୁ ଯାଉଚୁଁ' ଏଇ ସଂକ୍ଷିପ୍ତ କୈଫିୟତ୍‌ଟା ଦେଇ କେତେବେଳେ ଗୁରୁକରକୁ ସାଙ୍ଗରେ ନେଇ, କେତେବେଳେ ବା ନିଜେ ନିଜେ ରାମଚଣ୍ଡୀସାହିରେ ହାଜର ।

ଶୀତଦିନ ରାତି । ନମିତା-କବିତା ଶୋଇପଡ଼ିଥାନ୍ତି । ମୁଁ ଦାଣ୍ଡଘରେ ବସି ଗୋଟେ ଗଳ୍ପ ଲେଖୁଥାଏଁ । ଝରକାବାଟ ଦେଇ ମାଡ଼ିଆସୁଥାଏ ଘୋର ଥଣ୍ଡା । ହଠାତ୍ ମନ କାଇଁ ବିବ୍ରତ ହୋଇଉଠିଲା । ଲେଖିବାକୁ ଯେତେ ଚେଷ୍ଟା କଲି, କଲମ ଜମା ଚଳିଲାନି । ଯାଏଁ, କୁଆଡ଼େ ଟିକେ ବୁଲି ଆସେଁ । କେତେ ଦିନୁଁ ରାମଚଣ୍ଡୀଙ୍କ ଦର୍ଶନ ହୋଇନି—

କିନ୍ତୁ ରାମଚଣ୍ଡୀ ମନ୍ଦିରକୁ ଯିବି କଣ; ଅନ୍ୟମନସ୍କଭାବରେ ଆସି ହଠାତ୍ ମୋହରରଙ୍କ ଦାଣ୍ଡଦୁଆରେ ପହଞ୍ଚିଗଲି । ଶୁଣିପାରିଲି ଭିତରେ କିଛି ଗୋଳମାଳ । ଏ କଣ, ମୋହରରଘରେ ଚୋର ପଶିଲା ନା କଣ ? ଯାଇ ଦେଖେଁ ତ, ଦୁଆର ଝରକା ସବୁ ବନ୍ଦ । କିନ୍ତୁ କଥାବାର୍ତ୍ତା ଯାହା ଶୁଣିଲି, ରକ୍ତ ମୋର ରାଗରେ ଟକ୍‌ଟକ୍ ଫୁଟିଉଠିଲା । ଲୋକଟା ଏଡ଼େ ପାଷଣ୍ଡ ! ଅଣନାଗୁଣୀର ହାଣ୍ଡି ଦେଇ ଏ ତେବେ କଣ ଏଇ କଦର୍ଯ୍ୟ ଉଦ୍ଦେଶ୍ୟରେ······

ମୋହରର ବାବୁ, ମୋହରର ବାବୁ—ମୁଁ ଚିତ୍କାର କରି-ଉଠିଲି । ମତେ ଦେଖି ହଠାତ୍ ମୋହରର ପ୍ରଥମେ ନିଃଶବ୍ଦ ହସଟିଏ ହସିଲେ । ତାପରେ ହେଁ-ହେଁ ହୋଇ ଅଙ୍ଗଭଙ୍ଗୀ କରି

ଚନେଇଚୁନେଇ ଅନେକ ସଫେଇ ଦେଲେ—ମୁଁ ଅଜ୍ଞ, କଚେଷ୍ଟ କଥା ବୁଝିବ ନା ସ୍ତ୍ରୀ କଥା ବୁଝିବ ? ଯାହା ତ କର୍ମରେ ଥିଲା, ଘଟିଲା । ତୁ ଏଣେ ମାଇପିଟେ ହେଲୁଣି, ଖାଇବାପିଇବା ଠିକ୍ ନାଇଁ, ଶୁଆବସାର ଯତ୍ନ ନାଇଁ······

ଭଲମନ୍ଦ ଅନେକ କଥା ପଡ଼ିଲା । ଘରକୁ ଫେରୁଁ ଫେରୁଁ ରାତି ଦଶ । ତରତରରେ ଚାଲିଚି, ପଛରୁ ଶୁଭିଲା—ଟିକେ ଶୁଣିବ ? ଦେଖିଲି, ଖଣ୍ଡେ ଦୂରରେ ଅପ୍‌ସରା ପୁଅଟିକୁ ନେଇ ଠିଆହେଇଚି । ଅପ୍‌ସରା ! କଣ ପାଇଁ ତୁମେ······

ତୁମ ଘରେ ତ ପୁଝାରି-ଚାକର କାମ କରି ଖାଉଥିବେ, ମତେ ନେଇଯାଅ । ମୁଁ ତୁମର ବାସନ ମାଜିବି, ପିଲାଙ୍କ ଜଗି ନେବି । ଏଠି ମୁଁ ଦଣ୍ଡେ ଆଉ ରହିପାରିବିନି । ଇମିତି ଅତ୍ୟାଚାର ସହିବା ଅପେକ୍ଷା ଆତ୍ମହତ୍ୟା ବରଂ ଭଲ—ଏତକ କହି ଅପ୍‌ସରା ଖୁଣ୍ଟଟିଏ ପରି ଠିଆ ହେଇ ଶବର-ତ୍ରସ୍ତ ହରିଣୀ ସଦୃଶ ବଡ଼ ଆତଙ୍କିତ ଦୃଷ୍ଟିରେ ମୋ ଆଡ଼କୁ ଚାହିଁରହିଲା ।

କଥାର ତାତ୍ପର୍ଯ୍ୟ ବୁଝିବାରେ ଆଉ ଡେରି ହେଲାନି । କହିଲି—ଆସ ।

ବାଟରେ ଅପ୍‌ସରାଠୁ ସବୁ କଥା ଶୁଣିଲି—କପରି ସେ ମହୁରଗଡ଼ୁ ଆସି କାନ୍ତାରରେ ପଡ଼ିଥିଲା, ତାର କମିତି ମକଦମା କରିବାରେ ଇଚ୍ଛା ନ ଥିଲା, ତାକୁ ବାଧ କରି ହରି ମୋହରିର ଗାଁରୁ ଘେନି ଆସି ଏପରି ଅତ୍ୟାଚାର କରିବାକୁ ବସିଥିଲା । ସେ କହୁଥାଏ, କାନ୍ଦୁଥାଏ; ମୁଁ ମଧ୍ୟ କାନ୍ଦିଲି, ପଚାରିଲି—ପୁଅ ନାଁ କଣ ଦେଇଚ ?

—ରବି ।

ରବିକୁ କୋଳରେ ନେଇ କହିଲି—ବଡ଼ ସୁନ୍ଦରଟିଏ ହୋଇଛି !

ଅପ୍ସରା ଆସିବାପରେ ଆମ ଘର ଟିକେ ହସହସ ଖୁସିଆ ହୋଇଉଠିଲା । ନମିତା-କବିତା ରବିକୁ ପାଇ ବଡ଼ ନାମ୍ନା ହ୍ଵସାହରେ ତା ଭଲ-ମନ୍ଦ ଅଭାବ-ଅସୁବିଧାପାଇଁ ବଡ଼ ତତ୍ପର ହୋଇ ଉଠିଲେ । ତାର ପ୍ୟାଣ୍ଟ ନାହିଁ, ତାର କୁରୁତା ନାହିଁ—ଏ ଅଭିଯୋଗଗୁଡ଼ାକ ମୋ ଉପରେ ଲଦିଦେଲେ । ଅକାଳରେ ମାଁ ହରେଇ ମନ ମଧ୍ୟରେ ସେ ଯେଉଁ ଅଭାବ ଅନୁଭବ କରୁଥିଲେ, ଅପ୍ସରାର ସ୍ନେହସୋହାଗ ପାଇ ସେଇଟା ସେ ଭରଣା କରିନେଲେ । ମାଉସୀ କିନ୍ତୁ ବଡ଼ ଅସୁବିଧାରେ ପଡ଼ିଲେ । କେଉଁ କାରଣରୁ ତାଙ୍କ ଝିଆଣ୍ଟିଙ୍କୁ ସେ ଅଳ୍ପବୟସ୍କା ବିଧବାଟିଙ୍କୁ ଘରେ ଆଣି ଏତେ ଆଦରରେ ରଖିଲେ, କଣ ପାଇଁ ଏତେ ଛନକନ, ଏତେ ଦୀର୍ଘନିଶ୍ୱାସ, ସେ ବୋଧ ହୁଏ ବୁଝିପାରୁ ନ ଥିଲେ । କଣ ବୋଲି ଅପ୍ସରାକୁ ଡାକିବେ, କିମିତି ତା ସାଙ୍ଗେ ବ୍ୟବହାର କରିବେ, କିଛି ଠିକ୍ କରିପାରିଲେ ନ । ତେବେ ବୟସ୍କାମାନଙ୍କର ଶ୍ରେଷ୍ଠଙ୍କ ପାଖରେ ଗୋଟେ ସମ୍ପର୍କ—ମାଉସୀ । ମୁଁ ମାଉସୀ ଡାକେଁ, ଅପ୍ସରା ମାଉସୀ ଡାକେ, ନମିତା-କବିତା ବି ମାଉସୀ ଡାକନ୍ତି । ମାଉସୀ ମିଛରେ ଚିଡ଼ିଉଠନ୍ତି—ଆରେ, ଏ ତ ଆଚ୍ଛା ପିଲା, କାପର ମାଉସୀ, ଝିଅଙ୍କର ମାଉସୀ । ମାଉସୀ ଅପ୍ସରାକୁ ସ୍ନେହରେ ଡାକନ୍ତି ଝିଅ । ମନ ଭଲ ଥିଲାବେଳେ ମୁଁ ଟିକେ ଚେଗେଇ କହେଁ—ଝିଅ, କିମିତି ଝିଅ ମ ! ଅପ୍ସରା ଓଠରେ କାହାର ପଡ଼ିଲାପରି ପୁରୁପୁରୁ ଯୋଡ଼ିଯାଏ ।

ହଠାତ୍ ଅର୍ଡର ଆସିଲା—କଟକ ବଦଳି ।

### * ଶେଷ ଭାବନା *

ମୋର ବାବୁ ଆଗରୁ ଶାଶୁଙ୍କ ଘରକୁ ଏପାଖପଟେ ଯାଇଆସିବାର କଥା ଦେଇଥାନ୍ତି । ଆମେ ସମସ୍ତେ ଯାଇ ସେଇଠି ରହିଲୁ । ସେଇ ଘର, ଯା ସହିତ ପୂର୍ବ ଦାମ୍ପତ୍ୟ-ଜୀବନର କେତେକ ମଧୁର ସ୍ମୃତି ଜଡ଼ିତ । କାଳପରି ଲାଗେ । ଆବର୍ତ୍ତମୟ ସ୍ରୋତସ୍ୱତୀର ପ୍ରବାହ ପରି ମନେ ସେଇ ଜାଗାରେ ଭାସିଯାଉଥିଲା ଆମ ଝିଙ୍ଗୁଲା ଯୌବନର ଆବେଗଭରା ରଙ୍ଗରସ, ଉଚ୍ଛ୍ୱାସମୟ ହାସପରିହାସ କଥା ଆଜି—

ଆଜି ସବୁ ଗୋଟିଏ ଦରପାସୋରା ସ୍ୱପ୍ନ, ଗୋଟିଏ ବ୍ୟଥାଭରା ଅନୁଭୂତି । ଏଇ ଜୀବନପାଇଁ ମନୁଷ୍ୟ ଏତେ ଗର୍ବ କରେ । ଯୌବନର ଉନ୍ମାଦନାରେ ଏତେ ଗୁମର ଫୁଟାଇ ବୁଲେ । ଆସେ ଏକା, ଯାଏ ଏକା, ମଝିରେ ମାତ୍ର ଦୁଇ ଦିନ ବୁଲିଆ, ଏଇଥିପାଇଁ ଏତେ ଉଦ୍ଭଙ୍ଗ !

ହୃଦୟର ଫଟୋଟି ଯେତେବେଳେ ବନ୍ଧୁ ଯତ୍ନସହକାରେ ତା ଶୋଇବାଘରେ ଟାଙ୍ଗିଦେଲ, ଆଉ ସମ୍ଭାଳି ପାରିଲିନି । ସାରା ଗ୍ରୀଷ୍ମକାଳର ସଞ୍ଚିତ ସମସ୍ତ ଜଳବିନ୍ଦୁ ଯେପରି ଆଷାଢ଼ର ପ୍ରଥମ ଅବସରରେ ଅସମ୍ଭାଳେ ଝରିପଡ଼େ, ମୋ ଆଖିରୁ ସେହିପରି ଲୁହର ଧାର ଛୁଟିଲା । କେତେ କଣ ମନେ ପଡ଼ିଲା । ପୂର୍ବର କେତେ ଛବି ଆଖି ଆଗରେ ବିଦ୍ୟୁତ୍‌ବେଗରେ ଝଲସି ଉଠିଲା ।

ମନୁଷ୍ୟ ସବୁ ପାରେ । କାନ୍ଦେ ବହୁତ, ଭୁଲେ ଏ ଅନେକ, ପାସୋରେ ବି ଖୁବ୍ ଜଲଦି – ସେଇ ତ ବୈଶିଷ୍ଟ୍ୟ । ତା ନ ହେଲେ ମନୁଷ୍ୟର ଯେତେ ଦୁଃଖଯନ୍ତ୍ରଣା, ଯେତେ ବ୍ୟାଧିବ୍ୟଥା, ସେଥିରେ ସାରା ପୃଥିବୀଟା ପାଲଟିଥାନ୍ତା ଶ୍ମଶାନ, ସୁଦ୍ଧ ମାନବଜାତି କରିଥାନ୍ତା ଆତ୍ମହତ୍ୟା, ନାହିଁ ବା ବନବାସ !

କଚେରୀ ମକଦ୍ଦମାରେ ମନ ଦେଇ ଅନେକ କଷ୍ଟ ପାସୋର ଦେଇଥାଏଁ । ଆଜି ସେ ପୂର୍ବ ସାକୁଲ୍ ନାହିଁ, ସେ ଆଖି ଛଳଛଳ ନାହିଁ—ଘର, ସ୍ତ୍ରୀକନ୍ୟା ନେଇ ପୁଣି ମାତି ଉଠିଥାଏଁ ନୂଆ ଉତ୍ସାହରେ ।

ଦିନେ ନମିତା-କବିତାଙ୍କର ଅନେକ କିଛି ବରାଦ ଥିଲା—ରିବନ୍, ହେୟାର୍ କ୍ଲିପ୍, ପେନ୍‌ସିଲ, ତାପରେ ରବପାଇଁ କିଛି ଖେଳନା । କଚେରୀ କାମ ସାରି ଘରକୁ ଫେରିଲାବେଳକୁ ମନେ ପଡ଼ିଲା, ଏ କଚେରୀ କାମ ସିନା ସରିଲା, ଆଉ କଚେରୀପାଇଁ ଯଦି ବ୍ୟବସ୍ଥା ନ କରେଁ, ତେବେ ତ ଅବସ୍ଥା ସାଂଘାତିକ !

ବାଲୁବଜାରରେ ବୁଲି ବୁଲି ଆସୁଥାଏଁ, ଯୁଠି ଯା ପାଉଥାଏଁ ଗୋଟିଏ ଗୋଟିଏ କିଣି ପକେଟ୍‌ରେ ପୂରଉଥାଏଁ ।

ବାବୁ ! ପଛରୁ କିଏ ଡାକିଲା । ଆଖି ଫେରେଇ ଦେଖେଁ ତ ଚୌଧୁରୀଙ୍କ ଚାକର—କିରେ, ଚୌଧୁରୀ କେମିତି ଅଛନ୍ତି ?

—ଆଜ୍ଞା, ବଡ଼ ବାବୁଙ୍କ କଥା ପଚାରୁଛନ୍ତି ? ସେ ତ କେବେ ଦିନୁ ମଲେଣି, ଆପଣ ଜାଣି ନାହାନ୍ତି ?

ଚୌଧୁରୀ ଯେତେ ଖରାପ ଲୋକ ହୁଅନ୍ତୁ ନା କାହିଁକି ଜୀବନରେ ସେ ମୋର ଅନେକ ଉପକାର କରିଚନ୍ତି ! ତାଙ୍କର ମରିବା ଖବରଟା ହଠାତ୍ ପାଇବାକୁ ମୁଁ ପ୍ରସ୍ତୁତ ନ ଥିଲି । ବ୍ୟତିବ୍ୟସ୍ତ ହୋଇ ପଚାରିଲି—କି ରେ, କଣ ହୋଇଥିଲା ?

—କିଛି ନାହିଁ ଆଜ୍ଞା, ସମ୍ପତ୍ତିତକ ସବୁ ତ ଶଳା ନାଁରେ ବେନାମୀ କଲେ; କିନ୍ତୁ ଶଳା ଯେତେବେଳେ ପରଶୀଖାରେ ପଡ଼ି ଜମିବାଡ଼ିରେ ନାନା ଗୋଳମାଳ କଲେ, ସେଇ ଚିନ୍ତାରେ ହା ପୂରେଇଦେଲେ । ଢ ଢନ ଜର, ତାପରେ ଖତମ୍ ।

—ଆଚ୍ଛା, ତାଙ୍କ ଭାଇ, ଭାଇବୋହୂ ?

—ଆଜ୍ଞା, କଣ କହିବି ସେ ଦୁଃଖର କଥା । ଜନ୍ମକଲା ଭାଇ, ଏକା ରକ୍ତ, ଏକା ମା-ପେଟରୁ ଜନ୍ମ; କିନ୍ତୁ ମଣିଷ ପଇସା-ଲୋଭରେ ନ କରେ କଣ ? ବଡ଼ ବାବୁ ତାଙ୍କ ସାନ ଭାଇକୁ ଜମି ଜମାଣ, ଗୁହାଳଘର ବି ବାଣ୍ଟିଦେଇ ଭିନେ କରିଦେଲେ । ସାନବାବୁଙ୍କୁ ତ ସବୁବେଳେ ରୋଗ । ଭିନେ ହେଲାପରେ ଆଉ ସେ କଡ଼ଟା ଛାଡ଼ିଲେନି । ସାନମା’ ନିଜର ଯାହା ଅଳଙ୍କାରପତ୍ର ଥିଲା ସବୁ ବିକିଲେ, ବହୁତ ଚେଷ୍ଟା କଲେ; କିନ୍ତୁ କିଛି ଲାଭ ହେଲାନି, ଛ ମାସ ପରେ ସାନବାବୁ ଚାଲିଗଲେ । ତେଣିକି ସାନ ମା’ଙ୍କ ଦୁଃଖ କଣ କହିବି ଆଜ୍ଞା, ସେ କଥା ମନେ ପଡ଼ିଲେ ଆଖିରେ ଲୁହ ରହୁନି । କେତେ ବଡ଼ଘର ବୋହୂ, କେତେ ସେରନ୍ତାରେ ପିଲାଦିନେ ଚଳିଥିଲେ, କିନ୍ତୁ କେତେ ନାରଖାର ସେ ନ ହେଲେ ? କେତେ ଦୁଃଖ ସେ ନ ସହିଲେ ? କୋଳରେ ଏତେ ବିକଟ ପିଲା, ଗାଁରେ ଭାଇଭଗାରି, ସେଥିରେ ପୁଣି ବଡ଼ସାଆନ୍ତାଣୀ ସବୁବେଳେ ଖଡ଼୍‌ଗହସ୍ତ । ଇମିତି ବହୁ କଷ୍ଟରେ କିଛି ଦିନ ଚଳିଲେ, କିନ୍ତୁ ବଡ଼ ମା ମନ୍ତ୍ରଣା କରି ଯେତେବେଳେ ସେ ଜମି ଦୁଇ ମାଣ ଲେଖିନେଲେ, ତାଙ୍କୁ ଖାଇବାକୁ ଗଣ୍ଡେ ଦାନା ମିଳିଲାନି, ଶୋଇବାକୁ ଟିକେ ଜାଗା ଜୁଟିଲାନି । ଘରକୁ ମାଗି, ଘର ଘରେ ବି କାମ କରି ଏଇପରି ବଡ଼ ଦୁଃଖରେ ଦିନାକେତେ ଚଳିଲେ । ଶେଷରେ ଯାଇ ତାଙ୍କ ବାପଘରେ ରହିଲେ । ସେଠୁ ପୁଣି ଦିନେ ମୋହନଗଡ଼ର ବିଚାରି ତାଙ୍କର ଜଣେ ବନ୍ଧୁବାନ୍ଧବ ହୁଏ····

—ଏଁ, ହରି ମୋହନଗଡ଼ ! ତୋ ସାନମା’ଙ୍କ ନାଁ କଣ ତେବେ ଅପ୍‌ସରା ?

—ହଁ ଆଜ୍ଞା, ଆପଣ ତ ଜାଣନ୍ତି !

—ମୁଁ ଜାଣେଁ ! ତେବେ ଅପ୍‌ସରା କଣ ସେଦିନ ଚୌଧୁରୀଙ୍କ ଘରେ ମୋପାଇଁ ରୁ କରିଥିଲା ? ସେଇ ତେବେ ଏତେ ଯତ୍ନରେ ସନ୍ଧ୍ୟାବାତି ମତେ ପରଶିଥିଲା ? ନିଶ୍ଚୟ ସେଇ ସେ, ତା ନ ହେଲେ ଆଜି କିଏ ମୋର ପ୍ରିୟ-ଅପ୍ରିୟ ଜନଙ୍କର ଏତେ ତନ୍ନତନ୍ନ ଖବର ରଖିଥାନ୍ତା ?

ସାଙ୍ଗେ ସାଙ୍ଗେ ମନେ ପଡ଼ିଲା ସେଇ ପିଲାଦିନର ଖେଳ, ସେଇ ମାମୁଁଗାଁ, ସେଇ ଆମ୍ବତୋଟା, ସେଇ ଦିଅଁଦେଉଳ—ସବୁ ଗୋଟି ଗୋଟି ହୋଇ ଆଖିଆଗରେ ନାଚି ଉଠିଲା । ମୁହିଁ ତେବେ ଅପ୍‌ସରାର ଯାବତ ଦୁଃଖଦାରିଦ୍ର୍ୟପାଇଁ ଦାୟୀ, ମୁହିଁ ତେବେ ତାର ସର୍ବନାଶ କରିଛି—କାହିଁ, ତାଠେଇଁ ତ ମୁଁ ଯାର କୌଣସି ସୂଚନା ଦେଖୁନି ? ଏତେ ଦିନ ସେ ଆମ ଘରେ ରହିଲାଣି, ଦିନେ ତ ସେ ମତେ ଏକଥା କହିନି !

ମଝି ଦାଣ୍ଡରେ ଲଥ୍‌କିନା ବସିପଡ଼ିଲି । ଦେହରୁ ଗୋଟେ ଭୀଷଣ ବାମ୍ପ ବାହାରୁଥାଏ, ମୁଣ୍ଡ ଭିତରେ ଭୁମୁଳ ଗୋଳମାଳ, ଛାତିଟା ପଡୁଥାଏ ଠକ୍‌ଠକ୍—

—ଆଜ୍ଞା, ହଠାତ୍ ଇମିତି ଥକା ହୋଇଗଲେ କାହିଁକି ? ଚୌଧୁରୀଙ୍କ ଚାକର ପଚାରିଲା ।

—ନାହିଁ, ମୋ ଦେହ ଭାରି ଖରାପ, ତୁ ଗୋଟେ ରିକ୍ସା ଡାକିଲୁ !

ଜର । ଭୀଷଣ ଜର । ସବୁବେଳେ ଉତ୍ତାପ ୧୦୫° । ଦେହର ଉତ୍ତାପଠୁ ମନର ତାପ ବଢ଼ିଯାଇଥାଏ ଖୁବ୍ ବେଶୀ । ଖିଆ ନାହିଁ ପିଆ ନାହିଁ, ସ୍ୱର ନାହିଁ ଶବଦ ନାହିଁ । ନନା, ବୋଉ ଆସିଥାନ୍ତି ।

ଘରେ ଗୋଟେ ହାହାକାର ପଡ଼ିଯାଇଥାଏ । କେତେ ଲୋକ ଧାଁଧପଡ଼ କରୁଥାନ୍ତି । ତାପରେ ଖାଲି ଅ-ଆ, ଉଃ-ଉଃ - ଔଷଧ ଇଞ୍ଜେକ୍ସନ୍‌ର ବିକୃତ ଅନୁଭୂତି ।

ଏବେ ସଞ୍ଜବେଳେ । ସେଗା ଖଣ୍ଡରଟାରୁ ଖଟ ଉପରେ ପଡ଼ିରହି ଉଦ୍ଦେଶ୍ୟହୀନ ଦୃଷ୍ଟିରେ ଚାହିଁଥାଏଁ ରଙ୍ଗୀନ୍ ପଶ୍ଚିମ ଆକାଶକୁ । ପ୍ରତି ମୁହୂର୍ତ୍ତରେ କେତେ ରହସ୍ୟମୟ ଆକୃତିରାଶି କ୍ଷଣକେ ବିକଶି ଉଠି କ୍ଷଣକେ ମିଳେଇଯାଉଥାଏ । ଆଗେ ଅନେକ ସମୟରେ ପ୍ରକୃତିର ଏଇ ସୁନ୍ଦର ଛବି ଦେଖି ଆତ୍ମହରା ହୋଇ ଉଠୁଥିଲି; କିନ୍ତୁ ଆଜି ସେ ସେପରି ନିତାନ୍ତ ତୁଚ୍ଛ, ନିତାନ୍ତ ମୂଲ୍ୟହୀନ; କେବଳ ମନରେ ଗୋଟିଏ ଚିନ୍ତା—ଏ ପରିସ୍ଥିତିରେ କର୍ତ୍ତବ୍ୟ ? କର୍ତ୍ତବ୍ୟ ଆତ୍ମହତ୍ୟା !

କ୍ରମେ ଅନ୍ଧାର ମାଡ଼ିଆସିଲା । ଶୁକ୍ଳପକ୍ଷର ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଦେଇ ଅଳ୍ପ ସମୟପରେ ଲୁଚିଗଲେ । ସତେ ଯେପରି ଅବସାଦଗ୍ରସ୍ତ ପୃଥିବୀର ବ୍ୟଥାମୟ ନିଶ୍ୱାସରେ ଚାରିଆଡ଼ ପୂର୍ଣ୍ଣ ହୋଇଗଲା । ସମସ୍ତେ ଚାହିଁଲେ ବିଶ୍ରାମ—ନିଦ୍ରାର ବିସ୍ମୃତି-କୋଡ଼ରେ ସବୁ ଦୁଃଖ, ସବୁ ଜଞ୍ଜାଳ ଭୁଲିଯିବାପାଇଁ । ମତେ ଟିକେ ନିଦ ଢୁଲିଆସିଥାଏ ।

ଏଁ, ଗୋଡ଼ ଉପରେ ଏତେ ଥଣ୍ଡା ଥଣ୍ଡା କଣ ଲାଗୁଛି ! ସାପଟେ ଆସ୍ତାନ ଜମେଇ ଦେଇଛି ନା କଣ ? କିନ୍ତୁ ଆସ୍ତାନ ଜମଉ ଜମଉ ଯଦି ଆଲିଙ୍ଗନ କରେ, ଯଦି ଆଲିଙ୍ଗନପରେ ଚୁମ୍ବନ ଦେଇ ବସେ—

ହଠାତ୍ ନିଦ ଭାଙ୍ଗିଗଲା । ଦେଖିଲି ଗୋଡ଼ପାଖରେ ବସି ମତେ ଆଉଁସି ଦେଉଛି ଅପ୍ସରା । ଆଜି କାଇଁକି ଅପ୍ସରା, କିନ୍ତୁ ଆଜି ତାର ଟିକେ ଦୟା—ଟିକେ ଦୟା……

ଓ, ଜ୍ୱର ଆଜ ଖୁବ୍ ବେଶୀ ଅଛି, ନା ? କାଇଁ, ନାଇଁ ତ, ଛାତିଫାଟି କହ୍ନୁ ନାଇଁ, ଦେହ ଏକଦମ୍ ହେମାଳ—ଅପ୍ରସନ୍ନ ଛଳେଇ କହିଲ ।

—ତୁମେ ଥଟ୍ଟା କରୁଚ, ନା ? ଏତେ ଦୁଃଖଯନ୍ତ୍ରଣା ସହି, ଏତେ ବିପଦ-ଆପଦ ଭୋଗି, ତାପରେ ଥଟ୍ଟା କରିବାକୁ ତୁମର ମନ ବଳୁଚ କମିତି ଅପ୍ରସନ୍ନ ? କାଇଁକି, ଯୁ। ଭିତରେ ତ ଅନେକ ସୁବିଧା ପାଇଥିଲ, ଦିନେ ବେଳା ଦେଖି ଏ ପାଷାଣ୍ଡର ଚୋଟି ଚିପିଦେଇପାରିଲ ନି ? ନା, ନା, ତୁମ ନାରୀଜାତିଟା ବଡ଼ ଦୁର୍ବଳ, ପ୍ରତିହିଂସା କିପରି ନବାକୁ ହୁଏ, ଅନ୍ୟାୟର କିପରି ପ୍ରତିରୋଧ କରାଯାଏ, ତୁମେ ଆଜଯେ ଶିଖିନ । ସେଇ ଯୋଗେ ତ ଚାଲିଚି ତୁମ ଉପରେ ଅସଂଖ୍ୟ ଜୁଲମ, ଅକଥନୀୟ ଅତ୍ୟାଚାର—ଯେତେ ସାମାଜିକ ଶୃଙ୍ଖଳା, ଯେତେ ଆଇନର ଗୃବୁକ୍ ସବୁ ତୁମରି ପାଇଁ···

—କଣ କରିବ, ପାଗଳାମି ତ ଖୁବ୍ ବଢ଼ିଲା, କଣ ଡାକ୍ତର ଡାକିବ ?

—ଧେତ୍ ଡାକ୍ତର, ଡାକ୍ତର ଡାକି ଡାକି ତ ମୋ ପାଡ଼ି ପଟେଇଦେଲଣି, ଦେହ କଇଁଚା କରିସାରିଲଣି······

—ଆଚ୍ଛା, ହଠାତ୍ ଆଜ ତୁମର ଏ ଦୁର୍ବଳତା କାଇଁକି କହିଲ ?

ଦୁର୍ବଳତା ! ସବୁ ଦୁର୍ବଳତା ଅପ୍ରସନ୍ନ ! ସାରା ଜୀବନଟା ଦୁର୍ବଳତାର ତାଡ଼ଘାତରେ ନଷ୍ଟ ହେଇଗଲା । ଗୋଟେ କଥା ହେଲେ ନିର୍ଭୁଲ କି ନିର୍ମଳଭାବରେ କରିପାରିଲି ନି । ନିତାନ୍ତ ଶିଶୁ ଅବସ୍ଥାରେ ତୁମ ପ୍ରତି ମୋର ମମତାର ସୂତ୍ରପାତ; ତୁମେ ପରଝିଅ, ପରସ୍ତ୍ରୀ, ଏ କଥା ଖିଆଲ ନ କରି ମନ୍ଦିର ଯୌବନର

ଉଦ୍ଦାମ ନିଶାରେ ସେଦିନ ନଈକୂଳେ ମୁଁ ତୁମକୁ 'ତୁମ ରୂପର କାଙ୍ଗାଳ' ବୋଲି କହି ପକେଇଥିଲି; କିନ୍ତୁ ମୁଁ ଆଜି ପ୍ରକୃତରେ କାଙ୍ଗାଳ, ଅପ୍‌ସରା, ପ୍ରକୃତରେ କାଙ୍ଗାଳ । ପ୍ରେମରେ କାଙ୍ଗାଳ, ସ୍ନେହରେ କାଙ୍ଗାଳ, ସବୁଥିରେ କାଙ୍ଗାଳ—ନିତାନ୍ତ ହେୟ, ନିତାନ୍ତ ନିଃସ୍ୱ । ଜୀବନରେ ବହୁତ କଷ୍ଟ ଭୋଗିଚି, ବହୁତ ସାଧନା କରିଚି, ବହୁ ଉଚ୍ଚ ଆଶା, ବହୁ ଆକାଙ୍କ୍ଷା; କିନ୍ତୁ ମୁଁ ପାଇଲି କଣ···

—ତାପରେ ?

—ତାପରେ, ଯଦି ମୋର ତୁମ ପ୍ରତି ପ୍ରକୃତରେ ଏତେ ମମତା ଥିଲା, ତାହେଲେ ଆଜୀବନ ବ୍ରହ୍ମଚର୍ଯ୍ୟ ରହି ତୁମର ଲାବଣ୍ୟମୟ ରୂପର ପୂଜାରୀରୂପେ ମୋର ଦିନ କାଟିବା ଉଚିତ ଥିଲା । ସେଦିନ ସେଇ ମୁକୁଳା ବସନ୍ତ ସକାଳେ, ନଈକୂଳର ସେ ପ୍ରାଣମତାଣିଆ ବେଷ୍ଟନୀ ମଧ୍ୟରେ ନିଜର ପରଶ ଦେଇ ମୋ ମନ-ରାଇଜରେ ତୁମେ ଯେଉଁ ପ୍ରେମର ଅମରାବତୀ ସୃଷ୍ଟି କରିଥିଲ, ସେଇ ମଧୁର ସ୍ମୃତିକୁ ଆଶ୍ରା କରି ତାର ମଧୁମୟ ଗାଇଚାଲେ ମୁଁ ସ୍ୱଚ୍ଛନ୍ଦରେ କେତେଟା ଦିନ ବଞ୍ଚିରହି ପାରିଥାନ୍ତି; କିନ୍ତୁ ମୁଁ କଲି କଣ ? ପୁଣି ଗୋଟିଏ ସୁନ୍ଦରୀ ଝିଅ ଦେଖି ତା ଆଡ଼କୁ ଢଳିପଡ଼ିଲି ଏବଂ ଶେଷରେ ନିଜର ଅସଂଯମ ଫଳରୁ ତାର—ଉଃ, ଏ କି ଯନ୍ତ୍ରଣା···

—କୁଠି ଯନ୍ତ୍ରଣା ଲାଗୁଚି, କଣ ଛାତିରେ ନା ମୁଣ୍ଡରେ ?

—ସବୁଆଡ଼େ ଯନ୍ତ୍ରଣା, ସବୁଆଡ଼େ ଯନ୍ତ୍ରଣା, ଦେହଟା ଆଜି ମୋର ଖାଲି ଜଳୁଚି······

—ଜଳୁଚି ? ତେବେ, ଦମକଳ କଣ ଡକେଇବି

—ଧେତ୍, ପୁଣି ସେଇ ଥଟ୍ଟା······

ଏହାମଧ୍ୟରେ ଆଉ ଗୋଟିଏ ଭୟାନକ କାଣ୍ଡ ଘଟିଥାଏ । ହୁଏତ ମୋହରର ମୁଖରୁ ସେ ସାଧାରଣ ଘଟଣାଟାକୁ ଅନେକ ଅତିରଞ୍ଜିତ କରି, ବହୁ ମିଛ ମିଶେଇ ପ୍ରଚାର କରିଦେଇଥାଏ । କୌଣସି ସୂତ୍ରରୁ ନରି ବାବୁ ଏସବୁ ଜାଣିପାରିଥାନ୍ତି । ପିଲାଦିନେ ମୋର ଅପ୍ସରାପ୍ରତି ମମତା ଆଉ କାହାକୁ ଜଣାଥାଉ ବା ନ ଥାଉ, ବୋଉକୁ ଅଛପା ନ ଥିଲା । ସମେ ଚୌଧୁରୀଙ୍କ ଘରକଥା ସମସ୍ତେ ଜାଣିପାରିଲେ । ନରି ବାବୁଙ୍କ ସାଙ୍ଗରେ ଜନା ବୋଉଙ୍କର ଏ ସମ୍ବନ୍ଧରେ ବହୁ ଆଲୋଚନା, ଅନେକ ଯୁକ୍ତିତର୍କ ଚାଲିଥାଏ । ମୁଁ ସବୁଟା ଶୁଣି ନ ଶୁଣିଲାପରି ରହେଁ । ବେଳେ ବେଳେ ଅପ୍ସରାର ଏ ସମ୍ବନ୍ଧରେ ମନୋଭାବ କଣ ବୁଝିବାକୁ ଚେଷ୍ଟା କରେଁ, କିନ୍ତୁ କିଛି ଜାଣିପାରେନା । ଦୁଃଖସୁଖ, ନିନ୍ଦା-ପ୍ରଶଂସାରେ ଗୋଟିଏ ତାର ରୂପ—ସଦାଶାନ୍ତ, ଚିରଗମ୍ଭୀର ସେ ।

ରାତି ଆଠଟା । ବାହାର ବାରଣ୍ଡାରେ ଆରାମଚୌକିରେ ବସିଥାଏଁ । ଶରତ୍-ଆକାଶରେ ଶୁକ୍ଳ ସପ୍ତମୀର ତରୁଣ ଚନ୍ଦ୍ରମା ବେପରୁଆ ଭାବରେ ରୁପେଲି ଜ୍ୟୋତ୍ସ୍ନାର ଢେଉ ଖେଳେଇ ଦେଉଥାନ୍ତି । ବ୍ୟଥିତ ବସୁଧା ବ୍ୟାକୁଳଭାବରେ ପିଇଯାଉଥାଏ ଏଇ ଆଲୋକ-ମଦିରା । ମୁଁ କେତେ କଣ ଭାବୁଥାଏଁ । ମନେ ପଡୁଥାଏ ପିଲାଦିନର ସେ ପାଗଳାମି, କନିଅର ଫୁଲରେ ଅପ୍ସରା ପାଇଁ ହାରଗଢ଼ା, ଶୈଶବ ସରଳତାରେ ପ୍ରଣୟର ପରିକଳ୍ପନା । ବାଇରନ୍‌ଙ୍କର ସେ ବିଖ୍ୟାତ ଧାଡ଼ିଟି "So dear is still the memory of that dream" ହଠାତ୍ ଆସି ମୋ ଜିଭ ଅଗରେ ପହଞ୍ଚ ଯାଉଥାଏ ।

ହଠାତ୍ ଆସି ପହଞ୍ଚିଯାଇଥାନ୍ତି ନରି ବାବୁ—ଭାରି ଗମ୍ଭୀର । ମୋ ପାଖରେ ବସି ଗୁ ଖାଇଲେ; ତାପରେ ମୋର ବିଷୟ ନେଇ

କଥାଟା ଆରମ୍ଭ ହେଲା । ବୃଦ୍ଧ, ଅମିଶ୍ର ବୁଦ୍ଧି, ଏ ଲୋକସବୁ ଏତେ ଦନ୍ତ ଦାଢ଼ି ବଢ଼େଇ, କଣପାଇଁ ଏ ପାଗଳାମି, ଲୁ ସଂସାରେ ଏତେ ଦରଦ ? ଯାହାର ଜୀବନପ୍ରତି ଏତେ ଉଦାସଭାବ, ଯାର ସଂସାରପ୍ରତି ଏତେ ଅଶ୍ରଦ୍ଧା, ଜଙ୍ଗଲକୁ ତାର ଚାଲିଯିବା ଉଚିତ । ନିତ ବାବୁ କେଉଁ ଗୁଞ୍ଜରେ ହାଙ୍କିଯାଉଥାନ୍ତି; ମୁଁ କିନ୍ତୁ ନିରୁତ୍ତର ।

—ଦେଖ ଶାମ, ମୁଁ ଆଜ ତୁମ ପାଖକୁ ଗୋଟେ ସମସ୍ୟାର ସମାଧାନପାଇଁ ଆସିଛି ।

—ସମସ୍ୟାର ସମାଧାନ ?

—ହଁ, ଆମ ଦେଶର ବିଧବା ଆଉ ବିପତ୍ନୀକ ସମସ୍ୟାର ସମାଧାନ । ମଧୁମୟ ଦାମ୍ପତ୍ୟ ଜୀବନର ପ୍ରଥମ ଅଧ୍ୟାୟ ଶେଷ ନ ହଉଣୁ ସ୍ୱାମୀ ବା ସ୍ତ୍ରୀର ବିୟୋଗ ଘଟିବା ଆମ ସମାଜରେ ବିରଳ ନୁହେଁ । ସାଥିହରା କପୋତକପୋତୀ ପରି ସେମାନେ କେତେ ଚିତ୍କାର କରନ୍ତି, କେତେ ହାହାକାର କରନ୍ତି । ଫଳରେ ସମାଜର ଗୋଟେ ଅଙ୍ଗ ପଙ୍ଗୁ ହୋଇଯାଏ । ଦେଶ ଏଇ ଯୁବକଯୁବତୀଙ୍କଠୁ କିଛି ପାଏନି, ବରଂ ତାଙ୍କ ଦରମଲା ଜୀବନର ଗୁରୁ ଭାର ପୃଥିବୀର ସମସ୍ୟାକୁ ଜଟିଳତର କରେ ।

ଟିକେ ଅଟକିଯାଇ ପୁଣି ନିତ ବାବୁ କହି ଚାଲିଲେ—କଥାଟା ଏତିକିରେ ଶେଷ ହଉଥିଲେ ବିଶେଷ କିଛି ଚିନ୍ତାର କାରଣ ନ ଥିଲା । କିନ୍ତୁ ଅନେକ ସମୟରେ ଦେଖାଯାଏ, ଏଇ ବିଧବା ଆଉ ବିପତ୍ନୀକ ମଧ୍ୟରୁ ଅନେକଙ୍କର ସ୍ଖଳନ ଘଟେ । ପତ୍ନୀବିୟୋଗରେ ବହୁ ଯୁବକ ବିପଥଗାମୀ ହୋଇ ବ୍ୟସନ ଓ ବେଶ୍ୟା ମଧ୍ୟରେ କାଟନ୍ତି ତାଙ୍କ ଜଘନ୍ୟ ଜୀବନ । ଅନେକ ଯୁବତୀ ଅଭାବରେ ଘର

ହରେଇ ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି । କିଏ ଅବସ୍ଥା-ଚକ୍ରରେ ପଡ଼ି ଧର୍ମାନ୍ତରର ଆଶ୍ରୟ ନିଏ, କିଏବା ପୁଣି ବେଶ୍ୟା-ମାନଙ୍କ ସଂଖ୍ୟା ବଢ଼ାଏ ।

—ଆପଣ କଣ କହିବାକୁ ଯାଉଚନ୍ତି, ମୁଁ କିଛି ବୁଝିପାରୁନି ଆଜ୍ଞା !

—ମୁଁ କହିବାକୁ ଚାହେଁ, ତୁମେ ଅପ୍‌ସରାକୁ ବିବାହ କର । ଆଉ କିଛି ନ ହେଲେ ମଧ୍ୟ ଅପ୍‌ସରାପାଇଁ ତୁମେ ମୋର ଏ ଅନୁରୋଧଟି ରକ୍ଷା କର । ସଜଫୁଟା ଗଙ୍ଗଶିଉଳି ପରି ସରଳ ନିରଳସ ପ୍ରାଣ ତାର ଏ ଦୁନିଆର ଦାଉଦାଉରେ ନ ହେଲା କଣ ? ଗୋଟେ ଯେପରି କରୁଣ ଚିତ୍କାର, ଗୋଟେ ଯେପରି ଜୀବନ୍ତ ଚିତା !

—ସେ କଣ ସେଥିରେ ରାଜି ହବ ଆଜ୍ଞା ?

—ନିଶ୍ଚୟ ରାଜି ହବ, ତାକୁ ରାଜି କରେଇବାକୁ ପଡ଼ିବ ।

ସେଦିନ ସେତିକି । ତାପରେ ଚାଲିଲା ଆମ ଘରେ ବିଧବା-ବିବାହ ପାଲା । ନନା ଗୁଁ-ଗୁଁ ହେଲେ, କିନ୍ତୁ ବୋଉର ଏକା ଜିଦ୍—ପିଲାଟାର ମୋର ଜୀବନ ନଷ୍ଟ ହେଇଯିବ ନା କଣ ? ନରି ବାବୁ ନିଛଉବନ୍ଧା—ଶାମର ବିଷ୍ଣୁଘର ଅପ୍‌ସରା ସହିତ ହବଇଁ ହବ ।

ଗୋଳମାଳ ଆରମ୍ଭ ହେଇଗଲା । ପ୍ରଥମ ଅସୁବିଧା ହେଲା ଅପ୍‌ସରାକୁ ମଙ୍ଗେଇବା । କିନ୍ତୁ ବୋଉ, ମାଉସୀ ଓ ନରି ବାବୁ ଏଥିରେ ଏତେ ଜୋରରେ ଲାଗିପଡ଼ିଲେ ଯେ ତାର 'ନା' କରିବାକୁ ବାଟ ନ ଥିଲା । ଦ୍ୱିତୀୟ ଅସୁବିଧା ହେଲା ଆମ ଗାଁ-ବାଲାଙ୍କ ତରଫରୁ । ସେମାନେ ବିଧବା-ବିବାହ କଥା ଶୁଣି ଚମକି

ଉଠିଲେ । କଳି ଆଉ ବେଶୀ ଦିନ ନାହିଁ ବୋଲି ଝୁରିଆଡ଼େ ଗାଇବୁଲିଲେ । ପୁରୁଷୋତ୍ତମପୁର ଶାସନ—ଯୁଥିରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ବଂଶଧରମାନେ ସ୍ୱଦେହରେ ବାସ କରି ଅପବିତ୍ର ପୃଥିବୀକୁ ପବିତ୍ର କରୁଛନ୍ତି, ସେ ଶାସନରେ ପୁଣି ବିଧବା-ବିବାହ !

ଆଉ ବିଶେଷ ବ୍ୟାଖ୍ୟା ନିଷ୍ପ୍ରୟୋଜନ । କୌଣସିମତେ ଏ ଅଶାସ୍ତ୍ରୀୟ ବିଧବା-ବିବାହଟା ପୂରା ଶାସ୍ତ୍ରୀୟମତେ ସାଙ୍ଗ କରିବାକୁ ବ୍ୟବସ୍ଥା ହେଲା । ଗାଁବାଲା ଯୋଗଦେବେ ନି ବୋଲି ଯେ ଭୟ କରିଯାଉଥିଲା ଫଳରେ ସେପରି କିଛି ଦେଖାଗଲା ନି । ହଲେ ହଲେ ଧୋତି-ଲେଭରେ ସବୁ ଶାସ୍ତ୍ର, ସବୁ ସଂସ୍କାର କୁଆଡ଼େ ମିଳେଇଗଲା । କାଞ୍ଚି ମହାପାତ୍ରେ ଏଇ କାର୍ଯ୍ୟରେ ବିଶେଷ ତତ୍ପରି ହେଲେ ଏବଂ ବେଦରେ କୁଠି ବିଧବା-ବିବାହର ବିଧି ଲେଖା ଅଛି ବୋଲି ତାର ସଠିକବ୍ୟାଖ୍ୟା ସମସ୍ତଙ୍କ ଆଗରେ ବାଢ଼ି ବସିଲେ ।

ଏଥିମଧ୍ୟରେ ଅଜା ମରିଯାଇଥାନ୍ତି । ତାଙ୍କ ବିଶାଳ ପରିବାରର ଅନେକ ଗଧିଆ, ଅନେକ ବିଲୁଆ ମଧ୍ୟ ଅକାଳେ ମରିଯିବାରୁ ସେତେବଡ଼ ଜନପୂର୍ଣ୍ଣ ଘରଟା ଏକ ପ୍ରକାର ଶୂନ୍ୟ ହୋଇଯାଇଥାଏ । ମାମୁମାନେ ଭିନେ ହବାରୁ ଆଈ ଭାଗବାଣ୍ଟ ଅନୁସାରେ ଚଳୁଥାଏ ଅର୍ଥାତ୍ ସମସ୍ତଙ୍କ ଘରେ ପାଳି କରି ଖାଉଥାଏ । ତାକୁ ନିମନ୍ତ୍ରଣ କରି ଅଣାଗଲା । ତିଆଡ଼ୀ ମରିବାପରେ ତାଙ୍କ ପିଲେ ଆପଣା ଆପଣା ମଧ୍ୟରେ ମାଲିମକଦମା କରି ସର୍ବସ୍ୱାନ୍ତ ହୋଇଯାଇଥିଲେ । ତେଣୁ ତିଆଡ଼ିଆଣୀ କୋଡ଼ିଏ ବର୍ଷରେ ବୁଢ଼ୀ ହୋଇ ପରଜନ୍ମର ଋଙ୍ଗାନ୍ ଚିନ୍ତାରେ କରୁଥିଲେ ଗୁଡ଼ିଏ ବ୍ରତ ଉପବାସ—ଅନେକ ଇଚ୍ଛା କରି, ଅଧିକାଂଶ ବାଧ୍ୟ ହୋଇ । ସେ ଆସିଲେ ।

ଆଜି ଆସିଲା ସାରେନ୍—ଏକା ନୁହେଁ, ଦୁକା । କଥାଟା ବଡ଼ ରହସ୍ୟମୟ । ବିଚିତ୍ରିତ ଜୀବନରେ ଆସିଥାଏ ଘୋର ପରିବର୍ତ୍ତନ । ବି. ଏ. ପାସ୍ ନ ହେଲା । ଏଇ ସମୟରେ ବାପା ତାର କୌଣସି ଗୋଟେ ଜଟିଳ ମକଦ୍ଦମାରେ ସମସ୍ତ ସମ୍ପତ୍ତି ହରାଇ କିଛି ଦିନପରେ ରକ୍ତଚାପ ଯୋଗୁ ମର୍ତ୍ତ୍ୟଧାମ ଛାଡ଼ିଲେ । ସାଙ୍ଗେ ସାଙ୍ଗେ ସାରେନ୍‌ର ଆରମ୍ଭ ହୋଇଗଲା ମହାବିପଦ । ଗାଁର ଘରଭିଡ଼ି ଖଣ୍ଡିକ ମଧ୍ୟ ନିଲାମରେ ଚାଲିଯିବାରୁ ବାଧ୍ୟ ହୋଇ ସେ ସ୍ତ୍ରୀପିଲାଙ୍କୁ ନେଇ କଟକ ଆସିଥାଏ । ନେଇଥାଏ କୁ ଗୋଟେ ଗଳିରେ ଆଶ୍ରୟ । ଚାକିରି ଅଭାବରେ ଧରିଥାଏ ଟିଉସନ୍—ପରିବାର ପରିପୋଷଣପାଇଁ । ଆଜି ସେ ଶାନ୍ତିପୁରୀ ଲୁଗା ନାହିଁ, ସେ ସିଲ୍କ କମିଜ ନାହିଁ । ଏଇ ଅବସ୍ଥାରେ ତାର ଘଟିଲା ସ୍ତ୍ରୀବିୟୋଗ । ଶେଷରେ କାନ୍ତି ମହାପାତ୍ରଙ୍କ ତତ୍ପରି ଫଳରେ ଝାଟୁଆପ୍ରାପ୍ତି ।

ମତେ ଟିକେ ହସ ମାଡ଼ିଲା । କହିଲି—ହଇ ରେ ସାରେନ୍, ଭୋପର କାମୁକ ଭାଗ୍ୟରେ ଏ କାତ୍ୟାୟନ !

କହିଲା—ଭାଇ, ଭାଗ୍ୟ !

କିଛି ଦିନ କଟିଥାଏ । ଏଥିମଧ୍ୟେ ,, ଅତ୍ସବ ଓ ମୁଁ ସୁଖ ଯାଇ ସ୍ନେହର ସମାଧି ଉପରେ ଶ୍ରଦ୍ଧାଞ୍ଜଳି ଦେଇ ଆସିଥାଉଁ ।

ରଙ୍ଗଆଡ଼ିଆଣି ଓ ଆଉ ସଞ୍ଜବେଳଟାରେ ଦୁଆରେ ବସି ଗପ ଜମେଇଥାନ୍ତି । ନଟିଆ, ଜହ୍ନଆ, ରବି ଦି ଆଉଙ୍କ ସାଙ୍ଗେ ଲଗେଇଥାନ୍ତି [illegible] ଥଟ୍ଟାପରିହାସ । ଆଉ ଆରମ୍ଭ କରିଥାଏ ମୋ ପିଲାଦିନ କଥା । ବୋଉ କୁଆଡ଼େ ଥିଲା, ଆସି କହିଲା—[illegible], [illegible] [illegible] [illegible] ମୋ ପୁଅ ନାଁରେ କାଣ [illegible] ପକେଇଚ ବା ?

ଆଉ ଜଣେକ କହିଲେ—ତୋ ମୁହଁ ତ ଶୁଖି, କେବେ ଅଫିସରଙ୍କୁ ପିଲାଙ୍କୁ ବଣ୍ଡା ହବ ବୋଲି ଲାଗୁଥିଲା, ବାଇ ହୋଇଗଲେ । ସମସ୍ତେ ଖେଁ-ଖେଁ ହସିଉଠିଲେ ।

× × ×

ମଧୁବାବୁ, ନନ୍ଦବାବୁ ପ୍ରଭୃତି ଖେଁ-ଖେଁ ହସି ଉଠିଲେ, କହିଲେ—ଏଇ ସ୍ନେହ-ସ୍ମୃତି-ସାଦୋଗ ଅବସର ତେବେ ତୁମ

## ଦ୍ୱିତୀୟ ସଂସ୍କରଣ ଶ୍ରୀମତୀ ?

କିନ୍ତୁ ଶ୍ୟାମବାବୁ ଗୁମ୍, କୌଣସି ଉତ୍ତର ଦେଲେନି ।

ନନ୍ଦବାବୁ କହିଲେ—କିଓ, ବାବାଜି ହବାର ତ ନୋହିଲା, ଆଉ ପୁଣି ଚିନ୍ତା କଣ ?

ମାଲବାବୁ କହିଲେ—ଘଣ୍ଟାଏ ତ ପୂରା ଉପନ୍ୟାସ ପରି ହେଇଚି, ତୁମେ 'ଦାଡ଼ିର ଦୁର୍ଗତି' ବୋଲି ଗୋଟେ କାହାଣୀ ଲେଖିନା ଶାମବାବୁ, ବେଶ୍ କାଟ୍‌ତି ହବ !

ଶ୍ୟାମବାବୁ ତଥାପି ନିରୁତ୍ତର ।


ମଧୁବାବୁ ଉଠିପଡ଼ି କହିଲେ—ଚାଲ ଚାଲ, କହୁଚ ଡେରି ହେଲାଣି; ଆଜି ରବିବାର ବୋଲି ସିନା, ନହେଲେ ଭଲେ ଲୁଲିଥାନ୍ତା କାର ଫାଇଲ ସାଙ୍ଗେ କସରତ୍, କାହାର 'କହ ହଲପ କରି କହୁଚ, ଯାହା କହିବ ସତ କହିବ'......

ଆଗନ୍ତୁକମାନଙ୍କ ନେତା ହିସାବରେ ଯିବା ପୂର୍ବରୁ ନନ୍ଦବାବୁ କହିଲେ—ଆପଣଙ୍କ ଶ୍ରୀମତୀ ଆଜି ଯେ ଖୁବ୍ ଜଳଖିଆ ଯୋଗେଇଲେ, ସେଥିପାଇଁ ତାଙ୍କୁ ସହସ୍ର ଧନ୍ୟବାଦ । ଆଶା କରୁଁ, ସେ ତାଙ୍କର ଏ ବଦାନ୍ୟତାର ପୁନରାବୃତ୍ତି କରିବାକୁ ଭୁଲିବେନି ।

ହସି ହସି ସମସ୍ତେ ବାହାରି ପଡ଼ିଲେ । ଏଇ ଉଦ୍ଭ
ହାସ୍ୟରୋଳରେ ଘରଦ୍ୱା ଉଡ଼ାଲରୁ କାହା ମୁକ୍ତ ସ୍ମିତର ଶୀ
ଧ୍ୱନିଟିଏ ଆସି ମିଶିଗଲା ।

ଶ୍ୟାମବାବୁ ତଥାପି ଗୁମ୍, ତାଙ୍କ ଆଖିରୁ ଦୁଇ ଟୋ
ଉତ୍ତପ୍ତ ଅଶ୍ରୁ ଥପ୍‌ଦେଶେ ତଣ୍ଟାଣରେ ପଡ଼ିଗଲା । କିନ୍ତୁ କାଇଁକି, କ
ହେଲା ତାଙ୍କର ? ବୋଧ ହୁଏ ସେ ଆଜ ସ୍ନେହକଥା ଭାବୁଥିଲେ
ବୋଧହୁଏ ତାର କଥା ଭାବ ଏ ଲୁହ—ବେଶ୍, ସ୍ନେହ ବ ତ ଏତ
ମାଗିଥିଲା, ଯଦିଚ ସ୍ୱପ୍ନରେ ।

ଗଣ ଉତ୍କଳ ସଂଘ , ଗଞ୍ଜାମ
ପାଠାଗାର
ସଂ ...73632...
ତା ...18.7.76...



# ଦ୍ୱିତୀୟ-ସଂସ୍କରଣ ଶ୍ରୀମଦ

ପ୍ରଗତ ଉତ୍କଳ ସଂଘ, ଖା
ପାଠାଗାର
ନଂ ...12637...
ତା ..........

ଶ୍ରୀ ବୈଦ୍ୟନାଥ ମିଶ୍ର